# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୭/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, October 17/2023 | Page 16 | ₹ 7.00

୪୯ଶ ଭାଗ ୩୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 323 | ମୂଲ୍ୟ ₹୭/-




## ସଂକ୍ଷେପରେ

### ଉତ୍ତରାଖଣ୍ଡରେ ଭୂକମ୍ପ

**ପିଥୋରାଗଡ଼୍,୧୬।୧୦:** ଉତ୍ତରାଖଣ୍ଡର ପିଥୋରାଗଡ଼୍ ଜିଲାରେ ସୋମବାର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୪ ଥିଲା ବୋଲି ନ୍ୟାଶନାଲ୍ ସେଣ୍ଟର ଫର୍ ସିସ୍ମୋଗ୍ରାଫି ପକ୍ଷରୁ କୁହାଯାଇଛି। ପିଥୋରାଗଡ଼ଠାରୁ ଉତ୍ତରପୂର୍ବ ଦିଗରେ ୪୮ କି.ମି. ଦୂରରେ ଓ ୫ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି ଜଣାପଡ଼ିଛି। ସକାଳ ୯ଟା ୧୧ ମିନିଟ୍‌ରେ ଭୂକମ୍ପ ଅନୁଭୂତ ହୋଇଥିଲା। ଏହା ପୂର୍ବରୁ ଗତ ୫ ତିାଖରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲାରେ ୩.୨ ତୀବ୍ରତର ଆଉ ଏକ ଭୂକମ୍ପ ହୋଇଥିଲା।

### ଅସଦାଚରଣରୁ ଗୁଳିକାଣ୍ଡ: ୧୦ ଆହତ

**ମାହୋବା (ୟୁପି),୧୬।୧୦:** ଉତ୍ତର ପ୍ରଦେଶର ମାହୋବା ଜିଲାର ବେନ୍ଦୋ ଗ୍ରାମରେ ଅସଦାଚରଣକୁ କେନ୍ଦ୍ରକରି ଗୁଳିମାଡ଼ ଘଟଣାରେ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ୭ ଜଣଙ୍କୁ ମାହୋବା ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବି.ଏ. ବଢୁଥିବା ଜଣେ ଛାତ୍ରୀଙ୍କୁ ଜିତେନ୍ଦ୍ର ତିୱାରୀ ନାମକ ଯୁବକ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଜିତେନ୍ଦ୍ର ଓ ତାଙ୍କ ବାପା ଅଭିଯୋଗକାରୀ ଛାତ୍ରୀଙ୍କ ଘରେ ପହଞ୍ଚି ଗୁଳି ଚଳାଇବାରୁ ୧୦ ଜଣ ଆହତ ହୋଇଥିଲେ। ଛାତ୍ରୀଙ୍କ କହିବା ଅନୁଯାୟୀ ସେ କଲେଜ ଯାଉଥିବାବେଳେ ସପ୍ତାହେ ହେଲା ଜିତେନ୍ଦ୍ର ତାଙ୍କୁ ବାଟରେ ହଇରାଣ କରିଆସୁଥିବଲେ।

### ଆଷ୍ଟି-ଅହମଦନଗର ଟ୍ରେନ୍‌ରେ ନିଆଁ



**ମୁମ୍ବାଇ,୧୬।୧୦:** ମହାରାଷ୍ଟ୍ରର ବିଡ୍ ଜିଲା ଅନ୍ତର୍ଗତ ଆଷ୍ଟି ସହରରୁ ଅହମଦନଗର ଯାଉଥିବା ଡେମୁ ଟ୍ରେନ୍‌ର ୫ଟି ବଗିରେ ସୋମବାର ଅପରାହ୍ନରେ ନିଆଁ ଲାଗିଯାଇଥିଲା। ଫଳରେ ଯାତ୍ରୀମାନଙ୍କୁ ତୁରନ୍ତ ଟ୍ରେନ୍‌ରୁ ଓହ୍ଲାଇ ଦିଆଯାଇଛି। ନାରାୟଣଡୋହ ଏବଂ ଅହମଦନଗର ଷ୍ଟେଶନ ମଧ୍ୟବର୍ତ୍ତୀ ସ୍ଥାନରେ ଏହି ଅଗ୍ନିକାଣ୍ଡ ଘଟିଛି। ଗାର୍ଡ ପାଖ ବ୍ରେକ୍ ଭ୍ୟାନ୍ ଏବଂ ଏହା ନିକଟରେ ଥିବା ୪ଟି ବଗିରେ ନିଆଁ ଲାଗିଯାଇଥିଲା। ୪ଟି ଦମକଳ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ କେହି ମୃତାହତ ହୋଇନାହାନ୍ତି। ଘଟଣାସ୍ଥଳକୁ ରିଲିଫ୍ ଟ୍ରେନ୍ ପଠାଯାଇଛି।




ମହାରାଷ୍ଟ୍ରର ରତ୍ନଗିରି ଜିଲା ଅନ୍ତର୍ଗତ ଚିପ୍‌ଲୁନ୍‌ଠାରେ ମୁମ୍ବାଇ-ଗୋଆ ରାଜପଥର ଏକ ନିର୍ମାଣାଧୀନ ଫ୍ଲାଏଓଭର ସୋମବାର ଭୁଶୁଡ଼ି ପଡ଼ିଛି।

### ଇଲେକ୍ଟୋରାଲ ବଣ୍ଡକୁ ଚ୍ୟାଲେଞ୍ଜ

## ସାମ୍ବିଧାନିକ ପୀଠରେ ହେବ ଶୁଣାଣି

**ନୂଆଦିଲ୍ଲୀ,୧୬।୧୦**

ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ଲାଗି ପ୍ରଚଳିତ ବିବାଦୀୟ ଇଲେକ୍ଟୋରାଲ ବଣ୍ଡକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଅଦାଲତ ସୋମବାର ସେଗୁଡ଼ିକୁ ସାମ୍ବିଧାନିକ ପୀଠକୁ ପଠାଇଦେଇଛନ୍ତି। ଆସନ୍ତା ୩୦ରେ ଉକ୍ତ ୫ ଜଣିଆ ପୀଠରେ ପିଟିଶନଗୁଡ଼ିକର ଶୁଣାଣି ହେବ। ମାମଲାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜେ.ବି. ପର୍‌ଡିୱାଲ ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ବୃହତ୍ତର ପୀଠକୁ ପଠାଇବା ଲାଗି ନିଷ୍ପତ୍ତି ନେଇଥିଲେ। ଇଲେକ୍ଟୋରାଲ ବଣ୍ଡକୁ ଚ୍ୟାଲେଞ୍ଜ କରି ୨୦୧୭ରେ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର ହୋଇଥିଲା। ପଞ୍ଜୀକୃତ ରାଜନୈତିକ ଦଳଗୁଡ଼ିକ, ଯେଉଁମାନେ ଲୋକ ସଭା ଓ ରାଜ୍ୟ ବିଧାନସଭା ନିର୍ବାଚନରେ ୧ ପ୍ରତିଶତରୁ ଅଧିକ ଭୋଟ ପାଇଥିବେ, ସେମାନେ ଇଲେକ୍ଟୋରାଲ ବଣ୍ଡ ଜରିଆରେ ଚାନ୍ଦା ସଂଗ୍ରହ କରିବା ବ୍ୟବସ୍ଥା ରହିଥିଲା।

# ବନ୍ଧକଙ୍କୁ ମୁକ୍ତ କର, ମାନବୀୟ ସହାୟତାକୁ ଅନୁମତି ଦିଅ

**ଜାତିସଂଘ,୧୬।୧୦**

ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ଯୁଦ୍ଧକୁ ୧୦ ଦିନ ବିତିଥିବାବେଳେ ଉଭୟ ପକ୍ଷରୁ ୪,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ହଜାର ହଜାର ଲୋକ ଆହତ ହୋଇଛନ୍ତି। ୨୩ ଲକ୍ଷ ଲୋକ ବସବାସ କରୁଥିବା ହମାସ୍ ଶାସିତ ଗାଜା ଷ୍ଟ୍ରିପ୍‌କୁ ଇସ୍ରାଏଲ୍ ସମ୍ପୂର୍ଣ୍ଣ ଅବରୋଧ କରି ରଖିଛି। ସେଠାକୁ ଖାଦ୍ୟ, ପାଣି, ଇନ୍ଧନ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଅବରୋଧକୁ ଆହୁରି ଜୋର୍‌ଦାର କରାଯିବ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ୟୋଭ୍ ଗାଲାଣ୍ଟ ସୋମବାର କହିଛନ୍ତି। ଇସ୍ରାଏଲରୁ ଅପହରଣ କରିନେଇ ବନ୍ଧକ ରଖିଥିବା ଲୋକମାନଙ୍କୁ ବିନା ସର୍ତ୍ତରେ ତୁରନ୍ତ ମୁକ୍ତ କରିଦେବାକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ହମାସ୍‌କୁ ଆହ୍ୱାନ ଦେଇଛନ୍ତି। ଏହା ବ୍ୟତୀତ ଗାଜା ଷ୍ଟ୍ରିପ୍‌ର ଜନସାଧାରଣଙ୍କୁ ମାନବୀୟ ସହାୟତା ତୁରନ୍ତ ପହଞ୍ଚାଇବା ଲାଗି ଅନୁମତି ଦେବାକୁ ଇସ୍ରାଏଲ୍‌କୁ ଗୁଟେରେସ୍ ନିବେଦନ କରିଛନ୍ତି। ଏହା ଉଭୟ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିରେ କୌଣସି ମୂଳଚାଲ ହେବା ଉଚିତ ନୁହେଁ। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ଉପରେ ଗୁଟେରେସ୍ ଜୋର୍ ଦେଇଛନ୍ତି।

ଜାତିସଂଘ ମୁଖ୍ୟ କହିଛନ୍ତି, ଗାଜାରେ ପାଣି, ବିଜୁଳି ଅଭାବ ସାଙ୍ଗକୁ ଅତ୍ୟାବଶ୍ୟକ ସାମଗ୍ରୀ ସରିଆସିଲାଣି। ଜାତିସଂଘର ଖାଦ୍ୟ, ଅଣଖାଦ୍ୟ ସାମଗ୍ରୀ, ଔଷଧ ଓ ଇନ୍ଧନ ଆଦି ଇଜିପ୍ଟ, ଜୋର୍ଡାନ, ୱେଷ୍ଟବ୍ୟାଙ୍କ ଏବଂ ଇସ୍ରାଏଲ୍‌ରେ ଗଚ୍ଛିତ ରହିଛି। ଯୋଗାଣ ପାଇଁ ମଧ୍ୟ ଜାତିସଂଘ କର୍ମଚାରୀ ଓ ଏନ୍‌ଜିଓ ସହଯୋଗୀମାନେ ଉପଲବ୍ଧ ରହିଛନ୍ତି। ଏହିସବୁ ସାମଗ୍ରୀ ତୁରନ୍ତ ଗାଜା ଜନସାଧାରଣଙ୍କ ପାଇଁ ଯୋଗାଇ ଦିଆଯିବା ଆବଶ୍ୟକ ବୋଲି ଗୁଟେରେସ୍ କହିଛନ୍ତି।

### ହମାସ୍, ଇସ୍ରାଏଲ୍‌କୁ ଜାତିସଂଘ ମୁଖ୍ୟଙ୍କ ନିବେଦନ



ଆଣ୍ଟୋନିଓ ଗୁଟେରେସ୍

## ଦୂତାବାସ ଯାଇ ପାଲେଷ୍ଟିନୀୟଙ୍କୁ ସମର୍ଥନ ଜଣାଇଲେ ବିରୋଧୀ ନେତା

**ନୂଆଦିଲ୍ଲୀ,୧୬।୧୦(ପି.ଟି.)**

ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଥିବାବେଳେ ଭାରତର ବିରୋଧୀ ଦଳ ନେତାମାନେ ସୋମବାର ନୂଆଦିଲ୍ଲୀସ୍ଥିତ ପାଲେଷ୍ଟାଇନ୍ ଦୂତାବାସ ଯାଇ ଏହାର ଜନସାଧାରଣଙ୍କୁ ସମର୍ଥନ ଜଣାଇଛନ୍ତି। ଦୂତାବାସ ଯାଇଥିବା ନେତାମାନଙ୍କ ମଧ୍ୟରେ ଅଛନ୍ତି ବିଏସ୍‌ପି ଏମ୍‌ପି ଡାନିସ୍ ଅଲି, ପୂର୍ବତନ କଂଗ୍ରେସ ଏମ୍‌ପି ମଣିଶଙ୍କର ଆୟାର ଏବଂ ଜେଡିୟୁ ନେତା କେ.ସି. ତ୍ୟାଗୀ। ଏମାନଙ୍କ ବ୍ୟତୀତ ସିପିଆଇ (ଏମ୍‌ଏଲ୍)ର ସାଧାରଣ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟ ଏବଂ ସମାଜବାଦୀ ପାର୍ଟି ଏମ୍‌ପି ଜାଭେଦ ଅଲି ଖାନ୍ ପାଲେଷ୍ଟାଇନ୍ ଦୂତାବାସ ଯାଇଥିଲେ। ବିଶ୍ୱର ସବୁ ଲୋକଙ୍କ ପାଇଁ ଆମେ ସ୍ୱର ଉତ୍ତୋଳନ କରୁଛୁ। ଗାଜାରେ କେବଳ ମନଇଚ୍ଛା ଲୋକମାନଙ୍କୁ ହତ୍ୟା କରାଯାଉନାହିଁ, ବିଶ୍ୱକୁ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଠେଲିଦିଆଯାଉଛି। ଏହା ବିରୋଧରେ ଶାନ୍ତି ପାଇଁ ଜୋର୍‌ଦାର ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ ବୋଲି ଭଟ୍ଟାଚାର୍ଯ୍ୟ କହିଛନ୍ତି। ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଆକ୍ରମଣ କରିବା ଏବଂ ଜେରୁଜେଲମ୍ ଏହାର ଜବାବ ଦେବାକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଇସ୍ରାଏଲ୍‌ର ଆକ୍ରମଣରେ ଗାଜା ଷ୍ଟ୍ରିପ୍‌ର ୨,୬୦୦ରୁ ଅଧିକ ଲୋକ ପ୍ରାଣ ହରାଇଲେଣି ଯାହା ବିଶ୍ୱ ପାଇଁ ଚିନ୍ତାର ବିଷୟ ହୋଇଛି।



ଦୀପଙ୍କର ଭଟ୍ଟାଚାର୍ଯ୍ୟ

## ହୃଦ୍‌ସ୍ପନ୍ଦନ ବନ୍ଦ କରିପାରିବୁ ନାହିଁ



**ନୂଆଦିଲ୍ଲୀ,୧୬।୧୦**

### ୨୬ ସପ୍ତାହରେ ଗର୍ଭପାତ ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

୨୬ ସପ୍ତାହର ଗର୍ଭବତୀ ଥିବା ଜଣେ ବିବାହିତା ମହିଳାଙ୍କ ଗର୍ଭପାତ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଗର୍ଭସ୍ଥ ଶିଶୁଠାରେ କୌଣସି ଅସ୍ୱାଭାବିକତା ନ ଥିବା ଏମ୍ସ ରିପୋର୍ଟ ଆଧାରରେ ସର୍ବୋଚ୍ଚ ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି। ମାଆଙ୍କ ଜୀବନ ପ୍ରତି ବିପଦ ନ ଥିବାରୁ ୨୬ ସପ୍ତାହ ୫ ଦିନର ଭ୍ରୂଣକୁ ମାରିଦେବା ପାଇଁ ଅନୁମତି ଦେଇ ଡାକ୍ତରୀ ଗର୍ଭପାତ (ଏମ୍‌ଟିପି) ଆଇନର ଧାରା ୩ ଏବଂ ୫ର ଉଲ୍ଲଂଘନ କରାଯାଇପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଆମେ ହୃଦ୍‌ସ୍ପନ୍ଦନ ବନ୍ଦ କରିପାରିବୁ ନାହିଁ ବୋଲି ସିଜେଆଇ ସ୍ପଷ୍ଟ କରିଦେଇଛନ୍ତି। ଏହି ମାମଲାରେ ସମସ୍ତ ଡାକ୍ତରୀ ଖର୍ଚ୍ଚ ସରକାର ବହନ କରିବାକୁ ଅଦାଲତ କହିଛନ୍ତି। ମହିଳା ଜଣକ ଯଦି ନବଜାତଙ୍କୁ ଲାଳନ ପାଳନ କରିବାକୁ ନ ଚାହାନ୍ତି, ତେବେ ପୋଷ୍ୟ ସନ୍ତାନ ଭାବେ ଦେଇପାରିବେ ବୋଲି ମଧ୍ୟ ଖଣ୍ଡପୀଠ କହିଛନ୍ତି।

ଏମ୍‌ଟିପି ଆଇନ ଅନୁଯାୟୀ ଜଣେ ବିବାହିତା ମହିଳାଙ୍କ ନିମନ୍ତେ ଗର୍ଭପାତର ସର୍ବାଧିକ ସମୟସୀମା ୨୪ ସପ୍ତାହ ରହିଛି। ଏପରିକି ବଳାତ୍କାର ପୀଡ଼ିତା ଏବଂ ମହିଳା ଭିନ୍ନକ୍ଷମ ତଥା ନାବାଳିକାଙ୍କ କ୍ଷେତ୍ରରେ ମଧ୍ୟ ଏହି ନିୟମ ପ୍ରଯୁଜ୍ୟ। ୨ ପିଲାର ମାଆ ଜଣକ ଅବସାଦଗ୍ରସ୍ତ ଥିବା ଏବଂ ଆର୍ଥିକ ଏବଂ ଆବେଗିକ ଦୃଷ୍ଟିରୁ ସେ ତୃତୀୟ ସନ୍ତାନର ପାଳନ ପୋଷଣ କରିବା ସ୍ଥିତିରେ ନ ଥିବା ଦର୍ଶାଇ ଗର୍ଭପାତ ପାଇଁ ଅଦାଲତଙ୍କ ଅନୁମତି ଲୋଡ଼ିଥିଲେ।

## ରାଜ୍ୟ ସଭା ସଚିବାଳୟକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

### ରାଘବ ଚଡ୍ଢାଙ୍କ ନିଲମ୍ବନ ମାମଲା



**ନୂଆଦିଲ୍ଲୀ,୧୬।୧୦**

ଆମ୍ ଆଦ୍‌ମୀ ପାର୍ଟି ଏମ୍‌ପି ରାଘବ ଚଡ୍ଢାଙ୍କୁ ରାଜ୍ୟ ସଭାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଲମ୍ବନ କରାଯାଇଥିବାରୁ ସେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ଏନେଇ ସୋମବାର ରାଜ୍ୟ ସଭା ସଚିବାଳୟକୁ ଜବାବ ମାଗିଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜେ.ବି. ପର୍‌ଡିୱାଲ ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ସଚିବାଳୟକୁ ନୋଟିସ ଜାରି କରିବା ସହ ମାମଲାରେ ସହାୟତା କରିବାକୁ ଆଟର୍ନି ଜେନେରାଲ ଏନ୍. ଭେଙ୍କଟରମଣୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପିଟିଶନ୍‌ର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୩୦କୁ ଧାର୍ଯ୍ୟ କରାଯାଇଛି। ଚଡ୍ଢାଙ୍କୁ ଯେଭଳି ଭାବେ ନିଲମ୍ବନ କରାଗଲା, ତାହା ଉପରେ ତାଙ୍କ ଓକିଲ ରାକେଶ ଦ୍ୱିବେଦୀ ପ୍ରଶ୍ନ ଉଠାଇଥିଲେ। ନିଲମ୍ବନ ଅବଧି ଗୋଟିଏ ନିର୍ଦ୍ଦିଷ୍ଟ ଅଧିବେଶନରୁ ଅଧିକ ହୋଇପାରିବ ନାହିଁ ବୋଲି ସେ କହିଥିଲେ। ଏଏପି ନେତାଙ୍କ ନିଲମ୍ବନ ରାଜ୍ୟ ସଭା ରୁଲ୍ସ ଅଫ୍ ପ୍ରୋସିଜିଓର ଆଣ୍ଡ କଣ୍ଡକ୍ଟ ଅଫ୍ ବିଜ୍‌ନେସ୍‌ର ନିୟମ ୨୫୬ର ଉଲ୍ଲଂଘନ ବୋଲି ସେ ଦର୍ଶାଇଥିଲେ। ସୂଚନାଯୋଗ୍ୟ, ଚଡ୍ଢା ରାଜ୍ୟ ସଭାରେ ଆଣିଥିବା ଏକ ପ୍ରସ୍ତାବରେ ୫ ଜଣ ସଦସ୍ୟଙ୍କ ଦସ୍ତଖତ ଜାଲ୍ ଥିବା ଜଣାପଡ଼ିଥିଲା। ଏହାକୁ ନିୟମର ଉଲ୍ଲଂଘନ, ଅସଦାଚରଣ ବୋଲି ଦର୍ଶାଯାଇ ଗତ ଅଗଷ୍ଟ ୧୧ରେ ଚଡ୍ଢାଙ୍କୁ ରାଜ୍ୟ ସଭାରୁ ନିଲମ୍ବନ କରାଯାଇଥିଲା।

DSPL - 290

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବିଦ୍ୟୁତ୍ ସୁରକ୍ଷା ନିୟମାବଳୀ







❖ ପୂଜା ପେଣ୍ଡାଲ ଓ ସାଜସଜାର ନିର୍ମାଣ କାର୍ଯ୍ୟ ସମୟରେ ବିଦ୍ୟୁତ୍ ବିଭାଗର ପରାମର୍ଶ ନେଇ ନିକଟସ୍ଥ ବିଦ୍ୟୁତ୍ ତାରଠାରୁ ଯଥେଷ୍ଟ ଦୂରତା ବଜାୟ ରଖନ୍ତୁ। ଏହା ସହିତ ସ୍ଥାନୀୟ ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ବିଦ୍ୟୁତ୍ ସୁରକ୍ଷାର ଯାଞ୍ଚ ମଧ୍ୟ ଅନିବାର୍ଯ୍ୟ ଅଟେ।

❖ ଦୁର୍ଗାପୂଜା ଭସାଣି ନିର୍ଦ୍ଧାରିତ ମାର୍ଗରେ ସୁରକ୍ଷିତ ଭାବରେ ନେବା ପାଇଁ ବିଦ୍ୟୁତ୍ ବିତରଣ ସଂସ୍ଥାର ସ୍ଥାନୀୟ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାନ୍ତୁ।

ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) - ତଥା - ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
ଶକ୍ତି ବିଭାଗ, ଓଡ଼ିଶା ସରକାର

04025/13/0019/2324

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୭/୨୦୨୩ | Bhubaneswar, Tuesday, October 17/2023 | ପୃଷ୍ଠା-୧




## ଭାରତୀୟ ଦଳରେ ଆର୍ଯ୍ୟନ

ଅଲିମ୍ପିକ୍ସ ଯୋଗ୍ୟତା ପରେ ଏସିଆନ୍ ପୁରୁଷ ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ଆର୍ଯ୍ୟନ ବ୍ରାହ୍ମିନ୍।

୧୨

୧୦

## ଘୁଞ୍ଚିଲା କଙ୍ଗନାଙ୍କ 'ଏମର୍ଜେନ୍ସି' ରିଲିଜ୍

ଆସନ୍ତା ନଭେମ୍ବର ୨୪ରେ ରିଲିଜ୍ ହେବାକୁ ଥିବା ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍‌ଙ୍କ ଫିଲ୍ମ 'ଏମର୍ଜେନ୍ସି' ଆସନ୍ତା ବର୍ଷ ଶେଷ ଆଡ଼କୁ ମୁକ୍ତିଲାଭ କରିବ ବୋଲି ସେ ସୂଚନା ଦେଇଛନ୍ତି।






ପାଲେଷ୍ଟାଇନ୍ ସମର୍ଥନରେ ନାଗରିକ ସଚେତନତା କର୍ମୀମାନେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। **(ଫଟୋ: ଚମନ ଗୌତମ)**

**ଆଜିର ସମ୍ପାଦକୀୟ** ଯୁଦ୍ଧରୁ ଲାଭ

# ୧୭ ବର୍ଷ ପରେ ୨ ଅଭିଯୁକ୍ତ ଦୋଷମୁକ୍ତ

**ନିଠାରି ସିରିଏଲ୍ ହତ୍ୟା ମାମଲା**



ମନିନ୍ଦର ସିଂ ପାନ୍ଧେର | ସୁରେନ୍ଦ୍ର କୋଲି

ପ୍ରୟାଗରାଜ/ ନୂଆଦିଲ୍ଲୀ, ୧୬।୧୦(ପି.ଟି.)

୨୦୦୬ ନିଠାରି ସିରିଏଲ୍ ହତ୍ୟା ମାମଲାରେ ତଥ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ମନିନ୍ଦର ସିଂ ପାନ୍ଧେର ଓ ତାଙ୍କ ଘରୋଇ ସହାୟକ ସୁରେନ୍ଦ୍ର କୋଲିଙ୍କୁ ଆଲ୍ଲାହାବାଦ ହାଇକୋର୍ଟ ସୋମବାର ଦୋଷମୁକ୍ତ କରିଦେଇଛନ୍ତି। ପାନ୍ଧେରଙ୍କ ନୋଏଡା ବଙ୍ଗଳା ପଥରେ ଥିବା ଡ୍ରେନ୍‌ରୁ ନାବାଳିକାମାନଙ୍କ କଙ୍କାଳ ମିଳିବା ପରେ ଏହି ହୃଦୟ ବିଦାରକ ଅପରାଧ ଲୋକଲୋଚନକୁ ଆସିଥିଲା। ଉଭୟ ଅଭିଯୁକ୍ତଙ୍କୁ ଗାଜିଆବାଦର ସିବିଆଇ ଅଦାଲତ ଦୋଷୀସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ଉକ୍ତ ଦଣ୍ଡାଦେଶକୁ କୋଲି ଏବଂ ପାନ୍ଧେର ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ମାମଲାରେ ଅନେକ ସନ୍ଦେହକୁ ପ୍ରମାଣିତ କରିବାରେ ତଦନ୍ତକାରୀ ସଂସ୍ଥା ବିଫଳ ହୋଇଥିବା ଜଷ୍ଟିସ୍ ଅଶ୍ୱନୀ କୁମାର ମିଶ୍ରା ଏବଂ ଏସ୍.ଏଚ୍.ଏ. ରିଜ୍‌ଭିଙ୍କ ଖଣ୍ଡପୀଠ କହିଛନ୍ତି। ହାଇକୋର୍ଟଙ୍କ ଏହି ରାୟ ପରେ ପାନ୍ଧେର ଜେଲରୁ ବାହାରିବା ପାଇଁ ପଥ ପରିଷ୍କାର ହୋଇଯାଇଛି ବୋଲି ତାଙ୍କ ଓକିଲ ମନୀଷା ଭଣ୍ଡାରୀ କହିଛନ୍ତି। ତେବେ କୋଲିଙ୍କୁ ଜେଲରେ ରହିବାକୁ ପଡ଼ିପାରେ। କାରଣ ସେ ଏବେ ବି ଗୋଟିଏ ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଛନ୍ତି। ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ଜଣେ ସିବିଆଇ ଅଧିକାରୀ କହିଛନ୍ତି, ତାଙ୍କ ଟିମ୍ ହାଇକୋର୍ଟଙ୍କ ରାୟର କପିକୁ ଅପେକ୍ଷା କରିଛନ୍ତି। ଏହାକୁ ଅନୁଧ୍ୟାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯାଇପାରିବ। ଏବେ ଗାଜିଆବାଦ ଜେଲରେ ଥିବା କୋଲି ୧୨ଟି ମାମଲାରେ ମୃତ୍ୟୁଦଣ୍ଡ ପାଇଥିବାବେଳେ ଆଲ୍ଲାହାବାଦ ହାଇକୋର୍ଟ ସେଗୁଡ଼ିକର ଶୁଣାଣି କରିଥିଲେ। ତାଙ୍କର ପୂର୍ବତନ ମାଲିକ ପାନ୍ଧେର ନୋଏଡା ଜେଲରେ ରହିଛନ୍ତି। ତାଙ୍କୁ ୨ଟି ମାମଲାରେ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା। ୨୦୦୭ରେ ଉଭୟଙ୍କ ବିରୋଧରେ ମୋଟ ୧୯ ମାମଲା ରୁଜୁ ହୋଇଥିଲା। ତଥ୍ୟ ପ୍ରମାଣ ଅଭାବରୁ ସେଥିରୁ ୩ଟି ମାମଲାକୁ ସିବିଆଇ ବନ୍ଦ କରିଦେଇଥିଲା। ଅବଶିଷ୍ଟ ୧୬ ମାମଲା ମଧ୍ୟରୁ ୩ଟିରେ କୋଲି ଦୋଷମୁକ୍ତ ହୋଇଥିବାବେଳେ ଗୋଟିଏ ମାମଲାରେ ତାଙ୍କୁ ଦିଆଯାଇଥିବା ମୃତ୍ୟୁଦଣ୍ଡକୁ କୋହଳ କରାଯାଇ ଆଜୀବନ କାରାଦଣ୍ଡ କରାଯାଇଥିଲା। ହାଇକୋର୍ଟଙ୍କ ଉକ୍ତ ନିଷ୍ପତ୍ତିକୁ ଉତ୍ତରପ୍ରଦେଶ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ତାହା ବିଚାରାଧୀନ ରହିଛି। ଅବଶିଷ୍ଟ ୧୨ ମାମଲାରେ କୋଲି ଦୋଷମୁକ୍ତ ହୋଇଛନ୍ତି। ସେହିପରି ପାନ୍ଧେରଙ୍କ ବିରୋଧରେ ଆରମ୍ଭରୁ ୬ଟି ମାମଲା ରୁଜୁ ହୋଇଥିଲା। ଗୋଟିଏ ମାମଲା ସିବିଆଇ ରୁଜୁ କରିଥିବାବେଳେ ଅନ୍ୟ ୫ଟି ମୃତ ନାବାଳିକାମାନଙ୍କ ପରିବାର ପକ୍ଷରୁ ରୁଜୁ ହୋଇଥିଲା। ପୂର୍ବରୁ ସେସନ୍ସ କୋର୍ଟ ୩ଟି ମାମଲାରେ ତାଙ୍କୁ ଦୋଷମୁକ୍ତ କରିଥିବାବେଳେ ୨୦୦୯ରେ ଆଲ୍ଲାହାବାଦ ହାଇକୋର୍ଟ ଗୋଟିଏ ☞ପୃଷ୍ଠା-୨

## କିନ୍ନରଙ୍କୁ ସ୍ୱତନ୍ତ୍ର ଜାତି ବିବେଚନା କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୬।୧୦

କିନ୍ନରମାନଙ୍କୁ ଅଲଗା ଜାତି ଭାବେ ବିବେଚନା କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ବିହାର ସରକାର କିନ୍ନର ସମ୍ପ୍ରଦାୟଙ୍କୁ ସ୍ୱତନ୍ତ୍ର ଜାତି ନୁହେଁ ବରଂ ଜାତି ତାଲିକାରେ ଏକ ସ୍ୱତନ୍ତ୍ର ବର୍ଗ ଭାବେ ସାମିଲ କରିବାକୁ ନେଇଥିବା ନିଷ୍ପତ୍ତି ବିରୋଧରେ ଆଗତ ପିଟିଶନ୍‌ର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ବିହାର ସରକାର ଜାତି ତାଲିକାରେ କିନ୍ନରମାନଙ୍କୁ ଏକ ଅଲଗା ସ୍ତମ୍ଭ ଦେଇଛନ୍ତି, ଯେପରି ସେମାନଙ୍କ ତଥ୍ୟ ରାଜ୍ୟରେ ଉପଲବ୍ଧ ହେବ। ☞ପୃଷ୍ଠା-୨

## ୨୦୨୮ ଅଲିମ୍ପିକ୍ସରେ ସ୍ଥାନ ପାଇଲା କ୍ରିକେଟ

ମୁମ୍ବାଇ, ୧୬।୧୦(ପି.ଟି.)

କ୍ରିକେଟ୍‌ପ୍ରେମୀଙ୍କ ଲାଗି ଖୁସି ଖବର। ଲସ୍‌ଆଞ୍ଜେଲ୍ସ ଅଲିମ୍ପିକ୍ସ-୨୦୨୮ ପ୍ରୋଗ୍ରାମ୍‌ରେ କ୍ରିକେଟ୍ ଆନୁଷ୍ଠାନିକ ଭାବେ ସ୍ଥାନ ପାଇଛି। ଏହା ଟି୨୦ ଫର୍ମାଟ୍‌ରେ ଖେଳାଯିବ। କ୍ରିକେଟ୍ ବ୍ୟତୀତ ଅନ୍ୟ କେତୋଟି ଖେଳକୁ ଲସ୍‌ଆଞ୍ଜେଲ୍ସ ଗେମ୍ସରେ ସାମିଲ କରିବା ଲାଗି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ☞ପୃଷ୍ଠା-୨

# କୋର୍ଟ ରୁମ୍‌ରେ ପଥର ଫିଙ୍ଗିଲେ

## ଅଭିଯୁକ୍ତଙ୍କୁ ଗିରଫ କରି କାରଣ ଖୋଜୁଛି ପୋଲିସ

**ଗଞ୍ଜାମ ଜିଲା ଛତ୍ରପୁର ଏସ୍‌ଡିଜେଏମ୍ କୋର୍ଟରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। କୋର୍ଟ କାର୍ଯ୍ୟ ଆରମ୍ଭ ହେବାର କିଛି ସମୟ ପୂର୍ବରୁ ଜଣେ ବୃଦ୍ଧ ଅଦାଲତ ପ୍ରକୋଷ୍ଠକୁ ପ୍ରବେଶ କରି ପଥର ଫିଙ୍ଗିଛନ୍ତି। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବାବେଳେ କୋର୍ଟ ରୁମ୍‌ରେ ଥିବା କମ୍ପ୍ୟୁଟର ଆଦି ଆସବାବପତ୍ର ଭାଙ୍ଗି ନଷ୍ଟ ହୋଇଯାଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ କୋର୍ଟ ରୁମ୍‌ରେ ଜଣେ ବ୍ୟକ୍ତିଙ୍କ ଏଭଳି କାଣ୍ଡପରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।**

ଛତ୍ରପୁର,୧୬।୧୦
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ବଡ଼କୋଦଣ୍ଡ ଗ୍ରାମର ସୁବାସ ଚନ୍ଦ୍ର ସାହୁ(୬୫) ସୋମବାର ପୂର୍ବାହ୍ନ ୧୦ଟା ୩୫ ମିନିଟରେ ହଠାତ୍ ଏସ୍‌ଡିଜେଏମ୍ କୋର୍ଟ ଭିତରକୁ ପ୍ରବେଶ କରିଥିଲେ। ସେ ସମୟରେ ମାଜିଷ୍ଟ୍ରେଟ ନିଜ ଚ୍ୟାମ୍ବରରେ ଥିବାବେଳେ ବେଞ୍ଚ କ୍ଲର୍କ ଓ ଷ୍ଟେନୋ କୋର୍ଟ ରୁମରେ ଉପସ୍ଥିତ ଥିଲେ। ଏହି ସମୟରେ ସମସ୍ତଙ୍କ ଅଗୋଚରରେ ସୁବାସ ନିଜ ବ୍ୟାଗରୁ ପଥର ଖଣ୍ଡ ବାହାର କରି କମ୍ପ୍ୟୁଟର ଏବଂ ଆସବାବପତ୍ର ଉପରକୁ ଫିଙ୍ଗିଥିଲେ। ବେଞ୍ଚ କ୍ଲର୍କ ପ୍ରଫୁଲ୍ଲ ନାୟକ ଏହାଦେଖି ତୁରନ୍ତ ଛତ୍ରପୁର ପୋଲିସକୁ ଖବର ଦେଇଥିଲେ। ଥାନା ସବ୍‌ଇନ୍ସପେକ୍ଟର ଲକ୍ଷ୍ମୀପ୍ରିୟା ମଲ୍ଲିକ ଓ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚି ସୁବାସଙ୍କୁ କାବୁ କରି ନେଇଥିଲେ। ଏନେଇ ୬୯୫/୨୩ରେ ଏକ ମାମଲା ରୁଜୁ ହୋଇଛି। ସୁବାସଙ୍କ ☞ପୃଷ୍ଠା-୨







## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଡହ ଡହ ଯାଉ ଦହି ପଖାଳ
କାଞ୍ଜି ସଙ୍ଗତେ ଓଉର ଫାଳ
ତହିଁ ସଙ୍ଗେ ସାରୁ ଭଜା
ଏକା ସାଙ୍ଗରେ ଖାଇବୁ ଯେବେ
ଯମପୁରକୁ ଯା ଯା।

ସାଧାରଣତଃ ଯାଉ ଦହି ପଖାଳ କାଞ୍ଜି ସହିତ ଓଉ ଏବଂ ସାରୁ ଭଜା ଖାଇବା ଲାଗି ବାରଣ କରାଯାଇଥାଏ। କାରଣ ଏପରି କ୍ରମରେ ଖାଦ୍ୟ ଖାଇଲେ ଦେହ ଅସୁସ୍ଥ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଡେଇଁ ପଡୁଥିବ ରୋଟକୁ,
ପଇସା ନ ଥିବ ହାଟକୁ।

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ହାତରେ ସାମାନ୍ୟ ଅର୍ଥ ନ ଥିବା ବ୍ୟକ୍ତି ଦାମିକିଆ ଜିନିଷ କିଣିବା ଲାଗି ଆଗଭର ହୋଇପଡ଼ିବା ନିରର୍ଥକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




# ଲାଞ୍ଚ ଟଙ୍କାରେ ଫ୍ଲାଟ୍ କିଣି ମା'ଙ୍କୁ ଉପହାର ଦେଇଥିଲେ

## ସିବିଆଇ ଦ୍ୱାରା ଗିରଫ ଡାକ୍ତରଙ୍କ ଗୁମର ଖୋଲୁଛି

- ଲାଞ୍ଚ ଟଙ୍କା ନେଇଥିବା ସମ୍ପର୍କୀୟଙ୍କୁ ହେବ ଜେରା
- ଆଜି ଜାମିନ ଆବେଦନର ଶୁଣାଣି



ଭୁବନେଶ୍ୱର,୧୬।୧୦(ସତ୍ୟଜିତ୍ ରାଉତ)

ଜାହାଜ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ଯାଞ୍ଚ ରିପୋର୍ଟ ଦେବାକୁ ଲାଞ୍ଚ ନେଇ ସିବିଆଇ ଦ୍ୱାରା ଗିରଫ ହୋଇଥିବା ପାରାଦୀପ ବନ୍ଦର ସ୍ୱାସ୍ଥ୍ୟ ସଂଗଠନ (ପିଏଚ୍ଓ)ର ଡାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କ ବହୁ ଗୁମର ଫିଟିବାରେ ଲାଗିଛି। ସୋମବାର ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ଅବଧି ଶେଷ ହେବା ପରେ ରାଜେନ୍ଦ୍ର ଜେଲ ଯାଇଛନ୍ତି। ତେବେ ଏହି ରିମାଣ୍ଡ ଅବଧି ସମୟରେ ଡାକ୍ତରଙ୍କ ବିପୁଳ ସମ୍ପତ୍ତି ବିଷୟରେ ସିବିଆଇ ତଥ୍ୟ ପାଇଛି। ଲାଞ୍ଚ ଟଙ୍କାରେ ରାଜେନ୍ଦ୍ର ଭୁବନେଶ୍ୱର ନୟାପଲ୍ଲୀରେ ଏକ ଫ୍ଲାଟ୍ କିଣି ମା'ଙ୍କୁ ଉପହାର ଦେଇଥିଲେ ବୋଲି ସିବିଆଇ ଜାଣିବାକୁ ପାଇଛି। ଜଣେ ବିଲ୍ଡରଙ୍କଠାରୁ ୮୦ ଲକ୍ଷ ଟଙ୍କାରେ ସେ ଏହି ୩ ବିଏଚ୍‌କେ ଫ୍ଲାଟ୍ କିଣିଥିଲେ। ତେଣୁ ଉକ୍ତ ବିଲ୍ଡରଙ୍କୁ ସିବିଆଇ ଖୁବ୍‌ଶୀଘ୍ର ପଚରାଉଚରା କରିପାରେ ବୋଲି ସୂଚନା ମିଳିଛି। ସେହିପରି ଅଭିଯୁକ୍ତ ରାଜେନ୍ଦ୍ର ଲାଞ୍ଚ ଟଙ୍କାକୁ ସମ୍ପର୍କୀୟ ଲୋକଙ୍କୁ ଦେଇଥିବା ସିବିଆଇ ପାଖରେ ମାନିଛନ୍ତି। ଏପରିକି ସେମାନଙ୍କ ତାଲିକା ମଧ୍ୟ ସେ ଦେଇଛନ୍ତି। ଏହି ଦିଗକୁ ନେଇ ରାଜେନ୍ଦ୍ରଙ୍କ ସମ୍ପର୍କୀୟଙ୍କୁ ସିବିଆଇ ପର୍ଯ୍ୟାୟକ୍ରମେ କାର୍ଯ୍ୟାଳୟକୁ ଡାକି ଜେରା କରିବ ବୋଲି ମଧ୍ୟ ଜଣାପଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟରେ ୩ ଦିନର ରିମାଣ୍ଡ ଅବଧି ମଙ୍ଗଳବାର ସରିବାକୁଥିବା ବେଳେ ଗୋଟିଏ ଦିନ ପୂର୍ବରୁ ସିବିଆଇ ସ୍ୱତନ୍ତ୍ର କୋର୍ଟରେ ରାଜେନ୍ଦ୍ରଙ୍କୁ ହାଜର କରାଯାଇଥିଲା। ରାଜେନ୍ଦ୍ରଙ୍କ ପକ୍ଷରୁ ତାଙ୍କ ଓକିଲ ଜାମିନ ଆବେଦନ କରିଥିଲେ। ତେବେ ଏହାର ଶୁଣାଣି ମଙ୍ଗଳବାର ହେବ ବୋଲି କୋର୍ଟ ଧାର୍ଯ୍ୟ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ପାରାଦୀପ ବନ୍ଦର ସହ କାରବାର କରୁଥିବା ଶିପିଂ କମ୍ପାନୀର କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ରିପୋର୍ଟ ଦେବାକୁ ଟଙ୍କା ଦାବି କରୁଥିଲେ ରାଜେନ୍ଦ୍ର। ଏମିନେନ୍ସ ଶିପିଂ ନାମକ କମ୍ପାନୀର କର୍ମଚାରୀ ଆଲୋକ ରାଉତଙ୍କୁ ଏହି ରିପୋର୍ଟ ପାଇଁ ରାଜେନ୍ଦ୍ର ୭୦ ହଜାର ଟଙ୍କା ମାଗିଥିଲେ। ଏନେଇ ଆଲୋକ ସିବିଆଇ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ଅନୁସାରେ ଆଲୋକଙ୍କଠାରୁ ରାଜେନ୍ଦ୍ର ୫୪ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଗୁରୁବାର ସିବିଆଇ ତାଙ୍କୁ ଗିରଫ କରିଥିଲା।

# ଓଡ଼ିଆ ଏମିରେଟ୍ସ କର୍ମଚାରୀ ନିଖୋଜ, ଅପହରଣ ସନ୍ଦେହ

ନୂଆଦିଲ୍ଲୀ, ୧୬।୧୦(ଆଇଏଏନ୍ଏସ୍)

ଏମିରେଟ୍ସ ଇଣ୍ଟରନ୍ୟାଶନାଲ ଫାସିଲିଟିଜ୍‌ର ଓଡ଼ିଆ କର୍ମଚାରୀ ରଞ୍ଜନ ସ୍ୱାଇଁ (୩୦) ଆବୁଧାବିରୁ ଆସି ନୂଆଦିଲ୍ଲୀରେ ପହଞ୍ଚିବା ପରେ କେଉଁଆଡ଼େ ନିଖୋଜ ହୋଇଯାଇଥିବା ଖବର ମିଳିଛି। ଉଡାନ ହେବାର ୫୦ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କ ବିଷୟରେ କୌଣସି ସୂଚନା ମିଳିପାରି ନ ଥିବାରୁ ପରିବାର ଲୋକେ ଅପହରଣ ସନ୍ଦେହ କରିଛନ୍ତି।

ଆଇଏଏନ୍ଏସ୍‌ର ହସ୍ତଗତ ହୋଇଥିବା ଏତଲା ଅନୁଯାୟୀ ଖୋର୍ଦ୍ଧା ଜିଲାର ରଞ୍ଜନ ସ୍ୱାଇଁ ୩ ବର୍ଷ ତଳେ ଆବୁଧାବିସ୍ଥିତ ଏମିରେଟ୍ସ ଇଣ୍ଟରନ୍ୟାଶନାଲ ଫାସିଲିଟିଜ୍ ମ୍ୟାନେଜମେଣ୍ଟରେ କର୍ମଚାରୀ ଭାବେ ଯୋଗ ଦେଇଥିଲେ। ଗତ ଅଗଷ୍ଟ ୧୮ରେ ସେ ଭାରତ ଫେରିବେ ବୋଲି ତାଙ୍କ ଭଉଣୀଙ୍କୁ ଜଣାଇବା ସହ ତାଙ୍କ ଟିକେଟ ମଧ୍ୟ ଶେୟାର କରିଥିଲେ। କିନ୍ତୁ ଅଦ୍ୟାବଧି ତାଙ୍କ ବିଷୟରେ କୌଣସି ଖବର ନାହିଁ। ଏଫ୍ଆଇଆର୍‌ରେ ଦର୍ଶାଯାଇଛି ଯେ ପରିବାର ଲୋକ ୩ ରୁ ୪ ଦିନ ଅପେକ୍ଷା କରିବା ପରେ ସମ୍ପୃକ୍ତ କମ୍ପାନୀକୁ ଯୋଗାଯୋଗ କରିଥିଲେ। କମ୍ପାନୀ ପକ୍ଷରୁ କୁହାଯାଇଥିଲା ଯେ ରଞ୍ଜନ ତାଙ୍କ ବନ୍ଧୁ ଫାଇମ୍ ଅହମ୍ମଦଙ୍କ ସହ ନିର୍ଦ୍ଧାରିତ ସମୟରେ ଭାରତ ଅଭିମୁଖେ ଯାତ୍ରା କରିଥିଲେ। ଏଥିସହିତ ସ୍ୱେଚ୍ଛାସେବୀ ସଙ୍ଗଠନ 'ଗ୍ଲୋବାଲ ଓଡ଼ିଆ'ର ସଦସ୍ୟମାନେ ଏ ନେଇ ୟୁଏଇ ସରକାରଙ୍କ ସହ ଯୋଗାଯୋଗ କରିଥିଲେ। ସେଠାକାର କର୍ତ୍ତୃପକ୍ଷ ମଧ୍ୟ ରଞ୍ଜନ ଆବୁଧାବୀ ଛାଡ଼ିଥିବା ବିଷୟ ସ୍ପଷ୍ଟ କରିଥିଲେ।

୫୦ ଦିନ ହେବ ରଞ୍ଜନଙ୍କ ବିଷୟରେ କୌଣସି ସୂଚନା ମିଳିପାରୁ ନ ଥିବାରୁ ପରିବାରବର୍ଗ ଘୋର ମନସ୍ତାପ ମଧ୍ୟରେ ଅଛନ୍ତି। ସେ ଘରର ଏକମାତ୍ର ରୋଜଗାରିଆ ପୁଅ। ପରିବାର ଲୋକ ଏବେ ଆର୍ଥିକ ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି। ସମ୍ପୃକ୍ତ ଏନ୍‌ଜିଓ ଏବଂ ପରିବାର ସଦସ୍ୟ ବିଭିନ୍ନ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିବା ପରେ କିଛି ଲୋକ ତାଙ୍କ ମୁକ୍ତି ପାଇଁ ଅର୍ଥ ମାଗୁଥିବା ବିଷୟ ଜଣାପଡ଼ିଛି ବୋଲି କହିଛନ୍ତି। ତେଣୁ ତାଙ୍କ ଜୀବନ ପ୍ରତି ବିପଦ ରହିଛି। ତାଙ୍କୁ ଦିଲ୍ଲୀ କିମ୍ବା ଆଖପାଖ ଅଞ୍ଚଳରୁ ଅପହରଣ କରାଯାଇଥିବା ସନ୍ଦେହ କରାଯାଉଛି ବୋଲି ଏତଲାରେ ଦର୍ଶାଯାଇଛି। ପରିବାର ଲୋକେ କହିଛନ୍ତି, ରଞ୍ଜନ ପ୍ରାରମ୍ଭିକ ଅବସ୍ଥାରେ ଏକ ନିଯୁକ୍ତି କମ୍ପାନୀ ଜରିଆରେ ତିନିବର୍ଷ ତଳେ ଆବୁଧାବି ଯାଇଥିଲେ। ତାଙ୍କ ଯାତ୍ରା ପାଇଁ ସେ ଋଣ କରିଥିଲେ। ତେଣୁ ଯେତେବେଳେ ତାଙ୍କ ପହଞ୍ଚିବା ଡେରି ହେଲା କିଛି ଦିନ ପରେ ପୋଲିସରେ ଅଭିଯୋଗ କରିଥିଲୁ। ଫଳରେ ଓଡ଼ିଶା ପୋଲିସ ଦିଲ୍ଲୀ ଯାଇଥିଲା। ସେଠାକୁ ଓଡ଼ିଶା ପୋଲିସ ଯାଇ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ପୋଲିସ ସହାୟତାରେ ତାଙ୍କ ବିଷୟରେ କିଛି ସୁରାକ ପାଇଥିଲା। କିନ୍ତୁ କୌଣସି ଅଗ୍ରଗତି ନ ଘଟିବାରୁ ସେଠାରେ ୧୫ ଅକ୍ଟୋବରରେ ଏକ ଏଫ୍ଆଇଆର୍ ଦାଏର କରାଯାଇଥିଲା ବୋଲି ପରିବାର ଲୋକ କହିଛନ୍ତି। ଇତିମଧ୍ୟରେ ଦିଲ୍ଲୀ ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏ ସଂକ୍ରାନ୍ତରେ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୬୫ (ଅପହରଣ) ଅନୁଯାୟୀ ପରିବାର ଲୋକ ଆଇଜିଆଇ ପୋଲିସ ଷ୍ଟେଶନରେ ଏକ ଏଫ୍ଆଇଆର୍ କରିଛନ୍ତି ଏବଂ ତଦନ୍ତ ଜାରି ରହିଛି।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନୋରମା ଚୌଧୁରୀଙ୍କ ପୁସ୍ତକ 'ଅଷ୍ଟନାୟିକା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୨୦୨୮ ଅଲିମ୍ପିକ୍ସରେ...




କାର୍ଯ୍ୟନିର୍ବାହୀ ବୋର୍ଡ ସୁପାରିସ କରିଥିଲା ଏଠାରେ ଆଇଓସିର ୧୪୧ତମ ଅଧିବେଶନରେ ତାହା ଗୃହୀତ ହୋଇଯାଇଛି। ଅନ୍ୟ ଖେଳଗୁଡ଼ିକ ହେଲା ସ୍କ୍ୱାଶ୍, ବେସ୍‌ବଲ/ସଫ୍ଟବଲ୍, ଲାକ୍ରୋସେ ଏବଂ ଫ୍ଲାଗ୍ ଫୁଟ୍‌ବଲ। ସୋମବାର ଏଥିଲାଗି ଭୋଟ ଗ୍ରହଣ ହୋଇଥିଲା। ସଦସ୍ୟମାନେ ହାତଟେକି ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ଆଇଓସିର ମୋଟ୍ ୯୯ ସଦସ୍ୟଙ୍କ ମଧ୍ୟରୁ ମାତ୍ର ୨ଜଣ ଏହି ଖେଳଗୁଡ଼ିକ ସାମିଲ କରାଯିବା ବିପକ୍ଷରେ ମତ ଦେଇଥିଲେ। ଭୋଟ ଗ୍ରହଣ ପରେ ଆଇଓସି ସଭାପତି ଥୋମାସ୍ ବାକ୍ ଲସ୍‌ଆଞ୍ଜେଲ୍ସ ଗେମ୍ସ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବା ଖେଳଗୁଡ଼ିକର ନାମ ଘୋଷଣା କରିଥିଲେ। ଇଟାଲୀର ଅଲିମ୍ପିକ୍ସ ଚାମ୍ପିୟନ ଶୁଟର ତଥା ଲସ୍‌ଆଞ୍ଜେଲ୍ସ-୨୮ର ନିର୍ଦ୍ଦେଶକ ନିକୋଲୋ କାମ୍ପ୍ରିଆନି ଆଲୋଚନା ବେଳେ ଭାରତୀୟ କ୍ରିକେଟ ସୁପରଷ୍ଟାର ବିରାଟ କୋହଲି କିପରି ଲୋକପ୍ରିୟତା ହାସଲ କରିପାରିଛନ୍ତି ସେ ବିଷୟରେ ବଖାଣିଥିଲେ। ବର୍ତ୍ତମାନ ଯୁଗରେ କ୍ରିକେଟ ହେଉଛି ସବୁଠାରୁ ଦ୍ୱିତୀୟ ଲୋକପ୍ରିୟ ଖେଳ। ବିଶ୍ୱବ୍ୟାପୀ ଏହି ଖେଳର ପ୍ରାୟ ୨.୫ ବିଲିୟନ ପ୍ରଶଂସକ ରହିଛନ୍ତି। କେହି ହୁଏତ ପ୍ରଶ୍ନ ଉଠାଇପାରନ୍ତି ଲସ୍‌ଆଞ୍ଜେଲ୍ସରେ କାହିଁକି, ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ କ୍ରିକେଟ୍‌ର ପ୍ରସାର ଘଟିଲାଣି। ଚଳିତବର୍ଷ ଏହି ଦେଶରେ ମେଜର କ୍ରିକେଟ ଲିଗ୍ ଖେଳାଯାଇଛି। ଯାହା ଆଶା କରାଯାଉଥିଲା ତା'ଠାରୁ ଅଧିକ ସଫଳତାର ସହ ଏହା ସମ୍ପନ୍ନ ହୋଇଛି। ଆସନ୍ତାବର୍ଷ ଲାଗି ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଟି୨୦ ବିଶ୍ୱକପ୍ ଆୟୋଜନ କରାଯାଇଛି। ଇଟାଲିଆନ ଜଣଙ୍କ କହିଥିଲେ କି ବିରାଟ ହେଉଛନ୍ତି ତାଙ୍କର ଜଣେ ବନ୍ଧୁ। ବିଶ୍ୱରେ ସେ ହେଉଛନ୍ତି ସବୁଠାରୁ ତୃତୀୟ ଲୋକପ୍ରିୟ ଆଥ୍‌ଲେଟ। ସୋସିଆଲ ମିଡିଆରେ ତାଙ୍କର ୩୪୦ ନିୟୁତ ଫଲୋଅର ରହିଛନ୍ତି, ଯାହା ଲିବ୍ରନ୍ ଜେମ୍ସ, ଟମ୍ ବ୍ରାଡି ଓ ଟାଇଗର ଉଡ୍ସଙ୍କ ମିଳିତ ଭାବେ ଯେତେ ଫଲୋଅର ଅଛନ୍ତି ତା'ଠାରୁ ଅଧିକ। ତେଣୁ ଲସ୍‌ଆଞ୍ଜେଲ୍ସ-୨୮ରେ କ୍ରିକେଟ ଖେଳକୁ ସାମିଲ କରିବା ଯଥାର୍ଥ। ବିଶ୍ୱର ସବୁଠାରୁ ଜନବହୁଳ ଦେଶ ଭାରତରେ କ୍ରିକେଟ୍ ଅଧିକ ଲୋକପ୍ରିୟ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଅଲିମ୍ପିକ ବିଡ୍‌କୁ ବିସିସିଆଇର ସମର୍ଥନ ଦ୍ୱାରା ଲସ୍‌ଆଞ୍ଜେଲ୍ସ ଗେମ୍ସ କାର୍ଯ୍ୟକ୍ରମରେ କ୍ରିକେଟ୍‌ର ଏଣ୍ଟ୍ରି ପଥ ସୁଗମ ହୋଇଥିଲା। ବିସିସିଆଇ କ୍ରିକେଟକୁ ଅଲିମ୍ପିକ୍ସରେ ସାମିଲ କରିବା ସପକ୍ଷରେ ନ ଥିଲା। କାରଣ ଏହାଦ୍ୱାରା କ୍ରିକେଟ୍ ଉପରେ ଏହାର କର୍ତ୍ତୃତ୍ୱ ହ୍ରାସ ପାଇବ ବୋଲି ଆଶଙ୍କା ରହିଥିଲା। ମାତ୍ର ୨୦୨୧ରେ ବିସିସିଆଇ ଏହାର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଥିଲା। ଅଲିମ୍ପିକ୍ସରେ ସାମିଲ ପରେ କ୍ରିକେଟ୍‌ର ପ୍ରସାର ଘଟିବ। ଖେଳର ଗ୍ଲୋବାଲ ମାର୍କେଟ ପରିସୀମା ବୃଦ୍ଧି ପାଇବ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ ୧୯୦୦ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରାଯାଇଥିଲା। ସେଥର ଗ୍ରେଟ୍ ବ୍ରିଟେନ୍ ଫାଇନାଲରେ ଫ୍ରେଞ୍ଚ ଟିମ୍‌କୁ ହରାଇଥିଲା।

### କୋର୍ଟ ରୁମ୍‌ରେ...



ସୁବାସ ଚନ୍ଦ୍ର ସାହୁ

କୋର୍ଟରେ କୌଣସି ମାମଲାର ଶୁଣାଣି ନ ଥିଲା କି କୋର୍ଟ ସମନ ବି ନ ଥିଲା। ହେଲେ ସେ କାହିଁକି ଆସି ପଥରମାଡ଼ କଲେ ତାହା ସ୍ପଷ୍ଟ ହୋଇପାରିନି। ଅପରପକ୍ଷରେ ସୁବାସ କାହିଁକି ଏପରି କଲେ ସେନେଇ କିଛି ବିଶେଷ କହି ନ ଥିଲେ ସୁଦ୍ଧା ତାଙ୍କ ଦୁଃଖ କେହି ଶୁଣିଲେ ନାହିଁ ବୋଲି ପୋଲିସ କୋର୍ଟକୁ ନେବାବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ପ୍ରକାଶ କରୁଥିବା ଦେଖିବାକୁ ମିଳିଥିଲା।

ସୂଚନାଯୋଗ୍ୟ, କିଛିବର୍ଷ ପୂର୍ବେ ସୁବାସ ଜଣେ ଜିଲାପାଳଙ୍କ ଗାଡ଼ି ଉପରକୁ ପଥର ଫିଙ୍ଗିବାକୁ ଉଦ୍ୟମ କରିଥିଲେ। ତେବେ ସେ ସମ୍ପର୍କରେ କିମ୍ବା ତାଙ୍କ ବିରୋଧରେ ଅନ୍ୟ କିଛି ମାମଲା ଅଛି କି ନାହିଁ ସେ ନେଇ ଛତ୍ରପୁର ପୋଲିସ ତଦନ୍ତ କରୁଛି। ଛତ୍ରପୁର ଥାନାଠାରୁ ମାତ୍ର ୧୦୦ମିଟର ଦୂରରେ ଥିବା କୋର୍ଟରେ ଏପରି ଘଟଣା ଘଟିଥିବାରୁ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ସପ୍ତାହରେ ଏକ ହତ୍ୟା ମାମଲାରେ ସାକ୍ଷ୍ୟଗ୍ରହଣ ପୂର୍ବରୁ ସାକ୍ଷୀଙ୍କୁ ଅପହରଣ କରାଯାଇଥିଲା। ପରେ ଛତ୍ରପୁର ପୋଲିସ ଭୁବନେଶ୍ୱରରୁ ଉକ୍ତ ସାକ୍ଷୀଙ୍କୁ ଉଦ୍ଧାର କରିଥିଲା।

### କିନ୍ନରଙ୍କୁ ସ୍ୱତନ୍ତ୍ର...

କିନ୍ନର ଆଦୌ ଏକ ଜାତି ନୁହେଁ। ଏବେ ୩ଟି ବର୍ଗ- ପୁରୁଷ, ମହିଳା ଓ କିନ୍ନର ରହିଛି, ଯାହାର ତଥ୍ୟ ଉପଲବ୍ଧ ବୋଲି ଖଣ୍ଡପୀଠ କହିଛନ୍ତି। କିନ୍ନରମାନଙ୍କୁ ତୃତୀୟ ଲିଙ୍ଗ ଭାବେ କେତେକ ସୁବିଧା ସୁଯୋଗ ଦିଆଯାଇପାରିବ, କିନ୍ତୁ ସ୍ୱତନ୍ତ୍ର ଜାତି ଭାବେ ନୁହେଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଛନ୍ତି। କିନ୍ନର ସମ୍ପ୍ରଦାୟ ବିଭିନ୍ନ ଜାତିର ଥାଇପାରନ୍ତି। ତେଣୁ ସେମାନଙ୍କୁ ଗୋଟିଏ ସ୍ୱତନ୍ତ୍ର ଜାତିର ପରିଚୟ ଦେବା ସମ୍ଭବପର ହୋଇ ନ ପାରେ। ବିହାର ପ୍ରଥମ ରାଜ୍ୟ ଯିଏ ଜାତି ଆଧାରିତ ସର୍ଭେ ତଥ୍ୟ ପ୍ରକାଶ କରିଛି। ଉକ୍ତ ରିପୋର୍ଟ ଅନୁଯାୟୀ ଜନସଂଖ୍ୟାର ୩୬ ପ୍ରତିଶତ ଅତ୍ୟନ୍ତ ପଛୁଆ ବର୍ଗର ହୋଇଥିବାବେଳେ ୨୭.୧ ପ୍ରତିଶତ ପଛୁଆ ବର୍ଗ, ୧୯.୭ ପ୍ରତିଶତ ଅନୁସୂଚିତ ଜାତି ଏବଂ ସାଧାରଣ ବର୍ଗ ୧୫.୫ ପ୍ରତିଶତ ରହିଛନ୍ତି। ବିହାରର ମୋଟ ଜନସଂଖ୍ୟା ୧୩.୧ କୋଟିରୁ ଅଧିକ। ଗତ ଅଗଷ୍ଟରେ ବିହାର ସରକାର ଜାତି ଜନଗଣନା ସମ୍ପୂର୍ଣ୍ଣ କରିଥିଲେ। ଏହି ସର୍ଭେ ସମସ୍ତଙ୍କ ପାଇଁ ଲାଭଦାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜୋର୍ ଦେଇଥିଲେ। ଏଥିସହିତ ଅବହେଳିତଙ୍କ ସମେତ ସମାଜର ବିଭିନ୍ନ ବର୍ଗର ବିକାଶରେ ଏହା ସହାୟକ ହେବ ବୋଲି ସେ କହିଥିଲେ।

### ୧୭ ବର୍ଷ ପରେ...

ମାମଲାରେ ଦୋଷମୁକ୍ତ କରିଥିଲେ। ଅବଶିଷ୍ଟ ୨ ମାମଲାରେ ସୋମବାର ପାନ୍ଧେରଙ୍କୁ ଦୋଷମୁକ୍ତ କରାଯାଇଛି। ସୂଚନାଯୋଗ୍ୟ, ୨୦୦୬ ଡିସେମ୍ବର ୨୯ରେ ନୋଏଡାର ନିଠାରିଠାରେ ଥିବା ପାନ୍ଧେରଙ୍କ ଘର ପଛପଟ ଡ୍ରେନ୍‌ରୁ ୮ ପିଲାଙ୍କ କଙ୍କାଳ ମିଳିବା ପରେ ଏହି ସମ୍ବେଦନଶୀଳ ହତ୍ୟାକାଣ୍ଡର ପର୍ଦ୍ଦାଫାଶ୍ ହୋଇଥିଲା। ଉକ୍ତ ଡ୍ରେନ୍‌କୁ ଅଧିକ ଖୋଳିବା ପରେ ଆଉ କେତେକ କଙ୍କାଳର ସନ୍ଧାନ ମିଳିଥିଲା। ଅଧିକାଂଶ କଙ୍କାଳ ଉକ୍ତ ଅଞ୍ଚଳରୁ ନିଖୋଜ ଥିବା ନାବାଳିକା ଓ ଯୁବତୀମାନଙ୍କର ଥିଲା। ୧୦ ଦିନ ମଧ୍ୟରେ ଏହାର ତଦନ୍ତ ଦାୟିତ୍ୱ ସିବିଆଇ ନେଇଥିଲା।

#### ମାମଲାର ଘଟଣାକ୍ରମ

- **୨୦୦୬ ଡିସେମ୍ବର ୨୯:** ନୋଏଡା ସେକ୍ଟର ୩୧ ଅନ୍ତର୍ଗତ ନିଠାରି ଗ୍ରାମରେ ଥିବା ଡି-୫ ବଙ୍ଗଳା ପଛ ଡ୍ରେନ୍‌ରୁ ଅଖାରେ ବନ୍ଧା ହୋଇଥିବା ୧୫ଟି କଙ୍କାଳ ଓ ପୋଷାକ ମିଳିଥିଲା। ବଙ୍ଗଳା ମାଲିକ ମନିନ୍ଦର ସିଂ ପାନ୍ଧେର ଓ ତାଙ୍କ ଘରୋଇ ସହାୟକ ସୁରେନ୍ଦ୍ର କୋଲିଙ୍କୁ ବଳାତ୍କାର ଓ ହତ୍ୟା ଅଭିଯୋଗରେ ନୋଏଡ଼ା ପୋଲିସ ଗିରଫ କରିଥିଲା।
- **ଡିସେମ୍ବର ୩୦:** ଅଧିକ କଙ୍କାଳ ମିଳିଥିଲା। ପିଲାମାନଙ୍କ ନିଖୋଜ ସମ୍ପର୍କରେ ୨ ବର୍ଷ ପୂର୍ବରୁ ଅଭିଯୋଗ ହୋଇଥିଲେ ମଧ୍ୟ ଆବଶ୍ୟକ ତଦନ୍ତ କରି ନ ଥିବା ୫ ପୋଲିସଙ୍କୁ ନିଲମ୍ବନ କରାଯାଇଥିଲା।
- **୨୦୦୭ ଜାନୁୟାରୀ ୧୧:** ସିବିଆଇ ତଦନ୍ତ ଭାର ଗ୍ରହଣ କରିଥିଲା। କୋଲିଙ୍କ ନାଁରେ ୧୬ ମାମଲାରେ ଚାର୍ଜଶିଟ୍ ହୋଇଥିବାବେଳେ ପାନ୍ଧେରଙ୍କ ନାଁରେ ଗୋଟିଏ ମାମଲା ରୁଜୁ ହୋଇଥିଲା। ପରେ ଅନ୍ୟ ୫ଟି ମାମଲାରେ କୋର୍ଟ ତାଙ୍କୁ ସହ ଅଭିଯୁକ୍ତ ଭାବେ ସମନ କରିଥିଲେ।
- **୨୦୦୯ ଫେବୃୟାରୀ ୧୩:** ପ୍ରଥମ ନିଠାରି ମାମଲାରେ ଗାଜିଆବାଦର ଏକ ଅଦାଲତ କୋଲି ଓ ପାନ୍ଧେରଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ପରେ ଆଲ୍ଲାହାବାଦ ହାଇକୋର୍ଟ ପାନ୍ଧେରଙ୍କୁ ସବୁ ମାମଲାରୁ ଦୋଷମୁକ୍ତ କରିଥିଲେ। କୋଲିଙ୍କ ମୃତ୍ୟୁଦଣ୍ଡକୁ ହାଇକୋର୍ଟ ୨୦୧୫ରେ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିଥିଲେ।
- **୨୦୧୦ରୁ ୨୦୧୬:** ଅନ୍ୟ ୬ ମାମଲାରେ କୋଲିଙ୍କୁ ମୃତ୍ୟୁଦଣ୍ଡାଦେଶ ମିଳିଥିଲା।
- **୨୦୧୭ ଜୁଲାଇ ୨୨:** ଅଷ୍ଟମ ମାମଲାରେ ଜଣେ ୨୦ ବର୍ଷୀୟାଙ୍କୁ ଅପହରଣ ଓ ହତ୍ୟା ମାମଲାରେ କୋଲି ଏବଂ ପାନ୍ଧେରଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା।
- **୨୦୧୭ ଡିସେମ୍ବର ୮:** ୨୫ ବର୍ଷୀୟ ଘରୋଇ ସହାୟକଙ୍କୁ ହତ୍ୟା ନେଇ ନବମ ମାମଲାରେ ପାନ୍ଧେର ଓ କୋଲି ଫାଶୀ ଦଣ୍ଡାଦେଶ ପାଇଥିଲେ।
- **୨୦୧୯ରୁ ୨୦୨୧:** ଆଉ ୩ ମାମଲାରେ କୋଲିଙ୍କୁ ମୃତ୍ୟୁ ଦଣ୍ଡାଦେଶ ହୋଇଥିଲା।
- **୨୦୨୧ ମାର୍ଚ୍ଚ ୨୬:** ଜଣେ ୧୦ ବର୍ଷୀୟାଙ୍କୁ ଅପହରଣ, ବଳାତ୍କାର ଉଦ୍ୟମ, ହତ୍ୟା ଓ ପ୍ରମାଣ ନଷ୍ଟ ନେଇ ୧୩ତମ ମାମଲାରେ କୋଲିଙ୍କୁ ଗାଜିଆବାଦ କୋର୍ଟ ଦୋଷମୁକ୍ତ କରିଥିଲେ।
- **୨୦୨୩ ଅକ୍ଟୋବର ୧୬:** ପ୍ରମାଣ ଅଭାବରୁ ଆଲ୍ଲାହାବାଦ ହାଇକୋର୍ଟ କୋଲି ଏବଂ ପାନ୍ଧେରଙ୍କୁ ସବୁ ମାମଲାରୁ ଦୋଷମୁକ୍ତ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସପ୍ତମ ଚନ୍ଦ୍ର ହେତୁ ନୂତନ କର୍ମାରମ୍ଭ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ, ସଭାସମିତି, ଧର୍ମକାର୍ଯ୍ୟ, ବନ୍ଧୁମିଳନ ପାଇଁ ଶୁଭ ପ୍ରମାଣିତ ହେବ। କିନ୍ତୁ ମତାନ୍ତର କିମ୍ବା ମନାନ୍ତରଜନିତ ମାନସିକ ଅଶାନ୍ତିର ଆଶଙ୍କା ମଧ୍ୟ ରହିଛି। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ।

**ବୃଷ** କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅନ୍ୟମାନଙ୍କୁ ସାମୟିକ ସହଯୋଗ ଦେଇ ପରୋକ୍ଷ ଭାବରେ ପ୍ରଶଂସିତ ହେବେ। ନୂତନ ଯାନବାହନ, ଜମିଜମା, କ୍ରୟବିକ୍ରୟ ନେଇ ଆଲୋଚନାରେ ଅଗ୍ରଗତି ଘଟିବ।

**ମିଥୁନ** ବିଭିନ୍ନ ସମସ୍ୟାଜନିତ ମନ ଅସ୍ଥିର ରହିବ ଓ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ, କିନ୍ତୁ ହୁଏତ ତାହାକୁ ଅସ୍ୱୀକାର କରିଦେଇପାରନ୍ତି। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**କର୍କଟ** ଆଜି କାର୍ଯ୍ୟବ୍ୟସ୍ତତା କାରଣରୁ କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବେ ରହିପାରିବେ ନାହିଁ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂରହୋଇଯିବ। ଅଭିଳାଷ ପୂରଣ ଅଭାବରେ ମାନସିକ ଅବସାଦ ହେତୁ ବିରସମନା ରହିବେ।

**ସିଂହ** ପରୋକ୍ଷ ଶତ୍ରୁତା କାରଣରୁ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** ଆଜି ଦିନରେ ସବୁ ସୁବିଧା ଥିଲେ ମଧ୍ୟ କୌଣସି କାମ ସହଜରେ ସମ୍ପନ୍ନ ହେବ ନାହିଁ। ଗଠନମୂଳକ କିମ୍ବା ସାମୂହିକ କାମରେ, ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଋଣ ସୂତ୍ରରେ ଅର୍ଥଲାଭ କରିବେ। ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବକରିପାରନ୍ତି। ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ।

**ତୁଳା** ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ସତର୍କତା ଅଭାବରୁ ଜିନିଷପତ୍ର ହଜିଯିବା ସମ୍ଭାବନା ରହିଛି। ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ପରିବହନ ପାଇଁ ଦିନଟି ଭଲ। ସମସ୍ୟା ସମାଧାନ ସକାଶେ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବିଛା** ଆକସ୍ମିକ ଭାବେ ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପରିବାରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ।

**ଧନୁ** ସମସ୍ୟା ଯଦିଓ ଆସିବ ତଥାପି ବେଶି ସମୟ ରହିବ ନାହିଁ। ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଅଫିସରେ କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବ। ସାମାଜିକ ସ୍ତରରେ କିଛିଟା ଅସୁବିଧାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି।

**ମକର** ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ପରିବାର ଭିତରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ କଥାକୁ ସତ୍ୟ ମନେକରି ମନରେ ସନ୍ଦେହ ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇଯିବ।

**କୁମ୍ଭ** ଅଭାବବୋଧ ଲାଗି ରହିବା କାରଣରୁ ବ୍ୟସ୍ତତା ବଢ଼ି ବଢ଼ି ଯିବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ପ୍ରକାଶନ, ପ୍ରଶାସନ ଓ ପରିବହନରେ ସମସ୍ୟାର ସମାଧାନ ରାସ୍ତା ଖୋଲିଯିବ। ପ୍ରଥମେ କାମଟି କରିସାରିବା ପରେ ଚିନ୍ତାକରି ମନସ୍ତାପ କରିବାକୁ ପଡ଼ିପାରେ।

**ମୀନ** ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

ଆଜି ଆଶ୍ୱିନ ଶୁକ୍ଳ ତୃତୀୟା ମଙ୍ଗଳବାର, ମାସାନ୍ତ, ଅକ୍ଟୋବର ୧୭ ତାରିଖ, ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ ଦିବସ। ରାଶି ନକ୍ଷତ୍ର : ବିଶାଖା/ତୁଳା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୫।୪୫ ଗତେ, ଘ.୦୬।୩୧ ମଧ୍ୟେ, ଘ.୦୮।୩୮ ଗତେ, ଘ.୧୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୨୫ ଗତେ, ଘ.୦୩।୫୧ ମଧ୍ୟେ ରାହୁକାଳ।

# ବିନା ବର୍ଷାରେ ଧସିଲା ନିର୍ମାଣାଧୀନ ନଦୀବନ୍ଧ

ଯାଜପୁର,୧୬।୧୦
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର କୋରେଇ, ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକ ଅଞ୍ଚଳବାସୀଙ୍କ ପାଇଁ ବୈତରଣୀ ନଦୀରେ ବନ୍ୟା ନିୟନ୍ତ୍ରଣ ଯୋଜନା ଚାଲିଛି। ବିପୁଳ କୋଟି ଟଙ୍କା ଖର୍ଚ୍ଚ କରାଯାଇ ନଦୀବନ୍ଧ ନିର୍ମାଣ ହେଉଛି। ଅଥଚ ବଜେଟ ଅନୁସାରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ନ ହୋଇ ନିମ୍ନମାନର କାର୍ଯ୍ୟ ହେଉଥିବାରୁ ନିର୍ମାଣ ସମୟରେ ହିଁ ନଦୀବନ୍ଧ ଧସିଯାଉଛି। ବୈତରଣୀ ନଦୀର ଡାହାଣ ପାର୍ଶ୍ୱ ବ୍ରହ୍ମଚାରୀ ପାଟଣାଠାରୁ ଅର୍ଦ୍ଧାଉଳିଆ ପର୍ଯ୍ୟନ୍ତ ନିର୍ମାଣାଧୀନ ନଦୀବନ୍ଧର କୁଆଁରସାହି ଗ୍ରାମ ନିକଟରେ ରବିବାର ରାତିରେ ମାଟି ଧସିପଡ଼ିଛି। ନଦୀବନ୍ଧର ପ୍ରାୟ ୫ ଫୁଟ ଉଚ୍ଚତା ଓ ୧୬୦ ଫୁଟ ଲମ୍ବ ଅଂଶ ନଦୀ ଭିତରକୁ ଧସି ଯାଇଥିବା ଦେଖିବାକୁ ମିଳିଛି। ଏଥିରୁ

**ନିମ୍ନମାନର କାର୍ଯ୍ୟ ଅଭିଯୋଗ**

ନଦୀବନ୍ଧ ନିର୍ମାଣରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ଏବଂ ଏହାର ଶାଖା କାଣୀ ନଦୀର ବନ୍ୟାଜଳ ତଟାଞ୍ଚଳବାସୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଗତ ୧୭ ବର୍ଷରେ ନିୟମିତ ବ୍ୟବଧାନରେ ୬ଟି ବଡ଼ ବନ୍ୟା ଲୋକଙ୍କ ଜୀବନକୁ ବିପଦରେ ପକାଇ ଆସିଛି। ୨୦୨୦ ଅଗଷ୍ଟ ବନ୍ୟାରେ ଜିଲାର ନଦୀବନ୍ଧଗୁଡ଼ିକରେ ୨୫ଟି ଘାଇ ସୃଷ୍ଟି ହୋଇ ପ୍ରାୟ ୧୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲାବେଳେ ଏଥିରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିଲା। 'ଜୀବନ ପାଇଁ ଯୋଜନାର ଅଭାବ' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଜଳ ସମ୍ପଦ ବିଭାଗ ପକ୍ଷରୁ



ବୈତରଣୀ ନଦୀ କୁଆଁରସାହି ବନ୍ଧରେ ମାଟି ଧସିଛି।

ଇତିମଧ୍ୟରେ ବନ୍ୟା ନିୟନ୍ତ୍ରଣ ପାଇଁ ଷ୍ଟେଟ୍ ପାଇପ୍‌ଲାଇନ ପ୍ରୋଜେକ୍ଟ ଜରିଆରେ ବିଭିନ୍ନ ନଦୀବନ୍ଧ ପୁନରୁଦ୍ଧାର କରିବାକୁ ଅର୍ଥ ମଞ୍ଜୁର ହୋଇଛି। ଓଡ଼ିଶା କନଷ୍ଟ୍ରକ୍ସନ କମ୍ପାନୀ(ଓସିସି) ପକ୍ଷରୁ ଏହି ନଦୀବନ୍ଧଗୁଡ଼ିକର ନିର୍ମାଣ କାର୍ଯ୍ୟ ଚାଲିଥିବା ସୂଚନା ମିଳିଛି।

ତେବେ ବର୍ଷା ହୋଇ ନ ଥିବା ସତ୍ତ୍ୱେ କୁଆଁରସାହି ଗ୍ରାମ ନିକଟରେ ଅଚାନକ ନିର୍ମାଣାଧୀନ ନଦୀବନ୍ଧରୁ ମାଟି ଧସିଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ଷା ହେଲେ ବନ୍ୟା ଦାଉରୁ ରକ୍ଷା ପାଇବା ଭଗବାନ ଭରସା ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ୮ କିମି ଲମ୍ବ ଏହି ନଦୀବନ୍ଧ ନିର୍ମାଣ ପାଇଁ ପ୍ରାୟ ୧୨ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିରେ ନଦୀବନ୍ଧ ସୁଦୃଢ଼ୀକରଣ କରାଯିବା ସହିତ ବନ୍ଧ ଉପରେ ୭.୫ ମିଟର ଚଉଡା ସବୁଦିନିଆ ରାସ୍ତା ନିର୍ମାଣ ହେଉଛି। ନଦୀ ବନ୍ଧ ଅଚାନକ ଧସିବା ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ଅନ୍ତର୍ଯାମୀ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ନଦୀରେ ଜଳସ୍ତର କମିବା ପରେ ବନ୍ଧର ନିମ୍ନଭାଗରେ ଥିବା ପଙ୍କିଳ ମାଟି ଯୋଗୁ ବନ୍ଧର କିଛି ଅଂଶ ଦବିଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ଏହାର ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି।

# ଗୀତିକାର ବିନୋଦିନୀ ଦେବୀଙ୍କ ପରଲୋକ

ଭୁବନେଶ୍ୱର,୧୬।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଚଳଚ୍ଚିତ୍ରର ପ୍ରଥମ ମହିଳା ଗୀତିକାର ବିନୋଦିନୀ ଦେବୀଙ୍କର ସୋମବାର ଅନୁଗୋଳଠାରେ ପରଲୋକ ଘଟିଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ମସ୍ତିଷ୍କାଘାତରେ ଶଯ୍ୟାଶାୟୀ ଥିଲେ। ସେଠାରେ ସେ ତାଙ୍କ ସାନପୁଅଙ୍କ ପାଖରେ ରହି ଚିକିତ୍ସିତ ହେଉଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ସମଗ୍ର ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି।

୧୯୩୭ ମସିହାରେ କଟକ ଜିଲା ଟିଗିରିଆଠାରେ ବିନୋଦିନୀଙ୍କ ଜନ୍ମ। ଓଡ଼ିଆ ସୁଗମ ଓ ଚଳଚ୍ଚିତ୍ର ସଙ୍ଗୀତରେ ସେଥିଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଗୀତିକାର। ୧୯୬୫ରେ ଚଳଚ୍ଚିତ୍ର

- ଓଡ଼ିଆ ଚଳଚ୍ଚିତ୍ରର ପ୍ରଥମ ମହିଳା ଗୀତିକାର ଥିଲେ
- 'ମଲାଜହ୍ନ'ରୁ ଆରମ୍ଭ ହୋଇଥିଲା ଯାତ୍ରା

'ମଲାଜହ୍ନ'ରୁ ଆରମ୍ଭ ହୋଇଥିଲା ତାଙ୍କ ଗୀତିକାର ଜୀବନର ଯାତ୍ରା। ଓଡ଼ିଆ ସଙ୍ଗୀତର ବେତାଜ ବାଦଶାହା ଅକ୍ଷୟ ମହାନ୍ତି ହିଁ ତାଙ୍କୁ ପ୍ରଥମେ ମଲାଜହ୍ନ ସିନେମାରେ ଓ ପରବର୍ତ୍ତୀ କାଳରେ ଅନ୍ୟ ସିନେମାରେ ଗୀତ ଲେଖିବାର ସୁଯୋଗ ଦେଇଥିଲେ। ଏଥିସହ ୧୯୫୮ ମସିହାରୁ ସେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକବି। ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଆକାଶବାଣୀ, ଦୂରଦର୍ଶନ, ଚଳଚ୍ଚିତ୍ର ଓ ଅନ୍ୟ ପ୍ରସାରଣ ମାଧ୍ୟମ ପାଇଁ ବହୁ



ଗୀତ ରଚନା କରିଛନ୍ତି। ୧୯୭୮ରେ 'ତଅପୋଇ', ୧୯୭୯ରେ 'ଶ୍ରୀଜଗନ୍ନାଥ', ୧୯୮୩ରେ 'ମହାସତୀ ସାବିତ୍ରୀ' ଓ ୨୦୦୭ରେ 'ଜୟ ଜଗନ୍ନାଥ' ଚଳଚ୍ଚିତ୍ର ପାଇଁ ଗୀତ ରଚନା କରିଥିଲେ। ତାଙ୍କ ସିନେମା ଗୀତ ମଧ୍ୟରେ 'ଚୋରାବାଲିରେ', 'ରକତ ଟଳମଳ ଖଇର ପାଞ୍ଚପଳ', 'ମୁଁ ଯେ ଭରା ବସନ୍ତ ଶାଖାରେ ଏକାକୀ କଜଳ ପାତି', 'ମୁଁ ତୁମ ବଧୂ ନୁହେଁ ବନ୍ଧୁ', 'କାଳିଆ ଆସିଲା', 'ନିରିମାଖୀ କୁଆଁରୀ ମୁଁ ଓ 'ଏଇ କଳା ମୋର କଳଙ୍କ' ଅନ୍ୟତମ। ଲୋକକଳ୍ପନାକୁ ବିନିଯୋଗ କରି ଚଳଚ୍ଚିତ୍ର ଗୀତରେ ସାଧାରଣ ପଦ୍ୟ ଭାଷା ସହ ଅସାଧାରଣ ଭାବର ସ୍ୱଷ୍ଟ ଓ ସ୍ୱଚ୍ଛନ୍ଦ ନିୟମ ନିର୍ମାଣ କରି ସେ ଉଦାହରଣ ସୃଷ୍ଟି କରିଥିଲେ। ସେହିପରି ଲୋକଭାଷା ଓ ଲୋକକଳ୍ପନାର ଚମତ୍କାର ଶବ୍ଦ ରସାୟନ ତାଙ୍କ ଗୀତିକବିତା ସବୁରେ ଦେଖିବାକୁ ମିଳେ। ଅନୁବାଦ ଓ ଶିଶୁ ସାହିତ୍ୟରେ ମଧ୍ୟ ସେ ପ୍ରବୀଣା ଥିଲେ। ପ୍ରକାଶିତ ଗୀତିଗ୍ରନ୍ଥ ମଧ୍ୟରେ ୧୯୮୬ରେ ଶିଶୁଗୀତି ସଙ୍କଳନ 'ଖୋକାଟିଏ ଖୋକିଟିଏ', ୧୯୯୬ରେ ଭକ୍ତିଗୀତି ସଙ୍କଳନ 'ଅମୃତା', ୧୯୯୯ରେ ଶିଶୁଗୀତି ସଙ୍କଳନ 'ଟିକି ଟିକି ନାଲି କାଇଁଚ', ୨୦୦୦ରେ ଆଧୁନିକ ଗୀତି ସଙ୍କଳନ 'ଏଇ କଳା ମୋର କଳଙ୍କ' ଆଦି ରହିଛି।






"ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେଗୁଡ଼ାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହିଁ। -ଶ୍ରୀମା

# ଯୁଦ୍ଧରୁ ଲାଭ

୭ ଅକ୍ଟୋବରରେ ଇସ୍ରାଏଲର ଏକ ସଙ୍ଗୀତ ଉତ୍ସବ ଉପରେ ଇସ୍‌ଲାମିକ ଉଗ୍ରବାଦୀ ହମାସ୍ କ୍ରୂରତାପୂର୍ଣ୍ଣ ଆକ୍ରମଣ କରିଥିଲା। ଏଥିରେ ୨୬୦ ଇସ୍ରାଏଲୀଙ୍କ ମୃତ୍ୟୁ ଘଟିବା ସହ ୧୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଇସ୍ରାଏଲ ଏହାର ପ୍ରତିଶୋଧ ନେବାକୁ ଯାଇ ହମାସ୍‌ର ଆଡ୍ଡା ଗାଜା ଉପରେ ଆକ୍ରମଣ ଜାରି ରଖିଛି। ଆକ୍ରମଣ ପରେ ଗାଜାରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ବିସ୍ଥାପିତ ହେବା ସହ ୭୨୪ ଶିଶୁଙ୍କ ସମେତ ୨୬୦୦ ଲୋକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବିସ୍ଥାପିତଙ୍କ ସହ ଶିଶୁମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଉଲ୍ଲେଖନୀୟ ଯେ, ଚଳିତ ଦଶନ୍ଧିର ପ୍ରାରମ୍ଭରେ ଆଫଗାନିସ୍ତାନରୁ ଆମେରିକା ସେନା ପ୍ରତ୍ୟାହାର ପରେ ତାଲିବାନ୍ ତାହାର ବର୍ବରତା ଆରମ୍ଭ କରିଥିଲା। ଏଥିରେ ବିସ୍ଥାପିତ ହୋଇଥିବା ପାଖାପାଖି ୮ ଲକ୍ଷ ଲୋକଙ୍କ ମଧ୍ୟରେ ୫୭% ପିଲା ଓ ୨୧% ମହିଳା ଥିଲେ। ଏହାପରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଦେଢ଼ ବର୍ଷ ହେଲା ଜାରି ରହିଛି। ତେବେ ଏହି ଯୁଦ୍ଧ ଆରମ୍ଭ ହେବାର ମାତ୍ର ୧ ମାସ ମଧ୍ୟରେ ଦେଶର ମୋଟ ଶିଶୁଙ୍କ ସଂଖ୍ୟା ୭.୫ ମିଲିୟନ (୭୫ ଲକ୍ଷ) ମଧ୍ୟରୁ ଅଧାରୁ ଅଧିକ ଅର୍ଥାତ୍ ୪.୩ ମିଲିୟନ (୪୩ ଲକ୍ଷ) ବିସ୍ଥାପିତ ହୋଇଥିଲେ। ଏହି ପିଲାମାନଙ୍କ ମଧ୍ୟରୁ ୧୮ ଲକ୍ଷ ଦେଶ ବାହାରେ ଶରଣାର୍ଥୀ କ୍ୟାମ୍ପରେ ଓ ଅନ୍ୟମାନେ ଦେଶ ଭିତରେ ବିଭିନ୍ନ ସ୍ଥାନରେ ଅଛନ୍ତି। କେବଳ ଯୁଦ୍ଧ ନୁହେଁ; ଆଫ୍ରିକୀୟ ଦେଶ ୟେମେନ, କଙ୍ଗୋ, ସୋମାଲିଆ, ମାଲି, ନାଇଜେରିଆ, ବୁର୍କିନା ଫାସୋ ଆଦି ଦେଶରେ ଜାତିଗତ ହିଂସା ଯୋଗୁ ପରିବାର ସହ ପିଲାମାନେ ବିସ୍ଥାପିତ ହେଉଛନ୍ତି। ଏସିଆରେ ମ୍ୟାନ୍‌ମାର, ଆଫଗାନିସ୍ଥାନରେ ଏହା ଅଧିକ ଘଟୁଥିବାବେଳେ ଭାରତରେ ବି ଜାତିଗତ ହିଂସା କାରଣରୁ ବିସ୍ଥାପିତ ପରିବାର ସହ ପିଲାମାନେ କ୍ୟାମ୍ପରେ ରହୁଛନ୍ତି।

ଅତୀତରେ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଆସାମ, ତ୍ରିପୁରା, ମଣିପୁର ଏବଂ ଜମ୍ମୁ-କଶ୍ମୀରରେ ହିଂସା କାରଣରୁ ପିଲାମାନେ ବିସ୍ଥାପିତ ହୋଇଛନ୍ତି। ଏବେ ମଣିପୁରରେ ପାଖାପାଖି ୬ ମାସ ହେଲା ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ଲାଗିରହିଥିବା ଜାତିଗତ ହିଂସାରେ ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବିସ୍ଥାପିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୪,୦୦୦ରୁ ଅଧିକ ପିଲା ଅଛନ୍ତି ଓ ମିଜୋରାମର ସ୍କୁଲଗୁଡ଼ିକରେ ସେମାନଙ୍କ ନାମ ଲେଖାଯାଇଛି। ଏହା ସ୍ପଷ୍ଟ ଯେ, ଶିଶୁର ସର୍ବାଙ୍ଗୀନ ଉନ୍ନତି କେବଳ ଶିକ୍ଷା ଦ୍ୱାରା ସମ୍ଭବ ନୁହେଁ। ସାମାଜିକ ସୁରକ୍ଷା, ଉପଯୁକ୍ତ ପାରିବାରିକ ଯତ୍ନ ପିଲାଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶର ଆଧାର। ବିସ୍ଥାପନ ପରେ ଥଇଥାନ ଶିବିରରେ ଭୟ ଓ ଅସୁରକ୍ଷା ବଳୟରେ ଥିବା ପରିବାରଠାରୁ ପିଲାମାନେ ଏସବୁରୁ ବଞ୍ଚିତ ହୁଅନ୍ତି। ଏହାଯୋଗୁ ସେମାନଙ୍କ ମାସିକ ସ୍ତର ପ୍ରଭାବିତ ହୋଇଥାଏ ବୋଲି ମନସ୍ତତ୍ତ୍ୱବିତ୍‌ଙ୍କ ମତ। ବିଶ୍ୱର ପ୍ରତ୍ୟେକ ଦେଶରେ ବିସ୍ଥାପିତ ହେଉଥିବା ପିଲାମାନେ ଶାରୀରିକ ଓ ଯୌନ ହିଂସାରେ ଅଧିକ ଶିକାର ହେଉଛନ୍ତି ଏବଂ ଅପପୁଷ୍ଟି ସେମାନଙ୍କ ଚିର ସାଥୀ ବୋଲି ୟୁନାଇଟେଡ୍ ନେଶନ୍ସ ଚିଲ୍‌ଡ୍ରେନ୍ସ ଫଣ୍ଡ (ୟୁନିସେଫ୍) ରିପୋର୍ଟରୁ ଜଣାପଡ଼ିଛି। ଏତଦ୍ ବ୍ୟତୀତ ଜାତିଗତ ସଂଘର୍ଷରେ ଲିପ୍ତ ଉଗ୍ରବାଦୀ ଗୋଷ୍ଠୀ ବିସ୍ଥାପିତ ଶିଶୁମାନଙ୍କୁ ସଂଘର୍ଷରେ ନିୟୋଜିତ କରୁଛନ୍ତି, ଯାହାର ଉଦାହରଣ ସୋମାଲିଆ ଓ ନାଇଜେରିଆରେ ହୋଇଥିବା କେତୋଟି ଆକ୍ରମଣରେ ଦେଖିବାକୁ ମିଳିଛି।

> ପ୍ରାୟ ପୃଥିବୀର ସବୁ ଦେଶରେ ଶିଶୁ ଏବଂ ମା'ଙ୍କୁ ଲକ୍ଷ୍ୟକରି ହିଂସା ବଢ଼ୁଥିବାର କାରଣ ବୁଝିବା କଷ୍ଟକର ନୁହେଁ। ସେହିମାନେ ସବୁଠାରୁ ଦୁର୍ବଳ ହୋଇଥିବାରୁ ଯୁଦ୍ଧ, ଧର୍ମ ଏବଂ ଜାତିଗତ ସଂଘର୍ଷରେ ତାଙ୍କୁ ହିଁ ଶିକାର କରିବା ସହଜ ହୋଇଯାଉଛି।

ୟୁନିସେଫ୍ ରିପୋର୍ଟ ମୁତାବକ ଚରମ ଜଳବାୟୁ ବିପର୍ଯ୍ୟୟ କାରଣରୁ ଗତ ୬ ବର୍ଷ ହେଲା ପ୍ରତିଦିନ ୨୦,୦୦୦ ଶିଶୁ ବିସ୍ଥାପିତ ହେଉଛନ୍ତି। ଏହି ହାର ଫିଲିପାଇନ୍ସ, ଚାଇନା ଓ ଭାରତରେ ଅଧିକ। ଜଳବାୟୁ ପରିବର୍ତ୍ତନ ପ୍ରଭାବ ଯୋଗୁ ବିଶ୍ୱର ସାମ୍ପ୍ରତିକ ସ୍ଥିତିରେ କ୍ଷୁଧା ଓ ଦାରିଦ୍ର୍ୟ ବଢ଼ୁଥିବାବେଳେ ଯୁଦ୍ଧ ଏବଂ ଆଞ୍ଚଳିକ ସଂଘର୍ଷ ବିସ୍ଥାପିତ ପିଲାମାନଙ୍କ ପାଇଁ ବିପଦ ଭାବେ ଉଭା ହୋଇଛି। ଏହି ପ୍ରଚ୍ଛଦପଟରେ ଦେଖିବାକୁ ଗଲେ ସମଗ୍ର ପୃଥିବୀରେ ବୃଦ୍ଧି ପାଉଥିବା ଅଶାନ୍ତ ପରିସ୍ଥିତି ପିଲାମାନଙ୍କୁ ଅଧିକ କ୍ଷତି ପହଞ୍ଚାଉଛି। ପ୍ରାୟ ପୃଥିବୀର ସବୁ ଦେଶରେ ଶିଶୁ ଏବଂ ମା'ଙ୍କୁ ଲକ୍ଷ୍ୟକରି ହିଂସା ବଢ଼ୁଥିବାର କାରଣ ବୁଝିବା କଷ୍ଟକର ନୁହେଁ। ସେହିମାନେ ସବୁଠାରୁ ଦୁର୍ବଳ ହୋଇଥିବାରୁ ଯୁଦ୍ଧ, ଧର୍ମ ଏବଂ ଜାତିଗତ ସଂଘର୍ଷରେ ତାଙ୍କୁ ହିଁ ଶିକାର କରିବା ସହଜ ହୋଇଯାଉଛି। ଅଧିକାଂଶ ଦେଶର ବ୍ୟବସ୍ଥା ଏହିଭଳି ପରିସ୍ଥିତିକୁ ସାହାଯ୍ୟ କରୁଥିବାବେଳେ ଜାତିସଂଘ ଭଳି ସଂସ୍ଥା କୌଣସି ପରିବର୍ତ୍ତନ ଆଣିପାରିବ ବୋଲି ବିଶ୍ୱାସ ହେଉନାହିଁ। ଏଥିରେ କେବଳ ମାନସିକତାର ପରିବର୍ତ୍ତନ ସମ୍ଭବତଃ ଭବିଷ୍ୟତକୁ ବଦଳାଇପାରିବ। ଏଥିସହିତ ଗୁରୁତ୍ୱପୂର୍ଣ୍ଣ ହୋଇଯାଉଛି ବ୍ୟବସାୟିକ ସ୍ୱାର୍ଥ। ସବୁବେଳେ ଯୁଦ୍ଧ ଏବଂ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବା ପଛରେ ବିରାଟକାୟ ବ୍ୟବସାୟିକ ଲାଭ ରହିଛି। ତହିଁରେ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଏହିଭଳି ପରିସ୍ଥିତି ବୃଦ୍ଧି ହେବାରେ ଲାଗିବ। ଅନ୍ୟ ଶବ୍ଦରେ କହିବାକୁ ଗଲେ ଶାନ୍ତି ଯୋଗୁ ବ୍ୟବସାୟ ମଉଳିଯାଏ, ଯୁଦ୍ଧରେ ବ୍ୟବସାୟ ବୃଦ୍ଧି ହୁଏ।

# ମତଦାନ ଓ ଗଣତନ୍ତ୍ର



ଲଳିତ ମୋହନ ମିଶ୍ର

ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କ ସଫଳତା ମୂଳଦୁଆ ହେଲା ସୁଚିନ୍ତିତ ତଥା ଅବାଧ ଓ ମୁକ୍ତ ମତଦାନ। ଛୋଟ ଛୋଟ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଲୋକମାନେ ନିର୍ବାଚନରେ ମତଦାନ ବେଳେ ରାଜନୈତିକ ଦଳମାନଙ୍କର ଆଦର୍ଶ ଓ ନୀତି ତଥା ପ୍ରାର୍ଥୀମାନଙ୍କର ଆଭିମୁଖ୍ୟ ଉପରେ ତଥ୍ୟ ସଂଗ୍ରହ କରିବା ସମ୍ଭବ ହୋଇଥିବାବେଳେ ବଡ଼ ବଡ଼ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଏହା ସମ୍ଭବପର ହୋଇ ନ ଥାଏ। ବିଶେଷକରି ଯେଉଁ ବଡ଼ ବଡ଼ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ସାକ୍ଷରତା ଓ ଶିକ୍ଷାର ମାନଦଣ୍ଡ ଦୁର୍ବଳ, ସେ ଦେଶମାନଙ୍କର ନାଗରିକମାନେ ସୁଚିନ୍ତିତ ମତଦାନ ନ କରି ଭାବପ୍ରବଣତା ଆଧାରରେ ନିର୍ବାଚନରେ ମତଦାନ କରିଥାଆନ୍ତି। ଏହାଫଳରେ ଗଣତନ୍ତ୍ର ଦୁର୍ବଳ ହୋଇଥାଏ। ଗଣତାନ୍ତ୍ରିକ ଶାସନର ମୂଳଲକ୍ଷ୍ୟ ହେଲା ସମସ୍ତ ଲୋକଙ୍କର ଜୀବନଧାରଣ ମାନଦଣ୍ଡର ବୃଦ୍ଧି। ଯଦି ଏହା ହେଉନାହିଁ ତେବେ ବୁଝିବାକୁ ହେବ ଯେ ଗଣତାନ୍ତ୍ରିକ ବ୍ୟବସ୍ଥା ଦୁର୍ବଳ। ୟୁଏନ୍‌ଡିପି ବା ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ପ୍ରସ୍ତୁତ 'ହ୍ୟୁମାନ ଡେଭଲପମେଣ୍ଟ ଇଣ୍ଡେକ୍ସ' ବା ମାନବ ବିକାଶ ସୂଚୀ-୨୦୨୩ ବିବରଣୀରେ ଭାରତର ସ୍ଥାନ ୧୯୧ଟି ଦେଶ ମଧ୍ୟରୁ ୧୩୨ । ଏହା ସୂଚନା ଦିଏ ଯେ ସ୍ୱାଧୀନତା ପରଠାରୁ ଆମ ଦେଶରେ ଯଥେଷ୍ଟ ବିକାଶ ହୋଇଥିଲେ ମଧ୍ୟ ସବୁଲୋକଙ୍କ ପାଖରେ ବିକାଶର ସୁଫଳ ଆଜି ସୁଦ୍ଧା ପହଞ୍ଚିପାରିନାହିଁ। ଲୋକେ ବିକାଶ ପ୍ରସଙ୍ଗରେ ନିର୍ବାଚନରେ ମତଦାନ କରୁ ନ ଥିବାରୁ ଲୋକଙ୍କ ସ୍ଥିତିରେ ରୂପାନ୍ତରଣ ନ ହେବା ସ୍ୱାଭାବିକ। ଏଠାରେ ଆମ ଦେଶରେ ମତଦାନ ବ୍ୟବସ୍ଥା ଉପରେ ଆଲୋଚନା କରିବା।

ମତଦାନଜନିତ ପ୍ରଥମ ସମସ୍ୟା ହେଲା, ଲୋକେ ମତଦାନ ନ କରିବା ବା 'ନୋଟା'ରେ ଭୋଟ୍ ଦେବା। ୨୦୧୯ଲୋକସଭା ନିର୍ବାଚନରେ ୬୭.୪୦ ପ୍ରତିଶତ ମତଦାନ ହେଲା । ଏହାର ୩୭% ଭୋଟ୍ (ଅର୍ଥାତ୍ ମୋଟ୍ ମତଦାତାଙ୍କ ୨୫% ଭୋଟ) ପାଇ ଭାରତୀୟ ଜନତା ପାର୍ଟି କେନ୍ଦ୍ରରେ ସରକାର ଗଠନ କଲା। ମତଦାନ ହାର ବୃଦ୍ଧି ନ ହେଲେ, କମ୍ ମତଦାନ ପାଇ ବି ଏକ ଦଳ ସରକାର ଗଠନ କରିପାରୁଛି, ଯାହାକି ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା ନୁହେଁ। ୨୦୧୯ ସାଧାରଣ ଲୋକ ସଭା ନିର୍ବାଚନରେ ସବୁଠୁ ଶିକ୍ଷିତ ରାଜ୍ୟ କେରଳରେ ୭୭ ପ୍ରତିଶତ ମତଦାନ ହୋଇଥିବା ବେଳେ ସବୁଠୁ ବଡରାଜ୍ୟ ଉତ୍ତରପ୍ରଦେଶରେ ୫୯.୨୦ ପ୍ରତିଶତ ମତଦାନ ହୋଇଥିଲା। ପୁରୁଷ ଅପେକ୍ଷା ମହିଳାମାନେ ଏବଂ ଗ୍ରାମୀଣ ଅପେକ୍ଷା ସହରୀ ମତଦାତାମାନେ କମ୍ ମତଦାନ କରିବା ଲକ୍ଷ୍ୟ କରାଯାଉଛି। ତେବେ ଓଡ଼ିଶାରେ ୭୩ ପ୍ରତିଶତ ମତଦାନ ଦେବା ଓ ମହିଳାଙ୍କ ମତଦାନ ୭୪ ପ୍ରତିଶତ ହେବା ଭଲ କଥା । କମ୍ ମତଦାନ ସମସ୍ୟାର ସମାଧାନ ହେବା ଆବଶ୍ୟକ ଓ ମତଦାନ ହାର ୯୦ପ୍ରତିଶତ ଉପରକୁ ରହିବା ଉଚିତ।

ଦ୍ୱିତୀୟ ମତଦାନ ସମସ୍ୟା କ୍ଷେତ୍ର ହେଲା 'ନୋଟା' (କାହାକୁ ମତଦାନ ନ କରିବା)ରେ ମତଦାନ। ୨୦୧୯ ଲୋକ ସଭା ନିର୍ବାଚନରେ ୧ ପ୍ରତିଶତ ମତଦାତା 'ନୋଟା'ରେ ମତଦାନ



କରିଥିଲେ। ତେବେ ବିହାର ପରି କେତେକ ରାଜ୍ୟରେ ଲୋକ ସଭା ନିର୍ବାଚନରେ ୨ପ୍ରତିଶତ ମତଦାତା 'ନୋଟା'ରେ ଭୋଟ ଦେବା ଦେଖାଯାଇଥିଲା। ନାଗାଲାଣ୍ଡରେ ସବୁଠୁ କମ୍ (୦.୨୧%) ନୋଟା ମତଦାନ ହୋଇଥିଲା। ସବୁଠୁ ଶିକ୍ଷିତ ରାଜ୍ୟ କେରଳରେ ୦.୫୧ପ୍ରତିଶତ ଏବଂ ସବୁଠୁ ବଡ଼ ରାଜ୍ୟ ଉତ୍ତରପ୍ରଦେଶରେ ୦.୮୪ ପ୍ରତିଶତ ନୋଟା ମତଦାନ ହୋଇଥିବାବେଳେ ଓଡ଼ିଶାରେ ୧.୩୧ ପ୍ରତିଶତ ମତଦାନ ହୋଇଥିଲା। ତେବେ ଓଡ଼ିଶାର ନବରଙ୍ଗପୁର ଲୋକ ସଭା ଆସନରେ ସର୍ବାଧିକ ନୋଟା ମତଦାନ (୩.୮୪%) ଥିଲା। ସେହିପରି ଓଡ଼ିଶାର ଆଦିବାସୀ ବହୁଳ ଅଞ୍ଚଳରେ ଉପକୂଳ ଅଞ୍ଚଳ ଅପେକ୍ଷା ଅଧିକ ନୋଟା ମତଦାନ ହୋଇଥାଏ। ମତଦାନ ହାର ଦେଶରେ କମ୍ ଥିବାବେଳେ ନୋଟା ବ୍ୟବସ୍ଥାରେ ଆଉ ୧% ଭୋଟ ହ୍ରାସ ହେଉଛି। କେତେକ ସ୍ଥାନରେ ନୋଟା- ଭୋଟଠାରୁ ଜିତିବା ଓ ହାରିବା ଭୋଟ୍ ବ୍ୟବଧାନ କମ୍ ରହୁଛି। ତେଣୁ ନୋଟା ବ୍ୟବସ୍ଥା ରହିବ କି ଏହାର ଉଚ୍ଛେଦ ହେବ, ତା' ଉପରେ ଆଲୋଚନ ହେବା ଆବଶ୍ୟକ।

ମତଦାନ ନ କରିବା ବିଷୟରେ ଆଲୋଚନା ପରେ ଏବେ ଯେଉଁମାନେ ମତଦାନ କରୁଛନ୍ତି ସେମାନେ କିପରି ମତଦାନ କରୁଛନ୍ତି ତାହା ଉପରେ ଆଲୋଚନା କରିବା। ନିର୍ବାଚନରେ ମତଦାନ ଜଣେ ନାଗରିକର ବ୍ୟକ୍ତିଗତ ସାମ୍ବିଧାନିକ ଅଧିକାର। ସେ ଅବାଧ ଓ ମୁକ୍ତ ଭାବେ ମତଦାନ କରିବା ସହିତ ସୁଚିନ୍ତିତ ଭାବେ ମତଦାନ କରିବା ଆବଶ୍ୟକ। କେତେକ ନିର୍ବାଚନମଣ୍ଡଳୀ ଓ କେତେକ ରାଜ୍ୟ ବ୍ୟତୀତ ଦେଶରେ ଆଉ ଡରେଇ ଧମକେଇ ମତଦାନ କରାଯାଉ ନାହିଁ। ବ୍ୟକ୍ତି ଭୋଟ ଦେବାବେଳେ ଲକ୍ଷ୍ୟାତ୍ମକ ଭାବରେ ତା'ର, ତା' ପରିବାର, ତା' ଗାଁ ଓ ସହର, ତା' ରାଜ୍ୟ ଓ ଦେଶର କ'ଣ ମୌଳିକ ସମସ୍ୟା ଅଛି ତାହାର ଏକ ସୂଚୀ ପ୍ରସ୍ତୁତ କରି ସେଗୁଡ଼ିକୁ କେଉଁ ଦଳ ସମାଧାନ କରିବାରେ ସକ୍ଷମ ହେବ ସେ ବିଷୟ ଭାବି ସେହି ଦଳକୁ ଭୋଟଦେବା କଥା। କିନ୍ତୁ ମତଦାତା ଏସବୁ ବିଶ୍ଳେଷଣ ନ କରି ମତଦାନ କରନ୍ତି। ଏପରି କି ଜାତିମୁଖିଆ, ଗାଁ ମୁଖିଆ, କ୍ଲବ ମୁଖିଆ, ମହିଳା ସଂଘ ମୁଖିଆଙ୍କ କଥାରେ ପଡ଼ି ସାମୂହିକ ଚାପରେ ଓ ମନ୍ଦିରରେ ନିୟମ କରି ଲୋକେ ଭୋଟଦେବା ଦେଖାଯାଉଛି।

ଅପରପକ୍ଷରେ, ଦଳମାନେ ଗଣମାଧ୍ୟମ ଓ ପ୍ରଚାରତନ୍ତ୍ରା ସାହାଯ୍ୟରେ ନିର୍ବାଚନ ପ୍ରସଙ୍ଗ ସ୍ଥିର କରୁଛନ୍ତି ଓ ତାକୁ ମତଦାତାଙ୍କ ଉପରେ ଲଦି ଦେଉଛନ୍ତି । ଯେଉଁ ପ୍ରସଙ୍ଗ ସହଜ, ଯାହା ବ୍ୟବସ୍ଥାକୁ ବିଶେଷ ପରିବର୍ତ୍ତନ କରିବନି, ଯାହା ଭାବପ୍ରବଣତା ସହ ଜଡ଼ିତ, ସେ ବିଷୟ ସବୁକୁ ନିର୍ବାଚନ ପ୍ରସଙ୍ଗ ଦଳମାନେ କରୁଛନ୍ତି । ଧର୍ମ, ଜାତି, ଲିଙ୍ଗ, ଭାଷା, ଆଞ୍ଚଳିକତା ଇତ୍ୟାଦି ଅପ୍ରସଙ୍ଗକୁ ଦଳମାନେ ପ୍ରସଙ୍ଗ କରିଥାଆନ୍ତି। ତେଣୁ ମତଦାତାମାନେ ଭାବପ୍ରବଣତା ଆଧାରରେ ମତଦାନ କରନ୍ତି।

ସେହିପରି ନିର୍ବାଚନରେ ଭାବପ୍ରବଣତା ମତଦାନର ଆଉ ଏକ କାରଣ ହେଲା ଟଙ୍କା କାରବାର। ନିର୍ବାଚନ କମିଶନ ଏହା ବନ୍ଦ କରିବାରେ ସକ୍ଷମ ହେଉନାହାନ୍ତି। ବ୍ୟକ୍ତିର ସାମାଜିକ ଆଭିମୁଖ୍ୟ ଅପେକ୍ଷା 'ଆର୍ଥିକ କ୍ଷମତା' ଏବେ ଦଳମାନଙ୍କର ପ୍ରାର୍ଥୀ ଚୟନର ଆଧାର ହେଲାଣି। ରାଜନୈତିକ ଦଳମାନେ ମଧ୍ୟ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଚାନ୍ଦା ଗ୍ରହଣ ବୃଦ୍ଧି କଲେଣି। ଟଙ୍କା ବହୁଳ ନିର୍ବାଚନରେ ଦଳମାନେ କର୍ପୋରେଟ୍‌ମାନଙ୍କଠାରୁ ନିର୍ବାଚନ ଚାନ୍ଦା ନେବା ଯୋଗୁ ନିର୍ବାଚନ ପରେ ସେମାନଙ୍କୁ ଅଧିକ ବ୍ୟାପାରିକ ସୁବିଧା ଦେଉଛନ୍ତି। ଫଳରେ ଦେଶରେ ଧନୀ-ଦାରିଦ୍ର୍ୟ ତାରତମ୍ୟ ବୃଦ୍ଧିପାଉଛି। ପ୍ରଥମ ପଦକ୍ଷେପ ସ୍ୱରୂପ ନାଗରିକମାନେ ଦଳମାନଙ୍କ ଆର୍ଥିକ ସ୍ଥିତି ଜାଣିବା ପାଇଁ ନିର୍ବାଚନ କମିଶନ ଦଳମାନଙ୍କର ଆୟର ଉତ୍ସକୁ 'ଆର୍‌ଟିଆଇ ଆଇନ' ଅଧୀନକୁ ଆଣିବା ଆବଶ୍ୟକ। କେହି କେହି ମଧ୍ୟ ନିର୍ବାଚନରେ କଳାଟଙ୍କା ଖର୍ଚ୍ଚ ରୋକିବା ପାଇଁ ସରକାରଙ୍କ ଦ୍ୱାରା ଦଳମାନଙ୍କର ନିର୍ବାଚନ ଖର୍ଚ୍ଚ ସମ୍ପୂର୍ଣ୍ଣ ବହନ କରିବାକୁ ମତ ଦେଉଛନ୍ତି।

ଅନ୍ୟ ଏକ ଭାବପ୍ରବଣ ମତଦାନର ଉତ୍ସ ହେଲା, ସମାଜର ଗରିବ ଶ୍ରେଣୀ ଓ ପଛୁଆବର୍ଗଙ୍କୁ ମାଗଣା ଦେବା ପାଇଁ ଦଳମାନେ ନିର୍ବାଚନ ପ୍ରତିଶ୍ରୁତି ଦେବା। ଏହା ମାଗଣା ଚାଉଳ, ମାଗଣା ବସ୍ ସେବା, ମାଗଣା ବିଦ୍ୟୁତ୍ ସେବା, ମାଗଣା ମୋବାଇଲ ଆଦିରେ ପହଞ୍ଚିଲାଣି।। ଆର୍ଥିକ ଢାଞ୍ଚାରେ ପରିବର୍ତ୍ତନ କରି ଦାରିଦ୍ର୍ୟ ଓ ବେକାରି ଦୂରକରଣ କରିବା ପ୍ରତିଶ୍ରୁତି ଦେବା ଅପେକ୍ଷା ମାଗଣା ବାଣ୍ଟିବା କାର୍ଯ୍ୟ ଅତି ସହଜ ହେଉଥିବାରୁ ରାଜନୈତିକ ଦଳମାନେ ତାହା କରୁଛନ୍ତି। ଲୋକଙ୍କୁ ଏ ଦିଗରେ ସଚେତନ କରିବା ପାଇଁ ନିର୍ବାଚନ କମିଶନର କାମ କରିବା ଆବଶ୍ୟକ।

୨୦୨୪ ସାଧାରଣ ଲୋକ ସଭା ନିର୍ବାଚନ ଆସନ୍ତା ଏପ୍ରିଲ ଓ ମେ' ମାସରେ ହେବାର ସୂଚନା ରହିଛି। ତେବେ ଏହି ନିର୍ବାଚନରେ ଦେଶର ଆର୍ଥିକ ଢାଞ୍ଚାରେ ପରିବର୍ତ୍ତନ ଉପରେ ବିତର୍କ ନ ହୋଇ ନିର୍ବାଚନ ପ୍ରସଙ୍ଗ ଓବିସି, ଜାତି, ଧର୍ମ, ଜାତୀୟତାବାଦ, ଭ୍ରଷ୍ଟାଚାର ନିବାରଣ ଆଦି ଭାବପ୍ରବଣତା ବିଷୟ ହେବା ଅନୁମାନ କରାଗଲାଣି। ଦେଶରେ ଦାରିଦ୍ର୍ୟ ଓ ବେରୋଜଗାରିର ସମାଧାନ କରିବାକୁ ହେଲେ ୧୯୯୧ରୁ ଦେଶରେ ଚାଲିଥିବା ଉଦାରୀକରଣ-ଜଗତୀକରଣ-ଘରୋଇକରଣ ଆର୍ଥିକ ଢାଞ୍ଚାର ପୁନର୍ଗଠନ ହେବା ଆବଶ୍ୟକ। ଏହା କେନ୍ଦ୍ର ସରକାର କରିପାରିବେ। ଯଦି ନିର୍ବାଚନରେ ଏ ପ୍ରସଙ୍ଗ ନ ରହେ ତେବେ ନିର୍ବାଚନରେ ଯେକୌଣସି ଦଳ କେନ୍ଦ୍ର ସରକାର ଗଢ଼ିଲେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ବିଶେଷ ଲାଭ ନ ହେବା ସ୍ପଷ୍ଟ।

ମୋ-୭୦୦୮୨୩୩୭୨୯

# ଭାରତରେ ମହାକାଶ ପ୍ରଯୁକ୍ତି



ସୌରଜିତ ପ୍ରଧାନୀ

ଭାରତ ମହାକାଶ ଦୌଡ଼ ଏକ ନୂତନ ଯୁଗରେ ପ୍ରବେଶ କରୁଛି। ଗତ ୨୦ ବର୍ଷମଧ୍ୟରେ ଦେଶ ଅଧିକ ସଫଳତା ହାସଲ କରିଛି, ଯେଉଁଥିରେ ରହିଛି ମଙ୍ଗଳୟାନ-୧ର ସଫଳ ଅଭିଯାନଠାରୁ ଆରମ୍ଭ କରି ଚନ୍ଦ୍ରର ଅନ୍ଧାର ପାର୍ଶ୍ୱକୁ ଖୋଜିବା ପାଇଁ ଚନ୍ଦ୍ରୟାନ-୩ ଏବଂ ସର୍ବଶେଷ ଆଦିତ୍ୟ-ଏଲ୍୧ ସୌର ନିରୀକ୍ଷଣ ପ୍ରକଳ୍ପର ସଫଳତା। ଆଜି ବିଶ୍ୱ ମହାକାଶ ଅର୍ଥବ୍ୟବସ୍ଥାରେ ଭାରତକୁ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ପ୍ରତିଷ୍ଠିତ କରିବା ପାଇଁ ଘରୋଇ ଉଦ୍ୟୋଗର ଯୋଗଦାନ ଅଧିକ ରହିଛି।

ସରକାରୀ କ୍ଷେତ୍ରରେ ଏକ ଶୀର୍ଷ ମାନ୍ୟତାପ୍ରାପ୍ତ ମହାକାଶ ଗବେଷଣା ସଂସ୍ଥା ଭାବେ ଇସ୍ରୋ କାର୍ଯ୍ୟ କରିଆସୁଛି। ଏହାର ସଫଳ ଅଭିଯାନ ଘରୋଇ ସଂସ୍ଥା ସହିତ ସହଯୋଗକୁ ଉତ୍ସାହିତ କରିଛି। ଏହା ମହାକାଶ ଉଦ୍ୟୋଗ ପାଇଁ ଏକ ସୁଦୃଢ଼ ମୂଳଦୁଆ ସ୍ଥାପନ କରିଛି ଏବଂ ଡିଜିଟାଲ ଯୁଗର ମହାକାଶ ପ୍ରଯୁକ୍ତି ଷ୍ଟାର୍ଟଅପ ପାଇଁ ସୁଯୋଗ ସୃଷ୍ଟି କରିଚାଲିଛି। ଭାରତୀୟ ଜାତୀୟ ମହାକାଶ ପ୍ରୋତ୍ସାହନ ଏବଂ ପ୍ରାଧିକରଣ କେନ୍ଦ୍ର (IN-SPACe) ପ୍ରତିଷ୍ଠା, ଦ୍ୱିତୀୟ ନୋଡାଲ ଏଜେନ୍ସି ସ୍ୱୟଂଶାସିତ ଭାବେ ମହାକାଶ ବିଭାଗ ଏବଂ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଏହି କ୍ଷେତ୍ରର ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ ଦଶନ୍ଧି ମଧ୍ୟରେ ମହାକାଶ ପ୍ରଯୁକ୍ତି ଷ୍ଟାର୍ଟଅପର ଅଭିବୃଦ୍ଧି ଫଳରେ ନୂତନ ଦୃଷ୍ଟିକୋଣ, ପ୍ରଯୁକ୍ତି ଉଦ୍ଭାବନ ଏବଂ ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ଷେତ୍ର ସୃଷ୍ଟି ହୋଇଛି। ଅବଶ୍ୟ, ସମସ୍ତ ଘରୋଇ ମିଶନ ଏବେ ଗଭୀର ମହାକାଶ ଅନୁଧ୍ୟାନ ଓ ଅନୁସନ୍ଧାନ ହେଉ କିମ୍ବା ପ୍ରତିରକ୍ଷାଠାରୁ ଆରମ୍ଭ କରି ପରିବେଶ ଏବଂ ବିପର୍ଯ୍ୟୟ ପରିଚାଳନା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଆଗକୁ ବଢ଼ିପାରୁଛି। ବିଭିନ୍ନ କକ୍ଷପଥ ସ୍ତର କିମ୍ବା ରିମୋଟ ସେନ୍ସିଂ ଏବଂ ଉପଗ୍ରହ ତଥ୍ୟ ବିଶ୍ଳେଷଣ ପାଇଁ ବସ୍ତୁ ପ୍ରେରଣ କରିବାଠାରୁ ଆରମ୍ଭ କରି କୃଷି ଓ ମତ୍ସ୍ୟଠାରୁ ଆରମ୍ଭ କରି ଏବଂ ଦୂରସଞ୍ଚାର, ସାମୁଦ୍ରିକ କାର୍ଯ୍ୟକଳାପ କାର୍ଯ୍ୟକଳାପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛନ୍ତି।

ସରକାର ଏବଂ ଘରୋଇ କ୍ଷେତ୍ରର ସହଯୋଗ ଓ ସମର୍ଥନରେ ନବଗଠିତ ମହାକାଶ ପ୍ରଯୁକ୍ତି (ସ୍ପେସ୍ ଟେକ୍) ଷ୍ଟାର୍ଟଅପ ଭାରତୀୟ ମହାକାଶ ଶିଳ୍ପରେ ଅଭିବୃଦ୍ଧିକୁ ଆଗେଇ ନେବାର କେତେକ ପ୍ରମୁଖ କାରଣ ରହିଛି। ଭାରତୀୟ ମହାକାଶ ପ୍ରଯୁକ୍ତି କମ୍ପାନୀଗୁଡ଼ିକ ନିଜର ଇଞ୍ଜିନିୟରିଂ ନୀତି ଆଧାରରେ ସମସ୍ୟା ସମାଧାନ ପାଇଁ ବେଶ୍ ଜଣାଶୁଣା। ଏହା ଘରୋଇ ଗ୍ରାହକଙ୍କୁ ଆକର୍ଷିତ କରିବା ସହ ଷ୍ଟାର୍ଟଅପଗୁଡ଼ିକୁ ଅନ୍ତର୍ଜାତୀୟ ସ୍ତରରେ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଭାବେ ସ୍ଥାନିତ କରୁଛି।

ଜ୍ଞାନର ଆଦାନପ୍ରଦାନ, ପ୍ରଯୁକ୍ତି ହସ୍ତାନ୍ତର ଏବଂ ମିଳିତ ଅଭିଯାନକୁ ସୁଗମ କରିବା ଲାଗି ଭାରତ ଅନ୍ତର୍ଜାତୀୟ ମହାକାଶ ଏଜେନ୍ସି ଏବଂ ନିଗମଗୁଡ଼ିକ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ଏବେ ସୁଦ୍ଧା ଭାରତ ୬୫ରୁ ଅଧିକ ଦେଶ ସହିତ ସମ୍ପର୍କ ସ୍ଥାପନ କରି ଆସୁଛି। ୟୁରୋପୀୟ ସେଣ୍ଟର ଫର ମିଡିୟମ-ରେଞ୍ଜ ୱେଦର ଫୋରକାଷ୍ଟ (ECM-WF) ଭଳି ଅନ୍ତର୍ଜାତୀୟ ବହୁପକ୍ଷୀୟ ସଂସ୍ଥା ସହିତ



ଉପକରଣ ସହାୟତା ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଛି। ଏହି ନୀତିରେ ମହାକାଶ ଆଧାରିତ ଯୋଗାଯୋଗ, ରାଷ୍ଟ୍ରର ଆବଶ୍ୟକତା ଏବଂ ବାଣିଜ୍ୟିକ, ସୁରକ୍ଷିତ ଏବଂ ସାମାଜିକ ଯୋଗାଯୋଗ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପାଇଁ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହା ସ୍ଥାନୀୟ ଏବଂ ବିଶ୍ୱ ଯୋଗାଯୋଗ ସେବା ବଜାର ପାଇଁ ଦ୍ୱାର ଉନ୍ମୁକ୍ତ କରିଛି। ଭାରତୀୟ ଅନ୍ତରୀକ୍ଷ ନୀତିରେ ଭାରତ ମଧ୍ୟରେ ରିମୋଟ ସେନ୍ସିଂ ଆପ୍ଲିକେଶନକୁ ପରିଚାଳନା କରିବା ଓ ସରକାରୀ ଅନୁମୋଦନ ହାସଲ କରିବା ପାଇଁ ସ୍ପଷ୍ଟ ଏବଂ ବ୍ୟାପକ ଢାଞ୍ଚା ଓ ବିସ୍ତୃତ ବ୍ୟବସ୍ଥିତ ପ୍ରକ୍ରିୟା ବିଷୟରେ ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ଅଂଶୀଦାରମାନେ ଏହି କ୍ଷେତ୍ରରେ ସକ୍ରିୟ ଭାବେ ଭାଗ ନେବା ଲାଗି ପ୍ରୋତ୍ସାହିତ ହେବେ ଏବଂ ମହାକାଶ ପ୍ରଯୁକ୍ତିର ବ୍ୟବସାୟୀକରଣକୁ ଆଗକୁ ବଢ଼ାଇବେ।

ଭାରତୀୟ ଅନ୍ତରୀକ୍ଷ ନୀତି ୨୦୨୩ର ଉଦ୍ଦେଶ୍ୟ ହେଉଛି ଘରୋଇ କ୍ଷେତ୍ରକୁ ଅନ୍ତରୀକ୍ଷ ଉଦ୍ୟୋଗରେ ଏକୀକୃତ କରିବା ପାଇଁ ଏକ ଢାଞ୍ଚା ପ୍ରତିଷ୍ଠା କରିବା, ଯାହାଦ୍ୱାରା ଇସ୍ରୋ ଗବେଷଣା ଏବଂ ବିକାଶ ମାଧ୍ୟମରେ ଅନ୍ତରୀକ୍ଷ ପ୍ରଯୁକ୍ତିକୁ ଆଗକୁ ବଢ଼ାଇବା ଉପରେ ଧ୍ୟାନ କେନ୍ଦ୍ରିତ କରିପାରିବ। ଏହି ନୀତି ମହାକାଶ ସମ୍ବନ୍ଧୀୟ ସଂସ୍କାରରେ ଆବଶ୍ୟକୀୟ ସ୍ୱଚ୍ଛତା ଆଣିବ ଏବଂ ଘରୋଇ କ୍ଷେତ୍ରର ଭାଗୀଦାରିକୁ ପ୍ରୋତ୍ସାହିତ କରିବ; ଯାହାଫଳରେ ଭାରତରେ ମହାକାଶ ଅର୍ଥବ୍ୟବସ୍ଥାର ବିକାଶକୁ ପ୍ରୋତ୍ସାହନ ମିଳିବ ବୋଲି ଆଶା କରାଯାଉଛି।

ଭାରତ ଏକ ମହାକାଶ-କେନ୍ଦ୍ରିତ ପିଏଲଆଇ ଯୋଜନା ପ୍ରଚଳନ କରିବା ଉଚିତ; ଯାହା ଅତ୍ୟଧିକ ପରିମାଣର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ପାଇଁ ସମାନ ଏବଂ ସ୍ୱଦେଶୀ କ୍ଷମତା ନିର୍ମାଣ ଏବଂ କ୍ରୟକୁ ପ୍ରୋତ୍ସାହିତ କରିବ। ସରକାର, ଶିକ୍ଷାନୁଷ୍ଠାନ ଏବଂ ଘରୋଇ କ୍ଷେତ୍ର ମଧ୍ୟରେ ସହଯୋଗ ଦ୍ୱାରା ନବସୃଜନ ଏବଂ ଜ୍ଞାନ ସମ୍ପ୍ରସାରଣ ସମ୍ଭବ ହୋଇପାରିବ।

ନୂତନ ଉତ୍‌କ୍ଷେପଣ ସୁବିଧା, ପରୀକ୍ଷଣ ଏବଂ ଏକୀକରଣ କେନ୍ଦ୍ର, ଗ୍ରାଉଣ୍ଡ ଷ୍ଟେଶନ ଏବଂ ଅତିରିକ୍ତ ଭିତ୍ତିଭୂମିର ବିକାଶ ଭାରତକୁ ସବୁଠାରୁ ପ୍ରତିଯୋଗିତାମୂଳକ ବଜାରରେ ପରିଣତ କରିବ ଏବଂ ଷ୍ଟାର୍ଟଅପ ସେହି ଅନୁସାରେ ଲାଭବାନ ହେବେ। ସରଳ ଭାଷାରେ କହିଲେ, ମହାକାଶ ପ୍ରଯୁକ୍ତି କ୍ଷେତ୍ରରେ ପ୍ରଗତିକୁ ପ୍ରୋତ୍ସାହନ ଦେବା ପାଇଁ ଗବେଷଣା ଓ ବିକାଶ, ପ୍ରଯୁକ୍ତି ଏବଂ ବ୍ୟବସାୟିକ ନବସୃଜନ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ଜରୁରୀ। ସରକାରୀ ଏବଂ ଘରୋଇ ସଂସ୍ଥାମାନେ ମିଳିତ ଭାବେ ଏହି କ୍ଷେତ୍ରରେ ସଚେତନତା ବୃଦ୍ଧି ପାଇଁ କାର୍ଯ୍ୟ କରିବା ଆବଶ୍ୟକ। ବିଶେଷ କରି ସିଷ୍ଟମ ଇଞ୍ଜିନିୟରିଂ, ଏରୋସ୍ପେସ ଇଞ୍ଜିନିୟରିଂ, ସାଟେଲାଇଟ ଟେକ୍ନୋଲୋଜି, ଡାଟା ଆନାଲିଟିକ୍ସ ଏବଂ ସ୍ପେସ ଲ' ଭଳି ଶିକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧିକ ପୁଞ୍ଜିନିବେଶ କରାଯାଉଛି। ଶେଷରେ, ମହାକାଶ ପ୍ରତିଯୋଗିତାରେ ବିଜୟୀ ହେବା ପାଇଁ ଏକ କୁଶଳୀ ଶ୍ରମଶକ୍ତି ଗୁରୁତ୍ୱପୂର୍ଣ୍ଣ।

**ଏଡ୍‌ଟେକ ଷ୍ଟାର୍ଟଅପ HousQr ପ୍ରତିଷ୍ଠାତା**
**ମୋ:୯୯୬୭୧୦୨୨୬୪**

## ଏଇ ଭାରତରେ

ରାସ୍ତାକଡ଼ରେ ବହୁ ଅସହାୟ ଶିଶୁ ବୁଲୁଥିବା ଦେଖାଯାଏ। ସେମାନଙ୍କ ପରିବାର ବି ରାସ୍ତାକଡ଼ରେ ରହି ସେମାନଙ୍କୁ ଭିକ୍ଷା ପାଇଁ ପ୍ରେରିତ କରିଥାନ୍ତି। ଏହା ବ୍ୟତୀତ ରାସ୍ତାକଡ଼ ଢାବା କିମ୍ବା ବିଭିନ୍ନ ପ୍ଲାଷ୍ଟିକ୍ ସଂଗ୍ରହ କେନ୍ଦ୍ରରେ ଏମାନେ ପରିବାର ସଦସ୍ୟଙ୍କ ସହ କାମ ବି କରିଥାନ୍ତି। କମ୍ ବୟସରେ ନିଶା ସେବନକରି ଏହି ପିଲାମାନେ ଖାଇବା ଭୁଲିଯାଆନ୍ତି। ଫଳରେ ସେମାନଙ୍କ ସ୍ୱାସ୍ଥ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଥାଏ। ଏଭଳି ଅବସ୍ଥାରେ ରହୁଥିବା ପିଲାମାନଙ୍କୁ କୋଲକାତାର ମୋଇନ ବାନାର୍ଜୀ ଉଦ୍ଧାରକରି ଶିକ୍ଷାର ମୁଖ୍ୟ ସ୍ରୋତରେ ଯୋଡ଼ିବାରେ ଲାଗିଛନ୍ତି। ପ୍ରଥମେ ୭ରୁ ୧୧ ବର୍ଷ ବୟସର ପାଖାପାଖି କେତେଜଣ ଶିଶୁଙ୍କୁ ଉଦ୍ଧାରକରି ଶିକ୍ଷକଙ୍କ ସହାୟତାରେ ପଢ଼ାଇବା ଆରମ୍ଭ କରିଥିଲେ। ଏଥିପାଇଁ ସେ କାମ କରୁଥିବା ମହାଜୀବନ ସଂସ୍ଥାର ସହଯୋଗ ଲୋଡ଼ିଥିଲେ। ଏହା ସହ ଚାଇଲ୍ଡଲାଇଫ୍ ଏନ୍‌ଜିଓ ସହଯୋଗରେ ପିଲାମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେବା ସହ ସେମାନଙ୍କ କାଉନସେଲିଂ କରୁଛନ୍ତି। ଏବେ ସେ ପାଖାପାଖି ୪୦ଜଣ ଶିଶୁଙ୍କୁ ନିଶା କବଳରୁ ମୁକ୍ତକରି ସ୍କୁଲକୁ ଆଣିପାରିଛନ୍ତି। ଏହି ପିଲାମାନଙ୍କ ପରିବାର ମଧ୍ୟ ଶିକ୍ଷାର ମହତ୍ତ୍ୱ ଉପଲବ୍ଧି କରିବା ପରେ ଶିକ୍ଷା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଅକ୍ଟୋବର ୧୯୯୮**

- ଆସାମର ନାଗାଓଁ ଜିଲାରେ ଦୁଇଟି ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୧ ଜଣଙ୍କ ମୃତ୍ୟୁ।
- ଭାରତୀୟ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥ ଆନନ୍ଦଙ୍କ ରଚିତ 'ମାଇଁ ବେଷ୍ଟ ଗେମ୍ସ ଅଫ୍ ଚେସ୍' ବ୍ରିଟିଶ ଚେସ୍ ଫେଡେରେସନର ବୁକ୍ ଅଫ୍ ଦି ଇୟର ପୁରସ୍କାର ପାଇଁ ମନୋନୀତ।

## ଚିରନ୍ତନୀ

ରୋଧିଦିଅ ରୋଧିଦିଅ ଏ କାରାଦୁଆର,
ଘୋଟିଆସୁ ଭଇରବ ଘନ ଅନ୍ଧକାର,
ଏ ଆଲୋକ ଏ ଆକାଶ
ପରାଣେ ଦିଏ ପରାସ,
ସୁଦୂର ସ୍ମୃତିରେ ଆଣେ ବିରହ ଝଙ୍କାର,
ଲଗାଏ ମରମେ ମମ ମହା ହାହାକାର।
-(ବନ୍ଦୀର ବିଳାପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 3 | 8 | | | | | | 7 | |
| 4 | | | | | | | 2 | 1 |
| | 6 | | 4 | | | | | |
| | | 5 | 8 | | | | | |
| | | | 1 | 9 | | | 3 | 8 |
| | | | | 3 | 4 | | 5 | |
| | | | | | 9 | | | |
| 5 | | | | | | 6 | | 3 |
| | 9 | | | 7 | | | 1 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 3 | 9 | 4 | 1 | 8 | 5 | 6 |
| 6 | 1 | 5 | 7 | 2 | 8 | 3 | 9 | 4 |
| 8 | 9 | 4 | 6 | 5 | 3 | 7 | 1 | 2 |
| 1 | 2 | 9 | 8 | 3 | 4 | 6 | 7 | 5 |
| 5 | 8 | 6 | 1 | 7 | 9 | 4 | 2 | 3 |
| 4 | 3 | 7 | 5 | 6 | 2 | 1 | 8 | 9 |
| 3 | 5 | 8 | 2 | 1 | 6 | 9 | 4 | 7 |
| 9 | 6 | 2 | 4 | 8 | 7 | 5 | 3 | 1 |
| 7 | 4 | 1 | 3 | 9 | 5 | 2 | 6 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସେବାୟତ ଡ୍ରେସ୍‌କୋଡ୍ ମାନିବେ ତ

ମହାଶୟ,

ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ସ୍ୱତନ୍ତ୍ରତା ରହିଛି। ତାକୁ ଦକ୍ଷିଣ ଭାରତୀୟ ପ୍ରଣାଳୀରେ ପରିଚାଳିତ କରିବା ଆମ ପାଇଁ ଅପମାନ ନୁହେଁ କି? ଶାଳୀନ ପୋଷାକର ଅର୍ଥ କ'ଣ ସେମାନେ ବୁଝାଇପାରିବେ କି? ଯଦି ପୂରା ଶରୀର ଢାଙ୍କୁଥିବା ପୋଷାକ ଶାଳୀନ, ତେବେ ପୂଜକ ଓ ସେବାୟତ ତାହା ପାଳନ କରିବେ ତ? ମନ୍ଦିର ଭିତରେ ଏପରିକି ଗର୍ଭଗୃହ ମଧ୍ୟରେ ସବୁଠି ଅଶାଳୀନ ଭାଷା ପ୍ରୟୋଗ ସେବାୟତମାନେ ବନ୍ଦ କରିବେ କି? ଯଦି ଏ ସବୁ ପାଳନ ନ ହୁଏ, ତେବେ କିଏ ଉତ୍ତରଦାୟୀ ରହିବେ? ଯେତେବେଳେ ହଜାର ହଜାର ଭକ୍ତ ଖୁଆଡ଼ ଭିତରେ ଗରମ ଓ ଯନ୍ତ୍ରଣାରେ ଛଟପଟ ହୋଇ ଠିକ୍ ଭାବେ ଦର୍ଶନ କରିପାରୁ ନାହାନ୍ତି, କାହା ସ୍ୱାର୍ଥ ଏହାଦ୍ୱାରା ସାଧିତ ହେବ।

**-ଡ. ରାଜୀବ ଷଡ଼ଙ୍ଗୀ, ସୂର୍ଯ୍ୟନିଳୟମ୍, କୁଣ୍ତି, କୁମୁଦା ଜୟପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ନିୟମିତ ହେବ ସମସ୍ତ ମିନି ଅଙ୍ଗନୱାଡି କେନ୍ଦ୍ର**

ଭୁବନେଶ୍ୱର,(ଅନିଲ ଦାସ:) ରାଜ୍ୟରେ ଥିବା ସମସ୍ତ ୭୫୭୯ ମିନି ଅଙ୍ଗନୱାଡି କେନ୍ଦ୍ରକୁ ନିୟମିତ ଅଙ୍ଗନୱାଡି କେନ୍ଦ୍ର ଭାବେ ପରିଣତ କରାଯିବ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ଶିଶୁ ଯତ୍ନ କାର୍ଯ୍ୟକ୍ରମ ଆହୁରି ବ୍ୟାପକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ରାଜ୍ୟରେ କୋମଳମତି ଶିଶୁ ମାନଙ୍କର ଯତ୍ନ ଓ ପ୍ରାରମ୍ଭିକ ଶିକ୍ଷା ଲାଭ ନିମନ୍ତେ କାର୍ଯ୍ୟ କରୁଛି। ରାଜ୍ୟର ଏହି ୭୫୭୯ ମିନି ଅଙ୍ଗନୱାଡି କେନ୍ଦ୍ରର ଉନ୍ନୀତକରଣ ପାଇଁ ମୋଟ ୫୫ କୋଟି ୨୧ ଲକ୍ଷ ୩୦ ହଜାର ୧୫୦ ଟଙ୍କା ଖର୍ଚ୍ଚ ହେବ। ଏଥିରୁ ରାଜ୍ୟ ସରକାର ୩୬ କୋଟି ୪୦ ଲକ୍ଷ ୯୫ ହଜାର ୧୬୦ ଟଙ୍କା ବହନ କରୁଥିବା ବେଳେ କେନ୍ଦ୍ର ସରକାର ୧୮ କୋଟି ୮୦ ଲକ୍ଷ ୩୪ ହଜାର ୯୯୦ ଟଙ୍କା ବହନ କରୁଛନ୍ତି।

# ‘୨୮ ସୁଦ୍ଧା ଶ୍ରୀମନ୍ଦିର ୪ ଦ୍ୱାର, ରତ୍ନଭଣ୍ଡାର ଖୋଲ’

ପୁରୀ, ୧୬।୧୦(ଅଜିତ ମହାନ୍ତି)

ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା, ରତ୍ନଭଣ୍ଡାର ସୁରକ୍ଷା, ମହାପ୍ରଭୁଙ୍କ ଜମିଜମା ସମସ୍ୟାର ସମାଧାନ ସହ ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ନେଇ ସୋମବାର ରାଜ୍ୟ ପ୍ରଦେଶ କଂଗ୍ରେସର ଆହ୍ୱାନ କ୍ରମେ ପୁରୀ କଂଗ୍ରେସ କମିଟି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ବଡ଼ଦାଣ୍ଡରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଦଳୀୟ ପତାକା ଧରି ଶୋଭାଯାତ୍ରାରେ ସାମିଲ ହେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଗୁଣ୍ଡିଚା ମନ୍ଦିରଠାରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରାରେ ଆସିଥିଲେ। ତେବେ କଂଗ୍ରେସ କର୍ମୀ ଓ ନେତାଙ୍କୁ ପୋଲିସ ପ୍ରଥମେ ମରୀଚିକୋଟ ଛକଠାରେ ବ୍ୟାରିକେଡ ପକାଇ ଅଟକାଇବାକୁ ଚେଷ୍ଟା କରିଥିଲା। ଫଳରେ କଂଗ୍ରେସ କର୍ମୀ ଏବଂ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କଂଗ୍ରେସ କର୍ମୀମାନେ ବ୍ୟାରିକେଡ୍‌କୁ ପକାଇ ଧସେଇ ପଶିବା ସହ ଶ୍ରୀମନ୍ଦିର କାର୍ଯ୍ୟାଳୟ ଅଭିମୁଖେ ମାଡ଼ି ଚାଲିଥିଲେ। ସେମାନଙ୍କୁ ପୋଲିସ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଅଟକାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶ୍ରୀମନ୍ଦିର ୪ଦ୍ୱାର ନ ଖୋଲିବା ଯୋଗୁ ଭକ୍ତମାନେ ଘଣ୍ଟାଘଣ୍ଟା ଧରି ଧାଡ଼ିରେ ଠିଆ ହୋଇ ଯନ୍ତ୍ରଣା ଭୋଗୁଥିବା ବେଳେ ଆଗକୁ କାର୍ତ୍ତିକ ମାସରେ ପୁରୀରେ ଲକ୍ଷାଧିକ ହବିଷିଆଳିଙ୍କ ଭିଡ ଜମିବ। ତେଣୁ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶେଷ ହେଲେ ୪ ଦ୍ୱାର ଖୋଲାଯିବା ପରିବର୍ତ୍ତେ ଆସନ୍ତା ୨୮ ତାରିଖ ସୁଦ୍ଧା ଖୋଲିବାକୁ କଂଗ୍ରେସ ଦାବି କରିଛି। ତେବେ ପଦଯାତ୍ରା ବେଳେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ହାତରେ ଗିନି ଧରି ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିବାକୁ ପ୍ରୟାସ କରିଥିଲେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି। ପରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ୪ ଦ୍ୱାର ତୁରନ୍ତ ଖୋଲିବା, ରତ୍ନଭଣ୍ଡାର ଖୋଲି ଅଳଙ୍କାର ଗଣତି ଓ ମରାମତି କରିବା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ସହ ପ୍ରଜାଙ୍କ ନାଁରେ ରେକର୍ଡ ଏବଂ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହି ସମ୍ପତ୍ତି ବେଦାନ୍ତ ମାଲିକାନାରୁ ପ୍ରଜାଙ୍କ ନାମରେ ମାଲିକାନା କରିବା ସହ ଅନ୍ୟାନ୍ୟ ଦାବିରେ କଂଗ୍ରେସ ବିଶାଳ ସମାବେଶ କରିଥିଲା। ଏସବୁ ପ୍ରସଙ୍ଗ ନେଇ କଂଗ୍ରେସ ରାଜ୍ୟ ସରକାରଙ୍କୁ ଦାୟୀ କରିଛି। ତେବେ ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, କଂଗ୍ରେସ ଦଳର ଏକ ପ୍ରତିନିଧି ମଣ୍ଡଳୀ ଆସି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସମୀକ୍ଷା କରାଯିବ। ତେବେ ରତ୍ନଭଣ୍ଡାର ସମ୍ପର୍କରେ କୋର୍ଟ ଦେଇଥିବା କମିଟି ଗଠନର କାର୍ଯ୍ୟକାରୀତା ସମ୍ପର୍କରେ ପ୍ରଶ୍ନର ଉତ୍ତରକୁ ସେ ଏଡାଇଯିବା ସହ ନିଜ ଉପରୁ ଦୋଷ ଛଡାଇବାକୁ ଚେଷ୍ଟା କରିଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ରାଜ୍ୟ ସରକାର ଆସନ୍ତା ୨୮ ତାରିଖ ସୁଦ୍ଧା ଯଦି ଦାବି ପୂରଣ ନ କରନ୍ତି ତା'ହେଲେ କଂଗ୍ରେସ ତା'ର କାର୍ଯ୍ୟପନ୍ଥା ସ୍ଥିର କରିବା ସହ ସାରା ରାଜ୍ୟରେ ବିକ୍ଷୋଭକୁ ଜୋରଦାର କରିବ ବୋଲି ପିସିସି ସଭାପତି ପଟ୍ଟନାୟକ କହିଛନ୍ତି। ଏହି ଜନସମାବେଶରେ ପିସିସି ସଭାପତିଙ୍କ ସମେତ ରାଜ୍ୟ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ଜିଲା କଂଗ୍ରେସ ସଭାପତି ଜୟନାରାୟଣ ପଟ୍ଟନାୟକ, ବିଧାୟକ ସୁରେଶ ରାଉତରାୟ, ତାରାପ୍ରସାଦ ବାହିନୀପତି, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବିଜୟଲକ୍ଷ୍ମୀ ସାହୁ, ସୁରେଶ ମହାପାତ୍ର, ଶରତ ରାଉତ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ରାଜ୍ୟ ଉପସଭାପତି ଶିବାନନ୍ଦ ରାୟ, ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱ ଦାସ, ସିଦ୍ଧାର୍ଥ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।




ପିସିସି ସଭାପତି ଶରତ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି। ଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବାହାରିଥିବା ଶୋଭାଯାତ୍ରାରେ ସାମିଲ୍ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ।

## ଦାବି ପୂରଣ ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ

### କଂଗ୍ରେସ ପକ୍ଷରୁ ବିଶାଳ ପଦଯାତ୍ରା, ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

# ୧୮ରୁ ଶିମିଳିପାଳରେ ବାଘଗଣନା

ବାରିପଦା,୧୬।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଆସନ୍ତା ୧୮ ତାରିଖରୁ ମହାବଳ ବାଘଗଣନା ଆରମ୍ଭ ହେବ। ଏହା ୭ଦିନ ଧରି ଚାଲିବ। ଏନେଇ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧୭୩ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ ହୋଇଥିବା ବେଳେ ରେଞ୍ଜ ଅଫିସର, ଏସିଏଫ୍ ଓ ଉପନିର୍ଦ୍ଦେଶକମାନେ ଉକ୍ତ କାର୍ଯ୍ୟକୁ ତଦାରଖ କରିବେ ବୋଲି ବିଭାଗ ସୂଚନା ଦେଇଛି।

୨୭୫୦ ବର୍ଗ କି.ମି. ପରିବ୍ୟାପ୍ତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସ୍‌ଟିଆର) ଅଧୀନରେ ୨ଟି ଡିଭିଜନ ରହିଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଓ ଦକ୍ଷିଣ ଡିଭିଜନରେ ଥିବା ୧୬ଟି ରେଞ୍ଜର ୧୭୩ଟି ବିଟ୍ ହାଉସ୍‌ରେ ଏହି ଗଣନା କାର୍ଯ୍ୟ କରାଯିବ। ସେହିପରି ବାରିପଦା, କରଞ୍ଜିଆ ଓ ରାଇରଙ୍ଗପୁର ଡିଭିଜନ ଅଧୀନରେ ଥିବା କେତେକ ରେଞ୍ଜରେ ବାଘଗଣନା କରାଯିବା ନେଇ ରୂପରେଖ ପ୍ରସ୍ତୁତ କରାଯାଇଛି। ପ୍ରେସର ଇମ୍ପ୍ରେସନ ପ୍ୟାଡ୍ ଅଥବା ପିଆଇପି, ଟ୍ରାପ କ୍ୟାମେରା, ପଗ ମାର୍କ(ପାଦ ଚିହ୍ନ), ଗଣନା ଓ ଟ୍ରାନଜେକ୍ଟ ଲାଇନ ମାଧ୍ୟମରେ ବାଘ ଗଣନା କରାଯିବ। ସେହିପରି ଅଭୟାରଣ୍ୟର ଚହଲା, ପିଠାବଟା ଆଦି ଅଞ୍ଚଳରେ ବାଘର ଉପସ୍ଥିତିକୁ ନେଇ ଟ୍ରାପ୍ କ୍ୟାମେରାର ସହାୟତା ନିଆଯାଉଛି। ଏପରିକି ବିରଳ ପ୍ରଜାତିର କଳା ବାଘକୁ ନେଇ ଶିମିଳିପାଳ ସ୍ୱତନ୍ତ୍ରତା ହାସଲ କରିଥିବା ବେଳେ ଏହାର ସ୍ଥିତି ସମ୍ପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରାଯିବ।

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି ଯଥାକ୍ରମେ:** (୧) ସିକେପି-ଡି-୮୪୧-ଓଭର ଲୁପ୍, ତାରିଖ: ୧୩।୧୦।୨୦୨୩; ଚକ୍ରଧରପୁର ଡିଭିଜନରେ ଷ୍ଟପ୍ ସିଗ୍‌ନାଲ ସାମ୍ନାରେ ଇନ୍‌ସୁଲେଟେଡ୍ ଓଭରଲାପରେ ସ୍ଥାନାନ୍ତରଣ (ଫେଜ୍-I); ₹୭,୮୧,୩୯,୮୫୧.୦୫; ₹୫,୪୦,୭୦୦/- (୨) ସିକେପି-୬୨୩-ଜିଏସ୍-ଏଫ୍‌ଓବି-ଆରକେଏସ୍‌ଏନ୍, ତାରିଖ: ୧୩।୧୦।୨୦୨୩; ଚକ୍ରଧରପୁର ଡିଭିଜନରେ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ରାଜଖରସୁଆଁ ଷ୍ଟେଶନଠାରେ ଫୁଟ୍ ଓଭରବ୍ରିଜ୍ (୧୨ ମି. ପ୍ରଶସ୍ତ)ର ବ୍ୟବସ୍ଥା ସଂକ୍ରାନ୍ତରେ ଓଏଚ୍‌ଇ ସଂଶୋଧନ କାର୍ଯ୍ୟ; ₹୫୪,୪୯,୭୧୭.୯୯; ₹୧୦,୯୦୦/- (୩) ସିକେପି-ଡି-୬୨୧-ଜିଏସ୍-ଏଫ୍‌ଓବି-ଏମ୍‌ଓୟୁ, ତାରିଖ: ୧୩।୧୦।୨୦୨୩; ଚକ୍ରଧରପୁର ଡିଭିଜନରେ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ମନୋହରପୁର ଷ୍ଟେଶନଠାରେ ଫୁଟ୍ ଓଭରବ୍ରିଜ୍ (୧୨ ମି. ପ୍ରଶସ୍ତ)ର ବ୍ୟବସ୍ଥା ସଂକ୍ରାନ୍ତରେ ଓଏଚ୍‌ଇ ସଂଶୋଧନ କାର୍ଯ୍ୟ; ₹୩୯,୩୦,୯୨୩.୮୦; ₹୭୮,୬୦୦/- (୪) ସିକେପି-ଡି-୬୨୨-ଜିଏସ୍-ଏଫ୍‌ଓବି-ଏସ୍‌ଆଇଏନ୍‌ଆର, ତାରିଖ: ୧୩।୧୦।୨୦୨୩; ଚକ୍ରଧରପୁର ଡିଭିଜନରେ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ସିନି ଷ୍ଟେଶନଠାରେ ଫୁଟ୍ ଓଭରବ୍ରିଜ୍ (୧୨ ମି. ପ୍ରଶସ୍ତ)ର ବ୍ୟବସ୍ଥା ସଂକ୍ରାନ୍ତରେ ଓଏଚ୍‌ଇ ସଂଶୋଧନ କାର୍ଯ୍ୟ; ₹୪୮,୩୬,୮୯୬.୫୮; ₹୯୬,୭୦୦/- (୫) ସିକେପି-ଡି-୬୩୫-ଭିଇଏଚ୍-ଓଏଚ୍‌ଇଟିଏଟିଏ, ତାରିଖ: ୧୩।୧୦।୨୦୨୩; ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଚକ୍ରଧରପୁରଙ୍କ ଅଧୀନରେ ଆଉ ଦୁଇ ବର୍ଷ ପାଇଁ ସିନିୟର ସେକ୍ସନ ଇଞ୍ଜିନିୟର/ଓଏଚ୍‌ଇ/ଟାଟାନଗରଙ୍କ କ୍ଷେତ୍ରାଧିକାରରେ ରେଳପଥ ସାମଗ୍ରୀଗୁଡ଼ିକର ପରିବହନ ପାଇଁ ୧ ଟନ୍ କ୍ଷମତା ବିଶିଷ୍ଟ ଟ୍ରକ୍ ଭଡ଼ା ସୂତ୍ରରେ ନେବା; ₹୧୦,୭୦,୨୯୭.୮୦; ₹୨୧,୪୦୦/- । **ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୧୨ ମାସ, କ୍ର.ସଂ. ୨, ୩ ଓ ୪ ପାଇଁ ୦୯ ମାସ ଏବଂ କ୍ର.ସଂ. ୫ ପାଇଁ ୨୪ ମାସ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ଉଭୟ ପାଇଁ ତା୦୬।୧୧।୨୦୨୩ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ:** ପ୍ରତ୍ୟେକ କ୍ର.ସଂ. ପାଇଁ ତା୦୬।୧୧।୨୦୨୩ରିଖ ୧୫.୩୦ ଘଟିକା । **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ପ୍ରତ୍ୟେକ କ୍ର.ସଂ. ପାଇଁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଦ.ପୂ. ରେଳପଥ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **(PR-714)**

# ମାସର ଗୋଟିଏ ସୋମବାର କଲେଜ ଛାତ୍ରୀଛାତ୍ର ଶୁଣିବେ ହକି ଗାଥା

## ନିଷ୍ପତ୍ତି ବଦଳାଇଲା ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର,୧୬।୧୦
(ଅନୁରାଧା ମହାରଣା)

କଲେଜ ଛାତ୍ରୀଛାତ୍ର ଭାରତୀୟ ହକିର ଗୌରବମୟ ଇତିହାସ ଓ ସଫଳତାର ଗାଥା ଶୁଣିବେ। ପ୍ରତି ସୋମବାର କଲେଜରେ ପିଲାଙ୍କୁ ଏକାଠି କରି ବାର୍ତ୍ତା ଦିଆଯିବା ନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଗତ ସପ୍ତାହରେ ନିଷ୍ପତ୍ତି ହୋଇଥିଲା। ମାତ୍ର ଏହି ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଛି। ପ୍ରତି ସୋମବାର ନୁହେଁ, ମାସର ଗୋଟିଏ ସୋମବାର କଲେଜଗୁଡ଼ିକରେ ଏହି କାର୍ଯ୍ୟକ୍ରମ କରାଯିବ। ଓଡ଼ିଶା ପ୍ରାୟୋଜକ ହେବା ପରେ କିପରି ଭାରତୀୟ ହକି ଦଳର ପ୍ରଦର୍ଶନରେ ଉନ୍ନତି ଆସିଛି ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ କୁହାଯିବ। ତେବେ ଏନେଇ କଲେଜରେ ପଢ଼ାଯିବାକୁ ଥିବା ଦୁଇ ପୃଷ୍ଠା ସମ୍ବଳିତ ବାର୍ତ୍ତାକୁ ଉଚ୍ଚ ଶିକ୍ଷା ବିଭାଗ ପ୍ରସ୍ତୁତ କରି ପୂର୍ବରୁ କଲେଜ ଅଧ୍ୟକ୍ଷମାନଙ୍କୁ ପଠାଇଥିବା ସୂଚନା ମିଳିଛି। ଏ ପରିପ୍ରେକ୍ଷରରେ କ୍ୟାମ୍ପସରେ ହକି ସଫଳତା ସମ୍ବଳିତ ବ୍ୟାନର ମାରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି।

On the Occasion of Durga Puja
**SPECIAL HANDLOOM EXPO - 2023**
ପବିତ୍ର ଦୁର୍ଗା ପୂଜା ଉପଲକ୍ଷେ
**ସ୍ୱତନ୍ତ୍ର ହସ୍ତତନ୍ତ ମେଳା - ୨୦୨୩**
Ekamra Haat, Unit -III, Bhubaneswar
From : 16.10.2023 to 31.10.2023, Timing : 11.00 AM to 9.00 PM
Inauguration by
Dr. Arabinda Kumar Padhee, IAS
Principal Secretary to Govt., Handlooms, Textiles & Handicrafts Department
Sj. Shovan Krishna Sahu, IRS
Special Secretary (Industries Deptt.), Director of Textiles & Handloom, Odisha
on 17th Oct. 2023 at 6.30 PM
Organised by :
SAMBALPURI BASTRALAYA HANDLOOM CO-OPERATIVE SOCIETY LTD.
Sponsored by :
Handlooms, Textiles & Handicrafts Department, Government of Odisha
All are Cordially invited to the Inaugural Function
Managing Director President




**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ: ସି-୨, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର, ପିନ୍-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**

(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ ।**

| ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତି ଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ସିଆର୍‌ପିଏଫ୍ ହେଡ୍‌କ୍ୱାର୍ଟର ଶାଖା / ଋଣଗ୍ରହୀତା: ଶ୍ରୀ ମାଧବ ଭୋଳ, ପିତା: ୰ ପଞ୍ଚାନନ ଭୋଳ, ଠିକଣା- ସା: ସରପଲ୍ଲୀ, ପୋ: କଣଭାଗ, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ | ୨୯.୦୬.୨୦୨୩ ସୁଦ୍ଧା ଟ.୮,୦୭,୯୪୨.୧୫ + ୨୯.୦୬.୨୦୨୩ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୧୯.୧୨.୨୦୨୨ / ୧୧.୧୦.୨୦୨୩ | ଶ୍ରୀ ମାଧବ ଭୋଳଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୬/୬୩୧, ପ୍ଲଟ୍ ନଂ.: ୧୩୯/୧୦୩୮, କ୍ଷେତ୍ର: ଏକର୦.୦୨୮ଡିସିମିଲି, ମୌଜା: ବାଲିଆପଡ଼ା, ଏହାର ଚଉପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୧୨୯, ଉତ୍ତର: ପ୍ଲଟ୍‌ର ଅଂଶ ଏବଂ ରାସ୍ତା, ଦକ୍ଷିଣ: ପାଣ୍ଡବ ସାହୁଙ୍କ ସବ୍ ପ୍ଲଟ୍ ନଂ. ୨, ସମୁଦାୟ କ୍ଷେତ୍ର: ୧୨୫୦ ବର୍ଗଫୁଟ |
| ବଡ଼ମ୍ବା ଶାଖା / ଋଣଗ୍ରହୀତାମାନେ: ୧) ମେସର୍ସ ଆରାଧ୍ୟା ମୋଟର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ବିଘ୍ନେଶରାଜ ପାଟଶାଣୀ, ୨) ଶ୍ରୀ ବିଘ୍ନେଶରାଜ ପାଟଶାଣୀ, ପିତା: ଲିଙ୍ଗରାଜ ପାଟଶାଣୀ, ୩) ଶ୍ରୀ ଲିଙ୍ଗରାଜ ପାଟଶାଣୀ, ପିତା: ଲୋକନାଥ ପାଟଶାଣୀ, ୪) ଶ୍ରୀମତୀ ସ୍ନିଗ୍ଧାରାଣୀ ପାଟଶାଣୀ, ସ୍ୱାମୀ: ଲିଙ୍ଗରାଜ ପାଟଶାଣୀ, ସମସ୍ତଙ୍କ ଠିକଣା- ସା: ନିଜଗଡ, ପୋ: ବଡ଼ମ୍ବା, ଜିଲ୍ଲା: କଟକ, ପିନ୍-୭୫୪୦୩୧ | ମେସର୍ସ ଆରାଧ୍ୟା ମୋଟର୍ସ ନିମନ୍ତେ ବକେୟା ୨୫.୦୪.୨୦୨୩ ସୁଦ୍ଧା ଟ.୭୧,୦୫,୯୪୨.୨୧ (୩୧.୦୩.୨୦୨୩ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଏବଂ ଶ୍ରୀ ବିଘ୍ନେଶରାଜ ପାଟଶାଣୀ ଓ ଶ୍ରୀମତୀ ସ୍ନିଗ୍ଧାରାଣୀ ପାଟଶାଣୀ (ଗୃହ ଋଣ) ନିମନ୍ତେ ବକେୟା ୦୯.୦୬.୨୦୨୩ ସୁଦ୍ଧା ଟ.୧୭,୨୦,୬୯୭.୭୩ (୩୦.୦୪.୨୦୨୩ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ | ୨୬.୦୬.୨୦୨୩ / ୧୧.୧୦.୨୦୨୩ | ଶ୍ରୀ ଲିଙ୍ଗରାଜ ପାଟଶାଣୀଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୫୯/୨୪୦୫ ଏବଂ ୫୫୯/୨୪୦୫/୨୯୬୪, ଖାତା ନଂ.: ୯୪୨/୨୨୩ ଏବଂ ୯୪୨/୧୯୬, ମୌଜା: ନିଜଗଡ, ତହସିଲ: ବଡ଼ମ୍ବା, ଜିଲ୍ଲା: କଟକ ସହିତ ତଳ ମହଲା ଏବଂ ପ୍ରଥମ ମହଲା ଆରସିସି ବିଲ୍ଟ ଅପ୍ ଏରିଆ ପ୍ରତ୍ୟେକ ୭୫୦୦ ବର୍ଗଫୁଟ, ସମୁଦାୟ ଜମିର କ୍ଷେତ୍ର: ୧୦୮୯୦ ବର୍ଗଫୁଟ, ଏହାର ଚଉପାର୍ଶ୍ୱରେ- ଉତ୍ତର: ମୁଖ୍ୟ ରାସ୍ତା, ଦକ୍ଷିଣ: ସୁନାମୁହିଁ ବନ୍ଧ (ପୋଖରୀ), ପୂର୍ବ: ପରେଶ କୁମାର ମହାନ୍ତି, ପଶ୍ଚିମ: ରାସ୍ତା |
| ବଡ଼ମ୍ବା ଶାଖା / ଋଣଗ୍ରହୀତାମାନେ: ୧) ମେସର୍ସ ମା ମଙ୍ଗଳା ଜୁଏଲାରୀ, ସ୍ୱତ୍ୱାଧିକାରୀ: ଶ୍ରୀ ମାୟାଧର ସାହୁ, ୨) ଶ୍ରୀ ମାୟାଧର ସାହୁ, ପିତା: ଗୋକୁଳ ଚନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ସା: ବନମାଳିପୁର, ପୋ: ବଡ଼ମ୍ବା, ଜିଲ୍ଲା: କଟକ, ପିନ୍-୭୫୪୦୩୧ | ୨୫.୦୪.୨୦୨୩ ସୁଦ୍ଧା ଟ.୫,୫୫,୬୦୪.୯୩ (୩୧.୦୩.୨୦୨୩ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ | ୧୨.୦୫.୨୦୨୩ / ୧୧.୧୦.୨୦୨୩ | ଶ୍ରୀ ମାୟାଧର ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୮୪, ଖାତା ନଂ.: ୧୧୪, ମୌଜା: ବନମାଳିପୁର, ତହସିଲ: ବଡ଼ମ୍ବା, ଜିଲ୍ଲା: କଟକ ସହିତ ତଳ ମହଲା ଆରସିସି ବିଲ୍ଟ ଅପ୍ ଏରିଆ: ୬୪୦ ବର୍ଗଫୁଟ, ସମୁଦାୟ ଜମିର କ୍ଷେତ୍ର: ୧୩୦୬.୮୦ ବର୍ଗଫୁଟ, ଏହାର ଚଉପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ବୁଲା ସାହୁ, ପୂର୍ବ: ବୁଲା ସାହୁ, ପଶ୍ଚିମ: ଭାସ ବେଡ୍ଡା |
| ନରସିଂହପୁର ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀ ସନ୍ତୋଷ କୁମାର ବାରିକ, ପିତା: ଅଲେଖ ବାରିକ ଏବଂ ୨) ଶ୍ରୀ ମାନସ କୁମାର ବାରିକ, ପିତା: ଅଲେଖ ବାରିକ, ଉଭୟଙ୍କ ଠିକଣା- ସା: ନିଜଗଡ, ମେଡିକାଲ ରୋଡ୍, ପୋ: ନରସିଂହପୁର, ଥାନା: ନରସିଂହପୁର, ଜିଲ୍ଲା: କଟକ, ପିନ୍-୭୫୪୦୩୨ | ଟ.୮,୯୬,୩୩୩.୭୧ + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ | ୦୬.୦୭.୨୦୨୩ / ୧୧.୧୦.୨୦୨୩ | ବାସୋପଯୋଗୀ ଜମି ସହିତ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୫/୩୨୮, ଖାତା ନଂ.: ୧୧୪/୨୫, କ୍ଷେତ୍ର: ଏକର୦.୦୪ ଡିସିମିଲି, କିସମ: ଘରବାରି, ମୌଜା: ନିଜଗଡ, ପୋ/ଥାନା: ନରସିଂହପୁର, ତହସିଲ: ନରସିଂହପୁର, ଜିଲ୍ଲା: କଟକ, ଏହାର ଚଉପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୨୭୪, ଦକ୍ଷିଣ: ପ୍ଲଟ୍ ନଂ. ୨୭୬ ଲକ୍ଷ୍ମୀ ଦେବୀଙ୍କ ସମ୍ପତ୍ତି, ପୂର୍ବ: ବିଶ୍ୱନାଥ ବାରିକଙ୍କ ସମ୍ପତ୍ତି, ପଶ୍ଚିମ: ପିଡବ୍ଲୁଡି ରାସ୍ତା |
| ସାଲେପୁର ଶାଖା / ଋଣଗ୍ରହୀତା: ଶ୍ରୀମତୀ ଯଶୋଦା ମିଶ୍ର, ସ୍ୱାମୀ: ପ୍ରସନ୍ନ କୁମାର ମିଶ୍ର, ସା: ବାଲିସାହି, ପୋ: ସାଲେପୁର, ଜିଲ୍ଲା: କଟକ, ପିନ୍-୭୫୪୨୦୨ | ଟ.୭,୮୬,୫୭୩.୫୮ (୨୯.୦୬.୨୦୨୩ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ | ୦୨.୦୮.୨୦୨୩ / ୧୨.୧୦.୨୦୨୩ | ଶ୍ରୀମତୀ ଯଶୋଦା ମିଶ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: କଟକ, ଏସ୍‌ଆରଓ: ସାଲେପୁର, ତହସିଲ/ଥାନା: ସାଲେପୁର, ମୌଜା: ବାଲିସାହି, ଖାତା ନଂ.: ୮୩୫/୭୦୪, ପ୍ଲଟ୍ ନଂ.: ୧୧୪୪, କ୍ଷେତ୍ର: ଏକର୦.୧୧୭ଡିସିମିଲି, କିସମ: ଘରବାରି, ଏହାର ଚଉପାର୍ଶ୍ୱରେ- ଉତ୍ତର: ରଞ୍ଜିତ ଭୂୟାଁ, ଦକ୍ଷିଣ: ଗୋଚର, ପୂର୍ବ: ଗୋଚର (ରାସ୍ତା), ପଶ୍ଚିମ: ଶ୍ରୀ ବିଚିତ୍ରାନନ୍ଦ ବାରିକ |
| କୁଆଁପାଳ ଶାଖା / ଋଣଗ୍ରହୀତା: ମେସର୍ସ ଦାସ ଆଣ୍ଡ ଦାସ ସାଇକେଲ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ତୋଷ କୁମାର ଦାସ, ପିତା: ଧନେଶ୍ୱର ଦାସ, ସା: ପଶୁଲୁଣ୍ଡା, ପୋ: କୁଆଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୨୦୪ / ଜାମିନ୍‌ଦାର: ଶ୍ରୀମତୀ ଟଭା ଦାସ, ସ୍ୱାମୀ: ଧନେଶ୍ୱର ଦାସ, ସା: ପଶୁଲୁଣ୍ଡା, ପୋ: କୁଆଁପାଳ, ଜିଲ୍ଲା: କଟକ, ପିନ୍-୭୫୪୨୦୪ | ୧୪.୧୧.୨୦୨୨ ସୁଦ୍ଧା ଟ.୪,୦୮,୫୫୫.୩୦ (୩୧.୦୮.୨୦୨୩ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ | ୦୭.୦୩.୨୦୨୩ / ୧୨.୧୦.୨୦୨୩ | ଶ୍ରୀମତୀ ଟଭା ଦାସ, ସ୍ୱାମୀ: ଧନେଶ୍ୱର ଦାସଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଶୁଲୁଣ୍ଡା, ତହସିଲ: ମାହାଙ୍ଗା (ନଂ. ୭୩), ଥାନା: ମାହାଙ୍ଗା (ନଂ. ୬୮), ଜିଲ୍ଲା: କଟକ, ଖାତା ନଂ.: ୪୯୧/୪୮, ପ୍ଲଟ୍ ନଂ.: ୬୧୦, କ୍ଷେତ୍ର: ଏକର୦.୦୯୦ ଡିସିମିଲି, ପ୍ଲଟ୍ ନଂ.: ୬୧୧/୧୫୫୯, କ୍ଷେତ୍ର: ଏକର୦.୦୦୪ଡିସିମିଲି, ସମୁଦାୟ ୨ଟି ପ୍ଲଟ୍, **ସମୁଦାୟ କ୍ଷେତ୍ର: ଏକର୦.୧୩୦ଡିସିମିଲି,** କିସମ: ଘରବାରି, ଏହାର ଚଉପାର୍ଶ୍ୱରେ- ଉତ୍ତର: ରଘୁନାଥ ଦାସ, ଦକ୍ଷିଣ: ରାସ୍ତା, ପୂର୍ବ: ଗୟାଧର ଦାସ, ପଶ୍ଚିମ: ନୃସିଂହ ଦାସ |
| ପାଇକତିଗିରିଆ ଶାଖା / ଋଣଗ୍ରହୀତା: ଶ୍ରୀ ଲୋକନାଥ ମହାନ୍ତ, ପିତା: ଜଗନ୍ନାଥ ମହାନ୍ତ/ ଜାମିନ୍‌ଦାରମାନେ: ୧) ସତ୍ୟଭାମା ମହାନ୍ତ, ସ୍ୱାମୀ: ଜଗନ୍ନାଥ ମହାନ୍ତ, ୨) ଜଗନ୍ନାଥ ମହାନ୍ତ, ପିତା: ବାବାଜୀ ମହାନ୍ତ, ସମସ୍ତଙ୍କ ଠିକଣା- ସା/ପୋ: ଗୁରୁଜଙ୍ଗ, ଗୁରୁଜଙ୍ଗ ଉଚ୍ଚ ବିଦ୍ୟାଳୟ ସାମନା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୭ | ୩୧.୦୫.୨୦୨୩ ସୁଦ୍ଧା ଟ.୧୧,୫୯,୪୫୨.୫୯ (୨୮.୦୨.୨୦୨୩ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ | ୧୩.୦୬.୨୦୨୩ / ୧୩.୧୦.୨୦୨୩ | ୟୁକୋ ବ୍ୟାଙ୍କ, ପାଇକତିଗିରିଆ ଶାଖାରେ ବନ୍ଧକ **ଶ୍ରୀମତୀ ସତ୍ୟଭାମା ମହାନ୍ତଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୭୨/୮୯୨, ପ୍ଲଟ୍ ନଂ.: ୮୯୩/୨୮୪୪, କ୍ଷେତ୍ର: ଏକର୦.୦୩୬ଡିସିମିଲି, ଦଲିଲ ନଂ.-୫୯୬୫, ଶ୍ରେଣୀ: ଘରବାରି, ମୌଜା: ଗୁରୁଜଙ୍ଗ, ଏହାର ଚଉପାର୍ଶ୍ୱରେ- ଉତ୍ତର: ଜ୍ୟୋତ୍ସ୍ନା ଦ୍ୱିବେଦୀ, ଦକ୍ଷିଣ: ସେକ୍ ସାହାଜାହାନ ଏବଂ ରାସ୍ତା, ପୂର୍ବ: ରାସ୍ତା, ପଶ୍ଚିମ: ମନୋଜ କୁମାର ବେହେରା |
| ଖୋର୍ଦ୍ଧା ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀ ତ୍ରିଲୋଚନ ମହାପାତ୍ର, ପିତା: ଦୁର୍ଯ୍ୟୋଧନ ମହାପାତ୍ର, ୨) ଶ୍ରୀମତୀ ଗୋଲି ମହାପାତ୍ର, ଉଭୟଙ୍କ ଠିକଣା- ସା: ମଳିପଡା, ନାରଣଗଡ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | ୩୧.୦୭.୨୦୨୨ ସୁଦ୍ଧା ଟ.୫,୯୫,୦୯୮.୦୪ + ୩୧.୦୭.୨୦୨୨ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ | ୨୧.୦୭.୨୦୨୩ / ୧୩.୧୦.୨୦୨୩ | ଶ୍ରୀ ତ୍ରିଲୋଚନ ମହାପାତ୍ର, ପିତା: ଦୁର୍ଯ୍ୟୋଧନ ମହାପାତ୍ରଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚମ୍ପାଝର, ଏସ୍‌ଆରଓ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୪୩୬/୧୫୫, ପ୍ଲଟ୍ ନଂ.: ୭୯୦/୧୪୩୧, କ୍ଷେତ୍ର: ଏକର୦.୦୩୪ଡିସିମିଲି, ଏହାର ଚଉପାର୍ଶ୍ୱରେ- ଉତ୍ତର: ଦାଶରଥି ବେହେରା, ଦକ୍ଷିଣ: ରାସ୍ତା, ପୂର୍ବ: ମଙ୍ଗୁଳି ସ୍ୱାଇଁ, ପଶ୍ଚିମ: ଘନ ସ୍ୱାଇଁ |
| ଖୋର୍ଦ୍ଧା ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀ ସୁତଞ୍ଜିତ ମହାପାତ୍ର, ପିତା: ଅଭୟ ଚରଣ ମହାପାତ୍ର, ୨) ଶ୍ରୀମତୀ ସସ୍ମିତା ମହାପାତ୍ର, ଉଭୟଙ୍କ ଠିକଣା- ସା: ଗୁରୁଜଙ୍ଗ, ଦିୱାନ ସାହି, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୫୫ | ୩୧.୦୧.୨୦୨୩ ସୁଦ୍ଧା ଟ.୧୧,୨୫,୨୦୪.୩୨ + ୩୧.୦୧.୨୦୨୩ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ | ୨୧.୦୭.୨୦୨୩ / ୧୩.୧୦.୨୦୨୩ | ଶ୍ରୀ ସୁତଞ୍ଜିତ ମହାପାତ୍ର, ପିତା: ଅଭୟ ଚରଣ ମହାପାତ୍ରଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଗୁରୁଜଙ୍ଗ, ଏସ୍‌ଆରଓ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୪୭୨/୧୨୫୮, ପ୍ଲଟ୍ ନଂ.: ୬୭୧, କ୍ଷେତ୍ର: ଏକର୦.୧୪୧ଡିସିମିଲି, ଏହାର ଚଉପାର୍ଶ୍ୱରେ- ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୧୭୮୧, ପୂର୍ବ: ପ୍ଲଟ୍ ନଂ. ୬୭୦, ପଶ୍ଚିମ: ପ୍ଲଟ୍ ନଂ. ୬୭୨ |

ତାରିଖ: ୧୬.୧୦.୨୦୨୩, ସ୍ଥାନ: ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ସଂକ୍ଷେପରେ

### ୬୩ କେଜି ଗଞ୍ଜେଇ ସହ ଗାଡ଼ି ଜବତ

କଳିଙ୍ଗନଗର,୧୬।୧୦(ଶୁଭାଶିଷ ରାଉତ)

ଦାନଗଦି ବ୍ଲକ ମାନତିରା ଗାଁରେ ସୋମବାର ଭୋରୁ ଚଢ଼ାଉ କରି ଅବକାରୀ ବିଭାଗ ୬୩କେଜି ଗଞ୍ଜେଇ ଜବତ କରିଛି। ଏକ ଦାମୀ ଗାଡ଼ି (ନଂ.ଓଡି୦୨-ସିକେ-୧୮୧୫)ରେ ଦୀର୍ଘ ଦିନ ଧରି ଏହି କାରବାର ଚାଲିଥିଲା। ମାନତିରା ଗାଁର ସୌଭାଗ୍ୟ ଘଡେଇ ଓରଫ ସୋନୁ ଉକ୍ତ ଗାଡ଼ିରେ ଫୁଲବାଣୀରୁ ଗଞ୍ଜେଇ ଆଣି ଚୋରା ଚାଲାଣ କରୁଥିଲେ। ପ୍ରତି କୁଇଣ୍ଟାଲ ଗଞ୍ଜେଇ ଚାଲାଣ ପାଇଁ ତାକୁ ପାଖାପାଖି ୧ ଲକ୍ଷ ଟଙ୍କା ମିଳୁଥିଲା। ଏକାଧିକ ଥର ଏହି କାରବାରରେ ସଫଳ ହେବା ପରେ ସୋନୁ ଲୋଭରେ ପଡି ଯାଇଥିଲେ। ଶେଷଥର ଆଣିଥିବା ଏକ କୁଇଣ୍ଟାଲ ଗଞ୍ଜେଇକୁ ନିଜେ ହଡ଼ପ କରିବା ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଥିଲେ। ଗଞ୍ଜେଇ ଆଣିବା ପରେ ନିର୍ଦ୍ଧାରିତ ସ୍ଥାନରେ ଗଞ୍ଜେଇ ପହଞ୍ଚାଇବା ବଦଳରେ ସେଥିରୁ ୨୦ କେଜି ଅନ୍ୟତ୍ର ବିକ୍ରୀ କରି ଦେଇଥିଲେ। ଅବଶିଷ୍ଟକୁ ଫେରାଇବା ବଦଳରେ ମୋଟା ଅଙ୍କର ଟଙ୍କା ଦାବି କରିଥିଲେ। ଗଞ୍ଜେଇ ଫେରି ପାଇବାର ସମ୍ଭାବନା ନ ଥିବା ଦେଖି ବ୍ୟବସାୟୀମାନେ ଗାଡି ସହିତ ଗଞ୍ଜେଇକୁ ଧରାଇ ଦେବାକୁ ଜାଲ ବିଛାଇ ଥିଲେ। ଫଳରେ ଅବକାରୀ ବିଭାଗ ହାତରେ ସୋନୁ ଧରା ପଡି ଥିଲେ। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଇନ୍ସପେକ୍ଟର ସମୀର କୁମାର ମହାନ୍ତି ଭୋର ସମୟରେ ସଦଳବଳେ ମାନତିରା ଗାଁରେ ଚଢ଼ାଉ କରିଥିଲେ। ଜଗନ୍ନାଥ ମନ୍ଦିର ନିକଟରେ ସୋନୁ ଏକ ଦାମି କାରରେ ୬୩ କିଲୋ ଗଞ୍ଜେଇ ବିକିବାକୁ ନେଉଥିବା ବେଳେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ. ୧୪୬/୨୩) ରୁଜୁହୋଇଛି।

### ନିଯୁକ୍ତି ପାଇଁ ଜଟିଆ ଷ୍ଟିଲ ସମ୍ମୁଖରେ ମହିଳାଙ୍କ ଧାରଣା

କଳିଙ୍ଗନଗର,୧୬।୧୦(ଶୁଭାଶିଷ ରାଉତ)

କଳିଙ୍ଗନଗର ଶିଳ୍ପାଞ୍ଚଳର ଯଖପୁରାଠାରେ ନିର୍ମାଣଧୀନ ଜଟିଆ ଷ୍ଟିଲ କାରଖାନା ପରିସରରେ ସ୍ଥାନୀୟ ମହିଳାମାନେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଅଭିଯୋଗ ମୁତାବକ କାରଖାନା ପାଇଁ ସମ୍ମତି ଦେବା ବଦଳରେ କାରଖାନାରେ ନିଯୁକ୍ତି ଓ ଠିକାକାମରେ ସୁଯୋଗ ଦିଆଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର କାରଖାନାର ପ୍ରାଚୀର ନିର୍ମାଣ ସରିଥିଲେ ମଧ୍ୟ ପ୍ରତିଶ୍ରୁତି ପାଳନ କରାଯାଇ ନାହିଁ। ଏଥିପାଇଁ ମହିଳାମାନେ ଆନ୍ଦୋଳନରେ ସାମିଲ ହୋଇଥିବା କହିଛନ୍ତି। ଠିକା କାମ କରିବାକୁ ସୁଯୋଗ ନ ମିଳିଲେ ନିର୍ମାଣ କାମ ବନ୍ଦ କରାଯିବ ବୋଲି ମହିଳା ମାନେ ଧମକ ଦେଇଛନ୍ତି। କାରଖାନା କର୍ତ୍ତୃପକ୍ଷ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଉଦ୍ଧାର ଶିଶୁ ପୁଣି ସାଜୁଛନ୍ତି ଶ୍ରମିକ

## ନିଷ୍କ୍ରିୟ ଶିଶୁଶ୍ରମିକ ଉଦ୍ଧାରକାରୀ ଟାସ୍କଫୋର୍ସ

ଯାଜପୁର,୧୬।୧୦ (ହର୍ଷବର୍ଦ୍ଧନ ବେହେରା) :

ଯାଜପୁର ଜିଲାର ବିଭିନ୍ନ ହୋଟେଲ, ଗ୍ୟାରେଜ ଆଦି ସ୍ଥାନରେ କାମ କରୁଥିବା ଶିଶୁମାନଙ୍କୁ ଉଦ୍ଧାର କରିବା ପରେ ପୁଣି ସେମାନେ ଶିଶୁ ଶ୍ରମିକ ଭାବେ କାମ କରୁଥିବା ଦେଖିବାକୁ ମିଳିଛି। ଶିଶୁ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଶିଶୁ ଓ କିଶୋର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଶ୍ରମ ଉଦ୍ଧାରକାରୀ ଟାକ୍ସଫୋର୍ସ କମିଟିର ଅଧକ୍ଷ ଓ ଶ୍ରମ କମିଶନରଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ଯଦି ପ୍ରଶାସନ ପକ୍ଷରୁ ଶ୍ରମ ମୁକ୍ତ ରାଜ୍ୟ ଗଠନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ସେ ନ୍ୟାୟିକ ବ୍ୟବସ୍ଥାର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି। ସେ ତାଙ୍କ ଅଭିଯୋଗରେ ଆହୁରି ଦର୍ଶାଇଛନ୍ତି ଯେ, ଗତ ଏପ୍ରିଲ ୨୯ରେ ରସୁଲପୁର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଜାତୀୟ ରାଜପଥ-୧୬ ଗୋପାଳପୁର ନିକଟରେ ଥିବା ଏକ ହୋଟେଲରୁ ଦୁଇ ଜଣ ଶିଶୁ ଶ୍ରମିକ କାମ କରୁଥିଲେ। ଘଟଣାର ଅଭିଯୋଗ ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଡିସିପିଓ ଓ କୁଆଖିଆ ପୋଲିସ ମିଳିତ ପ୍ରୟାସରେ ହୋଟେଲରେ ଚଢାଉ କରି ଦୁଇ ଶିଶୁଙ୍କୁ ଉଦ୍ଧାର କରିଥିଲେ। ଶିଶୁ ଦୁହିଁଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରିବା ପରେ ସେମାନଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ସେମାନଙ୍କ ମଙ୍ଗଳ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। କେବଳ ସେମାନଙ୍କୁ ଭିନ୍ନ ଭିନ୍ନ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ଦିଆଯାଇଥିଲା। କିନ୍ତୁ ଶିଶୁଙ୍କ ପାରିବାରିକ ଆର୍ଥିକ ସ୍ଥିତିର ସୁଧାର ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଉକ୍ତ ଶିଶୁଙ୍କ ସ୍ଥାୟୀ ଘର ଅଛି କି ନାହିଁ ତାହାର ତଥ୍ୟ ନିଆଯାଇ ନ ଥିଲା। ପରିବାରରେ ଦାରିଦ୍ର୍ୟତା ଯୋଗୁ ଶିଶୁ ଦୁଇଜଣ ଏବେ ଉକ୍ତ ହୋଟେଲରେ ପୁନର୍ବାର ଶ୍ରମିକ ଭାବେ କାମ କରୁଥିବା ଅଭିଯୋଗ ହୋଇଛି। ହୋଟେଲରୁ ଶିଶୁ ଉଦ୍ଧାର ୩ ମାସ ପରେ ମଧ୍ୟ ପ୍ରଶାସନ ପକ୍ଷରୁ ହୋଟେଲ ମାଲିକ ବିରୋଧରେ ଏତଲା ମଧ୍ୟ କରାଯାଇନାହିଁ। ଯାହାଫଳରେ ଶିଶୁ ଦୁହେଁ ଏବେ ବି ଶ୍ରମିକ ଭାବେ ନିଯୋଜିତ ହୋଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଜିଲାରେ ଶିଶୁ ଶ୍ରମିକ ବଢୁଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ କେବେ କେମିତି ଉଦ୍ଧାର କରାଯାଉଛି। ମାତ୍ର ନିୟମ ଅନୁଯାୟୀ ଶିଶୁଶ୍ରମିକ ନିଯୋଜିତ କରୁଥିବା ଲୋକଙ୍କ ବିରୋଧରେ କୌଣସି ପ୍ରକାର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସମାଜରେ ଶିଶୁଶ୍ରମିକ ସଂଖ୍ୟା ଅଣାୟତ୍ତ ହେବାର ଦେଖା ଦେଇଛି। ଅପରପକ୍ଷେ ଶିଶୁଶ୍ରମିକ ନିଯୋଜିତ କରୁଥିବା ବ୍ୟକ୍ତିମାନେ ଆହୁରି ଉତ୍ସାହିତ ହେଉଛନ୍ତି। ଯାହାଫଳରେ ସରକାରଙ୍କ ଯେଉଁ ମହତ୍ ଉଦ୍ଦେଶ୍ୟ ରହିଛି ଶିଶୁଶ୍ରମିକ ମୁକ୍ତ ରାଜ୍ୟ ଗଠନ କରିବା ତାହା ସଫଳ ହୋଇ ପାରୁନାହିଁ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ରବିବାର ରାତି ପ୍ରାୟ ୭ ଟା ୫୦ ମିନିଟରେ ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

## ନବୀନଙ୍କ ଜନ୍ମ ଦିନରେ ଦୀପଦାନ




ବନ୍ଦାଳୋସ୍ଥିତ ହନୁମାନ ମନ୍ଦିରରେ ବିଜେଡି କର୍ମୀ ଓ ସ୍ଥାନୀୟ ବିଧାୟକ ଦୀପଦାନ କରୁଛନ୍ତି।

ଚଣ୍ଡିଖୋଲ,୧୬।୧୦(ପ୍ରଦୀପ୍ତ କୁମାର ପୃଷ୍ଟି) :

ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମ ଦିବସ ଉପଲେକ୍ଷ ବଡ଼ଚଣା ବିଜୁ ଜନତା ଦଳ ପକ୍ଷରୁ ବନ୍ଦାଳୋସ୍ଥିତ ହନୁମାନ ମନ୍ଦିରରେ ସମୂହ ଦୀପଦାନ କରାଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ପ୍ରଥମେ ସମସ୍ତ କର୍ମୀମାନେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଏହା ପରେ ତାଙ୍କର ଦୀର୍ଘାୟୁ କାମନା କରି ହନୁମାନ ମନ୍ଦିରରେ ସମୂହ ଦୀପଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଯୁବବିଜେଡି ସଭାପତି ଗଣେଶ୍ୱର ବରାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଛାତ୍ରବିଜେଡି ସଭାପତି ଯତିନ୍ଦ୍ର ପ୍ରସାଦ ନାୟକ, ବ୍ଲକ ବିଜେଡି କୋଷାଧ୍ୟକ୍ଷ ମିହିର କୁମାର ସ୍ୱାଇଁ, ସମିତି ସଭ୍ୟ ମଧୁସୁଧନ ବଳ, ସରପଞ୍ଚ ନବଦ୍ୱୀପ ନାୟକ, ବୈଜୟନ୍ତୀ ବିଶ୍ୱାଳ, ଅଜୟ ବିଶ୍ୱାଳ, ତାପସ ରାୟ, ପ୍ରକାଶ ପ୍ରଧାନ, ଦିଲ୍ଲୀପ କୁମାର ନାୟକ, ନିରଞ୍ଜନ ସେନାପତି, ଆମ୍ବା ଅଧ୍ୟକ୍ଷ ବିପିନ୍ ବିହାରୀ ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ବ୍ଲକ୍ ଅଫିସକୁ ଧସେଇ ପଶିଲେ ଆନ୍ଦୋଳନକାରୀ




ଆନ୍ଦୋଳନକାରୀମାନେ ଶୋଭାଯାତ୍ରାରେ ବ୍ଲକ ଅଫିସ ସମ୍ମୁଖକୁ ଯାଉଛନ୍ତି।

ଦଶରଥପୁର,୧୬।୧୦ (ମନୋଜ ପୃଷ୍ଟି)

୪ ଦଫା ଦାବି ନେଇ ଦଶରଥପୁର ବ୍ଲକ୍ ଅଞ୍ଚଳର ଗରିବ ବିକାଶ ମଞ୍ଚ ପକ୍ଷରୁ ସୋମବାର ବ୍ଲକ୍ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନକାରୀମାନେ ବ୍ଲକ୍ ଅଫିସ ଫାଟକ ତାଲା ଭାଙ୍ଗି ଧସେଇ ପଶିଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

ଗରିବ ବିକାଶ ମଞ୍ଚର ଆହ୍ୱାନରେ ୪ ଦଫା ଦାବିପୂରଣ ନେଇ ବ୍ଲକ୍ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ବୃଦ୍ଧା,ବୃଦ୍ଧ,ବିଧବା,ଅସହାୟ ଏବଂ ଭିନ୍ନକ୍ଷମମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳିକୁ ଖାତିରି ନ କରି ପ୍ରାୟ ଦେଢ ହଜାରରୁ ଉର୍ଦ୍ଧ୍ୱ ଆନ୍ଦୋଳନକାରୀ ବ୍ଲକ୍ ନିକଟ ତହସିଲ ପଡ଼ିଆଠାରେ ସାଢ଼େ ୧୦ଟା ସମୟରେ ଏକଜୁଟ ହୋଇଥିଲେ। ସେଠାରେ ସରୋଜ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସରକାର ଭତ୍ତା ରାଶିକୁ ୩ ହଜାର ଟଙ୍କାକୁ ବୃଦ୍ଧି କରିବା। ଶବ୍ଦ ପ୍ରଦୂଷଣ କରୁଥିବା ଡିଜେ ସାଉଣ୍ଡକୁ ବେଆଇନ୍ ଘୋଷଣା କରିବା, ସରକାରୀ କର୍ମଚାରୀମାନଙ୍କ ପିଲାମାନେ ସରକାରୀ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବା। ସରକାରୀ କର୍ମଚାରୀମାନଙ୍କ ଚିକିତ୍ସା ବ୍ୟବସ୍ଥା ସରକାରୀ ଚିକିତ୍ସାଳୟରେ କରାଯିବା, ନିଶା ଦ୍ରବ୍ୟ ସାଙ୍ଗକୁ ପିସି କାରବାର ବନ୍ଦ କରିବା ଉପରେ ବକ୍ତାମାନେ ଗୁରୁତ୍ୱ ଦେଇଥିଲେ। ମଞ୍ଚ ପକ୍ଷରୁ ରବି ସାହୁ,ଚୌଧୁରୀ ଜେନା,ଦୁର୍ଗା ବାରିକ, ମଳୟ ପଣ୍ଡା, ସଚିନ ମହାପାତ୍ର,ବିକ୍ରମ ରାଉତ,ମଧୁସ୍ମିତା ପରିଡା, ଧରିତ୍ରୀ ବେହେରା,ପ୍ରଭାତୀ ମଲିକ, ଗୌରାଙ୍ଗ ବଳ,ଦର୍ପ ନାରାୟଣ ମହାପାତ୍ର,ପ୍ରଫୁଲ ଦାସ, ଧ୍ରୁବ ସାହୁ,ଦଶରଥ ମହାଳିକ, ବନମାଳୀ ବାଇ,ରବି ଦାସ ଓ ଦିଗମ୍ବର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହାପରେ ମଞ୍ଚ ପକ୍ଷରୁ ତହସିଲ ଅଫିସଠାରୁ ଏକ ପଦୁଆର ବାହାରି ବ୍ଲକ୍ ସମ୍ମୁଖରେ ପହଞ୍ଚି ଥିଲା। ସେଠାରେ ପୂର୍ବରୁ ବ୍ଲକ୍ର ମୂଖ୍ୟ ଫାଟକରେ ତାଲା ପଡିଥିବାରୁ ଆନ୍ଦୋଳନକାରୀମାନେ ତାଲା ଭାଙ୍ଗି ବ୍ଲକ୍ ଅଫିସକୁ ଧସେଇ ପଶିଥିଲେ। ଆନ୍ଦୋଳନକାରୀମାନେ ବିଡିଓଙ୍କ ସହ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

## ଠିପି ଖୋଲା ମଦ ଦୋକାନକୁ ଗ୍ରାମବାସୀଙ୍କ ବିରୋଧ

ଯାଜପୁରରୋଡ,୧୬।୧୦(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ପୌରପରିଷଦ ଅର୍ନ୍ତଗତ ୧୩ ନଂ.ୱାର୍ଡ ନହକା ଗୋଲେଇ ଛକ ନିକଟରେ ପ୍ରସ୍ତାବିତ ଅମ୍ବିକା ଠିପି ଖୋଲା ବିଦେଶୀ ମଦ ଦୋକାନକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୋମବାର ଭଟିଆ ମୌଜାର ଶତାଧିକ ଅଧିବାସୀଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ଧର୍ମଶାଳାରେ ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ପ୍ରସ୍ତାବିତ ମଦ ଦୋକାନ ସ୍ଥାନାନ୍ତର ଯେଉଁସ୍ଥାନକୁ ହେଉଛି ତାର ଅନତି ଦୂରରେ ଅଙ୍ଗନୱାଡି କେନ୍ଦ୍ର, ମନ୍ଦିର, ବ୍ୟାଙ୍କ ଏବଂ ବିଭିନ୍ନ ବ୍ୟବସାୟିକ କେନ୍ଦ୍ର ରହିଛି। ଫଳରେ ଏହି ସ୍ଥାନରେ ମଦ ଦୋକାନ ଖୋଲା ଗଲେ ଏହାର ପ୍ରଭାବ କୋମଳମତି ଶିଶୁମାନଙ୍କ ଉପରେ ପଡିବ। ସେହିପରି ଏହି ପ୍ରସ୍ତାବିତ ସ୍ଥାନ ପାଖରେ ଏକ ଆଦିବାସୀ ବସ୍ତି ରହିଛି। ସେଠାକାର ସମସ୍ତ ଲୋକ ଶ୍ରମିକ ଭାବେ କାମ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ଏଠାରେ ମଦ ଦୋକାନ ହେଲେ ଏହାର ସିଧାସଳଖ ପ୍ରଭାବ ସେହି ପରିବାର ଲୋକଙ୍କ ଉପରେ ପଡିବ ବୋଲି ଗ୍ରାମବାସୀ କହିଛନ୍ତି।

## ବେଆଇନ ବାଣ ପ୍ରସ୍ତୁତକାରୀଙ୍କ ଘରେ ଚଢାଉ, ୨ ଗିରଫ

ରସୁଲପୁର,୧୬।୧୦(ରଞ୍ଜିତ ରାଉତ)

କୁଆଖିଆ ଥାନା ରାହାମ୍ବା ପଞ୍ଚାୟତ ସଦାନନ୍ଦପୁର ଗ୍ରାମରେ ପୋଲିସ ବେଆଇନ ବାଣ କାରଖାନା ଉପରେ ଚଢାଉ କରିଛି। ଘଟଣାସ୍ଥଳରୁ ପୋଲିସ ବିସ୍ଫୋରକ ସାମଗ୍ରୀ ଓ ପ୍ରସ୍ତୁତ ବୋମାଗୁଡ଼ିକୁ ଜବତ କରିଛି। ବେଆଇନ ବାଣ କାରବାରରେ ସଂପୃକ୍ତ ୨ଜଣଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ତଦନ୍ତ ଜାରି ରହିଛି।

ସୂଚନା ଅନୁଯାୟୀ, ଆଗକୁ ଦୀପାବଳି ଆସୁଛି। ଏହି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ବ୍ୟାପକ ବେଆଇନ ବାଣ ପ୍ରସ୍ତୁତ ହେଉଛି। ବିନା ଲାଇସେନ୍ସରେ ବାଣ କାରବାର କରୁଥିବା ଅଭିଯୋଗ ପାଇ ପୋଲିସ ୨ଜଣ ବାଣ ପ୍ରସ୍ତୁତକାରୀ ଜିତେନ ମଲିକ(୨୭), ମଧୁସୂଦନ ମହାନ୍ତି(୫୬)ଙ୍କ ଘର ଉପରେ ଚଢାଉ କରିଥିଲା। ଉଭୟ ଅଭିଯୁକ୍ତଙ୍କ ଘରୁ ୪୦କେଜି ବାରୁଦ, ୫୦ଟି ହାତ ତିଆରି ବୋମା ଜବତ କରିଛି। ଉକ୍ତ ବାଣ କାରବାର ପାଇଁ ସେମାନଙ୍କ ପାଖରେ ଅନୁମତି ପତ୍ର ନ ଥିବାରୁ ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ସହ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ବାଣଗୁଡିକୁ ବିଶେଷଜ୍ଞ ଦଳଙ୍କ ଉପସ୍ଥିତିରେ ଅକାମୀ କରି ଦିଆଯିବ ବୋଲି କୁଆଖିଆ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ ସୂଚନା ଦେଇଛନ୍ତି। ଏଥିସହ ଆଗକୁ ବେଆଇନ ବାଣ କାରବାର ଉପରେ ଚଢାଉ ଜାରି ରହିବ। ଦୀପାବଳି ପୂର୍ବରୁ ପୋଲିସ ବେଆଇନ ବାଣ ତିଆରିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଥାନା ପକ୍ଷରୁ ଏକ ସ୍କ୍ୱାର୍ଡ ଗଠନ କରାଯାଇଛି ବୋଲି ସେ କହିଛନ୍ତି।

## ନଗଡ଼ାରେ ବାଘ ଆତଙ୍କ



ଚିହ୍ନଟ ହୋଇଥିବା ବାଘର ପାଦଚିହ୍ନ।

କଳିଆପାଣି,୧୬।୧୦(ଅସିତ୍ ମହାନ୍ତ)

ସମ୍ପ୍ରତି ବନ ବିଭାଗର ବାଘ ଗଣନା କାର୍ଯ୍ୟକ୍ରମ ଚାଲିଛି। ହେଲେ ଯାଜପୁର ଓ ଢେଙ୍କାନାଳ ଜିଲା ସୀମାନ୍ତ ନାଗଡ଼ା ଅଞ୍ଚଳରେ କଲରାପତରିଆ ବାଘ ରହିଥିବା ପାଦ ଚିହ୍ନରୁ ସୂଚନା ମିଳିଛି। ଦୈତାରୀ ସଂରକ୍ଷିତ ଜଙ୍ଗଲରେ ଗତବର୍ଷ ମହାବଳ ବାଘ ଦେଖିବାକୁ ମିଳିଥିବା ବେଳେ ଚଳିତ ବର୍ଷ ନଗଡ଼ା ଅଞ୍ଚଳରେ ରହୁଥିବା ପାଦ ଚିହ୍ନରୁ ଜଣା ପଡ଼ିଛି ବୋଲି ରାସୋଲ ଫରେଷ୍ଟର ନରେଶ କୁମାର ଟୁଡୁ ସୂଚନା ଦେଇଛନ୍ତି। ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବାଘ ଗଣନା କାର୍ଯ୍ୟକ୍ରମ ଚାଲିଥିବା ବେଳେ ଯାଜପୁର ଜିଲା ସୁକିନ୍ଦା ତହସିଲ ଚିଙ୍ଗୁଡ଼ିପାଳ ପଞ୍ଚାୟତର ନାଗଡ଼ା ଡୁମୁଣି ମଝି କମାରୁଣି ପାହାଡ଼ରେ ପାଦଚିହ୍ନ ରହିଥିବା ଦେଖିବାକୁ ମିଳୁଛି। ଉକ୍ତ ପାହାଡ଼ରେ ବାଘ ବ୍ୟତୀତ ବାରାହା, ହରିଣ ଓ ଅନ୍ୟାନ୍ୟ ବନ୍ୟ ଜୀବଜନ୍ତୁ ଦେଖିବାକୁ ମିଳି ଥାଆନ୍ତି ବୋଲି ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳିଛି।

## ଜିଲାସ୍ତରୀୟ ବିଜ୍ଞାନ ମେଳାରେ ୨ ପ୍ରକଳ୍ପ ପୁରସ୍କୃତ

ଯାଜପୁର ସଦର,୧୬।୧୦(ସମର ବିଜୟ ଶରଣ)

ଯାଜପୁର ବ୍ଲକ ଅନ୍ତର୍ଗତ ଶ୍ୟାମ ଦାସ ପୁର ପଞ୍ଚାୟତ କୁଝଲା ଛକଠାରେ ଥିବା ଅକ୍ଷୟ କୁମାର ବିଦ୍ୟା ନିକେତନର ୨ ଛାତ୍ର ବିଜ୍ଞାନ ମେଳାରେ କୃତିତ୍ୱ ହାସଲ କରିଛନ୍ତି। ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ପକ୍ଷରୁ ଯାବରାଠାରେ ଅନୁଷ୍ଠିତ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ୧୦୮ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ସିନିୟର୍ ଗ୍ରୁପରେ ଉକ୍ତ ସ୍କୁଲର ୮ମ ଶ୍ରେଣୀ ଛାତ୍ର ଶିବ ପ୍ରସାଦ ସାହୁଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଓ ୭ମ ଶ୍ରେଣୀ ଛାତ୍ର ଦିବ୍ୟ ରଞ୍ଜନ ବେହେରାଙ୍କ ପ୍ରକଳ୍ପ ୩ୟ ସ୍ଥାନ ଅଧିକାର କରିଛି। ଉଭୟ ଛାତ୍ରଙ୍କ ଏହି କୃତିତ୍ୱ ପାଇଁ ବିଦ୍ୟା ନିକେତନର ପ୍ରଧାନ ଶିକ୍ଷୟିତ୍ରୀ, ଗୁରୁଜୀ, ଗୁରୁମା ଓ ଅଭିଭାବକମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଛାତ୍ରୀଛାତ୍ରଙ୍କ ସହ ପୋଲିସ କ୍ୟାଡେଟ ସମ୍ପର୍କ ଅଭିଯାନ



ପୋଲିସ ଅଧିକାରୀଙ୍କ ସହ ଏନ୍‌ସିସି ଛାତ୍ରୀଛାତ୍ର।

ଚଣ୍ଡିଖୋଲ,୧୬।୧୦(ପ୍ରଦୀପ୍ତକୁମାରପୃଷ୍ଟି):

ବଡ଼ଚଣା ଥାନା ପକ୍ଷରୁ ଧାନମଣ୍ଡଳ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ସୋମବାର ଏନ୍‌ସିସି ଛାତ୍ରୀଛାତ୍ରମାନଙ୍କ ସହିତ ପୋଲିସର ସହଯୋଗ ସଂକ୍ରାନ୍ତୀୟ କ୍ୟାଡ଼େଟ ଆରମ୍ଭ ହୋଇଛି। କିଭଳି ଭାବେ ଛାତ୍ରୀଛାତ୍ରମାନେ ପୋଲିସ ସହିତ ସୁସମ୍ପର୍କ ରକ୍ଷା କରି ସେବା ପ୍ରଦାନ କରି ପାରିବେ ସେଥି ନେଇ ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଯୋଗଦେଇ ସୂଚନା ଦେଇଥିଲେ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ କିଭଳି ଦୂରତା ହ୍ରାସ ପାଇ ପାରିବ ଏବଂ ଛାତ୍ରୀଛାତ୍ରମାନେ ଅପରାଧଠାରୁ କିପରି ଦୂରେଇ ରହିବେ ଏ ସମ୍ପର୍କରେ ଥାନା ଅଧିକାରୀ ପାତ୍ର ପରାମର୍ଶ ଦେଇଥିଲେ। ବଡ଼ଚଣା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ମହାପାତ୍ର, ଶିକ୍ଷାକମିଟିର ସଭାପତି ସୁକାନ୍ତ ଧଳ ଓ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ କିପରି ଉତ୍ତମଶିକ୍ଷା ପାଇବା ସହିତ ଅପରାଧିକ କାର୍ଯ୍ୟକଳାପ ପ୍ରତି ଆକୃଷ୍ଟ ନ ହେବେ ଓ ବିପଦ ସମୟରେ ଲୋକମାନଙ୍କୁ ସାହାଯ୍ୟ କରିବେ କାର୍ଯ୍ୟକ୍ରମର ମୁଖ୍ୟାଂଶ ହୋଇଥିବା ବେଳେ ଆଇନଗତ ଦିଗ ପ୍ରତି ସମସ୍ତ ସଚେତନ ହେବାକୁ ପୋଲିସ ପକ୍ଷରୁ ପ୍ରଶିକ୍ଷଣ ଦିଆଯିବ ବୋଲି କୁହାଯାଇଥିଲା। ପ୍ରଥମ କରି ବଡ଼ଚଣା ଥାନା ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ ଥାନାଅଧିକାରୀଙ୍କୁ ସମସ୍ତ ଛାତ୍ରୀଛାତ୍ରମାନେ କୃତଜ୍ଞତା ଜ୍ଞାପନ କରିଥିଲେ।

# ଚୋରା ବାଲିରେ ଚାଲିଛି ନଦୀବନ୍ଧ ନିର୍ମାଣ

## ପ୍ରଶାସନ ଦୃଷ୍ଟି ଆଢୁଆଳରେ ବେଆଇନ ଗଚ୍ଛିତ ବାଲିଗଦା

ରସୁଲପୁର,୧୬।୧୦(ରଞ୍ଜିତ ରାଉତ)

ରସୁଲପୁର ତହସିଲ ଅଧୀନ ବାରବାଟୀ ପଞ୍ଚାୟତର ବ୍ରାହ୍ମଣୀ ନଦୀର ବାମପାର୍ଶ୍ୱ ଦୁର୍ଗାପୁରଠାରୁ ଶିଆଳିଆ ପର୍ଯ୍ୟନ୍ତ ବନ୍ଧ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି। ବନ୍ଧ ନିର୍ମାଣ କାର୍ଯ୍ୟରେ ଚୋରା ବାଲି ବ୍ୟବହାର କରାଯାଉଛି। ବାଲି ବାବଦକୁ ସରକାରଙ୍କୁ ରାଜସ୍ୱ ପୈଠ ନ କରି ଠିକାସଂସ୍ଥା ପକ୍ଷରୁ ବ୍ରାହ୍ମଣୀ ନଦୀର ବିଭିନ୍ନ ସ୍ଥାନରୁ ରାତି ଅଧିଆ ବାଲି ଉତ୍ତୋଳନ କରାଯାଇ ନିର୍ମାଣ କାର୍ଯ୍ୟ କରାଯାଉଛି ବୋଲି ଅଭିଯୋଗ ହୋଇଛି। ଏଭଳି ଘଟଣା ପରେ ବ୍ରାହ୍ମଣୀ ନଦୀର ଭଗତପୁର ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନ ଉପରୁ ପରଦା ଉଠିଛି। ଏହି ବେଆଇନ ଚାଲାଣରେ ଠିକାସଂସ୍ଥା ଗୌରବ କନଷ୍ଟ୍ରକଶନ ସଂପୃକ୍ତି ରହିଛି। ଉକ୍ତ ଠିକାସଂସ୍ଥା ପକ୍ଷରୁ ବ୍ରାହ୍ମଣୀ ନଦୀବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟ କରାଯାଉଛି। ଉକ୍ତ ଠିକାସଂସ୍ଥା ବ୍ରାହ୍ମଣୀ ନଦୀର ବିଭିନ୍ନ ସ୍ଥାନରୁ ରାତି ଅଧିଆ ବେଆଇନ ବାଲି ଉତ୍ତୋଳନ କରି ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରିବାକୁ ପ୍ରୟାସ ଜାରି ରଖିଛି। ଏଭଳି ସ୍ଥିତି ଠିକାସଂସ୍ଥା ପକ୍ଷରୁ ବନ୍ଧ ପାର୍ଶ୍ୱବର୍ତ୍ତୀ ଗ୍ରାମ କଳଣ ସ୍ଥିତ ମଧୁପୁର କଲେଜ ପଛ ପଟରେ ଥିବା ବେଆଇନ ଷ୍ଟକୟାର୍ଡରେ ଗଚ୍ଛିତ ଥିବା ବାଲିଗଦାରୁ ସ୍ପଷ୍ଟ ହୋଇଛି।

ଗତ କିଛି ଦିନ ହେବ ବ୍ରାହ୍ମଣୀ ନଦୀର ଭଗତପୁର ଘାଟରୁ ପ୍ରୋକଲିନ୍ ମେଶିନ ଲଗାଇ ହାଇୱା, ଟିପ୍ପର ଆଦିରେ ରାତି ଅଧିଆ ବାଲି ଉତ୍ତୋଳନ କରୁଥିଲେ। ଉକ୍ତ ବାଲିକୁ ଠିକାସଂସ୍ଥା ପକ୍ଷରୁ କଳଣସ୍ଥିତ ଷ୍ଟକୟାର୍ଡରେ ଗଚ୍ଛିତ ରଖିବା ସହ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରୁଥିଲେ। ଏବେ ବି ଷ୍ଟକୟାର୍ଡରେ ଶତାଧିକ ଟ୍ରିପ୍ ଚୋରା ବାଲି ଗଚ୍ଛିତ ହୋଇ ରହିଛି। ଉକ୍ତ ବାଲିକୁ ବ୍ୟବହାର କରି ଠିକାସଂସ୍ଥା ପକ୍ଷରୁ ନିର୍ମାଣ କାର୍ଯ୍ୟ କରାଯାଉଛି। ଉକ୍ତ ଷ୍ଟକ୍ୟାର୍ଡ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଉଛି। ବେଆଇନ ବାଲି ଉତ୍ତୋଳନ କରାଯାଉଥିବା ଅଭିଯୋଗରେ ପୋଲିସ ଓ ତହସିଲ ପ୍ରଶାସନ ପକ୍ଷରୁ ମେଶିନ ଓ ଟିପ୍ପରକୁ ଜବତ କରାଯାଇଛି। ତେବେ ନଦୀଗର୍ଭରୁ ଖନନ କରାଯାଇଥିବା ଏକରରୁ ଉର୍ଦ୍ଧ୍ୱ ଜମିରେ ଗର୍ତ୍ତକୁ ଏଯାଏ ମାପଚୁପ୍ କରାଯାଇ ନାହିଁ। ବାଲି ଉତ୍ତୋଳନ କରାଯାଇ ଷ୍ଟକୟାର୍ଡରେ ଗଚ୍ଛିତ ରଖାଯାଇଛି ତାକୁ ପ୍ରଶାସନ ପକ୍ଷରୁ ଆକଳନ କରାଯିବାକୁ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉ ନାହିଁ। ପୋଲିସ ଓ ତହସିଲ ପ୍ରଶାସନ ପକ୍ଷରୁ ଜବତ ମେଶିନକୁ ନେଇ ଏକ ମାମଲା ରୁଜୁ କରାଯାଇ କେସ୍‌କୁ କୋହଳ କରିଦେବାକୁ ମସୁଧା କରାଯାଉଛି। ଉକ୍ତ ଘଟଣାରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ କାବୁ କରିବାରେ ପୋଲିସ ଟାଳଟୁଳ ନୀତି ଅବଲମ୍ବନ କରୁଛି ବୋଲି ଅଭିଯୋଗ ହେଉଛି।



ନଦୀବନ୍ଧ ନିର୍ମାଣ ପାଇଁ ରାସ୍ତାରେ ଗଦାହୋଇଥିବା ବାଲି।

ଘଟଣା ଘଟିବାର ୨ଦିନ ପରେ ବି ପୋଲିସ ପକ୍ଷରୁ ଅଭିଯୁକ୍ତମାନଙ୍କ ବିରୋଧରେ ସନ୍ତୋଷଜନକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ପୋଲିସ ପକ୍ଷରୁ ଉକ୍ତ ଘଟଣାକୁ ନେଇ ଧର୍ମଶାଳା ଥାନାରେ ଏକ ମାମଲା(ନଂ.୬୪୪/୨୩) ରୁଜୁ କରାଯାଇଛି। ଜେନାପୁର ଅଞ୍ଚଳର ଜଣେ ଅଭିଯୁକ୍ତକୁ ଥାନାରେ ଅଟକ ରଖି ପଚରା ଉଚୁରା ଜାରି ରଖିଥିବା ସମ୍ପର୍କରେ ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି। ତେଣେ ତହସିଲ ପ୍ରଶାସନ ପକ୍ଷରୁ ବେଆଇନ ବାଲି ଉତ୍ତୋଳନ ସ୍ଥାନକୁ ପରିଦର୍ଶନ କରାଯାଇ ନାହିଁ। ବେଆଇନ ବାଲି ଉଠାଣ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବେଆଇନ ଭାବରେ ଗଚ୍ଛିତ ଥିବା ବାଲିଗଦାକୁ ତହସିଲ ପ୍ରଶାସନ ପକ୍ଷରୁ ଜବତ କରାଯିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାର ନିରଞ୍ଜନ ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ତହସିଲଦାର କାର୍ଯ୍ୟାଳୟ ପକ୍ଷରୁ ରାଜସ୍ୱ ନିରୀକ୍ଷକଙ୍କ ପଠାଇ ସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ତହସିଲଦାର ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଏଠାରେ ଲଘୁ ଖଣିଜ ସାମଗ୍ରୀ ଉତ୍ତୋଳନରେ ପ୍ରଶାସନିକ ଅଧିକାରୀଙ୍କ କୋହଳ ମନୋଭାବ ଯୋଗୁ ବିଭିନ୍ନ ସ୍ଥାନରୁ ବାଲି ଚୋରା ଚାଲାଣ ବ୍ୟାପକ ହେଉଛି। ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସେମାନେ ବେଧଡକ ଭାବେ ବାଲି ଚୋରି କରୁଛନ୍ତି। ସରକାରଙ୍କର ରାଜସ୍ୱ ହାନୀ ଘଟୁଛି। ସାଧାରଣ ଲୋକଙ୍କର ଧନଜୀବନ ପ୍ରଭାବିତ ହେଉଛି ବୋଲି ସ୍ପଷ୍ଟ ପ୍ରମାଣ ମିଳୁଛି।

## ସଂକ୍ଷେପରେ

### ମା' ସିଦ୍ଧିଦାତ୍ରୀଙ୍କ ବ୍ରହ୍ମଚାରିଣୀ ବେଶ



### 'ଆମ ସଂସ୍କୃତି ଆମ ଖେଳଣା' କର୍ମଶାଳା

ରାଜନଗର, ୧୬।୧୦ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଓଗ୍ରିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟରେ 'ଆମ ସଂସ୍କୃତି ଆମ ଖେଳଣା' କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ୧୩ ତାରିଖଠାରୁ ଆରମ୍ଭ ହୋଇଥିବା ଏହି କର୍ମଶାଳା ୩ ଦିନ ଧରି ଚାଲିଥିଲା। ପ୍ରଧାନ ଶିକ୍ଷକ ପ୍ରଲ୍ୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତା ଓ ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ସେଠୀଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ବ୍ଲକ ସହ ଶିକ୍ଷାଧିକାରିଣୀ ଭକ୍ତିଲତା ବାରିକ, ଜିଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମାହୁନ୍ତ, ଶିକ୍ଷାବିତ ପ୍ରସନ୍ନ କୁମାର ଦାସ, ପରିଚାଳନା କମିଟିର ସଭାପତି ଧୀରେନ କୁମାର ବିଶ୍ୱାଳ, ଅକ୍ଷୟ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି କ୍ଲଷ୍ଟର ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ପରିଚାଳନା କମିଟିର ସଦସ୍ୟାସଦସ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଯୁବ ଚିତ୍ରଶିଳ୍ପୀ ଶ୍ରୀକାନ୍ତ କୁମାର ଦାସ ଉତ୍କଳୀୟ ସଂସ୍କୃତିର ପ୍ରାଚୀନ କୀର୍ତ୍ତିରାଜି ଓ ସ୍ଥାପତ୍ୟ ସହ ପାରମ୍ପାରିକ ହସ୍ତଶିଳ୍ପ ବୃତ୍ତିକୁ ନେଇ ଖେଳଣା ଗଢିବାର କଳା କୌଶଳ ଉପରେ ପ୍ରଶିକ୍ଷଣ ଦେଇଥିଲେ। ବିଦ୍ୟାଳୟର କଳ୍ପନା ଦାସ, ନିରାକାର ସେଠୀ, ଶ୍ରଦ୍ଧାଞ୍ଜଳି ଦାସ, ଉର୍ମିଳା ପରିଡା, ମନସ୍ୱିନୀ ରଥ, ସବିତା ମିଶ୍ର ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଜୟନ୍ତୀରେ ଲଛମନଜୀଉଙ୍କ ନିକଟରେ ଦୀପଦାନ

ଡେରାବିଶ, ୧୬।୧୦ (ବେବର୍ତ୍ତା ଅଜୟ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ଅବସରରେ ଡେରାବିଶ ବ୍ଲକ ବିଜେଡି ପକ୍ଷରୁ ନବୀନଙ୍କ ଶୁଭ ମନାସିବା ସହ ତାଙ୍କର ଦୀର୍ଘଜୀବନ କାମନା କରି ଡେରାବିଶର ପରମଆରାଧ୍ୟ ବ୍ଲକ ଅଧୀନ କୁଶିଆପାଳ ପଞ୍ଚାୟତ ଶ୍ରୀଲଛମନଜୀଉଙ୍କ ନିକଟରେ ସୋମବାର ସନ୍ଧ୍ୟାରେ ସମୂହ ଦୀପଦାନ କରାଯାଇଛି। ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ରାଜ୍ୟ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ବିଜେଡି ନେତା ପ୍ରମୋଦ ରଥ, ମହିନ୍ଦ୍ର ପ୍ରସାଦ ରଥ, ଯୋଗାନନ୍ଦ ମହାନ୍ତି, ପ୍ରମୋଦ ଭଦ୍ର, ଗୋଲଖ ସାହୁ, ଅରବିନ୍ଦ ମଲିକ, ବଟକୃଷ୍ଣ ସେଠୀ, ନିତ୍ୟାନନ୍ଦ ଭଦ୍ର, ଦୟାନିଧି ଦାସ, ସିଲୁ ସାହୁ, ଅଭିଜିତ୍ ସିଂ, ସନ୍ତୋଷ ସାହୁ, ଶାରଦା ପଣ୍ଡା, ବୈରାଗୀ ପଣ୍ଡା, ପ୍ରଶାନ୍ତ ସାମନ୍ତରାୟ ପ୍ରମୁଖ ଶତାଧିକ ଦଳୀୟ କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# କୁଜଙ୍ଗ ମତ୍ସ୍ୟ ବିଭାଗରେ ଦୁର୍ନୀତି ଅଭିଯୋଗ

## ଭିଜିଲାନ୍ସ ତଦନ୍ତ ଦାବିରେ ମତ୍ସ୍ୟଜୀବୀଙ୍କ କାର୍ଯ୍ୟାଳୟ ଘେରାଉ

କୁଜଙ୍ଗ, ୧୬।୧୦ (ମନୋଜ ପ୍ରଧାନ)

କୁଜଙ୍ଗ ଅତିରିକ୍ତ ମତ୍ସ୍ୟବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଥିବା ଅଭିଯୋଗକରି ସୋମବାର ମତ୍ସ୍ୟଜୀବୀମାନେ ତାଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

ସରକାରଙ୍କ ତରଫରୁ ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାରର ଯୋଜନା ଯଥା ସବ୍‌ସିଡିରେ ଜାଲ, ଡଙ୍ଗା, ଇଞ୍ଜିନ ଆଦି ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ବନ୍ୟା ବାତ୍ୟା ସମୟରେ ମତ୍ସ୍ୟଜୀବୀମାନେ ମାଛ ନ ମାରିବା ଫଳରେ ପରିବାର ପ୍ରତିପୋଷଣ ନିମନ୍ତେ ପ୍ରୋତ୍ସାହନ ରାଶି ଯୋଗାଇ ଦେବାର ବ୍ୟବସ୍ଥା ଅଛି। ଅନ୍ୟପକ୍ଷରେ ମତ୍ସ୍ୟଜୀବୀ ସମବାୟ ସମିତି ଜରିଆରେ ମାଛ ମାରିବାର ସରଞ୍ଜାମ ସହ ମରାମତି ନିମନ୍ତେ ମଧ୍ୟ ପ୍ରୋତ୍ସାହନ ରାଶି ପାଇବାର ବ୍ୟବସ୍ଥା ଅଛି। କିନ୍ତୁ କୁଜଙ୍ଗର ଅତିରିକ୍ତ ମତ୍ସ୍ୟ (ସାମୁଦ୍ରିକ) ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରକୃତ ମତ୍ସ୍ୟଜୀବୀଙ୍କୁ ଅଣଦେଖା କରି ବାଂଲାଦେଶୀ ଅନୁପ୍ରବେଶକାରୀ ଓ ଅଣ ମତ୍ସ୍ୟଜୀବୀଙ୍କୁ ଡଙ୍ଗା, ଜାଲ, ଇଞ୍ଜିନ ମୋଟା ଅଙ୍କର ଲାଞ୍ଚନେଇ ଯୋଗାଇଦେଉଥିବା ଅଭିଯୋଗ କରି ସୋମବାର କୁଜଙ୍ଗ ଅଞ୍ଚଳର ବିଭିନ୍ନ ଗ୍ରାମର ଶତାଧିକ ମତ୍ସ୍ୟଜୀବୀ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନଙ୍କ କହିବାନୁଯାୟୀ, ଦୀର୍ଘ ଦିନ ହେବ ଡଙ୍ଗା,ଜାଲ ଓ ଇଞ୍ଜିନ ପାଇବା ନିମନ୍ତେ ଦରଖାସ୍ତ କରିଥିଲେ ବି କାର୍ଯ୍ୟାଦେଶ ଦିଆଯାଉନାହିଁ। ଏନେଇ ଲାଞ୍ଚ କାରବାର ହେଉଛି। ଡଙ୍ଗା ନିର୍ମାଣକାରୀ (ବିଲ୍‌ଡର) ସଂସ୍ଥାସହ ଅଧିକାରୀ ହାତମିଳାଇ ଡଙ୍ଗା ନିର୍ମାଣ ନକରି ହିତାଧିକାରୀଙ୍କୁ ରିହାତି ଅର୍ଥରାଶି ପ୍ରଦାନ କରି ଅବଶିଷ୍ଟ ଅର୍ଥକୁ ବାଣ୍ଟି ନେଉଛନ୍ତି। ଏହି କାର୍ଯ୍ୟାଳୟର ଜଣେ ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟିକ ସିଧାସଳଖ ମତ୍ସ୍ୟଜୀବୀମାନଙ୍କୁ ଟଙ୍କା ମାଗିବା ସହ ବିଭିନ୍ନ ସମୟରେ ହଇରାଣ କରୁଛନ୍ତି। ଫଳରେ ଗରିବ, ଦଳିତ ମତ୍ସ୍ୟଜୀବୀମାନେ ଜୀବିକା ହରାଇ ଭୋକ ଉପାସରେ ବୁଲୁଛନ୍ତି । ଏହି ଦୁର୍ନୀତିର ଭିଜିଲାନ୍ସ କିମ୍ବା ସିବିଆଇ ତଦନ୍ତ ହେଲେ ପ୍ରକୃତ ସତ୍ୟାସତ୍ୟ ଲୋକ ଲୋଚନକୁ ଆସିବ ବୋଲି ମତ୍ସ୍ୟଜୀବୀଙ୍କ ନେତା ଉମାକାନ୍ତ ବେହେରା, ଅନିରୁଦ୍ଧ ବେହେରା, କେଶବ ସାମଲ, ରଞ୍ଜନ ତରାଇ, ଚିତ୍ତରଞ୍ଜନ ବେହେରା, ରଞ୍ଜନ ମାଝି, କୁଳମଣି ସାମଲ ଓ ନିଶାକର ରାଉତ ପ୍ରମୁଖ ମତ୍ସ୍ୟଜୀବୀ ଦାବି କରିଛନ୍ତି । ଏ ସମ୍ପର୍କରେ ଅତିରିକ୍ତ ମତ୍ସ୍ୟ ଅଧିକାରୀ ତୁଷାରକାନ୍ତ ମହାପାତ୍ରଙ୍କୁ ପଚାରିବାରେ କହିଥିଲେ, ମତ୍ସ୍ୟଜୀବୀଙ୍କ ଅଭିଯୋଗ ସମ୍ପର୍କରେ ଜିଲା ମତ୍ସ୍ୟ ଅଧିକାରୀଙ୍କ ସହ ଆଲୋଚନା କରି ୭ ଦିନ ମଧ୍ୟରେ ପଦକ୍ଷେପ ନିଆଯିବ ।



ମତ୍ସ୍ୟ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟକୁ ମତ୍ସ୍ୟଜୀବୀମାନେ ଘେରାଉ କରିଛନ୍ତି।

### କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ

ଏରସମା, ୧୬।୧୦ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାରଠାରୁ ଚାଲିଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ କଲେଜସ୍ତରୀୟ ପ୍ରତିଯୋଗିତାକୁ ସମ୍ପୃକ୍ତ କଲେଜର ଅଧ୍ୟକ୍ଷ ଅଶୋକ କୁମାର ଗିରି ଉଦ୍‌ଘାଟନ କରିଥିଲେ। ଶିକ୍ଷା ଗ୍ରହଣ ସହ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୌଳିକ ଉଦ୍ଦେଶ୍ୟ। ଏଥିରେ ପ୍ରତ୍ୟେକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବା ଉଚିତ ବୋଲି ସେ କହିଥିଲେ । ଏହି ଅବସରରେ କ୍ୟାରମ, ଚେସ୍, ୱାର୍ଡଗେମ୍, କୁଇଜ, ଇଂଲିଶ୍, ଓଡିଆ ବକ୍ତୃତା, ଇଂଲିଶ୍ ଓଡ଼ିଆ ପ୍ରବନ୍ଧ ଲିଖନ, କବିତା ଆବୃତ୍ତି, ଏକକ ଅଭିନୟ, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ ଓ ଝୋଟି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ପ୍ରତିଯୋଗିତାରେ ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ କଳା, ବିଜ୍ଞାନ ଓ ବାଣିଜ୍ୟ ଶ୍ରେଣୀର ୨୩୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଯୁକ୍ତ କଲେଜ ଅଧ୍ୟକ୍ଷ ବିଭୁରଞ୍ଜନ ଦାସ, ଅଧ୍ୟାପକ ଧୀରେନ କୁମାର ପାତ୍ର, ଅତୁଲ୍ୟ ଖଣ୍ଡୁଆଳ, କ୍ଷେତ୍ରବାସୀ ନାୟକ, ସରୋଜ କୁମର ସେଠୀ ଏବଂ ଡ.ତିଥି ରାୟ ପ୍ରମୁଖ ପରିଚାଳନା କରିଥିଲେ । ଆସନ୍ତା ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ଅଧ୍ୟକ୍ଷଙ୍କଠାରୁ ସୂଚନା ମିଳିଛି ।

### ଜନହିତକର କାର୍ଯ୍ୟ କରି ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ପ୍ରିୟ ହୋଇଛନ୍ତି



ବିଜେଡି କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳନ କରାଯାଉଛି।

ଏରସମା, ୧୬।୧୦ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ବିଜେଡି କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ଦୀପ୍ତିରଞ୍ଜନ କୁଅଁର ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ କାଳିଆ ଯୋଜନାର ଉପଦେଷ୍ଟା ସାରଦା ପ୍ରସନ୍ନ ଜେନା ଉପସ୍ଥିତ ରହି ଜନହିତକର କାର୍ଯ୍ୟ କରି ମୁଖ୍ୟମନ୍ତ୍ରୀ ଓଡ଼ିଶା ଜନସାଧାରଣଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି ବୋଲି କହିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ, ରାଣୀ ଟୁଡୁ, ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ବ୍ଲକ ଯୁବ ସଭାପତି ସୁରେନ୍ଦ୍ର ସାମଲ, ପୋଖରିଆପଡ଼ା ସରପଞ୍ଚ ଗଦାଧର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ ଜୀବନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନଙ୍କ ଜନ୍ମଦିନ ଉପଲକ୍ଷେ ଏହି ଅବସରରେ କେକ କଟାଯିବା ସହ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଆଦର୍ଶଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ଓ ଅନ୍ୟମାନେ।

### ରାସ୍ତାରେ ଯିବାବେଳେ ହେଲମେଟ ପିନ୍ଧିବା ଜରୁରୀ

ପାରାଦୀପ, ୧୬।୧୦ (ଶରତ ରାଉତ): ପାରାଦୀପର ଠରବାଙ୍କୀରେ ସୋମବାର ସଡ଼କ ଦୁର୍ଘଟଣା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୀଳଚକ୍ର ୟୁଥ କ୍ଲବ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ଆଦର୍ଶଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ, ପରିବେଶବିତ୍ ଅମରେଶ ନରେଶ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପାରାଦୀପର ଅଠରବାଙ୍କୀ ଦୋଛକି ପର୍ଯ୍ୟନ୍ତ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏଥିପାଇଁ ବାଇକ୍ ଆରୋହୀମାନେ ହେଲମେଟ୍ ପିନ୍ଧିବା ସହ ଯାତାୟାତ ବେଳେ ସତର୍କତା ଅବଲମ୍ବନ କରିବା ପାଇଁ ପୌରାଧ୍ୟକ୍ଷ ବିଶ୍ୱାଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଓ ଥାନାଧିକାରୀ ଦାସ ବାଇକ ଆରୋହୀଙ୍କୁ ଫୁଲ ଓ ଚକୋଲେଟ ଦେଇ ବୁଝାଇଥିଲେ।

# ପ୍ରଶାନ୍ତ, ଅମରେନ୍ଦ୍ରଙ୍କ ଗୋଷ୍ଠୀର ପୃଥକ୍ କାର୍ଯ୍ୟକ୍ରମ

ଜଗତ୍‌ସିଂହପୁର, ୧୬।୧୦ (ପ୍ରମୋଦ କୁମାର ନାୟକ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମ ଦିବସ ଅବସରରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିର ୨ ଗୋଷ୍ଠୀ ଅର୍ଥାତ୍ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଓ ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କ ପକ୍ଷରୁ ପୃଥକ୍ କାର୍ଯ୍ୟକ୍ରମ କରାଯାଇଥିଲା।

ସ୍ଥାନୀୟ ସାରଦା ମଣ୍ଡପ ପରିସରରେ ପ୍ରଶାନ୍ତଙ୍କ ଆହ୍ୱାନକ୍ରମେ ମୋ ପରିବାର–ଜୀବନବିନ୍ଦୁ ଆନୁକୂଲ୍ୟରେ ରକ୍ତଦାନ ଶିବିରର ଆୟୋଜନ ହୋଇଥିଲା। ଏଥିରେ ୧୦୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଜିଲା ବରିଷ୍ଠ ବିଜେଡି ଉପସଭାପତି ଦୀପ୍ତିରଞ୍ଜନ ଦାସ, ପୂର୍ବତନ ଜଗତ୍‌ସିଂହପୁର ପୌରାଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ମଧୁସୂଦନ ସାହୁ, ଆଇନଜୀବୀ ଦୋଳଗୋବିନ୍ଦ ଦାସ, ଜଗତ୍‌ସିଂହପୁର ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ବ୍ଲକ ମହିଳା ବିଜେଡି ସଭାପତି ପ୍ରଭାତି ମହାନ୍ତି, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ରାଉଳ, ନିର୍ବାଚନ ମଣ୍ଡଳୀ ବିଜେଡି ଯୁବ ସଭାପତି ରାଜେଶ ବେହେରା, ବ୍ଲକ ଯୁବ ବିଜେଡି ସଭାପତି ସୌମ୍ୟଜିତ ମହାପାତ୍ର, ଜିଲା ଛାତ୍ର ବିଜେଡି ସଭାପତି ସମିତ ଲେଙ୍କା, ଜଗତ୍‌ସିଂହପୁର ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ପ୍ରମୁଖ ରାଉତ ଓ ସନ୍ତୋଷ ପରିଜାଙ୍କ ସମେତ ଏକାଧିକ ବିଜେଡି କାଉନସିଲର ଯୋଗ ଦେଇଥିଲେ। ଅନ୍ୟପଟେ ବିଜେଡି ନେତା ଅମରେନ୍ଦ୍ର ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ଶିଶୁ ଆଶ୍ରମ ଏବଂ ନାଉଗାଁସ୍ଥିତ ଆଶ୍ରା ଜରାଶ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ପୃଥକ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଶିଶୁ ଆଶ୍ରମରେ ଅନ୍ତେବାସୀଙ୍କୁ ଦାସ ପାଠ୍ୟ ଉପକରଣ ଓ ଫଳ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ସାରଙ୍ଗ ପାଇଟାଳ, ସେକ୍ ରକିବ ଉଦ୍ଦିନ, ସୁଶାନ୍ତ ରଞ୍ଜନ ସ୍ୱାଇଁ, ବରୋଦା ପ୍ରସାଦ ରାୟ, କାହ୍ନୁ ନାୟକ, ଦେବୀ ପ୍ରସାଦ ସାହାଣୀ, ରାଜେନ୍ଦ୍ର ଦାସ, ଦିଲ୍ଲୀପ ସ୍ୱାଇଁ, ଗୋଲାମ ଅଲ୍ଲୀ ଖାଁ, ବିଦ୍ୟୁ ଭୂଷଣ ଦାସ, ପାରିଷଦ ଦେବାଶିଷ ସ୍ୱାଇଁ, ନରେନ୍ଦ୍ର ବେହେରା, ପିତେଇପୁର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ବେହେରା, ସଞ୍ଜୟ ପଲେଇ ଓ ସାଇଦତ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଆଶ୍ରା ଜରାଶ୍ରମରେ ପୂର୍ବତନ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଦାସଙ୍କ ସମେତ ଜଗତ୍‌ସିଂହପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ସ୍ୱାଇଁ, ଅଲଣା ପଞ୍ଚାୟତ ପୂର୍ବତନ ସରପଞ୍ଚ ସୁଶାନ୍ତ ମଲ୍ଲିକ, ନାଉଗାଁ ପଞ୍ଚାୟତ ସଭାପତି ବିପିନ ବେହେରା, ତାପସ ଦାସ, ଯୁଧିଷ୍ଠିର ସ୍ୱାଇଁ, ଡେରିକି ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ତରଣୀ ଜେନା, ବିଷ୍ଣୁ ଚରଣ ବେହେରା, ବାପିନା ବିଶ୍ୱାଳ, ବିସ୍ମୟ ନନ୍ଦ ସ୍ୱାଇଁ, ଅଭିଜିତ ରାୟ, ବିଦ୍ୟୁର ନାୟକ, ପ୍ରତାପ ବେହେରା, ବିଜୟ ବାରିକ, ପର୍ଶୁରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଅନ୍ତେବାସୀଙ୍କୁ ଚଦର ଓ ଖାଦ୍ୟ ବଣ୍ଟନ କରାଯାଇଥିଲା।





ଅମରେନ୍ଦ୍ର ଦାସଙ୍କ ଗୋଷ୍ଠୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳନ କରାଯାଉଛି। ପ୍ରଶାନ୍ତ ମୁଦୁଲିଙ୍କ ଆହ୍ୱାନରେ ଆୟୋଜିତ ରକ୍ତଦାନ ଶିବିର

**ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ**

### ଶୃଙ୍ଖଳିତ-ଆଦର୍ଶ କଲୋନୀ ପାଇଁ ସହମତି

ପାରାଦୀପ, ୧୬।୧୦ (ଶରତ ରାଉତ)

ପାରାଦୀପ ଉପକଣ୍ଠ ଇଫ୍‌କୋ ଛକ ନିକଟରେ ଥିବା ନିଜୁ ଜଗନ୍ନାଥ କଲୋନୀ ଡେଭଲେପମେଣ୍ଟ ଟ୍ରଷ୍ଟର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିସହ କେତେକ ନିଷ୍ପତ୍ତି କଲୋନୀ ଗଠନ ଓ ଶୃଙ୍ଖଳା ପାଇଁ ନିଆଯାଇଛି।

ଏହି ଅବସରରେ ଶୃଙ୍ଖଳିତ ତଥା ଆଦର୍ଶ କଲୋନୀ, ଜମିଜମା ବିବାଦ ସମାଧାନ ପାଇଁ ସହଯୋଗ କରିବା, ଥଇଥାନ ପ୍ରମାଣପତ୍ର ସମସ୍ତଙ୍କ ପାଇଁ କରିବା, ଜଳ ନିଷ୍କାସନ ପଥ ସୁଗମ କରିବା, ଆଲୋକୀକରଣ, ସରକାରୀ ପରିଚୟପତ୍ର କ୍ଷେତ୍ରରେ ସୁଧାର ଆଣିବା, ସାମୂହିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଭିତ୍ତିଭୂମି, ପିଲାଙ୍କ ଖେଳପଡ଼ିଆ, ଦେବାଳୟ, ପରିବେଶ ସୁରକ୍ଷା ଓ ସବୁଜ ବଳୟ କାମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ପାରାଦୀପ ପୌର ଉପାଧ୍ୟକ୍ଷା ଛବିଲତା ରାଉତ, କାଉନସିଲର କେଦାର ଜେନା, ଧୀରେନ୍ଦ୍ର ସାମଲ ଓ ସୁରେନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଯୋଗଦେଇଥିବା ମଞ୍ଚାସୀନ ଅତିଥିବୃନ୍ଦ।




ପଦଯାତ୍ରାରେ ସାମିଲ ହୋଇଥିବା କଂଗ୍ରେସ ନେତା ଓ କର୍ମୀମାନେ।

# 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମ

ତିର୍ତ୍ତୋଲ, ୧୬।୧୦ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବିଶନପୁର ଓ କୃଷ୍ଣାନନ୍ଦପୁର ପଞ୍ଚାୟତରେ ସୋମବାର କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ 'ଘରେ ଘରେ କଂଗ୍ରେସ ଘରେ ଘରେ ହାତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦଳୀୟ କର୍ମୀମାନେ ପଦଯାତ୍ରାରେ ବିଶନପୁର ପଞ୍ଚାୟତର ଶୁକୁନାଛକରୁ ବାହାରି କୃଷ୍ଣାନନ୍ଦପୁର ବଜାର ପର୍ଯ୍ୟନ୍ତ ଯାଇଥିଲେ। କଂଗ୍ରେସର ନେତୃମଣ୍ଡଳୀ ଘରକୁ ଘର ବୁଲି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ କାର୍ଯ୍ୟ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଥିଲେ। ବିଜେଡି ଓ ଭାଜପାର କୁଶାସନ ବିରୋଧରେ ପ୍ରଚାର ପତ୍ର ବାଣ୍ଟି ଲୋକମାନଙ୍କୁ ଅବଗତ କରାଇଥିଲେ। ପଦଯାତ୍ରାରେ ତିର୍ତ୍ତୋଲ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ କଂଗ୍ରେସକର୍ମୀ ଯୋଗଦେଇ ଥିଲେ। ଏଥିରେ ବ୍ଲକ କଂଗ୍ରେସ ସଭାପତି ନୀହାର ରଞ୍ଜନ ନାୟକ, ଉପସଭାପତି ଧନଞ୍ଜୟ ସୂତାର, ଅଶ୍ୱିନୀ କୁମାର ସ୍ୱାଇଁ, ଜିତେନ୍ଦ୍ର ମହାନ୍ତି, କୃଷ୍ଣାନନ୍ଦପୁର ପଞ୍ଚାୟତ ସଭାପତି ମହମ୍ମଦ ଅକ୍ତାହାର ଅଲ୍ଲୀ, ବିଷନପୁର ପଞ୍ଚାୟତ ସଭାପତି ସେକ୍ ମୁସ୍ତାଫା ଅଲ୍ଲୀ, ଅବଦୁଲ ୱାହିଦ, ମୂଳିସିଂହ ସରପଞ୍ଚ ତଥା ଯୁବ କଂଗ୍ରେସ ସଭାପତି ସଫି ଆଜମ, ତେନ୍ତୁଳିପଦା ସରପଞ୍ଚ ସରୋଜିନୀ ପରିଜା, ସମିତିସଭ୍ୟ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଷ୍ଟ୍ରିଟ୍ ଲାଇଟ୍ ମରାମତି, ପରିଷ୍କାର ଉପରେ ଗୁରୁତ୍ୱ

ଜଗତ୍‌ସିଂହପୁର, ୧୬।୧୦ (ପ୍ରମୋଦ କୁମାର ନାୟକ)

ଆଗାମୀ ଦୁର୍ଗାପୂଜା, ରାବଣ ପୋଡି ଓ ଭସାଣି ଉତ୍ସବ କିପରି ଶାନ୍ତି ଶୃଙ୍ଖଳାର ସହ ହେବ ସେନେଇ ସୋମବାର ଅପରାହ୍ନରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ପ୍ରଦୀପ କୁମାର ସାହୁ ପୌରୋହିତ୍ୟ କରି ବିଭିନ୍ନ ପ୍ରସଙ୍ଗରେ ଜଗତ୍‌ସିଂହପୁରର ଦୁର୍ଗା ପୂଜା କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଗାଲୁପଡ଼ାଠାରୁ ପୋଷ୍ଟ ଅଫିସ ଛକ, କଲେଜ ଛକଠାରୁ ଚାଟରା ପୋଲ, ଜୀରାଠାରୁ ଚର୍ଚ୍ଚିକା ବଜାର, କୋର୍ଟ ଛକଠାରୁ ଓହଳ, ସାଥୀ ଭଉଣୀ ମେଢ଼ଠାରୁ ଜୟବଡ଼ସ୍ଥିତ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ, ବଙ୍ଗଳା ଛକଠାରୁ ପୁରୋହିତପୁର, ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟାଳୟ ନିକଟରୁ ଟ୍ରାଫିକ ପଏଣ୍ଟ ସନ୍ନିକଟ ରାସ୍ତା, ଗାନ୍ଧୀ ଛକଠାରୁ ସର୍କିଟ ହାଉସ ପର୍ଯ୍ୟନ୍ତ ରାସ୍ତା ମରାମତି ହେବା ଉପରେ ଆଲୋଚନା ହୋଇଥିଲା। ଏଥିସହ ରାସ୍ତା ଉପରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛଗୁଡ଼ିକର ଡାଳ କାଟିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଷ୍ଟ୍ରିଟ ଲାଇଟ୍ ମରାମତି ଓ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ପାର୍କିଂ ସମସ୍ୟା ସୃଷ୍ଟି ହେବାର ଥିବାରୁ ଏନେଇ ଉପଯୁକ୍ତ ସ୍ଥାନ ନିରୂପଣ ସାଙ୍ଗକୁ ଶାନ୍ତି ଓ ଶୃଙ୍ଖଳା ରକ୍ଷା ନିମନ୍ତେ ମେଢ଼ ନିକଟରେ ପୋଲିସ ମୁତୟନ ହେବ ବୋଲି କୁହାଯାଇଥିଲା। କୌଣସି ପରିସ୍ଥିତିରେ ଯେପରି ପୂଜା ସମୟରେ ଡିଜେ ନ ବାଜେ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଅସ୍ଥାୟୀ ପୋଖରୀ ଖନନ ସାଙ୍ଗକୁ ଭାରିଯାନ ଚଳାଚଳ ଉପରେ କଟକଣା ଲାଗୁ ହେବ। ପ୍ରତି ମେଢ଼ ନିକଟରେ ସମ୍ପୃକ୍ତ କମିଟି ତରଫରୁ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ଭସାଣି ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ସମସ୍ତ ଉଦ୍ୟମ କରାଯିବ। ଏହି ଦିନ ମେଢ଼ଗୁଡିକ କ୍ରମାନ୍ୱୟରେ ବସିବେ। ରାତି ୧୦ଟା ସୁଦ୍ଧା ଯେପରି ମୂର୍ତ୍ତିଗୁଡିକ ବିସର୍ଜନ ହୋଇପାରିବ ତା'ଉପରେ ଆଲୋଚନା ହୋଇଥିଲା। ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ ଚନ୍ଦ୍ର ସିଂହ, ଆରକ୍ଷୀ ନିରୀକ୍ଷକ ଗୋକୁଳ ରଞ୍ଜନ ଦାସ, ଶାନ୍ତି କମିଟିର ସତ୍ୟବ୍ରତ ମହାପାତ୍ର, ବିନାୟକ ପଟ୍ଟନାୟକ, ହେମନ୍ତ କୁମାର ରଥ, ଶ୍ରୀକାନ୍ତ ଚୌଧୁରୀ, ରତ୍ନାକର ବିଶ୍ୱାଳ, ଲାଲା ବିକ୍ରମ କେଶରୀ ରାୟ ଓ ରଶ୍ମିକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ।



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଫିରିଙ୍ଗିଆ,ଗୋଛାପଡ଼ା,(ବିକ୍ରମ ଦିଗାଲ/ରୋହିତ କହଁର)-ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ଅନ୍ତର୍ଗତ କଡିପାରି ଗ୍ରାମ ନିକଟ ଜଙ୍ଗଲରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କଡିପାରି ଗ୍ରାମର କରୁଣା କର ମଲିକ (୩୫)। କରୁଣା ରବିବାର ସନ୍ଧ୍ୟାରେ କୌଣସି କାମରେ ବାହାରକୁ ଯାଇ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ପକ୍ଷରୁ ଖୋଜାଖୋଜି କରିଥିଲେ। କୌଣସି ସନ୍ଧାନ ନ ମିଳିବାରୁ ସୋମବାର ସକାଳୁ ପୁଣି ଗ୍ରାମବାସୀଙ୍କ ସହାୟତାରେ ଖୋଜିବାକୁ ଜିବାବେଳେ ଘରଠାରୁ କିଛି ଦୁରରେ ଥିବା ଡଲାମୁଣ୍ଡା ଜଙ୍ଗଲର ଏକ ଗଛରେ କରୁଣାକରଙ୍କ ମୃତଦେହ ଝୁଲୁଥିବା ଦେଖି ଥିଲେ। ପରେ ମୃତକଙ୍କ ବଡ଼ଭାଇ ଗିରିଧାରୀ ମଲିକ ଗୋଛାପଡା ଥାନାରେ ଏତଲା ଦେଇଥିଲେ। ଗିରିଧାରୀଙ୍କ ଏତଲା କ୍ରମେ ଗୋଛାପଡା ପୋଲିସ ମୃତଦେହ ଜବତ କରି ନଂ. ୧୨/୨୩ରେ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ଦାରିଙ୍ଗବାଡ଼ିରେ ପହିଲି ଶୀତ, ସର୍ବନିମ୍ନ ୧୫ ଡିଗ୍ରୀ

ଦାରିଙ୍ଗବାଡ଼ି, ୧୬।୧୦(ଅରୁଣ ସାହୁ)

ଓଡ଼ିଶାର କଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ସୋମବାର ସକାଳୁ ପହିଲି ଶୀତର ଅନୁଭୂତି ହୋଇଛି। ସର୍ବନିମ୍ନ୧୫ ଡିଗ୍ରୀ ତାପମାତ୍ରା ରହିଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ପାଗ ସମ୍ପୂର୍ଣ୍ଣ ଶୁଖିଲା ରହିବା ସହ ଭୋର ସମୟରେ ଘନ କୁହୁଡ଼ି ଆଚ୍ଛାଦିତ ହୋଇ ରହୁଛି। ସକାଳ ୮ ଟା ଯାଏ ଜାଡ଼ ଅନୁଭୂତ ହେଉଥିବାରୁ ଲୋକମାନେ ଶୀତବସ୍ତ୍ର ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ସକାଳ ସମୟରେ ଶୀତର ପ୍ରଭାବରେ ପାଣିରେ ହାତ ଦେଇହେଉନାହିଁ। ଏହି ଶୀତର ମଜା ନେବାପାଇଁ ପର୍ଯ୍ୟଟକଙ୍କ ଦାରିଙ୍ଗବାଡି ଆସିବା ଆରମ୍ଭ ହୋଇଛି। ଆସନ୍ତା ପୂଜାଛୁଟି ପାଇଁ ସମସ୍ତ ଲିଜ୍, ହୋଟେଲ, ରିସର୍ଟଗୁଡିକ ଆଗୁଆ ବୁକିଂ ହୋଇଥିବା ଜଣାପଡିଛି। ଚଳିତ ଥର ଶୀତ ୧ମାସ ଆଗରୁ ଆସିଥିବାରୁ ପ୍ରବଳ ଶୀତ ଅନୁଭୂତ ହେବା ଆଶଙ୍କା କରାଯାଇଛି।

### ଗଞ୍ଜାମ ପୋଲିସ ଜିଲା ହାବିଲଦାର, କନଷ୍ଟେବଲ ସଂଘ ନିର୍ବାଚନ ସଭାପତି ଗୋରାଚାନ୍ଦ, ସମ୍ପାଦକ ସୁବାସ

ଛତ୍ରପୁର,୧୬।୧୦(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ପୋଲିସ ଜିଲା ହାବିଲଦାର ଓ କନଷ୍ଟେବଲ ସଂଘର କର୍ମକର୍ତ୍ତା ନିର୍ବାଚନ ଫଳାଫଳ ସୋମବାର ଘୋଷଣା ହୋଇଛି। ସଂଘର ସଭାପତି ଭାବେ ଗୋରାଚାନ୍ଦ ତ୍ରିପାଠୀ ବିଜୟୀ ହୋଇଛନ୍ତି। ସେହିପରି ସୁବାସ ଚନ୍ଦ୍ର ସେଠୀ ସମ୍ପାଦକ ନିର୍ବାଚିତ ହୋଇଥିବା ବେଳେ ଜି.ଗଣେଶ ରାଓ ଉପସଭାପତି ଭାବେ ବିଜୟୀ ହୋଇଛନ୍ତି। ସେହିପରି ଯୁଗ୍ମ ସଂପାଦକ-୧ ବି.ହେମନ୍ତ କୁମାର, ଯୁଗ୍ମ ସଂପାଦକ-୨ ନୀଳମାଧବ ବେହେରା ଏବଂ କୋଷାଧ୍ୟକ୍ଷ ଭାବେ ଜି.ମନୋଜ କୁମାର ବିଜୟୀ ହୋଇଥିଲେ। ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋଜ କୁମାର ରଥ, ଏସ୍.ପ୍ରହଲ୍ଲାଦ ରେଡ୍ଡୀ, ଉମାଶଙ୍କର ବେହେରା ଓ ତପନ କୁମାର ନାୟକ ବିଜୟୀ ହୋଇଛନ୍ତି। ରବିବାର ସଂଘ ନିର୍ବାଚନ ହୋଇଥିଲା। ନିର୍ବାଚନ ଅଧିକାରୀ ଭାବେ ଗଞ୍ଜାମ ପୋଲିସ ଜିଲାର ଅତିରିକ୍ତ ଏସ୍‌ପି ସଂଗ୍ରାମ କେଶରୀ ବେହେରା ଦାୟିତ୍ୱ ନିର୍ବାହ କରିଥିଲେ।

### ରକ୍ତଦାନ ଶିବିର, ୧୧୧ ୟୁନିଟ୍ ସଂଗ୍ରହ

ଶେରଗଡ,୧୬।୧୦(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ଼ ବ୍ଲକ ଲକ୍ଷ୍ମୀପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ସୋମବାର ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଜୀବନ ବିନ୍ଦୁ, ଶେରଗଡ଼ ବିଜେଡି ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ବରିଷ୍ଠ ନେତା ହୀନ ବେହେରା, ହୃଷୀକେଷ ପାଢୀ, ରାଜ୍ୟ ଉପସଭାପତି ଦେବାନନ୍ଦ ମହାପତ୍ର, କୁରୁଳା ସରପଞ୍ଚ ଭୀମସେନ ଚୌଧୁରୀ, ଅଶୋକ କୁମାର ସ୍ୱାଇଁ, ପ୍ରମୋଦ କୁମାର ପାତ୍ର, ରଞ୍ଜନ ସେଠୀ, ଗୌରହରି ବିଷୋୟୀ, ଶ୍ରୀଦୀପ ମହାପାତ୍ର, ମେଘନାଦ ଦାସ,ଶେରଗଡ଼ ସମିତିସଭ୍ୟା ସବିତାରାଣୀ ଚୌଧୁରୀ, ସମୀର ପ୍ରଧାନଙ୍କ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୧୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ପଥର ମୂର୍ତ୍ତିରେ ବିରାଜମାନ ତ୍ରିଶକ୍ତି

ଗଞ୍ଜାମ,୧୬।୧୦/
(ବିଦ୍ୟାଧର ସାହୁ/ଦିଲୀପ ସାମଲ)


ମା'ରାମଚଣ୍ଡୀ

ଗଞ୍ଜାମ ବ୍ଲକ ତଥା ଜିଲା ସଦର ମହକୁମା ଛତ୍ରପୁରଠାରୁ ମାତ୍ର ୫କିମି ଦୂର ଋଷିକୁଲ୍ୟା ନଦୀ ତଟରେ ଥିବା ନିଳାଦ୍ରୀପୁର ପାହାଡ ଉପରେ ମା'ରାମଚଣ୍ଡୀଙ୍କ ପୀଠ। ଇଷ୍ଟଦେବୀ ତଥା ଶକ୍ତିପୀଠ ବୈଷ୍ଣଦେବୀ ପରେ ଭାରତ ବର୍ଷରେ ଏଠାରେ ହିଁ ସପ୍ତସତୀ ଚଣ୍ଡିରେ ତ୍ରିଶକ୍ତି ମହାକାଳୀ, ମହାସରସ୍ୱତୀ ଏବଂ ମହାଲକ୍ଷ୍ମୀ ଆରାଧନା ବର୍ଣ୍ଣିତ ରହିଛି। ପ୍ରାଚୀନ କାଳରୁ ପଥର ମୂର୍ତ୍ତିରେ ତ୍ରିଶକ୍ତି ବିରାଜମାନ ହୋଇଛନ୍ତି।

ରାମଚଣ୍ଡୀ ପୀଠକୁ ନେଇ ଲୋକକଥା ରହିଛି। ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ବନବାସ ସମୟରେ ବିଭିନ୍ନ ପ୍ରାନ୍ତରେ ଶକ୍ତିପୀଠ ଓ ଶୈବ ପୀଠ ସ୍ଥାପନ କରିଥିଲେ। ସେଥିମଧ୍ୟରେ ଏହି ଶକ୍ତିପୀଠ ଅନ୍ୟତମ। ରାମଚନ୍ଦ୍ର ଦଣ୍ଡକାରାଣ୍ୟ ଯିବା ସମୟରେ ଋଷିକୁଲ୍ୟା ନଦୀକୂଳ ଦେଇ ଯାଇଥିଲେ। ବାଟରେ ଗଲାବେଳେ ଏହି ଶକ୍ତିପୀଠ ଏବଂ ଶୈବପୀଠ ସ୍ଥାପନା କରିଥିବା କୁହାଯାଏ। ରାମଚଣ୍ଡୀ ପୀଠରେ ରହିଥିବା ବିରାଟ କୁଣ୍ଡରେ ମାତା ସୀତା ସ୍ନାନ କରୁଥିବା ଚିତ୍ର ରହିଛି। ୧୯୪୨ରେ ଛତ୍ରପୁର ବ୍ଲକ ବିପୁଳିଙ୍ଗି ଗ୍ରାମର ଜମିଦାର ସ୍ୱର୍ଗତ ନିତ୍ୟାନନ୍ଦ ପଣ୍ଡା ସେଠାରେ ମନ୍ଦିର ଗଢ଼ିଥିଲେ। ଯଜ୍ଞ କରି ଦିନରାତ୍ର ପୂଜା ଆରମ୍ଭ କରିଥିଲେ। ସେଠାରେ ଛତ୍ରଘର ନିର୍ମାଣ କରି ମା'ଙ୍କ ପାଇଁ

## ମା'ରାମଚଣ୍ଡୀ ପୀଠରେ ନବରାତ୍ର ପୂଜା

କିଛି ଜମିଦାନ ଖଞ୍ଜି ନିତ୍ୟ ଭୋଗରାଗ କରିଥିଲେ। ଶାରଦୀୟ ନବରାତ୍ର ପୂଜା ଏବଂ ବିଭିନ୍ନ ପର୍ବପର୍ବାଣୀରେ ପୂଜାକର୍ମ କରାଇଥିଲେ। ଧୀରେ ଧୀରେ ଏହି ପୀଠ ଗଞ୍ଜାମ ଜିଲାରେ ପ୍ରସିଦ୍ଧ ହୋଇଥିଲା। ସମଗ୍ର ଜିଲା ଏବଂ ଏହାର ଆଖପାଖ ଅଞ୍ଚଳର ଭକ୍ତମାନେ ଏଠାକୁ ଆସିଥିଲେ। ଜମିଦାର ନିତ୍ୟାନନ୍ଦଙ୍କ ପରଲୋକ ପରେ ତାଙ୍କ ପରିବାର ସଦସ୍ୟ ବର୍ତ୍ତମାନ ପୀଠର ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି। ଐତିହ୍ୟ ଓ ପରମ୍ପରା ଅନୁସାରେ ଶାରଦୀୟ ନବରାତ୍ର ପୂଜା ଶନିବାର ଠାରୁ ପୀଠରେ ଆରମ୍ଭ ହୋଇଛି। ଅକ୍ଟୋବର ୨୪ ତାରିଖ ପର୍ଯ୍ୟନ୍ତ ଅର୍ଥାତ୍ ନଅ ଦିନ ଧରି ପୀଠରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହେବ। ପଣ୍ଡିତ ନବଘନ ଆଚାର୍ଯ୍ୟଙ୍କ ପୌରହିତ୍ୟରେ ପୂଜା କାର୍ଯ୍ୟ ପରିଚାଳିତ ହେବାକୁ ଥିବା ବେଳେ କର୍ତ୍ତା ଭାବେ ସ୍ୱର୍ଗତ ନିତ୍ୟାନନ୍ଦ ପଣ୍ଡାଙ୍କ ପରିବାର ସଦସ୍ୟ ଦୁର୍ଗା ପ୍ରସାଦ ପଣ୍ଡା ପରିଚାଳନା କରିବେ। ମନ୍ଦିର ପୂଜକ ତ୍ରିଲୋଚନ ଓ ରାମକୃଷ୍ଣ ରାଉଳ ସହଯୋଗ କରିବେ। ପୀଠରେ ମହାଷ୍ଟମୀ ସନ୍ଧି ପୂଜାରେ ଛାଗ ବଳି ପରିବର୍ତ୍ତେ କଖାରୁ ବଳି ଅର୍ପଣ କରାଯିବ। ପ୍ରଥମ ଦିନରେ ମା'ଙ୍କ ଘଟ ସ୍ଥାପନ ହୋଇଛି। ଏହି ୯ ଦିନରେ ବିଭିନ୍ନ ବେଶରେ ମା'ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ବିଗତ ବର୍ଷ ଭଳି ସ୍ୱର୍ଗତ ନିତ୍ୟାନନ୍ଦଙ୍କ ପରିବାରକୁ ସହଯୋଗ କରି ଆସୁଥିବା ମନ୍ଦିର ପରିଚାଳନା କମିଟିର ସଭାପତି ପ୍ରଶାନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କମିଟିର ସମସ୍ତ ସଦସ୍ୟ ଏବଂ ସ୍ଥାନୀୟ ଅଞ୍ଚଳର ଭକ୍ତମାନେ ଏହି ନବରାତ୍ର ପୂଜାରେ ସଂପୂର୍ଣ୍ଣ ସହଯୋଗ କରିବେ ବୋଲି ମନ୍ଦିର ପରିଚାଳନା କମିଟିର ସଭାପତି ନାୟକ କହିଛନ୍ତି। ଚଳିତ ବର୍ଷ ପୂଜାକୁ ଧୁମଧାମରେ ପାଳନ କରିବା ପାଇଁ କମିଟି ଓ ସ୍ଥାନୀୟ ଅଞ୍ଚଳବାସୀ ନିଷ୍ପତ୍ତି ନେଇଛନ୍ତି।

# ଚାଷୀଙ୍କ ସମସ୍ୟା ନେଇ ନବନିର୍ମାଣ କୃଷକ ସଙ୍ଗଠନର ବିକ୍ଷୋଭ


ଚାଷୀମାନେ ଧାରଣାରେ ବସିଛନ୍ତି।

ପାରଳାଖେମୁଣ୍ଡି,୧୬।୧୦(ଗିରିଧାରୀ ପରିଚ୍ଛା)

ଚାଷୀମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ନବନିର୍ମାଣ କୃଷକ ସଂଗଠନ ତରଫରୁ ସୋମବାର ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଙ୍ଗଠନର ଜିଲା ସଭାପତି ମାଣିକ ପାଇକ ଓ ଜିଲା ପ୍ରଭାରୀ ରଞ୍ଜିତ ପଟ୍ଟନାୟକଙ୍କ ନେତୃତ୍ୱରେ ଚାଷୀମାନେ ଏକ ଶୋଭାଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଧାନର ଅଭାବୀ ବିକ୍ରି ବନ୍ଦ କରିବା, କପା, ମକା ଚାଷର ସ୍ଥାୟୀ ମଣ୍ଡି ସ୍ଥାପନ, କାଜୁ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ କରି ଚାଷୀଙ୍କ ଆୟ ବୃଦ୍ଧି କରିବା, ସବୁ ଅଣଜଳସେଚନ ଜମିକୁ ଜଳସେଚିତ କରିବା, କୃଷି ଆଧାରିତ କୁଟୀର ଶିଳ୍ପ ସ୍ଥାପନ, ଜଙ୍ଗଲରେ ବ୍ୟାପକ ଅର୍ଥକାରୀ ଓ ଜଙ୍ଗଲ ଜାତ ଫସଲ ମାଧ୍ୟମରେ ବନବାସୀଙ୍କୁ ରୋଜଗାର ଦେବା, ବନ୍ୟଜନ୍ତୁଙ୍କ କବଳରୁ ଚାଷକୁ ସୁରକ୍ଷା ଦେବା, ପ୍ରତି ଚାଷୀଙ୍କୁ ମାସିକ ୫୦୦୦ ପେନସନ ଓ ବାର୍ଦ୍ଧକ୍ୟ ଭତ୍ତା, ଶୀତଳ ଭଣ୍ଡାର ସ୍ଥାପନ କରିବା ଆଦି ଦାବି ରହିଥିଲା। ଚାଷୀମାନଙ୍କୁ ଉଦବୋଧନ ଦେଇ ଜିଲା ସଭାପତି କହିଥିଲେ ଯଦି ଚାକିରିଆଙ୍କ ଭଳି ଚାଷୀ ଉତ୍ପାଦର ମୂଲ୍ୟାଙ୍କନ ହୋଇଥାନ୍ତା ତେବେ ଚାଷୀ ଗରିବ ହୋଇ ନ ଥାନ୍ତେ। ଯଦି ଦାବି ପୂରଣ ନ ହୁଏ ଆଗାମୀ ୧୫ଦିନ ପରେ ହଜାର ହଜାର ଚାଷୀଙ୍କୁ ନେଇ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଜିଲା ପ୍ରଭାରୀ ଚେତାବନୀ ଦେଇଛନ୍ତି ।

# ଭାଜପାର ରାଲି, ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

କବିସୂର୍ଯ୍ୟନଗର,୧୬।୧୦(କୃପାସିନ୍ଧୁ ସ୍ୱାଇଁ)



ରାଲିରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

କବିସୂର୍ଯ୍ୟନଗର ଏନ୍‌ଏସିର ବେପରୁଆ ମନୋଭାବ, ନିର୍ମାଣାଧୀନ ପାର୍କରେ ଠିକାଦାର ଓ ଏନଏସି ଜେଇଙ୍କ ଦାୟିତ୍ୱହୀନତାରୁ ପାର୍କ ଗେଟରେ ବିଦ୍ୟୁତ୍ ଚାର୍ଜ ସଂଯୋଗ କରିବା ହେତୁ ଗତ ୧୩ ତାରିଖ ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଭାଜପା ଅଭିଯୋଗ କରିଛି। କବିସୂର୍ଯ୍ୟନଗର ଭାଜପା ପକ୍ଷରୁ ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଶ୍ୱେତ ଦୋରାଙ୍କ ନେତୃତ୍ୱରେ ହଜାର ହଜାର କର୍ମୀ ବସଷ୍ଟାଣ୍ଡରୁ ରାଲିରେ ବାହାରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ପହଞ୍ଚିଥିଲେ। ଘଟଣା ଦିନ ଡାକ୍ତରଙ୍କ ଅନୁପସ୍ଥିତିରୁ ବିଦ୍ୟୁତ୍ ଆଘାତରେ ଗୁରୁତର ଯୁବକ ଜୀବନ ଚାଲିଗଲା ବୋଲି ସେମାନେ ଅଭିଯୋଗ କରିଥିଲେ। ଇନଚାର୍ଜ ରୋଗୀ ନ ଦେଖିବା ଓ ଦୀର୍ଘ ବର୍ଷ ହେଲା ଦୁର୍ନୀତିରେ ଲିପ୍ତଥିବା ନେଇ ତଦନ୍ତ ସହ ତାଙ୍କର ବଦଳି ଦାବି କରିଥିଲେ। ଏଥିସହ ନିୟମିତ ରୋଗୀ କଲ୍ୟାଣ

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ ଘଟଣା

ସମିତି ବୈଠକ, ନିୟମିତ ବିଭିନ୍ନ ବିଭାଗର ୬ଜଣ ଡାକ୍ତର ରହିବା,ଏକ୍ସ-ରେ କାର୍ଯ୍ୟକ୍ଷମ କରିବା ଆଦି ଦାବି ନେଇ ଏକ ଦାବିପତ୍ର ମେଡିକାଲ ଇନଚାର୍ଜ ଡା. ଅମରେଶ ସାହୁ ସାହୁଙ୍କୁ ଦିଆଯାଇଥିଲା। ମହେଶ ଚନ୍ଦ୍ର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ନାୟକ,ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ,ଆଞ୍ଚଳିକ କୃଷକ ସଂଘ ସଭାପତି ମାହେଶ୍ୱରୀ ଦୋରା, ହିଞ୍ଜିଳିକାଟୁ ପ୍ରଭାରୀ ଗୋପାଳ ଗୌଡ଼, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଜନାର୍ଦ୍ଦନ ଦଳବେହେରା, କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ଘୁମୁସର ଜିଲା କୃଷକ ମୋର୍ଚ୍ଚା ସଭାପତି ଜଗନ୍ନାଥ ମହାପାତ୍ର, କେ. ରବୀନ୍ଦ୍ର କୁମାର ପାତ୍ର, ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ଘୁମୁସର ଜିଲା କୋଷାଧ୍ୟକ୍ଷ ପୀତବାସ ପଣ୍ଡା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଗାଈ ଚରାଳିଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ବେଲଗୁଣ୍ଠା,୧୬।୧୦(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଖଇରପୁଟି ଗ୍ରାମର ଗାଈ ଚରାଳି କାଳିଆ ଗୌଡ଼ଙ୍କୁ ରବିବାର ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ସେହି ଗ୍ରାମର ଗୋପାଳ ଗୌଡ଼ଙ୍କୁ ଗାଙ୍ଗପୁର ପୋଲିସ ସୋମବାର କୋର୍ଟ ଚାଲାଣ କରିଛି। କାଳିଆ ଗାଈ ଚରାଉଥିବା ସମୟରେ ଗୋପାଳ ତାଙ୍କ ନିକଟକୁ ଆସି କୌଣସି କଥାକୁ ନେଇ ଯୁକ୍ତିତର୍କ କରିଥିଲେ। ପରେ ରାଗିଯାଇ ନିଜେ ଧରିଥିବା ଏକ କୁରାଡିରେ କାଳିଆଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ କାଳିଆଙ୍କୁ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌କୁ ନିଆଯାଇଥିଲା। ତାଙ୍କ ସ୍ତ୍ରୀ ଏ ନେଇ ଏତଲା ଦେଇଥିଲେ।

## ଉତ୍କଳ ସାମ୍ବାଦିକ ସଂଘର ନୂତନ ସଦସ୍ୟଙ୍କୁ ସ୍ୱାଗତ

ଫିରିଙ୍ଗିଆ,୧୬।୧୦(ବିକ୍ରମ ଦିଗାଲ)

ଫିରିଙ୍ଗିଆ ବସଷ୍ଟାଣ୍ଡ ମୋଟର ଚାଳକ ସଭାଗୃହଠାରେ ଉତ୍କଳ ସାମ୍ବାଦିକ ସଂଘ କନ୍ଧମାଳ ଜିଲା ପକ୍ଷରୁ ନୂତନ ସଦସ୍ୟଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସହ ସମ୍ପାଦକ ସୁଧାଂଶୁ କୁମାର କହଁରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ଜିଲା ସଭାପତି ସନ୍ତୋଷ କୁମାର ଦାଶ,ବରିଷ୍ଠ ସାମ୍ବାଦିକ ତଥା ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଫିଲିମନ ନାଏକ, ଭିଭି ସଙ୍କର, ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ରାୟ, ବଳଦେବ ବେହେରା, ପାର୍ଥ ସାରଥୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସଙ୍ଘର ନୀତି ଆଦର୍ଶ ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ। ଏଥିସହ ସାମ୍ବାଦିକଙ୍କ ରହିଥିବା ୫ଦଫା ଦାବି ପୂରଣ ନ ହେଲେ ବିଧାନସଭା ଆଗରେ ଧାରଣା ଦିଆଯିବ ବୋଲି ଜିଲା ସଭାପତି ଦାଶ କହିଥିଲେ। ଏହି କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବ୍ଲକର ୫ କାର୍ଯ୍ୟାରତ ସାମ୍ବାଦିକ ନୂତନ ଭାବେ ଉତ୍କଳ ସାମ୍ବାଦିକ ସଂଘରେ ଯୋଗଦାନ କରିଥିଲେ ସାମ୍ବାଦିକ ବିକ୍ରମ ଦିଗାଲ, ରୋହିତ କହଁର, ବିମଳ ଦିଗାଲ, ହେମନ୍ତ କୁମାର ନାୟକ, ସୁନାସିର ଦିଗାଲ ପ୍ରମୁଖ ଯୋଗଦାନ କରିଥିଲେ।

# ଅନ୍ତର୍ଜାତୀୟ ଗ୍ରାମୀଣ ମହିଳା ଦିବସ ପାଳିତ

ଛତ୍ରପୁର,୧୬।୧୦(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)


ସମ୍ମାନିତ ମହିଳାଙ୍କ ସହ ଅତିଥି।

ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍, ଗୋପାଳପୁର ଦ୍ୱାରା ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷଠାରେ ଅନ୍ତର୍ଜାତୀୟ ଗ୍ରାମୀଣ ମହିଳା ଦିବସ ପାଳନ କରାଯାଇଛି। ଗ୍ରାମୀଣ ମହିଳାମାନଙ୍କୁ କୃଷି କ୍ଷେତ୍ରରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ସମ୍ପର୍କରେ ଅବଗତ କରାଇ ସେମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡିକ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଗ୍ରାମାଞ୍ଚଳରେ ଲିଙ୍ଗଗତ ସମାନତା, ମହିଳା ଅଧିକାର ଏବଂ ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳାଇ ଏବଂ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମହିଳା ସରପଞ୍ଚଙ୍କୁ ସମ୍ମାନିତ କରାଯାଇଥିଲା। ଓଡିଶା ଜୀବିକା ମିଶନ ଅଧୀନରେ କାର୍ଯ୍ୟକର୍ତ୍ତା ଭାବରେ କାର୍ଯ୍ୟ କରୁଥିବା ଦିଶା ପ୍ରଶିକ୍ଷକ ଏବଂ ଅନ୍ୟ ସମସ୍ତ ଗ୍ରାମୀଣ ମହିଳା ଗ୍ରାମୀଣ ବିକାଶ, ଜଳବାୟୁ ପରିବର୍ତ୍ତନ, ଶିକ୍ଷା ଆଦି କ୍ଷେତ୍ରରେ ସଫଳତା ହାସଲ କରୁଥିବା ମହିଳାମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ବୋଲି କୁହାଯାଇଥିଲା।

# ଗଞ୍ଜାମ ଜିଲାପାଳ, ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଞ୍ଜନଗର,୧୬।୧୦(ବାବୁଲା ପ୍ରଧାନ)

ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଶିବିର ସୋମବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଜଗମୋହନ ମୀନା ଅଭିଯୋଗ ଶୁଣାଣିରେ ଯୋଗଦେଇ ୧୨୮ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ଜିଲାପାଳ ୧୦ ଜଣଙ୍କୁ ଭତ୍ତା ପ୍ରଦାନ ସହିତ ଜଣଙ୍କ ହୁଇଲ ଚେୟାର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ସହାୟତା ପାଣ୍ଠିରୁ ଜଣଙ୍କୁ ୧୫ ହଜାର ଟଙ୍କା ହିସାବରେ ଦୁଇ ଜଣଙ୍କୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜିଲାପାଳ ଆବେଦନଗୁଡିକର ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରେରଣ କରି ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗଞ୍ଜାମ ଜିଲା ପରିଷଦ ଉନ୍ନୟନ ଅଧିକାରୀ ଭି କୀର୍ତ୍ତିଭାସନ, ଭଞ୍ଜନଗର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ଭଞ୍ଜନଗର ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା, ଭଞ୍ଜନଗର ବି.ଓ. ଶଶିଭୂଷଣ ମହାପାତ୍ର, ଭଞ୍ଜନଗର ତହସିଲଦାର ଅଚ୍ୟୁତା ନନ୍ଦ ଯାନୀ, ବିଜ୍ଞାପିତ ଅଞ୍ଚଳ ଭଞ୍ଜନଗର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଭଞ୍ଜନଗର ଥାନା ଅଧିକାରୀ ଭଗବାନ ପୂଜାରୀ, ଡେପୁଟି କଲେକ୍ଟର କଳାକାହ୍ନୁ ପ୍ରଧାନ, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ କୁମାର ମହାନ୍ତି, ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ପ୍ରମୁଖ ଶୁଣାଣିରେ ଉପସ୍ଥିତ ଥିଲେ।



ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

# ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ଦାବିରେ ମହିଳାଙ୍କ ରାସ୍ତାରୋକୋ


ମହିଳାମାନେ ରାସ୍ତାରୋକୋ କରିଛନ୍ତି।

ଫିରିଙ୍ଗିଆ,୧୬।୧୦(ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକ କେଲାପଡ଼ା ପଞ୍ଚାୟତ ସ୍ଥିତ ଗୁରୁପଡା ଗାଁର ବରସାହିରେ ସେମାବାର ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ଦାବିରେ ଶତାଧିକ ମହିଳା ରାସ୍ତାରୋକୋ କରିଥିଲେ। ଏହି ଗାଁରେ ୩୨ ପରିବାର ବସବାସ କରୁଥିବା ବେଳେ ବିଦ୍ୟୁତ୍ ବିଭାଗ ତରଫରୁ ଲଗାଯାଇଥିବା ଟ୍ରାନ୍ସଫର୍ମର ଦୀର୍ଘ ଦେଢ଼ ବର୍ଷ ହେବ ପୋଡ଼ି ଯାଇଛି। ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ପକ୍ଷରୁ ନୂତନ ଟ୍ରାନ୍ସଫର୍ମର ଏଯାବତ ଲଗାଯାଇନାହିଁ। ଫଳରେ ଏହି ଗାଁ ଦୀର୍ଘ ଦେଢ଼ ବର୍ଷ ହେଲା ଡିବିରି ଆଲୁଅକୁ ସାହା ଭରଷା କରି ଆସୁଛନ୍ତି। ପିଲାମାନଙ୍କର ପାଠ ପଢ଼ାରେ ବାଧା ସୃଷ୍ଟି ହେଉଥିବାରୁ ବାଧ ହୋଇ ବରସାହିର ମହିଳା ମାସିରୀପଡା ଛକରୁ ସାରିଙ୍ଗିଆ ମୁଖ୍ୟ ରାସ୍ତାର ଗୁରୁପଡା ଛକଠାରେ ଟାୟାର ଜାଳିବା ସହ କାଠ ଗଣ୍ଡି ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଏହି ରାସ୍ତା ଦେଇ ଯାଉଥିବା ଗାଡି ମଟର ଚଳାଚଳ ବନ୍ଦ ହୋଇଯାଇଥିଲା। ଗାଁରେ ଟ୍ରାନ୍ସଫର୍ମର ନ ଲାଗିବା ଯାଏ ରାସ୍ତାରୋକୋ ହଟିବ ନାହିଁ ବୋଲି ଦାବି ଜୋର ଧରିଥିଲା। ଖବର ପାଇ ଫିରିଙ୍ଗିଆ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ବିଦ୍ୟୁତ ବିଭାଗ ସୁପରଭାଇଜର ସୁଶାନ୍ତ କୁମାର ପ୍ରଧାନ ପହଞ୍ଚି ବକେୟା ଅର୍ଥ ରାଶି କିଛି ପୈଠ କଲେ ଶୀଘ୍ର କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ମହିଳାଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ସଭା, ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ହିଞ୍ଜିଳିକାଟୁ,୧୬।୧୦(ଦ୍ୱିତୀକୃଷ୍ଣ ପଣ୍ଡା)



ଶ୍ରମିକଙ୍କ ରାଲି ଓ ଶ୍ରମିକ ସଭା।

ଓଡ଼ିଶା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ୟୁନିୟନ ଗଞ୍ଜାମ ଜିଲା କମିଟି ନେତୃତ୍ୱରେ ହିଞ୍ଜିଳିକାଟୁଠାରେ ସୋମବାର ଶ୍ରମିକ ସଭା ଓ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ଦାବି ପୂରଣ ନିମନ୍ତେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସୋମବାର ଶତାଧିକ ଶ୍ରମିକ ହିଞ୍ଜିଳିକାଟୁ ବସ୍‌ଷ୍ଟାଣ୍ଡଠାରୁ ରାଲିରେ ବାହାରି ମୁଖ୍ୟ ସଡ଼କ ପଥରେ ହିଞ୍ଜିଳିକାଟୁ ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଶ୍ରମିକ ସଭା ଅନୁଷ୍ଠିତ ହୋଇଥିଲା। ବିଏଡ୍ ଛାତ୍ର ତଥା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ସାଗର ନାୟକ ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ କହିଥିଲେ। ନୀଳେନ୍ଦ୍ରୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରମିକ ସଭାରେ ଓଡ଼ିଶା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ୟୁନିୟନର ସାଧାରଣ ସମ୍ପାଦିକା ପି. ପାର୍ବତୀ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ ସରକାରୀ କର୍ମଚାରୀ ଓ ଠିକାଦାର ବାଟବଣା କରି ହରିଲୁଟ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟା ଏବଂ ଉପଦେଷ୍ଟା ମାଗୁଣି ନାହକ, ସିପିଆଇ(ଏମ୍‌ଏଲ୍) ରେଡ୍‌ଷ୍ଟାର ରାଜ୍ୟ ସମ୍ପାଦିକା ପ୍ରମିଳା ଦେବୀ, ଟ୍ରେଡ୍ ୟୁନିୟନ ସେଣ୍ଟର ଅଫ୍ ଇଣ୍ଡିଆର ରାଜ୍ୟ ସଂଯୋଜକ ତଥା ଓଡ଼ିଶା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ୟୁନିୟନ ସଭାପତି ଶଙ୍କର ସାହୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତି ସମ୍ପର୍କରେ ଆଲୋଚନା କରିଥିଲେ। ୧୧ ଦଫା ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ହିଞ୍ଜିଳିକାଟୁ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଦୈନିକ ସର୍ବନିମ୍ନ ମଜୁରି ୬୦୦ ଟଙ୍କାକୁ ବୃଦ୍ଧି ଏବଂ ସର୍ବଭାରତୀୟ ସ୍ତରରେ ଗୋଟିଏ ମଜୁରି ବ୍ୟବସ୍ଥା ଦାବି କରିଥିଲେ। ଶ୍ରମିକଙ୍କୁ ବାର୍ଷିକ ୨ଶହ ଦିନର କାମ ଏବଂ ଗୋଟିଏ ପରିବାରରୁ ସର୍ବନିମ୍ନ ୨ ଜଣ ଶ୍ରମିକଙ୍କୁ କାମ ଯୋଗାଇ ଦେବାକୁ ଦାବି ହୋଇଛି। କର୍ମସ୍ଥଳୀ ନିକଟରେ ମାଷ୍ଟର ରୁଲ, ଶିଶୁମାନଙ୍କ ଯତ୍ନନେବା, ପାନୀୟ ଜଳ, ବିଶ୍ରାମ ଓ ପ୍ରାଥମିକ ଚିକିତ୍ସା ପାଇଁ ସୁବନ୍ଦୋବସ୍ତ କରିବା ନିମନ୍ତେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ପ୍ରକୃତ ଶ୍ରମିକଙ୍କୁ କାମ ଦେବା ବଦଳରେ ଘରେ ରହୁଥିବା ଶ୍ରମିକଙ୍କ ନାମରେ ମଜୁରି ଉଠାଇ ହଡ଼ପ କରୁଥିବା ଲୁଟେରା ଠିକାଦାର ଓ ସରକାରୀ କର୍ମଚାରୀଙ୍କୁ ଅବିଳମ୍ବେ ଗିରଫ କରିବା ଦାବି ହୋଇଛି। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟର ସମସ୍ତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କୁ ପଞ୍ଜୀକରଣ, ପରିଚୟ ପତ୍ର ଓ ସାମାଜିକ ନିରାପତ୍ତା ପ୍ରଦାନ ସହ ସ୍ୱତନ୍ତ୍ର କଲ୍ୟାଣ ବୋର୍ଡ ଗଠନ ଦାବି କରାଯାଇଛି। ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ୫ ଲକ୍ଷ ଟଙ୍କା ଏବଂ କନ୍ୟା ବିବାହ ସହାୟତା ୧ ଲକ୍ଷ ଟଙ୍କା ଆଦି ଦାବି ରଖାଯାଇଛି। ମାମି ବେହେରା, ରାଜେଶ୍ୱରୀ ଦାଶ, ସାଗରୀ ଦାଶ, ଶାନ୍ତି ନାୟକ, ଏନ୍. ରାଜେଶ୍ୱରୀ, ତୁଳସୀ ଦାସ, କୃଷ୍ଣ ସାହୁ, କୁମାରୀ ନାୟକ ବହୁ ଶ୍ରମିକ ଏଥିରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଲରେ ଟଳିପଡ଼ିଲେ ହରିହର

ବାଲିଚନ୍ଦ୍ରପୁର,୧୬।୧୦(ଗିରିଜା ପ୍ରସାଦ ସାହୁ)



ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଚଣ୍ଡିଖୋଲର କର୍ମଚାରୀ ହରିହର ଜେନା (୫୯)ଙ୍କ ରବିବାର ପରଲୋକ ହୋଇଯାଇଛି । ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭୁଲୁକା ଗ୍ରାମର ହରିହର ରବିବାର ସକାଳେ ନିଜ ବିଲକୁ କୀଟନାଶକ ପକାଇବା ପାଇଁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ବିଲରେ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ହେଲେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିଚନ୍ଦ୍ରପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏହି ଖବର ପାଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ,ଅଧ୍ୟାପକ ମନୋଜ କୁମାର ଦାସ, ଶଲିଳ ମହାନ୍ତି, ପୂର୍ବତନ ସରପଞ୍ଚ ଗଣେଶ୍ୱର ସାମଲ, ବ୍ରଜ କିଶୋର ନାୟକ, ଅଣକା ପଞ୍ଚାୟତ ବିଜେଡି ସଭାପତି କାର୍ତ୍ତିକ ଚନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟା ସସ୍ମିତା ମହାନ୍ତି ପ୍ରମୁଖ ତାଙ୍କ ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

### କାଣୀନଦୀରେ ବୁଡ଼ି ବୃଦ୍ଧ ମୃତ

ସିଂହପୁର,୧୬।୧୦ (ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ଥାନା ଅଙ୍ଗାଳ ପଞ୍ଚାୟତ ବୋଇତାଲୁପାଟଣା ଗ୍ରାମର ବ୍ରଜ କିଶୋର ଜେନା(୬୭) ସୋମବାର ସ୍ଥାନୀୟ କାଣୀ ନଦୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି । ସେ ଗାଧୋଉଥିବା ସମୟରେ ଗୋଡ଼ ଖସି ଯିବାରୁ ନଦୀରେ ବୁଡ଼ି ଯାଇଥିଲେ। ଖବର ପାଇ ସ୍ଥାନୀୟ ଯୁବକମାନେ ଖୋଜା ଖୋଜି କରିବା ପରେ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ବ୍ରଜ କିଶୋରଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକ ଛାୟା ଖେଳିଯାଇଛି ।

# ଠିକାସଂସ୍ଥାରେ ଅଣ ଓଡ଼ିଆ ନିଯୁକ୍ତିକୁ ନେଇ ଉତ୍ତେଜନା

### ଟାୟାର ଜାଳି ପ୍ରତିବାଦ, କର୍ମଚାରୀଙ୍କୁ ଅଫିସ ଭିତରକୁ ଛାଡ଼ିଲେନି

କାଳିଆପାଣି,୧୬।୧୦(ଅସିତ ମହାନ୍ତ)

ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳରେ ଦିନକୁ ଦିନ ଖଣି ବନ୍ଦ ହେଉଥିବା ବେଳେ କାମ ନ ପାଇ ବାହାର ରାଜ୍ୟକୁ ଲୋକମାନେ ଦାଦନ ଖଟିବାକୁ ଯିବାକୁ ବାଧ ହେଉଛନ୍ତି । ଏପରି ସ୍ଥିତିରେ କ୍ରୋମାଇଟ ଖଣି ଅଞ୍ଚଳ ନିକଟବର୍ତ୍ତୀ ବିଭିନ୍ନ ଗାଁର ଲୋକମାନେ ଆର୍ଥିକ ଅନଟନ ଭୋଗୁଛନ୍ତି । ଠିକାଦାରମାନେ ନିଜ କାମକୁ ସୁରୁଖୁରରେ ଚଳାଇବାକୁ ବାହାର ଲୋକମାନଙ୍କୁ ନିଯୁକ୍ତି କରୁଛନ୍ତି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଉଗ୍ର ରୂପ ଧାରଣ କରିଛି । ସୋମବାର ଡେକୋ କମ୍ପାନୀ ସମ୍ମୁଖରେ ଶତାଧିକ ବେକାରୀ ଯୁବକ, ଶ୍ରମିକ, ସ୍ଥାନୀୟ ଖଣି ନିଗମ ଏଫ୍ କୁଆରୀ ଖଣି ନିକଟରେ ଥିବା ସଂପୃକ୍ତ ଠିକାଦାରଙ୍କ କାର୍ଯ୍ୟାଳୟ ଘେରାଉ କରି ବାହାର କର୍ମଚାରୀ ଓ ଶ୍ରମିକଙ୍କୁ ଅଫିସ ଭିତରକୁ ଛାଡି ନ ଥିଲେ। ନିରାପତ୍ତା ରକ୍ଷୀମାନେ କାର୍ଯ୍ୟାଳୟରେ ତାଲା ପକାଇ ଭିତରକୁ କାହାକୁ ଛାଡି ନ ଥିଲେ । ଫଳରେ ଉତ୍ତ୍ୟକ୍ତ ଲୋକେ ଗେଟ୍



ଆନ୍ଦୋଳନକାରୀମାନେ ଠିକାସଂସ୍ଥାର ଅଫିସ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ସମ୍ମୁଖରେ ଟାୟାର ଜାଳି ଆନ୍ଦୋଳନ ଜାରି ରଖିଥିଲେ ।

ସୁକିନ୍ଦା ଖଣି ଅଞ୍ଚଳର ଟାଟା ଷ୍ଟିଲ କମ୍ପାନୀର ସାରୁଆବିଲ ,କମର୍ଦ୍ଦା,ସୁକିନ୍ଦା ୩ ଟି ଖଣି ଓ ଓଏମ୍‌ସିର ସାଉଥ କାଳିଆପାଣିର ଏଫ୍ କୁଆରୀ ଖଣି ସହ ଶୁକୁରଙ୍ଗୀ ଖଣିର କ୍ରୋମ ଉତ୍ତୋଳନ କାର୍ଯ୍ୟ ଡେକୋ କମ୍ପାନୀ ଠିକାରେ ନେଇଛି । ଖଣି ଅଞ୍ଚଳର ଅର୍ଦ୍ଧାଧିକ ଖଣି ରେ ସଂପୃକ୍ତ ଠିକାଦାର କାର୍ଯ୍ୟ କରୁଥିବା ବେଳେ ସ୍ଥାନୀୟ ଶ୍ରମିକ ସଂଘ ଅଜାଣତ ବହୁ ବାହାର କର୍ମଚାରୀଙ୍କୁ ନିଯୁକ୍ତି କରିଚାଲିଥିଲା । ଯାହାକୁ ନେଇ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ବେକାର ଯୁବକଙ୍କୁ ନିଯୁକ୍ତି ଦେବା କୁ ଦାବୀ ହୋଇଆସୁଥିଲା । ହେଲେ କମ୍ପାନୀର ପଦାଧିକାରୀ ଶୁଣୁ ନ ଥିଲେ । ଆଜିର ଏହି ଅପ୍ରୀତିକର ପରିସ୍ଥିତି ଯୋଗୁ ଖଣି କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ବେଳେ ଖଣି ଭିତରେ ଉତ୍ତେଜନା ଲାଗିରହିଥିଲା। ଖବର ପାଇ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ,ଯୁଗ୍ମ ସମ୍ପାଦକ ଭରତ ମହାନ୍ତ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। କମ୍ପାନୀ ପକ୍ଷରୁ ବରିଷ୍ଠ ଅଧିକାରୀ ମନୋରଞ୍ଜନ ନାଥ, ଚନ୍ଦନ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ବୈଧାନିକ ପଦବୀ ଛାଡ଼ି ଅନ୍ୟ ସମସ୍ତ ପଦବୀରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏହି କମ୍ପାନୀ କର୍ମଚାରୀଙ୍କୁ ଇନ୍‌କ୍ରିମେଣ୍ଟ, ମେଡିକାଲ ସୁବିଧା, ଫେଷ୍ଟିଭାଲ ଆଡ଼ଭାନ୍ସ ଦେଉ ନ ଥିବା କର୍ମଚାରୀମାନେ ଅଭିଯୋଗ କରିଥିବା ବେଳେ ଗତ ରବିବାର ଅନୁଷ୍ଠିତ ଆଲୋଚନାରେ ୮.୩୩ ପ୍ରତିଶତରୁ ଅଧିକ ବୋନସ ଦେଇପାରିବ ନାହିଁ ବୋଲି ରୋକ୍‌ଠୋକ୍ ମନା କରି ଦେଇଥିବା ଜଣାପଡ଼ିଛି । ଏ ନେଇ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି ।

# ସଂସ୍କୃତ ପରୀକ୍ଷା ଦେଉଥିବା ୩ ନକଲି ପରୀକ୍ଷାର୍ଥୀ ଜେଲଗଲେ

- ୨ ଛାତ୍ରଙ୍କ ପାଇଁ ପରୀକ୍ଷା ଦେଉଥିଲେ ୨ ଛାତ୍ରୀ
- ପରୀକ୍ଷା ପରିଚାଳନାରେ ତ୍ରୁଟି ଅଭିଯୋଗ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୧୬।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ସାଉଡିଆସ୍ଥିତ ରତ୍ନାକର ସଂସ୍କୃତ ମହାବିଦ୍ୟାଳୟ ରେ ଯୁକ୍ତ ୩ ପ୍ରଥମ ବର୍ଷ ପରୀକ୍ଷା ଚାଲିଥିବା ବେଳେ ୩ ଜଣ ନକଲି ପରୀକ୍ଷାର୍ଥୀ ଧରାପଡି ଗିରଫ ହୋଇଛନ୍ତି। ଏ ସଂକ୍ରାନ୍ତରେ ବାଲିଚନ୍ଦ୍ରପୁର ଥାନା ପୋଲିସ ଏକ ମାମଲା( ନଂ.୩୫୮/୨୩) ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟରେ ସେମାନଙ୍କ ଜାମିନ ଖାରଜ ହେବାପରେ ସମସ୍ତଙ୍କୁ ରଗଡ଼ି ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଭଟିମୁଣ୍ଡା ପଞ୍ଚାୟତ ସାରଙ୍ଗ ଗ୍ରାମର ଦୁର୍ଗା ମାଧବ ପୃଷ୍ଟି,(୨୨), ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଣସୁଧା ଗ୍ରାମର ସୁନନ୍ଦା ସାହୁ (୨୨), ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବରପଦା ଗ୍ରାମର ମନୀଷା ପରିଡ଼ା (୨୦) ।

ପୋଲିସର ସୂଚନା ଅନୁଯାୟୀ, ସୋମବାର ଯୁକ୍ତ ୩ ପ୍ରଥମ ବର୍ଷର ଶାସ୍ତ୍ରୀ ପରୀକ୍ଷା ସାଉଡିଆ ରତ୍ନାକର ସଂସ୍କୃତ ମହାବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ ଚାଲିଥିଲା। ପୁରୀ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନରେ ହେଉଥିବା ଏହି ପରୀକ୍ଷାରେ ସ୍କ୍ୱାଡ଼ ଭାବେ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ.ଶ୍ରୀନିବାସ ପଣ୍ଡା ଆସି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ । ଏହି ସମୟରେ ପରୀକ୍ଷାର୍ଥୀ ଦୁର୍ଗା ମାଧବ ପୃଷ୍ଟିଙ୍କ ପାଇଁ ସୁନନ୍ଦା ସାହୁ ଓ ମୋହନ କୁମାର ସାହୁଙ୍କ ପାଇଁ ମନୀଷା ପରିଡ଼ା ପରୀକ୍ଷା ଦେଉଥିବା ଦେଖିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ ସେ ବାଲିଚନ୍ଦ୍ରପୁର ଥାନାକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଡ.ପଣ୍ଡାଙ୍କ ଅଭିଯୋଗକ୍ରମେ ୩ ଜଣଙ୍କୁ ଗିରଫ କରିଥିଲା। ତେବେ ଆଶ୍ଚର୍ଯ୍ୟର କଥା ୨ ଛାତ୍ରଙ୍କ ପାଇଁ ୨ ଛାତ୍ରୀ କିପରି ପରୀକ୍ଷା ଦେଲେ ଓ ପରୀକ୍ଷା ପରିଚାଳକ କିପରି ପରୀକ୍ଷା କେନ୍ଦ୍ରକୁ ସେମାନଙ୍କୁ ପ୍ରବେଶ ଅନୁମତି ଦେଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ପରୀକ୍ଷା କେନ୍ଦ୍ର ଯୋଗୁ ବହୁ ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନଷ୍ଟ ହେଉଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

# ୧୫୬ ଅଭିଯୋଗର ତତ୍କାଳ ସମାଧାନ

### ଜିଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର

ଧର୍ମଶାଳା,୧୬।୧୦(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ପରିସରରେ ଯାଜପୁର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଏସ୍‌ପି ବିନୀତ ଅଗ୍ରୱାଲ ଯୋଗଦେଇ ୨୪୧ଟି ଅଭିଯୋଗରୁ ୧୭୩ଟି ଅଭିଯୋଗର ଶୁଣାଣୀ କରିଥିଲେ। ସେଥିମଧ୍ୟରୁ ୧୫୬ଟି ତତ୍କାଳ ସମାଧାନ କରାଯାଇଥିଲା । ୧୭୩ଟି ଅଭିଯୋଗରୁ ୧୪୯ଟି ବ୍ୟକ୍ତିଗତ ଓ ୨୪ଟି ସମୁହ ଅଭିଯୋଗର ଶୁଣାଣୀ କରାଯାଇଥିଲା ।




ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ ।

ଏଥିମଧ୍ୟରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ରୁ ୪୦ ଜଣ ଓ ରେଡ଼କ୍ରସରୁ ସହାୟତା ପାଇଁ ୧୧୦ ଜଣ ଅବେଦନ କରିଥିଲେ । ଜିଲାପାଳ ଅଭିଯୋଗଗୁଡ଼ିକୁ ଶୁଣିବା ସହ କେତେକ ସମସ୍ୟାର ତୁରନ୍ତ ସମାଧାନ କରିଥିଲେ। ଅନ୍ୟ ସମସ୍ୟାଗୁଡିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଅତିରିକ୍ତ ଜିଲାପାଳ ଶୁଭେନ୍ଦୁ ସାମଲ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ତହସିଲଦାର ସ୍ୱାଗତ ଦାସ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ଉପସ୍ଥିତ ରହି ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।



ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ଆୟୋଜିତ ସ୍ୱାସ୍ଥ୍ୟସେବା ଶିବିର।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ଜଳାଭିଷେକ,ସ୍ୱାସ୍ଥ୍ୟଶିବିର

ଧର୍ମଶାଳା,୧୬।୧୦(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ଜଳାଭିଷେକ ସହ ୧୦୮ ଦୀପଦାନ କରାଯାଇଥିଲା। ବ୍ଲକ ଯୁବ ବିଜେଡି ସଭାପତି କ୍ଷିତିଶ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ଯୋଗଦେଇ ବାବା ଗୋକର୍ଣ୍ଣେଶ୍ୱରଙ୍କ ପୂଜାର୍ଚ୍ଚନା କରି ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ । ପରେ ଏକ ଶୋଭାଯାତ୍ରା ଜାରକା ବଜାର ପରିକ୍ରମା କରିଥିଲା। ଯୁବ ବିଜେଡି ପକ୍ଷରୁ ଧର୍ମଶାଳା ବ୍ଲକ ମର୍ଜିତାପୁର କଲ୍ୟାଣ ମଣ୍ଡପରେ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା । ୧୧ ନଂ. ଜେନା ଜିଲାପରିଷଦ ସଭ୍ୟ ସୁଧାଂଶୁ ଶେଖର ସାହୁ ଏହି ଶିବିରକୁ ଉଦଘାଟନ କରିଥିଲେ। ଉକ୍ତ ଶିବିରରେ ଭେଷଜ,ହୃଦରୋଗ,ସ୍ତ୍ରୀ ରୋଗ, ଶିଶୁ, ଚକ୍ଷୁ, ଚର୍ମ, ଅର୍ଥୋପେଡିକ,ଡାଇବେଟିସ ବିଭାଗର ବରିଷ୍ଠ ଡାକ୍ତରମାନେ ଯୋଗ ଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ପ୍ରଦାନ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ,ବରିଷ୍ଠ ନେତା ଜଳଧରମହାନ୍ତିପ୍ରମୁଖ ଯୋଗଦେଇଥିଲେ।

## ବରୀରେ ୨୫୧ ୟୁନିଟ୍ ରକ୍ତ ସଂଗ୍ରହ

ବରୀ,୧୬।୧୦ (ମହେନ୍ଦ୍ର ସ୍ୱାଇଁ) :

ସୋମବାର ମୁଖ୍ୟମନ୍ତ୍ରୀଙ୍କ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ରତ୍ନଗିରି ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ଜିଲା ଓଡ଼ିଶା ମୋ ପରିବାର ଓ ଜୀବନବିନ୍ଦୁ ସଂଯୋଜକ ଇଂ. ବିମଳ ଦାସ ସଂଯୋଜନା କରିଥିଲେ । ବିଧାୟିକା ଦାସ ଉକ୍ତ ଶିବିର ଉଦ୍‌ଘାଟନ କରିଥିଲେ। ମୋଟ୍ ୨୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବରୀ ବ୍ଲକ୍ ବିଜେଡି ସଭାପତି କେଦାର ସାମଲ, ରତ୍ନଗିରି ସରପଞ୍ଚ ସରଳା ମଲିକ, ଚନ୍ଦନପୁର ସରପଞ୍ଚ ଚପଳା ମଲ୍ଲ, ରାଉତରାପୁର ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ଏମ୍‌ପିଙ୍କ ପ୍ରତିନିଧି ପ୍ରଦୀପ ଘଡାଇ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ସମବାୟ ସଭାପତି ଅନିରୁଦ୍ଧ ମଲ୍ଲ, ଯୁବନେତା ପର୍ଶୁରାମ ଜେନା, ପ୍ରାକ୍ତନ ଜିଲାପରିଷଦ ସଭ୍ୟ ଚର୍ତ୍ତୁଭୂଜ ଦ୍ୱିବେଦୀ, ସରପଞ୍ଚଙ୍କ ପ୍ରତିନିଧି ରାକେଶ ଦେଓ, ମନୋଜ ମଲ୍ଲ, ପ୍ରଦୀପ ପଲାଇ, ସ୍ମୃତି ରଞ୍ଜନ ପରିଡ଼ା, ଶରତ ଚନ୍ଦ୍ର ପରିଡ଼ା, ସଚ୍ଚିଦାନନ୍ଦ ମହାକୁଡ, ଗୁରୁଚରଣ ଦାସ, ଇନ୍ଦ୍ରଜିତ ମହାନ୍ତି, ବିଜୟ କୁମାର ସାହୁ, ବିରେନ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ବିଜେଡିର ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ଅନ୍ୟ ଦଳର କର୍ମୀମାନଙ୍କୁ ବିଧାୟକ ସ୍ୱାଗତ କରୁଛନ୍ତି ।

ଜେନାପୁର,୧୬।୧୦(ଅଶୋକ ଦାସ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ଅଧୀନ ହାଟ ପଡ଼ିଆଠାରେ ବିଜୁ ଜନତା ଦଳ ପକ୍ଷରୁ ୧୧ନଂ. ଜୋନ ପରିସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉପସ୍ଥିତି ଶତାଧିକ କର୍ମୀଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ୧୧ନଂ. ଜୋନର ରାଇଛନ୍ଦା, ଏଣ୍ଡୁଲବା, ଅଞ୍ଜିରା ଏବଂ ମର୍ଜିତାପୁର ପଞ୍ଚାୟତର ବିଭିନ୍ନ ଦଳର ଶତାଧିକ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶ ଓ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ଶପଥପାଠ ସହ ଷଷ୍ଠ ଥର ପାଇଁ ତାଙ୍କୁ କ୍ଷମତା ଅର୍ପଣ ପାଇଁ ସ୍ଥିର କରାଯାଇଥିଲା। ଧର୍ମଶାଳାର ଉନ୍ନତି ଓ ବିକାଶ କାର୍ଯ୍ୟକୁ ସେ ଆଗେଇ ନେବେ ବୋଲି ବଳବନ୍ତରାୟ ପ୍ରତିଶ୍ରୁତି ଦେଇଥିଲେ ।




ଧର୍ମଶାଳା ବ୍ଲକ ଜାରକା ଇନର ହୁଇଲ କ୍ଲବକୁ ଜିଲା ଅଧ୍ୟକ୍ଷା ରସିକା ବାହାଦଉର ରବିବାର ପରିଦର୍ଶନରେ ଆସି ଜଣେ ମେଧାବୀ ଛାତ୍ରୀଙ୍କୁ ସାଇକେଲ ପ୍ରଦାନ କରୁଛନ୍ତି ।

# ପଲିଥିନ ତଳେ ବିତୁଛି ୩ ଜୀବନ

### ଆବାସ ଯୋଜନାରେ ମିଳୁନି ଘର

ବରୀ,୧୬।୧୦(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଅଧୀନ ଅଲିପୁର ପଞ୍ଚାୟତ ୧୪ ନମ୍ବର ୱାର୍ଡର ମହିଳା ରମା ଦେଈ ଏବଂ ତାଙ୍କର ଦିବ୍ୟାଙ୍ଗ ଝିଅ ଧରିତ୍ରୀ ଓ ପୁଅ ରବୀନ୍ଦ୍ର ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଏକ ଭଙ୍ଗା ଚାଳଘରେ ପଲିଥିନ ଢାଙ୍କି ଆଶ୍ରୟ ନେଇଛନ୍ତି। ହେଲେ ସେମାନଙ୍କୁ ଆବାସ ଯୋଜନାରେ ଘର ମିଳୁ ପାରୁନାହିଁ। ରମାଙ୍କ ସ୍ୱାମୀଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇଥିଲା। ହେଲେ ତାଙ୍କର ମୃତ୍ୟୁପରେ ଅଧିକାରୀମାନେ ତାଙ୍କୁ ତଦନ୍ତ ପରିସରଭୁକ୍ତ କରି ନ ଥିଲେ। ତେଣୁ ତାଙ୍କ ପରିବାର ଏହି ଯୋଜନାରୁ ବାଦ ପଡ଼ିଛନ୍ତି। ଫଳରେ ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ରମା ଯାଜପୁର



ପଲିଥିନ ତଳେ ରମା ଦେଈ ଏବଂ ତାଙ୍କ ପରିବାର ସଦସ୍ୟ ।

ଜିଲାପାଳ, ବରୀ ବିଧାୟିକା ଏବଂ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ହେଲେ ବାସଗୃହ ଯୋଗାଇ ଦେବା କ୍ଷେତ୍ରରେ ପ୍ରଶାସନିକ ଅଧିକାରୀମାନେ ପଦକ୍ଷେପ ନେଉନାହାନ୍ତି ବୋଲି ରମା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ରମାଙ୍କ ସମସ୍ୟା ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପ୍ରଚାର ହେବାପରେ ବିଭିନ୍ନ ସଙ୍ଗଠନ ଆର୍ଥିକ ସହଯୋଗର ହାତ ବଢ଼ାଉଛନ୍ତି। କିନ୍ତୁ ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟି ନ ଦେବାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତେଣୁ ଏହି ଅସହାୟ ପରିବାରକୁ ପ୍ରଶାସନ ତୁରନ୍ତ ଆବାସ ଯୋଗାଇ ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ବ୍ଲକ୍ ପ୍ରଶାସନର ପ୍ରତିକ୍ରିୟା ମିଳି ପାରିନାହିଁ।

# କାଏମା-ଗୋକର୍ଣ୍ଣେଶ୍ୱର ରାସ୍ତାରେ ବଢୁଛି ଦୁର୍ଘଟଣା

### ରାସ୍ତା ଉପରକୁ ମାଡ଼ିଗଲାଣି ଅନାବନା ଗଛ

କାଏମା,୧୬।୧୦(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ୍ ଅଧୀନ କାଏମାଠାରୁ ଗୋକର୍ଣ୍ଣେଶ୍ୱର ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାରେ ଦିନକୁ ଦିନ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଦୁର୍ଘଟଣାର କାରଣ ସାଜିଛି ନଦୀବନ୍ଧ ରାସ୍ତା ପାର୍ଶ୍ୱରେ ଉଠିଥିବା ଅନାବନା ଗଛଲତା। ଏଗୁଡ଼ିକ ରାସ୍ତା ଉପରକୁ ମାଡ଼ି ଆସିବା ଯୋଗୁ ଧୀରେଧୀରେ ରାସ୍ତା ସଙ୍କୁଚିତ ହେବାରେ ଲାଗିଛି। ଗୋଟିଏ ୪ ଚକିଆ ଗାଡ଼ି ରାସ୍ତାରେ ଗଲେ ବାଇକ୍‌କୁ ରାସ୍ତା ମିଳୁନି ଯିବାପାଇଁ। ଫଳରେ କେତେବେଳେ ବାଇକ୍ -ବାଇକ୍ ତ ଆଉ କେତେବେଳେ ୪ ଚକିଆ ଯାନ ସହ ବାଇକ୍ ଦୁର୍ଘଟଣା ଘଟୁଛି। ବନ୍ଧ ବଙ୍କାଣିରେ ଅଧିକ ଦୁର୍ଘଟଣା ହେଉଛି। ରାସ୍ତା ଜାମ ରହୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଉଛି କାଏମା ଶାନ୍ତିବଜାର ରାସ୍ତା ମଧ୍ୟରେ ଅନେକ ହମ୍ପସ୍ ରହିଥିବାରୁ। ଏହି ନଦୀବନ୍ଧ ରାସ୍ତାରେ ଦୈନିକ ଆମ୍ବୁଲାନ୍ସଗୁଡ଼ିକ ଧର୍ମଶାଳା ମେଡିକାଲକୁ ରୋଗୀନେଇ ଆସିଥାନ୍ତି। ଯାଜପୁର ମେଡିକାଲକୁ ମଧ୍ୟ ରୋଗୀ ନେଇ ଯାଇଥାନ୍ତି। ତେଣୁ ବହୁ ସମୟରେ ଆମ୍ବୁଲାନ୍ସଗୁଡ଼ିକ ଭିଡ଼ର ସାମ୍ନା କରିଥାନ୍ତି। ଏଥିସହ ୧୦ ପଞ୍ଚାୟତର ଅଧିବାସୀ ଏହି ନଦୀ ବନ୍ଧ ରାସ୍ତା ଉପରେ ନିର୍ଭର କରିଥାନ୍ତି। କିନ୍ତୁ ବର୍ଷା ଦିନ ପରଠାରୁ ନଦୀ ବନ୍ଧ ରାସ୍ତା ପାର୍ଶ୍ୱ ଘଞ୍ଚ ଅରଣ୍ୟ ପାଲଟିଛି। ରାତିହେଲେ ବେଶୀ ବିପଦ ସାଜୁଛନ୍ତି ଏଠାରେ ଥିବା ଶିଆଳ, ବିଲୁଆ, ସାପ। ଶୌଚ ଓ ସ୍ନାନ ନିମନ୍ତେ ନଦୀ ଉପରେ ନିର୍ଭର କରୁଥିବା ଲୋକେ ସନ୍ଧ୍ୟା ସମୟରେ ନଦୀକୁ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ପରୋକ୍ଷରେ ନଦୀବନ୍ଧଟି ଅନାବନା ଗଛଚେରରେ କ୍ଷତି ହେଉଛି, ଯାହାକି ବନ୍ୟା ସମୟରେ ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି। ଏହି ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ଥିବାବେଳେ ଗଛଲତା ସଫେଇ କାହାର ଦାୟିତ୍ୱ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି କାଏମାଠାରୁ ରମାପୁର ପର୍ଯ୍ୟନ୍ତ ରାସ୍ତାରେ ସମାନ ସମସ୍ୟା ଦେଖାଦେଇଛି। ତେଣୁ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଗଛଗୁଡ଼ିକ ସଫେଇ କରିବାକୁ ଦାବି ହୋଇଛି।



କାଏମା-ଗୋକର୍ଣ୍ଣେଶ୍ୱର ରାସ୍ତା ଉପରକୁ ମାଡ଼ିଆସିଥିବା ଗଛ ।

**ସଂକ୍ଷେପରେ**

## ପୃଥକ୍ ପୃଥକ୍ ମାମଲାରେ ୨ ଜଣ ଗିରଫ

ମାର୍ଶାଘାଇ,୧୬।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

ମାର୍ଶାଘାଇ ଥାନା ଅନ୍ତର୍ଗତ କରମକୁଳ ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ବଳତ୍କାର ଉଦ୍ୟମ ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ହେଉଛନ୍ତି ବିଶିକେସନ ସେନାପତି ଓରଫ ବାପୁନି। ମହିଳା ଜଣକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଜଣକ ତାଙ୍କ ପଡୋଶୀ ଓ ତାଙ୍କ ଉପରେ ଦୀର୍ଘଦିନ ଧରି ଖରାପ ନଜର ରଖିଥିଲେ। ଶନିବାର ସନ୍ଧ୍ୟାରେ ସେ ତାଙ୍କ ଛୋଟ ଝିଅକୁ ସାଙ୍ଗରେ ନେଇ ଘର ବାହାରକୁ ଶୌଚ ହେବାକୁ ଯାଉଥିବା ବେଳେ ଉକ୍ତ ଯୁବକ ଜଣକ ତାଙ୍କୁ ବଳତ୍କାର ଉଦ୍ୟମ କରିବାବେଳେ ସେ ଚିତ୍କାର କରିବାରୁ ଯୁବକ ଜଣକ ଚାଷ ଜମି ଆଡକୁ ପଳାଇ ଥିଲେ। ଘଟଣାର ତଦନ୍ତ ଭାର ଆଇଆଇସି ପ୍ରାଜ୍ଞ ପାରମିତା ଜେନା ନେଇ ଅଭିଯୁକ୍ତଙ୍କୁ ଗିରଫ କରି ନଂ. ୪୯୫/୨୩ରେ କୋର୍ଟ ଚାଲାଣ କରିଛନ୍ତି। ଅନ୍ୟ ଏକ ଘଟଣାରେ ଜୁଲାଇ ୩୦ ରାତିରେ ମାର୍ଶାଘାଇ ଥାନା ଅନ୍ତର୍ଗତ ଲୁଣା ନଦୀ ପୋଲ ଉପରେ ଛିଡା ହୋଇଥିବା ଏକ ଆଇରନ ବୋଝେଇ ଟ୍ରକ୍‌ର ଡ୍ରାଇଭରଙ୍କୁ ୩ଜଣ ଯୁବକ ଭୟଭୀତ କରାଇ ଟଙ୍କା ଓ ମୋବାଇଲ ଫୋନ ଛଡାଇ ନେଇଥିଲେ। ଗାଡି ଚାଳକ ଛତିଶଗଡ଼ ରାଜ୍ୟ ସାହେବଗଞ୍ଜ ଜିଲା ଫ୍ଲାଗୁନା ଗ୍ରାମର ତରୁଣ ଆଲାମ ମାର୍ଶାଘାଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜଣେ ଫେରାର ଥିଲା ସୋମବାର ଜଣେ ଅଭିଯୁକ୍ତ ଥାନା ଅନ୍ତର୍ଗତ ଶାସନ ଗ୍ରାମର ପ୍ରତାପ ମହାନ୍ତି ଓରଫ ନେଉଳଙ୍କୁ ଗିରଫ କରାଯାଇନଂ. ୪୪୩/୨୩ରେ କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଏସଆଇ ଅଜୟ କୁମାର ସାହୁ କହିଛନ୍ତି।

## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ରାଜନଗର, ୧୬।୧୦ (ଭାସ୍କର ରାଉତରାୟ)

ରାଜନଗର ବିଜେଡି ପକ୍ଷରୁ ଅକ୍ଟୋବର ୧୯ରେ ମହିଁଷାସୁର ପଡିଆରେ ଆୟୋଜିତ ହେବାକୁ ଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହିଁଷାସୁରଠାରେ ଆୟୋଜିତ ବୈଠକରେ ବ୍ଲକ ବିଜେଡି ସଭାପତି ତଥା ଡେରା ସରପଞ୍ଚ ନିରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା ହେବା ସହ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଫଳତା ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିରେ ଆମ୍ଭ କମିଟିର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ନିର୍ବାଚନମଣ୍ଡଳୀ ସାମାଜିକ ଗଣମାଧ୍ୟମ ସଂଯୋଜକ ବିଜୟ କୁମାର ନାୟକ, ବ୍ଲକ ମହିଳା ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ରାଜ୍ୟ ବିଜୁ ଛାତ୍ର ଜନତା ଯୁଗ୍ମ ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ନରହରି ଜେନା, ମିଡିଆ ସଂଯୋଜକ ବିଜ୍ଞାନ ଜେନା, ସରପଞ୍ଚ ଅଶୋକ କୁମାର ମହାନ୍ତି, ସମିତିସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ସମବାୟ ସମିତି ସଭାପତି ଦଧିବାମନ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ।

## ଶ୍ରୀଦଧିବାମନଜୀଉ ମନ୍ଦିରରେ ମୁଖ୍ୟମନ୍ତ୍ରୀଙ୍କ ୭୮ତମ ଜନ୍ମ ଦିବସ

ରାଜନଗର, ୧୬।୧୦ (ଭାସ୍କର ରାଉତରାୟ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ରାଜନଗରଠାରେ ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି। ରାଜନଗର ଶ୍ରୀଦଧିବାମନଜୀଉ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କରାଯାଇ ଦୀପଦାନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ଆମ୍ଭ କମିଟିର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ନିର୍ବାଚନମଣ୍ଡଳୀ ସାମାଜିକ ଗଣମାଧ୍ୟମ ସଂଯୋଜକ ବିଜୟ କୁମାର ନାୟକ, ବ୍ଲକ ମହିଳା ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ରାଜ୍ୟ ବିଜୁ ଛାତ୍ର ଜନତା ଯୁଗ୍ମ ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ନରହରି ଜେନା, ମିଡିଆ ସଂଯୋଜକ ବିଜ୍ଞାନ ଜେନା, ସରପଞ୍ଚ ଅଶୋକ କୁମାର ମହାନ୍ତି, ସମିତିସଭ୍ୟ ସଂଜୟ କୁମାର ସ୍ୱାଇଁ, ସମବାୟ ସମିତି ସଭାପତି ଦଧିବାମନ ଭୂୟାଁ, ନବଘନ ପଣ୍ଡା ପ୍ରମୁଖ ଯୋଗଦେଇ ଦୀପଦାନ କରିଥିଲେ।

# ଜମ୍ବୁ–ମାର୍ଶାଘାଇ ରାସ୍ତାର ହେବ ସମ୍ପ୍ରସାରଣ

**ପ୍ରସ୍ତାବିତ ବୃହତ ଶିଳ୍ପ କାରଖାନା ମୁଖଶାଳା**

- ବ୍ୟୟ ହେବ ୧୦୪ କୋଟି
- କଟା ହେବ ୭ ହଜାର ବୃକ୍ଷ
- ସବୁଜ ବଳୟ ସୃଷ୍ଟି ପାଇଁ ୨ କୋଟି ୫୬ ଲକ୍ଷ ଖର୍ଚ୍ଚ ହେବ
- ରାସ୍ତା ପାର୍ଶ୍ୱ ଦୋକାନ ବଜାର ଉଚ୍ଛେଦ ହେବ

ମହାକାଳପଡ଼ା,୧୬।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଶିଳ୍ପ ବିହୀନ ଜିଲା ଭାବେ ପରିଚିତ। ରାଜ୍ୟ ସରକାର ଜିଲାର ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଏକ ପ୍ରସ୍ତାବିତ ବୃହତ ଶିଳ୍ପ କାରଖାନା ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ଜମ୍ବୁ–ମାର୍ଶାଘାଇ ରାସ୍ତା ସମ୍ପ୍ରସାରଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ରାସ୍ତା ନିର୍ମାଣ ପାଇଁ ଆସାମର ଏକ ପ୍ରମୁଖ ନିର୍ମାଣକାରୀ ସଂସ୍ଥା ଏବିସିଆଇ ୧୦୪ କୋଟିରୁ ଅଧିକ ବ୍ୟୟ ଅଟକଳ ଥିବା ପ୍ରକଳ୍ପକୁ ହାତକୁ ନେଇଛି। ଫଳରେ ଜମ୍ବୁ–ମାର୍ଶାଘାଇ ମୁଖ୍ୟ କେନାଲ ବନ୍ଧ ରାସ୍ତା ସମ୍ପ୍ରସାରଣ ନିର୍ମାଣ କାର୍ଯ୍ୟ ମାର୍ଶାଘାଇଠାରୁ ଆରମ୍ଭ ହୋଇଛି। ରାସ୍ତା କାମ ୨ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଯୋଜନା ରହିଛି। ରାସ୍ତା ନିର୍ମାଣ କାର୍ଯ୍ୟ କେନାଲ ବନ୍ଧର ଦକ୍ଷିଣ ପାର୍ଶ୍ୱଠାରୁ ପୁରୁଣା ବନ୍ଧ ୮୦ କଡି ସରକାରୀ ଜମି ତଥା ନୟନଯୋରୀ ସମ୍ପ୍ରସାରଣ ହେବ ବୋଲି କୁହାଯାଇଛି। ଅପରପକ୍ଷରେ କେନାଲ ବନ୍ଧର ଉଭୟପାର୍ଶ୍ୱରେ ବନ ବିଭାଗ ପକ୍ଷରୁ ୨୦୧୪/୧୫ରେ ଶତାଧିକ ବୃକ୍ଷ ରୋପଣ କରାଯାଇଥିଲା। ହେଲେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ପୂର୍ବରୁ ଗଛଗୁଡ଼ିକ ଚିହ୍ନଟ କରାଯାଇ ନମ୍ବର କରାଯାଇଛି। ଓଡ଼ିଶା ବନ ଉନ୍ନୟନ ନିଗମ ଅନୁମତି ପ୍ରଦାନ ପରେ ବୃକ୍ଷ ଛେଦନ ପାଇଁ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏଥି ମଧ୍ୟରୁ ନିର୍ମାଣ ରାସ୍ତାର ଦକ୍ଷିଣପାର୍ଶ୍ୱର ୬,୯୧୩ ଗଛ ନଷ୍ଟ ହେବ। ଏହା ପରିବେଶ ଉପରେ ପ୍ରଭାବ ପକାଇବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି। ଏହି ବୃକ୍ଷ ଛେଦନ ପରେ ଏହାର ପ୍ରତି ବଦଳରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଓଡ଼ିଶା ବନ ଉନ୍ନୟନ ନିଗମରେ ଆବଶ୍ୟକ ଅର୍ଥ ଜମା କରିବା ପରେ ବୃକ୍ଷ ଛେଦନ କରାଯିବ ବୋଲି ମହାକାଳପଡ଼ା ରେଞ୍ଜ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।



ଜମ୍ବୁ–ମାର୍ଶାଘାଇ ମୁଖ୍ୟ ରାସ୍ତା।

ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ମାର୍ଶାଘାଇଠାରୁ ଜମ୍ବୁ ପର୍ଯ୍ୟନ୍ତ କେନାଲ ବନ୍ଧ ଦକ୍ଷିଣ ପାର୍ଶ୍ୱରେ ଥିବା ବହୁ ଦୋକାନ ବଜାର ଉଚ୍ଛେଦ କରାଯିବ ବୋଲି ମହାକାଳପଡ଼ା ତହସିଲ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ହେଲେ ବହୁ ସଂଖ୍ୟାରେ ଦୋକାନ ବଜାର ଉଚ୍ଛେଦ ପରେ ଅନେକ କ୍ଷୁଦ୍ର ବ୍ୟବସାୟୀ ରୋଜଗାର ହରାଇବେ। ଉଚ୍ଛେଦ ପୂର୍ବରୁ ପ୍ରଶାସନ ବିକଳ୍ପ ପନ୍ଥା ବା ଅନ୍ୟତ୍ର ଜାଗା ଦେଲେ ଆମେମାନେ ପରିବାର ପ୍ରତିପୋଷଣ କରିପାରିବୁ ବୋଲି କେନାଲ ବ୍ରିଜଠାରୁ ଜମ୍ବୁ ଲକ୍ ପର୍ଯ୍ୟନ୍ତ ଗଢ଼ି ଉଠିଥିବା ଶତାଧିକ ଦୋକାନ ବଜାର କରିଥିବା ବ୍ୟବସାୟୀମାନେ କହିଛନ୍ତି। ଆମ ବ୍ୟବସାୟୀ ଭାଇମାନଙ୍କ ପାଇଁ ପ୍ରଶାସନ ରୋଜଗାର ପନ୍ଥା ଯୋଗାଇ ଦେବାକୁ ରଞ୍ଜନ ସାହୁ, ଶେଖ ସଲିମ, ଶେଖ ସାକିର, ମହମ୍ମଦ ସାଜିଦ, ମଣ୍ଟୁ ଧାଡା, ଗୋଲେଖ ସ୍ୱାଇଁ, ବିଜୟ ସ୍ୱାଇଁ, ନରୋତ୍ତମ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁଙ୍କ ସମେତ ବହୁସଂଖ୍ୟାରେ ବ୍ୟବସାୟୀ କହିଛନ୍ତି। ଅପରପକ୍ଷରେ ଏହି ରାସ୍ତା ସମ୍ପ୍ରସାରଣ ପରେ ଉଚ୍ଛେଦ କରାଯାଇଥିବା ବୃକ୍ଷ ସଂଖ୍ୟା ତୁଳନାରେ ପୁଣି ଅଧିକ ସଂଖ୍ୟାରେ ବୃକ୍ଷ ପ୍ରତିରୋପଣ କରି ସବୁଜ ବଳୟ ସୃଷ୍ଟି କରିବାର ଆବଶ୍ୟକତା ଜରୁରୀ ହୋଇପଡିଛି ବୋଲି ପରିବେଶବିତ ସୁବାସ ସ୍ୱାଇଁ କହିଛନ୍ତି। ଏ ସମ୍ପର୍କରେ ମହାକାଳପଡ଼ା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଦୈତାରି ଟୁଡୁଙ୍କ ମତାମତ ନେବାରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ନୂତନ ବୃକ୍ଷ ପ୍ରତିରୋପଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୨ କୋଟି ୫୬ ଲକ୍ଷ ଟଙ୍କା ବନ ବିଭାଗ ନିକଟରେ ଜମା କରାଯିବ ବୋଲି ସେ କହିଛନ୍ତି।

## ଗଛଡାଳ କାଟିବା ବେଳେ କରତରେ ବେକ କଟି ଜଣେ ମୃତ

ଡେରାବିଶ, ୧୬।୧୦(ବେବର୍ତ୍ତା ଅଜୟ ଦାସ)

ନିଜ ବାଡ଼ିରେ ଥିବା ଏକ ଗଛରୁ ମେଶିନ କରତ ଯୋଗେ ଡାଳ କାଟୁଥିବା ବେଳେ କରତରେ ବେକ କଟି ସୋମବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ଥାନା କାଉପଡ଼ା ପଞ୍ଚାୟତ କାଉପଡ଼ା ଗ୍ରାମରେ। ମୃତକ ଜଣକ ହେଲେ ହଳଧର ସେଠୀ (୫୦)। ଏ ନେଇ ହଳଧରଙ୍କ ପୁଅ ଚନ୍ଦନ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ହଳଧର ସକାଳ ସାଢେ ୯ଟାରେ ନିଜ ବାଡ଼ିରେ ଥିବା ଏକ ଚାକୁଣ୍ଡା ଗଛର ଡାଳକୁ ମେଶିନ କରତ ସାହାଯ୍ୟରେ କାଟୁଥିଲେ। ମାତ୍ର ହଠାତ୍ ହଳଧର ଭାରସାମ୍ୟ ହରାଇବାରୁ ହାତରୁ ମେଶିନ କରତଟି ଖସି ତାଙ୍କ କାନ, ବେକ ଓ ଗାଲ କଟିଯାଇଥିଲା। ହଳଧର ଗୁରୁତର ଅବସ୍ଥାରେ ଗଛରୁ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚନ୍ଦନଙ୍କ ଅଭିଯୋଗ ପାଇବା ପରେ ପୋଲିସ ହଳଧରଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଅସହାୟଙ୍କୁ ସହାୟ: ଘର ତିଆରିକଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ

ରାଜକନିକା,୧୬।୧୦(ସଞ୍ଜୟ କୁମାର ଦାଶ)

ଅସହାୟଙ୍କୁ ସହାୟ ହେଲେ, ଘର ତିଆରି ମଧ୍ୟ କଲେ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ଏଭଳି ରୋଚକ ଓ ନିଆରା ଚିତ୍ର ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ରାଜକନିକା ପଞ୍ଚାୟତ ସମିତି ସିହୋପଡା ପଞ୍ଚାୟତ ଆଗପଡା ଗାଁରେ। ପ୍ରଶାସନ ଆଢୁଆଳରେ ବଡ଼ କଷ୍ଟରେ ଭଙ୍ଗା ଘରେ ଜୀବନ ଅତିବାହିତ କରୁଥିବା ଦଶରଥ ମଳିକଙ୍କ ସମ୍ପର୍କରେ ୬ ତାରିଖରେ 'ଧରିତ୍ରୀ'ରେ 'ଭଙ୍ଗା କୁଡ଼ିଆରେ ଜୀବନ' ଶୀର୍ଷକରେ ଖବର ପ୍ରସାରଣ ହୋଇଥିଲା। ପରେ ପ୍ରଶାସନ ପକ୍ଷରୁ ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ କେବଳ ଏକ କଳା ପଲିଥିନ୍ ଯୋଗାଇଦେଇ ଦାୟିତ୍ୱ ସାରି ଦେଇଥିଲେ। କାଁ ଭାଁ ନଡା ଦିସୁଥିବା ନଡା ଛପର ଭଙ୍ଗା ଘରେ ପଲିଥିନ୍ ଖଣ୍ଡେ ସମୁଦ୍ରକୁ ଶଙ୍ଖେ ସଦୃଶ। ତେବେ ଗଣମାଧ୍ୟମରୁ ଖବରପାଇ ଅଞ୍ଚଳର ଉଦୀୟମାନ ଯୁବକମାନେ ଏକତ୍ରିତ ହୋଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓପାସରେ ରହିବେନି କେହି ଫାଉଣ୍ଡେଶନ ଅଞ୍ଚଳର ଅସହାୟ, ନିରାଶ୍ରୟଙ୍କ ବିପଦର ବନ୍ଧୁ ସାଜି ସହାୟତାର ହାତ ବଢ଼ାଇଛି। ଦଶରଥଙ୍କ ଭଙ୍ଗା କଡ଼ିଆକୁ ଏକ ଆଜବେଷ୍ଟସ ଗୃହ ନିର୍ମାଣ କରିବା ଉଦ୍ୟମ ଆରମ୍ଭ କରି ଆଜବେଷ୍ଟସ, ଲୁହା ପାଇପ୍, ସିମେଣ୍ଟ ବସ୍ତା ଓ ସିମେଣ୍ଟ ଖୁଣ୍ଟ ଆଦି



ଘର ତିଆରି ପାଇଁ ଆଜ୍‌ବେଷ୍ଟ୍‌ସ ନିଆଯାଉଛି।

କିଣି ଦଶରଥଙ୍କୁ ହସ୍ତାନ୍ତର କରି ଉଦାହରଣ ସାଜିଛନ୍ତି। ପ୍ରଶାସନ ଆଖି ଆଢୁଆଳରେ ରହିଯାଇଥିବା ଅସହାୟ ଦଶରଥ ଏବେ ରହିବେ ଆଜବେଷ୍ଟସ ପକ୍କାଘରେ। ଏଭଳି ଆଶା ସଞ୍ଚାର କରାଇ ପାରିଛନ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ।

ରାଜକନିକା ବ୍ଲକ ଆଗପଡା ଗାଁର ଅସହାୟ ବୟବୃଦ୍ଧ ଦଶରଥଙ୍କ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ନ ଥିଲା। ଦୀର୍ଘଦିନ ଧରି ଘର ପାଇଁ ବିଭିନ୍ନ ଫୋରମରେ ପ୍ରଶାସନ ପାଖରେ ଦାବି କରି ଆସୁଥିଲେ ବି ତାଙ୍କୁ ମିଳୁ ନ ଥିଲା। ଫଳରେ ଭଙ୍ଗା ଓ ଫୁଟିଯାଇଥିବା ନଡା ଛପର ଘର ପିଣ୍ଡା ବା ପଡ଼ିଶା ଘର ବାହାର ବାରଣ୍ଡାରେ ଖରା, ବର୍ଷା, ଶୀତ କାକରରେ ଆଶ୍ରୟ ନେଉଥିଲେ। ଦଶରଥଙ୍କ ପରିବାରରେ ତାଙ୍କ ବ୍ୟତିରେକ ଆଉ କେହି ନାହାନ୍ତି। ସରକାରୀ ଅନୁଦାନ କହିଲେ କେବଳ ମାସକୁ ୫କେଜି ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ୫ଶହ ଟଙ୍କା ଭରସା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉପାସରେ ରହିବେନି କେହି ଫାଉଣ୍ଡେଶନର ସଦସ୍ୟମାନେ ଦଶରଥଙ୍କୁ ଆଜବେଷ୍ଟସ ଗୃହ ନିର୍ମାଣ କରିଦେବା ପ୍ରତିଶ୍ରୁତି ଦେଇ ସମସ୍ତ ସାମଗ୍ରୀ ଯୋଗାଇ ଦେଇଛନ୍ତି। ଦିନେ ଦୁଇଦିନ ମଧ୍ୟରେ ମିସ୍ତ୍ରି ଆଣି ଘର କାମ ଆରମ୍ଭ କରି ସମ୍ପୂର୍ଣ୍ଣ କରିବେ ବୋଲି କହିଥିଲେ। ଏଥିପାଇଁ ସଙ୍ଗଠନର ସମସ୍ତ କର୍ମକର୍ତ୍ତା ସିମେଣ୍ଟ ଖୁଣ୍ଟ, ଲୁହା ପାଇପ୍, ସିମେଣ୍ଟ ବସ୍ତା ଓ ଆଜବେଷ୍ଟସ ବୋହି ନେଇ ଗୃହ ନିର୍ମାଣର ଶୁଭାରମ୍ଭ କରିଥଲେ। ଏହାକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଉଛି।

## ଭାଜପା ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ରାଜନଗର, ୧୬।୧୦ (ଭାସ୍କର ରାଉତରାୟ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ରାଜନଗର ବ୍ଲକ ଭାଜପା ପକ୍ଷରୁ ସାତଭାୟା ପଞ୍ଚାୟତରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମଳାକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡ. ଅଲେଖ କୁମାର ଜେନା ଯୋଗଦେଇ ସାତଭାୟା ପଞ୍ଚାୟତର ବିଭିନ୍ନ ଗ୍ରାମ ପଦଯାତ୍ରା କରି ମା'ପଞ୍ଚୁବରାହୀ ପୀଠରେ ପହଞ୍ଚି ସଭାରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଓ ଜି–୨୦ ସମ୍ମିଳନୀରେ କିପରି ଭାରତ ବିଶ୍ୱଗୁରୁ ହୋଇ ଅଗ୍ରସର ହେଉଛି ଓ ଓଡ଼ିଶାକୁ କିପରି ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉଛି ସେ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କର୍ମୀ ଉତମା ବେହେରା, ସବିତା ବେହେରା, କେଶବ ବିଶ୍ୱାଳ, ମୁରଲୀ ମଳିକ, ଲୁଣିଆ ସାହୁ, ଯୁଧିଷ୍ଠିର ମଳିକ, ଖଗନ ମଳିକ, ବଳରାମ ମଳିକ, ଭଗୀରଥ ରାଉତ, ବିଷ୍ଣୁ ମଳିକ, କୈଳାସ ମଳିକ, ହଳଧର ମଳିକ, ଶୁକଦେବ ମଳିକ, କୈଳାସ ବେହେରା, ବିଜୟ ବେହେରା, ଯୁବନେତା ଲୋକନାଥ ବିଶ୍ୱାଳ, ଶୂନ୍ୟବାସୀ ରଣା, ସୁବାସ ରାଉତ ପ୍ରମୁଖ ଯୋଗ ଦେଇଥିବା ବେଳେ ଅମିତ ମଳିକ ଧନ୍ୟବାଦ ଦେଇଥିଲେ।

## ୭ ଗୋରୁ ଚାଲାଣବେଳେ ଡଙ୍ଗାକୁ ଧରି ପୋଲିସ ଜିମା ଦେଲେ ଲୋକେ



ଗୋରୁ ଚାଲାଣବେଳେ ଧରାପଡିଥିବା ଅଭିଯୁକ୍ତମାନେ।

ରାଜନଗର, ୧୬।୧୦ (ଭାସ୍କର ରାଉତରାୟ)

ଜଳପଥରେ ଡଙ୍ଗାରେ ଗୋରୁ ଚାଲାଣ ବେଳେ ସ୍ଥାନୀୟ ଲୋକେ ଏହାକୁ ଧରିଛନ୍ତି। ୭ଟି ଗୋରୁ ସହିତ ଡଙ୍ଗା ଜବତ କରିବା ସହ ଡଙ୍ଗାରେ ଥିବା ନାବିକଙ୍କ ସହ ୯ଜଣଙ୍କୁ ପୋଲିସ ଜିମା ଦେଇଛନ୍ତି ଲୋକେ। ସୂଚନା ମୁତାବକ ରାଜନଗର ଥାନା ଅନ୍ତର୍ଗତ ଜରିମୂଳ ଅଞ୍ଚଳରୁ ୭ଟି ଗାଈ ଆଣି ରାଜନଗର ହଂସୁଆ ନଦୀ ନିକଟରେ ଡଙ୍ଗାରେ ରାଜକନିକା ନେଉଥିଲେ। ଡଙ୍ଗାରେ ଗୋରୁ ଚାଲାଣ ହେବାର ଦୃଶ୍ୟ ସ୍ଥାନୀୟ ଲୋକେ ଦେଖି ଡଙ୍ଗାକୁ ଅଟକାଇବା ସହ ଗୋରୁ ଚାଲାଣ କରୁଥିବା ରାଜକନିକା ବ୍ଲକ ଜୟନଗର ଅଞ୍ଚଳର ୯ଜଣଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଡଙ୍ଗା ସହ ୭ଟି ଗୋରୁକୁ ଲୋକେ ଥାନାରେ ଜିମା ଦେଇଛନ୍ତି। ଏ ସମ୍ପର୍କରେ ଆଇଆଇସି ଅଜୟ କୁମାର ଜେନାଙ୍କୁ ପଚାରିବାରୁ ସ୍ଥାନୀୟ ଲୋକେ ଗୋରୁ ଓ ଲୋକଙ୍କୁ ଜିମା ଦେଇଛନ୍ତି ବୋଲି ସେ କହିଛନ୍ତି।

## ଶିକ୍ଷାବିତ୍ ଉଦୟନାଥଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ, ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ





ଉଦୟନାଥ ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଉପସ୍ଥିତ ଅତିଥିମାନେ।

ରାଜକନିକା,୧୬।୧୦(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଳାଭରଠାରେ ଥିବା ଅକ୍ସଫୋର୍ଡ ଇଂରାଜି ମାଧ୍ୟମ ସ୍କୁଲର ପ୍ରତିଷ୍ଠାତା ଉଦୟନାଥ ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସହ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମାକାନ୍ତ ସାହୁଙ୍କ ସଭାପତିତ୍ୱ ଏବଂ ସ୍କୁଲର ଅଧ୍ୟକ୍ଷ ମିସ୍ ଡଲି ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ, ଏବର ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ, କବି ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇଥିଲେ। ସେ ସ୍କୁଲ ପରିସରରେ ଉଦୟନାଥଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ପରେ ପରେ ଆୟୋଜିତ ସଭାରେ ଯୋଗଦେଇ ଛାତ୍ରବତ୍ସଳ ଉଦୟନାଥଙ୍କ ସ୍ମୃତିଚାରଣ କରିଥିଲେ। ଉଦୟନାଥ ଆରମ୍ଭ କରିଥିବା ମଣିଷ ତିଆରି କାରଖାନା ଆଜି ଅଞ୍ଚଳରେ ଖ୍ୟାତି ଅର୍ଜନ କରିଛି, ଆଗକୁ କରିବ ମଧ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡା, ସମ୍ମାନିତ ଅତିଥି ଭାବେ ଓଳାଭର ଅଞ୍ଚଳର ପ୍ରାଣ ପ୍ରତିଷ୍ଠାତା ଗୋବିନ୍ଦ ଚନ୍ଦ୍ର ଦାସ, ଅନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଇଂରାଜି କବି ତଥା ହିନ୍ଦୁଧର୍ମ ପ୍ରଚାରକ ବ୍ରଜକିଶୋର ଦାଶ ଓ ଓଳାଭର କଲେଜର ଅଧ୍ୟକ୍ଷ ହଳଧର ବେହେରା ପ୍ରମୁଖ ଯୋଗ ସ୍ମୃତିଚାରଣ କରିଥିଲେ। ଏହି ପ୍ରରିପ୍ରେକ୍ଷୀରେ କୃତୀ ଛାତ୍ରୀ ଆଦ୍ୟା ଅନ୍ୱେଷା, ଗାୟତ୍ରୀ ପାଣିଗ୍ରାହୀ ଓ ସ୍ୱାତିରେଖା ମହଲାଙ୍କୁ ମୁଖ୍ୟ ଅତିଥି ପୁଷ୍ପଗୁଚ୍ଛ, ମାନପତ୍ର ଓ ଅର୍ଥ ରାଶି ସହ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଶିକ୍ଷକ ରଶ୍ମିକାନ୍ତ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀ ପ୍ରିୟା ଶତପଥୀ ଧନ୍ୟବାଦ ଦେଇଥିଲେ। କନିକା ପୂଜ୍ୟପୂଜା ପରିଷଦର ସଭାପତି ଦୁର୍ଯ୍ୟୋଧନ ସାମଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀନିବାସ ପ୍ରଧାନ, ଗଦାଧର ଦାସ, ରାଜକନିକା ଯାଦବ ମହାସଭାର ସମ୍ପାଦକ ମନୋଜ ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ଶରତ ଜେନା, ଶିକ୍ଷୟିତ୍ରୀ ସବିତା ପୃଷ୍ଟି, ପ୍ରିୟଦର୍ଶିନୀ ରାଉତ, ମିନତି ବାୟୀ ଓ ଶ୍ରଦ୍ଧାଞ୍ଜଳି ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ପଟ୍ଟାମୁଣ୍ଡାଇରେ ମିଳିତ ଜନଶୁଣାଣି, ୧୧୬ ଅଭିଯୋଗ

ପଟ୍ଟାମୁଣ୍ଡାଇ,୧୬।୧୦(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଏକ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କେନ୍ଦ୍ରାପଡ଼ା ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ଉପଜିଲାପାଳ ରବୀନ୍ଦ୍ର ପ୍ରଧାନ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ନିର୍ବାହୀ ଅଧିକାରୀ ଅଜିତ୍ ନାରାୟଣ ଗିରି, ଅତିରିକ୍ତ ତହସିଲଦାର ପ୍ରତୀଶା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ପାନୀୟଜଳ, କୃଷି, ଜଳସେଚନ, ଉଠାଜଳସେଚନ, ମହିଳା ଶିଶୁ ବିକାଶ, ସାଧାରଣ ବଣ୍ଟନ ଆଦି ବିଭିନ୍ନ ପ୍ରସଙ୍ଗରେ ୧୧୬ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୧୧୩ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୩ଟି ସାମୁହିକ ଥିଲା। ପଟ୍ଟାମୁଣ୍ଡାଇ ଏମ୍ଏନ୍ ହାଇସ୍କୁଲର ଅଭିଭାବକ ସଂଘ ପକ୍ଷରୁ ତପନ ଦାଶ, ଗୋପୀବଲ୍ଲଭ ନାୟକ ,ଗୋପୀନାଥ ତ୍ରିପାଠୀ, ମହେଶ୍ୱର ସାମଲ ପ୍ରମୁଖ ବହୁ ସଦସ୍ୟ ହାଇସ୍କୁଲରେ ଖାଲି ପଡ଼ିଥିବା ଶିକ୍ଷକ ନିଯୁକ୍ତି, ୫–ଟି ରୁପାନ୍ତରୀକରଣ ହୋଇଥିବା ୪ଟି ଶ୍ରେଣୀ ଗୃହ ୨ଟିରେ ସ୍ମାର୍ଟ ବୋର୍ଡ, ୫ଟି ନୂତନ ଶ୍ରେଣୀ ଗୃହ, ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ



ମିଳିତ ଜନଶୁଣାଣି ଶିବିରରେ ଜନସାଧାରଣଙ୍କ ଅଭିଯୋଗ ଶୁଣୁଛନ୍ତି ଉପଜିଲାପାଳ ଏବଂ ଅନ୍ୟମାନେ।

ପାଇଁ ଡାଇନିଂ ହଲ ନିର୍ମାଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବିପତ୍ର ପ୍ରଦାନ କରିଥିଲେ।

ସେହିପରି ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ ଓ ସମ୍ପାଦକ ଗୋପୀନାଥ ତ୍ରିପାଠୀ ପ୍ରମୁଖ ବାଇପାସ ବିଜୁ ପଟ୍ଟନାୟକ ଛକରେ ଯାତ୍ରୀ ବିଶ୍ରାମାଗାର, ଇକୋ ଶୌଚାଳୟ କାର୍ଯ୍ୟକ୍ଷମ କରିବା, ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟରେ ବିଭିନ୍ନ ବିଭାଗରେ ସ୍ପେଶାଲିଷ୍ଟ ଡାକ୍ତର ନିଯୁକ୍ତ କରାଇବା ସହିତ ଅଲ୍ଟ୍ରାସାଉଣ୍ଡ, ଏକ୍ସ–ରେ କେନ୍ଦ୍ର କାର୍ଯ୍ୟକ୍ଷମ କରାଇବା, ପଟ୍ଟାମୁଣ୍ଡାଇ ଏକ କୃଷି ପ୍ରାଧାନ୍ୟ ଅଞ୍ଚଳ ହୋଇଥିବାରୁ ଏଠାରେ ଉତ୍ପାଦିତ ପନିପରିବା ପାଇଁ ଏକ ଶୀତଳଭଣ୍ଡାର ନିର୍ମାଣ କରିବା, ଷଣ୍ଢ, ବୁଲା ଗୋରୁ ଓ ମାଙ୍କଡ଼ମାନଙ୍କ ଉପଦ୍ରବ ବଢିବାରେ ଲାଗିଛି। ଏ ନେଇ ବୁଲା ଗୋରୁଙ୍କୁ କାଞ୍ଜିଆହୁଦା ଓ ମାଙ୍କଡ଼ମାନଙ୍କୁ ଧରି ଜଙ୍ଗଲରେ ଛାଡିବା, ପଟ୍ଟାମୁଣ୍ଡାଇ କଚେରି ପୋଖରୀ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଧିକାରିଣୀ ଡା. ଅନିତା ପଟ୍ଟନାୟକ, ଜିଲା ଯୋଗାଣ ବିଭାଗ ଅଧିକାରୀ ଏବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ଲେଙ୍କା, ବ୍ଲକ ସହକାରୀ ଯନ୍ତ୍ରୀ ଜଳଧର ବେହେରା, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସ୍ମୃତି ରଞ୍ଜନ ରଥ, ପୂର୍ତ୍ତ ବିଭାଗ ସହନିର୍ବାହୀ ଯନ୍ତ୍ରୀ ରାଜଶ୍ରୀ ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗ ସହନିର୍ବାହୀଯନ୍ତ୍ରୀ ବିନୋଦ ଦାସ, ଜଳସମ୍ପଦ ବିଭାଗ ସହନିର୍ବାହୀ ଯନ୍ତ୍ରୀ ପ୍ରଭାତ ସାହୁ, ପଟ୍ଟାମୁଣ୍ଡାଇ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସୁଦାମ ସାହୁ, ଉପଖଣ୍ଡ ସ୍ତରୀୟ ଚିକିତ୍ସାଧିକାରୀ ଡା. ନିରାକାର ପରିଡା, ଜିଲା ଶିକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ନାୟକ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଚନ୍ଦ୍ରଶେଖର ତ୍ରିପାଠୀ, ଆଦର୍ଶ ଥାନା ଅଧିକାରୀ ରଞ୍ଜିତ ମହାନ୍ତି, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି, ମିଶନ ଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଜୀବିକା ମିଶନ ସଂଯୋଜିକା ସୁଶ୍ରୀ ସଂଗୀତା ଭୂୟାଁ, ବନପାଳ ରାଜଲକ୍ଷ୍ମୀ ଦାସ, ଏସ୍ଇଓ ଉଦାର ସୁନ୍ଦର ସ୍ୱାଇଁ, ପିଏଚ୍ଓ ନୃସିଂହ ଦାସ ପ୍ରମୁଖ ଜିଲା ଓ ବ୍ଲକ ସ୍ତରୀୟ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ । ଶେଷରେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହାକୁ ମାନସ ନନ୍ଦ, ପ୍ରିୟରଞ୍ଜନ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଘରପୋଡି ଘଟଣାର ରାୟ: ଶ୍ୱଶୁର, ଦେଢ଼ଶୁରଙ୍କୁ ୫ ବର୍ଷ ଜେଲ

ନୟାଗଡ,୧୬।୧୦ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ବିଚାର ବିଭାଗୀୟ ତଥା ସହକାରୀ ଦୌରାଜଜଙ୍କ କୋର୍ଟରେ ଓସ୍ତପଡା ଘରପୋଡି ମାମଲାର ରାୟ ପ୍ରକାଶ ପାଇଛି। ୧୦ ସାକ୍ଷ, ସରକାରୀ ଓକିଲ ଓ ପ୍ରତିପକ୍ଷ ଓକିଲଙ୍କ ଜବାବ ସୁଆଲ, ବିଭିନ୍ନ ପ୍ରମାଣକୁ ଭିତ୍ତିକରି ନୟାଗଡ଼ ଜିଲା ମୁଖ୍ୟ ବିଚାର ବିଭାଗୀୟ ତଥା ସହକାରୀ ଦୌରାଜଜ୍ ସ୍ମୃତି ସ୍ନିଗ୍ଧା ଦାସ, ଜିଲା ଚାନ୍ଦପୁର ଥାନା ଓସ୍ତପଡା ଗାଁର ଶ୍ୱଶୁର ବାସୁଦେବ ସାହୁ (୮୦) ଓ ଦେଢ଼ଶୁର ପ୍ରଶାନ୍ତ କୁମାର(୪୭)ଙ୍କୁ ୫ବର୍ଷ ଜେଲ ଦଣ୍ଡ ସହ୨ ହଜାର ଜରିମନା କରିଛନ୍ତି। ଜରିମନା ଅନାଦେୟ ୪ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ପ୍ରାପ୍ତ ସୂଚନା ଅନସାରେ ଓସ୍ତପଡ଼ା ଗାଁରେ ରୁଫି ଶ୍ରୀଚନ୍ଦନଙ୍କ ଘର ପୋଡି ୨୦୨୧ ଫେବୃୟାରୀ ୩ରେ ହୋଇଥିଲା। ରୁଫିଙ୍କ ଘରକୁ ତାଙ୍କ ଶ୍ୱଶୁର ବାସୁଦେବ ସାହୁ ଓ ଦେଢ଼ଶୁର ପ୍ରଶାନ୍ତ କୁମାର ପୋଡିଥିବା ଅଭିଯୋଗ ହୋଇଥିଲା। ରୁଫିଙ୍କ ଅଭିଯୋଗ ପରେ ଚାନ୍ଦପୁର ଥାନା ପୋଲିସ ନଂ.୧୬/୨୧ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏହି ଘଟଣାରେ ଶ୍ୱଶୁର ଓ ଦେଢ଼ଶୁର କୋର୍ଟ ଚାଲାଣ ହୋଇ ଜାମିନ ପାଇଥିଲେ। ସୋମବାର ଶ୍ୱଶୁର ଓ ଦେଢ଼ଶୁରଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଭାତ ଆଦିତ୍ୟ ବରାଳ ମକଦ୍ଦମା ପରିଚାଳନା କରିଥିଲେ।

### ବିଦ୍ୟୁତ୍ ବିଲ୍ ପ୍ରଦାନରେ ବିଳମ୍ବକୁ ନେଇ ଉପଭୋକ୍ତାଙ୍କ ଅସନ୍ତୋଷ

ଖଣ୍ଡପଡା,୧୬।୧୦ (ଅଜୟ କୁମାର ମହାରଣା)

ବିଦ୍ୟୁତ ବିତରଣ କମ୍ପାନୀ (ଟିପିସିଓଡିଏଲ) କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁ ଖଣ୍ଡପଡା ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପ୍ରତିମାସର ୪ରୁ ୭ ତାରିଖ ମଧ୍ୟରେ କମ୍ପାନୀ କର୍ତ୍ତୃପକ୍ଷ ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ବିଲ ପ୍ରଦାନ କରୁଥିବା ବେଳେ ଚଳିତ ମାସରେ ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ବିଲ ଅଦ୍ୟାବଧି ପ୍ରଦାନ କରାଯାଇ ନ ଥିବା ଜଣାପଡିଛି। ବିଦ୍ୟୁତ୍ ବିଲ ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କମ୍ପାନୀ କର୍ତ୍ତୃପକ୍ଷ ବିଳମ୍ବରେ ବିଦ୍ୟୁତ୍ ବିଲ ପ୍ରଦାନ କଲେ ଉପଭୋକ୍ତାମାନେ ବିନା କାରଣରେ ଅଧିକ ଅର୍ଥ ବିଲ ବାବଦରେ ପ୍ରଦାନ କରିବାକୁ ପଡିବ। ଟିପିସିଓଡିଏଲ କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁ ବିଦ୍ୟୁତ୍ ଉପଭୋକ୍ତାମାନେ ହନ୍ତସନ୍ତ ହେବା ସାର ହୋଇଛି। ଖଣ୍ଡପଡା ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ତୁରନ୍ତ ବିଦ୍ୟୁତ ବିଲ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜିଲା ପରିଷଦ ଅଧ୍ୟକ୍ଷଙ୍କ ତଦନ୍ତ ନିର୍ଦ୍ଦେଶ

ଓଡ଼ଗାଁ, ୧୬।୧୦ (ଆଦର୍ଶ କୁମାର ପଟ୍ଟନାୟକ)

- ସୋଲପଟା ରାସ୍ତା ଉନ୍ନତୀକରଣର ସୂଚନା ଫଳକ ଓଡ଼ଗାଁ ଏନଏସିରେ
- ୨୦ କିମି ଦୂରରେ ଲୁକ୍କାୟିତ ଭାବେ ଲେଖାଯାଇଛି

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ସୋଲପଟା ପଞ୍ଚାୟତରେ ରାସ୍ତା ଓ ପୋଲ ସମ୍ବନ୍ଧୀୟ ୨୦୨୧-୨୨ ଆର୍ଥିକ ବର୍ଷରେ ନିର୍ମାଣ ନିମନ୍ତେ ୨ ଲକ୍ଷ ଟଙ୍କା ଅନୁଦାନ ଅଟକଳ ସମ୍ପର୍କିତ ସୂଚନା ଫଳକ ଲୁକ୍କାୟିତ ଭାବେ ୨୦ କିମି ଦୁର ଓଡ଼ଗାଁ ଏନଏସିରେ ଲାଗିଥିଲା। ଏହାକୁ ନେଇ ଆଲୋଚନା ଯୋର ଧରିଥିଲା। ସୋଲପେଟା ଉଚ୍ଚ ବିଦ୍ୟାଳୟଠାରୁ ମୁଖ୍ୟ ରାସ୍ତାର ଉନ୍ନତୀକରଣ ନିମନ୍ତେ ଉଲ୍ଲେଖିତ ଅନୁଦାନକୁ ଅଟକଳ କାମ କରାଯାଇଛି। ହେଲେ ଏନେଇ ଆବଶ୍ୟକ ସୂଚନା ଫଳକ ସୋଲପେଟା ବଦଳରେ ସେଠାରୁ ୨୦ କିମି ଦୂର ଓଡ଼ଗାଁ ଏନଏସିର ୮ନଂ. ୱାର୍ଡର ଜଣେ ସହରୀଙ୍କ ପାଇଖାନ କାନ୍ଥରେ ଲୁକ୍କାୟିତ ଭାବେ ପ୍ରଦର୍ଶିତ କରାଯାଇଥିଲା। ଏ ସମ୍ପର୍କିତ


ପ୍ରଦର୍ଶିତ ସୂଚନା ଫଳକ। (ପୂର୍ବ)


ଲିଭାଯାଇଥିବା ସୂଚନା ଫଳକ। (ପର)

ସଚିତ୍ର ରିପୋର୍ଟ ପ୍ରଥମେ ଧରିତ୍ରୀରେ ୧୪ତାରିଖରେ ପ୍ରକାଶ ପାଇବା ପରେ ପରବର୍ତ୍ତୀ ସମୟରେ ଅନ୍ୟ କେତେଜଣ ଖବର କାଗଜରେ ଏହା ପ୍ରକାଶିତ ହୋଇଛି। ହେଲେ ଉଦ୍ଦେଶ୍ୟମୂଳକ ଭାବେ କେଉଁ ପରିସ୍ଥିତିରେ ସୂଚନା ଫଳକ ପ୍ରଦର୍ଶନରେ ଚଞ୍ଚକତା କରାଗଲା ସେ ନେଇ କୌଣସି ଅଧିକାରୀ ମୁହଁ ଖୋଲିବାକୁ ନାରଜ ହୋଇଥିଲେ। ଏପରିସ୍ଥଳେ ସୋମବାର ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଏଭଳି ଏକ ଚଞ୍ଚକତା ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ପେପର କ୍ଲିପିଂ ସହିତ ସୋମବାର ଓଡ଼ଗାଁ ବିଡିଓଙ୍କୁ ଚିଠି ଲେଖିଥିବା ଜଣାଯାଇଛି। ଅନ୍ୟପକ୍ଷେ ଚଞ୍ଚକତା କରି ପ୍ରଥମେ ୨୦ କିମି ଦୂରରେ ସୂଚନା ଫଳକ ପ୍ରଦର୍ଶିତ କରିବା ସହ ବିଲ ବାଟ ମାରଣା କରିବାକୁ ଉଦ୍ୟମ କରିଥିବା ବେଳେ ତଦନ୍ତକୁ ବାଟବଣା କରିବାକୁ ସୋମବାର ସକାଳୁ କେହି ସମ୍ପୃକ୍ତ ସୂଚନା ଫଳକ ଉପରେ ଚୂନ ମାରି ଲିଭାଇ ଦେଇଥିବା ଦେଖିବାକୁ ମିଳିଛି। ହେଲେ ସତ କେବେ ଲୁଚି ରହେନା ବୋଲି ସାଧାରଣରେ ଆଲୋଚନା ହେଉଛି। ସୂଚନା ଫଳକ ଲେଖିବା ଓ ଲିଭାଇବା ନେଇ ଅନ୍ୟ ଏକ ତଦନ୍ତର ଆବଶ୍ୟକତା ରହିଛି ବୋଲି ଲୋକେ ଅନୁଭବ କରୁଛନ୍ତି।

# ଟ୍ରାକ୍ଟର ଧକ୍କାରେ ଶିଶୁ କନ୍ୟା ମୃତ

ଭାପୁର,୧୬।୧୦(ଭରତ କୁମାର ବେହେରା )

ଫତେଗଡ ଥାନା ଅନ୍ତର୍ଗତ ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ନୀଳକଣ୍ଠପ୍ରସାଦ ଗାଁର ଜଣେ ଶିଶୁ କନ୍ୟାକୁ ଟ୍ରକ୍ଟର ଧକ୍କା ଦେବାରେ ମୃତ୍ୟୁ ଘଟିଛି। ଗାଁ ଦାଣ୍ଡରେ ପ୍ରଶାନ୍ତ କୁମାର ନାୟକଙ୍କ ଏକମାତ୍ର ଝିଅ ସୁନିତା (୧୬ମାସ) ଖେଳୁଥିବା ବେଳେ ସେହି ଗ୍ରାମର ଜଣେ ଡ୍ରାଇଭର ବେପରୁଆ ଭାବେ ନଂ. ଓଡି ୦୨ ବିସି ୦୮୦୯ ଟ୍ରାକ୍ଟର ଚଳାଇ ସୁନିତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଯୁବକମାନେ ସୁନିତାଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଚିକିତ୍ସା ହେବାକୁ ଆସିଥିବା ଶିଶୁ କନ୍ୟାକୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୁନିତାଙ୍କ ମା' ସୁଜତା ନାୟକଙ୍କ କହିବା ଅନୁଯାୟୀ, ଝିଅକୁ ଖାଇବାକୁ ଦେଇ ରୋଷେଇ କରିବାକୁ ଘରକୁ ଯାଇଥିଲେ। ଗାଁ ଦାଣ୍ଡରେ ପିଲାମାନଙ୍କ ସହ ଖେଳୁଥିଲା। ଫତେଗଡ ପୋଲିସ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଫତେଗଡ ଆଇଆଇସି ସୁଜିତ କୁମାର ଦାସ କହିଛନ୍ତି, ଟ୍ରାକ୍ଟର ଜବତ ହୋଇଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏହାର ତଦନ୍ତ ଚାଲିଛି। ଏକମାତ୍ର ଝିଅକୁ ହରାଇ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ୩୦ଟିମ୍ ୩ ରାଉଣ୍ଡ ଚେସ୍ ଖେଳିଲେ


ପ୍ରତିଯୋଗିତାରେ ସାମିଲ ହୋଇଥିବା ଖେଳାଳିମାନେ।

ନୟାଗଡ଼,୧୬।୧୦(ଲୋକନାଥ ମିଶ୍ର)

**ଆନ୍ତଃ ବିଦ୍ୟାଳୟ ଚେସ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ନୟାଗଡ଼ କେସି କ୍ଲବ ପରିସରରେ ୨ ଦିନିଆ ଆନ୍ତଃ ବିଦ୍ୟାଳୟ ଚେସ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ରାଜ୍ୟ ଚେସ୍ ଆସୋସିଏଶନର ସମ୍ପାଦକ ଦେବବ୍ରତ ଭଞ୍ଜ ଉଦ୍‌ଘାଟନ କରିଥିଲେ। ନୟାଗଡ଼ ଜିଲା ଚେସ୍ ଆସୋସିଏଶନ ଓ କେସି କ୍ଲବ ପକ୍ଷରୁ ଆୟୋଜିତ ଏହି ଚେସ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହେବ। ଉଦ୍‌ଘାଟନ ମ୍ୟାଚରେ ୩୦ଟି ଦଳ ଯୋଗ ଦେଇଥିବାବେଳେ ୩ ରାଉଣ୍ଡ ଖେଳ ହୋଇଛି। ମଙ୍ଗଳବାର ପୁଣି ୩ରାଉଣ୍ଡ ଖେଳ ପରେ ୧୦ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଶ୍ରେଷ୍ଠ ଖେଳାଳିମାନେ ରାଜ୍ୟସ୍ତରକୁ ଉନ୍ନୀତ ହେବେ। ଜିଲାର ୮ଟି ବ୍ଲକର ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଏଥିରେ ଭାଗ ନେଇଛନ୍ତି। ଏହି ଅବସରରେ ଅନୁଷ୍ଠିତ ସଭାରେ ନୟାଗଡ଼ ଜିଲା ଚେସ୍ ଆସୋସିଏଶନ ଜିଲା ସଭାପତି ଶ୍ରୀଧର ସାହୁ, ସମ୍ପାଦକ ରୀତେଶ ରଥ, ଉପସଭାପତି ବେଲାରସେନ ପାତ୍ର ଓ ଖବରଦାତା ରାମକୃଷ୍ଣ ରଥ ଯୋଗଦେଇ ଚେସ ଟୁର୍ନାମେଣ୍ଟ ଉପରେ କହିଥିଲେ। ମୁଖ୍ୟ ଅତିଥି ଚେସ୍ ଆସୋସିଏଶନର ସମ୍ପାଦକ ଦେବବ୍ରତ ଭଞ୍ଜ କହିଥିଲେ, ଚେସ୍ ଖେଳରେ ନୟାଗଡ଼ ଜିଲା ଏକ ହବ ହେବାକୁ ଯାଉଛି। ରାଜ୍ୟ ସରକାର ଚେସ୍ ଖେଳକୁ ପ୍ରାଧାନ୍ୟ ଦେଉଥିବାବେଳେ ଡିସେମ୍ବରରେ ନୟାଗଡ଼ରେ ଏକ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ହେବ।

## ଦଣ୍ଡନୃତ୍ୟ କଳାକାରଙ୍କ ଅକାଳ ବିୟୋଗ

ଖଣ୍ଡପଡା,୧୬।୧୦ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ କୃଷ୍ଣେଶ୍ୱର ପାଟଣା ଗଉଡସାହିର ନକୁଳ ବେହେର(୬୮)ଙ୍କ ହୃଦ୍‌ଘାତରେ ଅକାଳ ବିୟୋଗ ହୋଇଥିବା ପରିବାର ଲୋକଙ୍କଠାରୁ ପ୍ରକାଶ। ବେହେରା ଗ୍ରାମରେ ଅନୁଷ୍ଠିତ ଦଣ୍ଡନୃତ୍ୟର କଳାକାର ଭାବେ ବାବାଜୀ ଭୂମିକାରେ ନାଟ୍ୟ ପରିବେଷଣ କରି ଗ୍ରାମରେ ବେଶ ପରିଚିତ। ତେବେ ସେ ମଧୁମେହ ରୋଗରେ ପୀଡିତ ଥିବା ବେଳେ ସୋମବାର ପୂର୍ବାହ୍ନରେ ସେ ତାଙ୍କର ରକ୍ତ ପରୀକ୍ଷା କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଔଷଧ ପାଇଁ ଯାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରୁ ଫେରି ନିକଟସ୍ଥ ଏକ ଔଷଧ ଦୋକାନ ବାରଣ୍ଡାରେ ବସିଥିବା ବେଳେ ହଠାତ୍ ସେ ଖସିପଡ଼ି ଅକାଳ ମୃତ୍ୟୁ ଘଟିଛି। ସେ ଜଣେ ରଙ୍ଗ ମିସ୍ତ୍ରି, ବିଭିନ୍ନ ଭୋଜିରେ ରୋଷେୟା କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ସେ ଜଣେ ସରଳ, ନିଷ୍କପଟ, ମେଳାପୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କର ବିବାହିତା ଝିଅ ଖବରପାଇ ସମ୍ବଲପୁରରୁ ଆସିବା ପରେ ସ୍ଥାନୀୟ ଶ୍ମଶାନ ଚଣ୍ଡୀ ପୀଠ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଭାଇ ପଞ୍ଚାନନ ବେହେରା ମୁଖାଗ୍ନି ଦେଇଥିଲେ।

# ବ୍ଲକସ୍ତରୀୟ କୃଷି ଉଦ୍ୟାନ କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ଭାପୁର ୧୬।୧୦(ଭରତ କୁମାର ବେହେରା)

ଭାପୁର ବ୍ଲକ ଅନ୍ତର୍ଗତ କଇଁଫୁଲିଆ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ସୋମବାର ପୂର୍ବାହ୍ନ ୧୧ଟାରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ବ୍ଲକସ୍ତରୀୟ ଉଦ୍ୟାନ ବିଭାଗ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାପୁର ସହକାରୀ ଉଦ୍ୟାନ କୃଷି ଅଧିକାରୀ ୟାସମାନ ଗୁଲସନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମ୍ମାନିତ ଅତିଥି ଭାବେ ନୟାଗଡ଼ କୃଷି ବିଜ୍ଞାନକେନ୍ଦ୍ର ବୈଜ୍ଞାନିକ ଡ. ଗୀତାଞ୍ଜଳି ସୁବୁଦ୍ଧି, ନୟାଗଡ଼ ଜିଲା ଏପିକୋଲ ସଂଯୋଜକ ଅବିନାଶ ଦାସ, ଭାପୁର ବ୍ଲକ କୃଷି ଅଧିକାରୀ ବିରଞ୍ଚି ନାରାୟଣ ମଙ୍ଗରାଜ, ଖଣ୍ଡପଡ଼ା ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ କାଳିନ୍ଦ୍ରୀ ବାରିକ, ସ୍ଥାନୀୟ ସରପଞ୍ଚ ରମେଶ ପ୍ରସାଦ ରାଉତ, ରାକମା ସମିତି ସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କର୍ମଶାଳାରେ ଉଦ୍ୟାନ ବିଭାଗର ଆଭ୍ୟନ୍ତରୀଣ ଯୋଜନା ଗୁଡିକ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ ଆଳୁ ମିଶନ, ମାଣ୍ଡିଆ ଚାଷ, ଛତୁ, ଫୁଲ, ନଡ଼ିଆ, ଲେମ୍ବୁ, ପିଜୁଳି, ଆମ୍ବ କିପରି ଚାଷୀମାନଙ୍କୁ ସୁବିଧାରେ ଉପଲବ୍ଧ କରାଯାଇପାରିବ ଓ ଲାଭବାନ ହୋଇପାରିବେ ଏ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଅଧିକାରୀମାନେ ପ୍ରଦାନ କରିଥିଲେ। ଚାଷୀମାନେ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ଥିଲେ। ଶେଷରେ କେତେଜଣ କୃଷକମାନଙ୍କୁ ମାଗଣାରେ ଲେମ୍ବୁ ଚାରା ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ଏହି କର୍ମଶାଳାରେ ଶତାଧିକ ମିଶନ ଶକ୍ତି ମହିଳାଙ୍କ ସହ ସ୍ଥାନୀୟ ଚାଷୀମାନେ ପ୍ରଶିକ୍ଷଣ ନେଇଥିଲେ।

# ଆଶାକର୍ମୀଙ୍କୁ ଦୁର୍ବ୍ୟବହାର: ଥାନାରେ ଅଭିଯୋଗ

ଖଣ୍ଡପଡା,୧୬।୧୦(ଅଜୟ କୁମାର ମହାରଣା)

ଜଣେ ପ୍ରସୂତି ମହିଳାଙ୍କୁ ସାଙ୍ଗରେ ଧରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରବିବାର ବିଳମ୍ବିତ ରାତିରେ ଆସିଥିବା କଣ୍ଟିଲୋ ଗ୍ରାମର ଆଶାକର୍ମୀ ବାସନ୍ତୀ ବେହେରାଙ୍କୁ ଖଣ୍ଡପଡ଼ା ସହରର ଜଣେ ଅଜଣା ଯୁବକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରବେଶକରି ଭିଡିଓ ଓ ଫଟୋ ଉଠାଉଥିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସମ୍ପୃକ୍ତ ଆଶାକର୍ମୀ କହିଛନ୍ତି। ଏ ନେଇ ଆଶାକର୍ମୀ ଖଣ୍ଡପଡ଼ା ଥାନାରେ ସୋମବାର ଲିଖିତ ଅଭିଯୋଗ କରିଛନ୍ତି। ଆଶାକର୍ମୀ ବାସନ୍ତୀ



ଘଟଣା ସମ୍ପର୍କରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧାରୀ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଥିବା ବେଳେ ଘଟଣାରେ ସମ୍ପୃକ୍ତ ଯୁବକକୁ ତୁରନ୍ତ ଗିରଫ ଦାବିରେ ୫୦ରୁ ଊର୍ଦ୍ଧ୍ୱ ଆଶାକର୍ମୀ ମା' ଉମାଦେବୀ ପୀଠରୁ ଏକ ଶୋଭାଯାତ୍ରାରେ ଆସି ଖଣ୍ଡପଡା ଥାନା ସମ୍ମୁଖରେ ଶାନ୍ତି ପୂର୍ଣ୍ଣ ଭାବେ ଧାରଣା ଦେଇଥିବା ଜଣାଯାଇଛି। ସମ୍ପୃକ୍ତ ଯୁବକଙ୍କ ନାମ ଲକ୍ଷ୍ମୀଧର ଓ ଘର ଖଣ୍ଡପଡା ତଳସାହିରେ ବୋଲି ଜଣାପଡିଛି। ରାତ୍ର କାଳରେ ଅସାମାଜିକ ଯୁବକମାନେ ଡାକ୍ତରଖାନାରେ ପ୍ରବେଶକରି ଏଭଳି କାରନାମା କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୁକ୍ତ ଯୁବକଙ୍କୁ ତୁରନ୍ତ ଗିରଫ ଦାବିରେ ଆଶାକର୍ମୀ ସଂଘ ଅଟଳ ରହିଛି। ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ସମାଧାନର ପନ୍ଥା ବାହାରି ନ ଥିବା ବେଳେ ପଦକ୍ଷେପ ଗ୍ରହଣ ନ ହେବା ପର୍ଯ୍ୟନ୍ତ ଆମେମାନେ ସବୁ ଧାରଣାରେ ବସି ରହିବୁ ବୋଲି ଆଶାକର୍ମୀ ବେହେରା ସୂଚନା ଦେଇଛନ୍ତି।

# ସଂସ୍କୃତ ଭାଷା ପ୍ରଶିକ୍ଷଣ ଶିବିର

ଖଣ୍ଡପଡ଼ା,୧୬।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ମନୋଜ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସଂସ୍କୃତ ଭାଷା ଜ୍ଞାନ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି। ସଂସ୍କୃତ ଭାଷାର ସରଳ ଓ ବ୍ୟବହାରିକ ଚାପକୁ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ କିଭଳି ସରଳ ଉପାୟରେ ପ୍ରୟୋଗ କରିପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନର ରାଷ୍ଟ୍ରୀୟ ମହାସଚିବ ଜୟପ୍ରକାଶ ଶାସ୍ତ୍ରୀ ଯୋଗଦେଇ ସରଳ ସଂସ୍କୃତ ଭାଷାର ଅଭିନବ କୌଶଳଗୁଡିକୁ ଉପସ୍ଥାପନ କରିଥିଲେ। ନୟାଗଡ଼ ଜିଲା ଗୋଡିପଡାସ୍ଥିତ ଶ୍ରୀଲଡୁକେଶ ଆଞ୍ଚଳିକ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଡ. ସନ୍ତୋଷ କୁମାର ସାହୁ ଭାଷା ଶିକ୍ଷାର ପ୍ରାୟୋଗିକ ଶୈଳୀଗୁଡିକୁ ସୁନ୍ଦର ଭାବେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇ ଥିଲେ। ଖଳିସାହି ଉଚ୍ଚ ବିଦ୍ୟାଳୟର ହିନ୍ଦି ଶିକ୍ଷୟିତ୍ରୀ ନମିତା ସାହୁ ଓ ବିଜ୍ଞାନ ଶିକ୍ଷକ ଆଶିଷ କୁମାର ବିଶୋଇ ଓ ଅନ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ୯ମ ଓ ୧୦ମ ଶ୍ରେଣୀରେ ଅଧ୍ୟୟନରତ ଶତାଧିକ ଛାତ୍ରୀଛାତ୍ର ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ।

# ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟସାମଗ୍ରୀ ପ୍ରତିଯୋଗିତା

ଗଣିଆ, ୧୬।୧୦(ସନ୍ତୋଷ କୁମାର ପ୍ରଧାନ)

ରାଜ୍ୟ ସରକାରଙ୍କ ମିଲେଟ ମିଶନ ସଫଳ କରିବା ସହ ଲୋକମାନେ କିଭଳି ଅଧିକରୁ ଅଧିକ ମାଣ୍ଡିଆ ଚାଷ କରିବା ସହ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟକୁ ଆପଣେଇବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯାଉଛି। ରାଜ୍ୟ ମିଲେଟ ମିଶନ ପକ୍ଷରୁ ସ୍ୱେଚ୍ଛାସେବୀ ସଙ୍ଗଠନ ଗଣିଆ ଉନ୍ନୟନ କମିଟି (ଜିୟୁସି) ସହଯୋଗରେ ସୋମବାର ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପ୍ରତିଯୋଗିତା ଚାଲୁ ରହିଛି। ଏହି ଖାଦ୍ୟ ପ୍ରତିଯୋଗିତା ଉତ୍ସବକୁ ମୁଖ୍ୟ ଅତିଥି ଭାବେ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ସମ୍ମାନିତ ଅତିଥି ଭାବେ ଗଣିଆ ବିଡିଓ ଖଗେଶ୍ୱର ପାତ୍ର, ତହସିଲଦାର କିଶୋର କୁମାର ପଣ୍ଡା, ସିଡିପିଓ ଉଷାରାଣୀ ସାହୁ, ବିଟିଏମ୍ ଶିବଶଙ୍କର ସାହୁ, ଜିୟୁସିର ସଭାପତି ଉଷା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ୨ଦିନ ଧରି ହେବାକୁ ଥିବା ଏହି ଖାଦ୍ୟ


ବିଚାରକମାନେ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟକୁ ବୁଲି ଦେଖୁଛନ୍ତି।

ପ୍ରସ୍ତୁତ ପ୍ରତିଯୋଗିତାରେ ଗଣିଆ ବ୍ଲକର ୧୧ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ୫ଟି ଅଙ୍ଗନୱାଡି କେନ୍ଦ୍ରର ଗ୍ରୁପ୍ ଅଂଶ ଗ୍ରହଣ କରିଥିଲେ। ସୋମବାର ଏହି ଗ୍ରୁପ୍‌ଗୁଡିକ ମଧ୍ୟରୁ ୯ଟି ଗ୍ରୁପ୍‌କୁ ଦ୍ୱିତୀୟ ପର୍ଯ୍ୟାୟକୁ ମନୋନୀତ କରାଯାଇଛି। ମଙ୍ଗଳବାର ଏହି ୯ଟି ଗ୍ରୁପ୍ ମଧ୍ୟରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପ୍ରତିଯୋଗିତା କରାଯାଇ ମନୋନୀତ ୩ଟି ଗ୍ରୁପ୍‌କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଚୟନ କରାଯିବ। ସୋମବାର ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପ୍ରତିଯୋଗିତାରେ ୪୫ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଇଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ ଜିୟୁସିର ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ମିଲେଟ ମିଶନ ଓ ଜିୟୁସିର କର୍ମଚାରୀମାନେ ପରିଚାଳନା କରିଥିଲେ।

# ବିପୁଳ ପରିମାଣର ବାଣ ଜବତ, ଜଣେ ଗିରଫ

ଭାପୁର,୧୬।୧୦ (ଭରତ କୁମାର ବେହେରା)

ନୟାଗଡ଼ ଜିଲା ଫତେଗଡ ଥାନା ଅଞ୍ଚଳରେ ଶାନ୍ତିଶୃଙ୍ଖଳାରେ ଦଶହରା ପାଳନ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ବିସ୍ଫୋରକ ବାଣ ତିଆରି ବିକ୍ରି ଉପରେ ଚଢାଉ କରାଯାଉଛି। ଦଶହରା ସମୟରେ ବ୍ୟବସାୟ ପାଇଁ ପ୍ରସ୍ତୁତ ହୋଇ ରହିଥିବା ବିପୁଳ ପରିମାଣର ବାଣ ଓ ଜଣେ ପ୍ରସ୍ତୁତକାରୀଙ୍କୁ ପୋଲିସ ସୋମବାର ଗିରଫ କରିଛି। ଖଣ୍ଡପଡ଼ା ଥାନା ଅନ୍ତର୍ଗତ ସିଙ୍ଗବାରି ଗ୍ରାମର ଭଗବାନ ନାଏକ ଫତେଗଡ ଥାନା ଅନ୍ତର୍ଗତ ବଡସହରା ପଞ୍ଚାୟତ ଜାମୁସାହି ମୁରଲି ନାଏକ ଘରେ ଘର ଜ୍ୱାଇଁ ଭାବେ ରହି ଆସୁଛନ୍ତି। ଶ୍ୱଶୁର ଘରେ ବିଭିନ୍ନ ପର୍ବପର୍ବାଣିରେ ବେଆଇନ ଭାବେ ବିସ୍ଫୋରକ ବାଣ ବିକ୍ରି କରୁଥିବା କୌଣସି ସୂତ୍ରରୁ ଥାନାଧିକାରୀ ଖବର ପାଇଁ ଚଢାଇ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଏସଆଇ ଅରୁପ କୁମାର


ଜବତ ବାଣ ସହ ଗିରଫ ଅଭିଯୁକ୍ତ ଭଗବାନ ନାଏକ।

ନାୟକ, ଏଏସ୍‌ଆଇ ପ୍ରତାପ କୁମାର ପାହଡସିଂଙ୍କ ସମେତ ୨ଜଣ କନେଷ୍ଟବଳ ଜାମୁସାହି ମୁରଲି ନାଏକଙ୍କ ଘରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ବିଭିନ୍ନ ପ୍ରକାରର ଆସବାବାଜି ବିସ୍ଫୋରକ ବାଣ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି। ଦଶହରା ପର୍ବରେ ବିକ୍ରି ପାଇଁ ବାଣ ରଖିଥିବା ଭଗବାନ ନାଏକଙ୍କ ଗିରଫ କରିବା ସହିତ ନଂ. ୨୩୬/୨୩ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାର ତଦନ୍ତ ଦାୟିତ୍ୱ ନେଇଛନ୍ତି ଫତେଗଡ ଥାନାର ସେକେଣ୍ଡ ଅଫିସର ଶ୍ରଦ୍ଧା ନାୟକ ବୋଲି ଥାନାଧିକାରୀ ସୁଜିତ କୁମାର ଦାସଙ୍କଠାରୁ ସୂଚନା ମିଳିଛି। ଏହି ଚଢ଼ାଉ ଫତେଗଡ ଥାନା ଅଞ୍ଚଳରେ ଜୋରଦାର କରାଯିବ ସହିତ ବେଆଇନ ବାଣ କାରବାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ତୁମୁଣିକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତା ନିର୍ମାଣ ପ୍ରସ୍ତାବ

## ପାହାଡ଼ ଶୀର୍ଷରେ ଅବହେଳିତ ଗାଁ

ଯାଜପୁର,୧୬।୧୦(ହର୍ଷବର୍ଦ୍ଧନ ବେହେରା)


ଅବହେଳିତ ଗାଁ ତୁମୁଣିର ଗ୍ରାମବାସୀ ।

ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ପଞ୍ଚାୟତ ଅନ୍ତର୍ଗତ ତୁମୁଣି ଏବଂ ନାଳିଆଡାବ ଗ୍ରାମକୁ ରାସ୍ତା ନିର୍ମାଣ କରିବାକୁ ଯୋଜନା ହେଉଛି। ପୂର୍ବରୁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ପକ୍ଷରୁ ଅଶୋକଝର ପାଦଦେଶଠାରୁ ତୁମୁଣିକୁ ୫.୧୦ କିମି ପାଦଚଲା ରାସ୍ତା ଜଙ୍ଗଲ ବିଭାଗ ଅଧୀନରେ ଯାଉଥିବା ଦର୍ଶାଇ ହାତ ଟେକି ଦେଇଛି। ଏଭଳି ସ୍ଥିତିରେ ଜଙ୍ଗଲ ଜମି ପରିବର୍ତ୍ତନ ନ କରି ତୁମୁଣିକୁ ତୁରନ୍ତ ରାସ୍ତା ନିର୍ମାଣ ସମ୍ଭବପର ନୁହେଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ଫଳରେ ତୁମୁଣି ଜୁଆଙ୍ଗ ଗ୍ରାମବାସୀ ସମସ୍ତ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ରହିଛନ୍ତି। ଅନ୍ୟପକ୍ଷେ ଏହି ଗ୍ରାମକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା)ରେ ରାସ୍ତା ନିର୍ମାଣ କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଅଣ୍ଡର ସେକ୍ରେଟାରୀ ଶଙ୍କର ପ୍ରସାଦ ସ୍ୱାଇଁ ପ୍ରସ୍ତାବ ଦେଇଛନ୍ତି। ଏହି ମର୍ମରେ ସେ ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଏବଂ ସୁକିନ୍ଦା ବିଡିଓଙ୍କୁ ବ୍ୟବସ୍ଥିତ ଗାଇଡ୍‌ଲାଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ତେବେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ହେଉ କିମ୍ବା ଡିଏମ୍‌ଏଫ୍, ଓଏମ୍‌ବିଏଡିସି ଆଦି ଯୋଜନାରେ ବିନା ଜଙ୍ଗଲ ଜମି ପରିବର୍ତ୍ତନରେ କିଭଳି ଭାବେ ପକ୍କା ରାସ୍ତା ନିର୍ମାଣ ହୋଇପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେଣୁ ତୁମୁଣି ଗ୍ରାମବାସୀଙ୍କ ଜୀବନ ଝିଟିମାଟି କୁଡିଆ ଘରେ ହିଁ ସରିଯିବ ବୋଲି ମତପ୍ରକାଶ ପାଇଛି।

ପୁଷ୍ଟିହୀନତା ଯୋଗୁ ନଗଡ଼ାରେ ଶିଶୁ ମୃତ୍ୟୁ ଘଟଣାକୁ ପାଖାପାଖି ୭ ବର୍ଷ ଅତିକ୍ରାନ୍ତ ହୋଇଛି। ଇତିମଧ୍ୟରେ ନଗଡ଼ା ରାଜସ୍ୱ ମୌଜାର ସାମଗ୍ରିକ ବିକାଶ ନିମନ୍ତେ ପ୍ରାୟ ୧୩ କୋଟି ଟଙ୍କା ଖର୍ଚ୍ଚରେ ପାହାଡ଼ ଚିରି ରାସ୍ତା ନିର୍ମାଣ ହୋଇଛି। ଏହାପରେ ସେଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟ ଜଳ, ସାଧାରଣ ବଣ୍ଟନ ଆଦି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ନଗଡ଼ାଠାରୁ ୨.୭୦୦ କିମି ଦୂର ବାମପାର୍ଶ୍ୱରେ ଥିବା ତୁମୁଣି ଗ୍ରାମକୁ ଏଯାଏ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ତୁମୁଣି ଗାଁଟି ପାହାଡ଼ ଶିଖରର ସମତଳ ଭୂମିରେ ରହିଛି। ପାହାଡ଼ ଉପରେ ନିଜ ପରିବାର ଚଳାଇବା ପାଇଁ ଗ୍ରାମବାସୀ ଜଙ୍ଗଲରୁ ଫଳମୂଳ, ମହୁ ସଂଗ୍ରହ କରି ସାପ୍ତାହିକ ହାଟରେ ବିକ୍ରି କରି କିରୋସିନ, ଲୁଣ ଆଦି ସାମଗ୍ରୀ କିଣିନିଅନ୍ତି। ସବୁକ୍ଷେତ୍ରରେ ତୁମୁଣି ଗ୍ରାମବାସୀ ଏଯାଏ ଅବହେଳିତ ହୋଇ ପଡ଼ି ରହିଛନ୍ତି। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏସ୍‌ଟି ଆଣ୍ଡ ଏସ୍‌ସି ଡେଭଲପମେଣ୍ଟ ବିଭାଗର ଡେପୁଟି ଡାଇରେକ୍ଟର ସଂଘମିତ୍ରା ଦାସ ସୁକିନ୍ଦା ବ୍ଲକ ବିଜେଡିଏ(ବିରହର ଜୁଆଙ୍ଗ ଡେଭଲପମେଣ୍ଟ ଏଜେନ୍ସି)ର ସ୍ୱତନ୍ତ୍ର ଅଧିକାରୀଙ୍କୁ ତୁମୁଣି ଜୁଆଙ୍ଗ ଜନଜାତିଙ୍କ ବିକାଶ ପାଇଁ ୧୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ତେବେ ତୁମୁଣି ଗ୍ରାମକୁ ରାସ୍ତା ନଥିବାରୁ କିଭଳି ଜୁଆଙ୍ଗ ଜନଜାତିଙ୍କ ବିକାଶ ସମ୍ଭବ ବୋଲି ପ୍ରଶ୍ନ ଉଠିଛି। ତେଣୁ ଏହି ଅନୁଦାନ ମଧ୍ୟ ସମୁଦ୍ରକୁ ଶଙ୍ଖେ ସଦୃଶ ବୋଲି ମତପ୍ରକାଶ ପାଇଛି। ପ୍ରାୟ ୨୫ ଘର ବସବାସ କରୁଥିବା ତୁମୁଣି ଗ୍ରାମରେ ବିଜୁଳି ଆଲୁଅ ଦିବା ସ୍ୱପ୍ନ। ୨୦୧୭ରେ ଏଠାରେ ଏକ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହୋଇଥିଲା। ହେଲେ ତାହା ବର୍ତ୍ତମାନ ଭାଙ୍ଗିରୁଜି ଗଲାଣି। ଅନୁରୂପ ପରିସ୍ଥିତି ଦେଖାଦେଇଛି ନଗଡ଼ା ଡାହାଣ ପାର୍ଶ୍ୱରେ ୩ କିମି ଦୂର ଗୁହିଆଶାଳ ଗ୍ରାମରେ। ପ୍ରାୟ ୪୦ ପରିବାର ବସବାସ କରୁଥିବାବେଳେ ଏଠାରେ ତୁମୁଣି ଭଳି ସରକାରୀ ଅବହେଳା ଜଳଜଳ ହୋଇ ଦିଶୁଛି। ଉକ୍ତ କ୍ରମରେ ଏହି ଦୁଇ ଗ୍ରାମକୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ରାସ୍ତା ନିର୍ମାଣ କରାଗଲେ କେବଳ ମାଟି ରାସ୍ତା ନିର୍ମାଣ ହୋଇପାରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରାଙ୍କୁ ପଚାରିବାରୁ ସେ କହିଛନ୍ତି, ତୁମୁଣିକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତା ନିର୍ମାଣ କରିବାକୁ ସୁକିନ୍ଦା ବିଡିଓଙ୍କୁ ପତ୍ର ଯାଇଛି। ତେଣୁ ଆବଶ୍ୟକ ଗାଇଡ୍‌ଲାଇନ ଅନୁସାରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ କାର୍ତ୍ତିକ


@ ମଧୁ


@ ମଧୁସ୍ମିତା


@ ରାଜୀବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦ୍ୱିତୀୟ ଦିବସରେ ମା' ବିରଜାଙ୍କ ରଥଯାତ୍ରା

## ସହସ୍ରାଧିକ ଶ୍ରଦ୍ଧାଳୁ କଲେ ପାଦ ଦର୍ଶନ

ଯାଜପୁର ଟାଉନ,୧୬।୧୦ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :


ମା' ବିରଜାଙ୍କ ରଥ ।


ମା' ବିରଜା

ସୋମବାର ମା' ବିରଜା ଦେବୀଙ୍କ ଦୁର୍ଗୋତ୍ସବ ଏକାଦଶ ଦିନରେ ପାଳିତ ହୋଇଥିବା ବେଳେ ରଥଯାତ୍ରା ଓ ପାଦ ଦର୍ଶନ ଦ୍ୱିତୀୟ ଦିନ ପାଳିତ ହୋଇଛି। ଯାଜପୁର ଶାସନର ବ୍ରାହ୍ମଣମାନେ ବୈତରଣୀ ଜଳରେ ମା'ଙ୍କ ସ୍ନାନ କରାଇଥିଲେ। ମହିଳା ଓ ପୁରୁଷ ଭକ୍ତମାନେ ୨ ଧାଡ଼ିରେ ଗର୍ଭ ଗୃହକୁ ପ୍ରବେଶ କରି ପାଦ ଦର୍ଶନ କରିଥିଲେ। ସେମାନେ ମା'ଙ୍କ ପାଦ ସ୍ପର୍ଶ କରିବା ସହିତ ମା' ବିରଜାଙ୍କ ମୁଖ ଦର୍ଶନ କରିଥିଲେ। ପାଦଦର୍ଶନ ପରେ ସାଧାରଣ ଶ୍ରଦ୍ଧାଳୁମାନେ ଦର୍ଶନ କରିବାର ସୁଯୋଗ ପାଇଥିଲେ।

ସୋମବାର ସକାଳ ୮ଟା ୩୦ ମିନିଟରୁ ୯ଟା ୩୦ ମିନିଟ ମଧ୍ୟରେ ମା'ଙ୍କର ଶାଢ଼ୀ ବେଶ, ଚନ୍ଦନ ବେଶ, ଗହଣା ବେଶ ଇତ୍ୟାଦି ଶେଷ କରାଯାଇଥିଲା। ଦିନ ୧୧ଟା ୩୦ଟାରେ ବଡ଼ ଶୃଙ୍ଗାର ବେଶ ପରେ ଗର୍ଭଗୃହକୁ ଧୂଆଯାଇ ଦିନ ୧୨ଟାରେ ଦିନ ପୂଜାର ଆୟୋଜନ କରାଯାଇଥିଲା। ଦିନ ୨ଟା ୧୫ ମିନିଟରେ ସମସ୍ତ ପୂଜା ସମାପନରେ ୨ଟା ୩୦ ମିନିଟରେ ରୋଷିଆ ସେବାୟତମାନେ ସିଂହାସନ ନିକଟକୁ ପ୍ରସାଦ କୁଡୁଆ ନେଇଥିଲେ। ପ୍ରସାଦ ଲାଗି ପରେ ଆଡଳୀ, କଳସ ପୂଜା ସରିବା ପରେ ୩ଟା ୩୦ ମିନିଟରେ ପହୁଡ଼ କରାଯାଇଥିଲା। ତା'ପରେ ଆଜିଠାରୁ ରଥ ଉପରେ ମା' ବିରଜାଙ୍କ ବିଜୟ ପ୍ରତିମା ନିକଟରେ ପୂଜା ଓ ନୈବେଦ୍ୟ କରାଯାଇଛି । ୪ଟା ୩୦ ମିନିଟରେ ପହୁଡ଼ ଖୋଲା ଯିବା ପରେ ଅପେକ୍ଷାରେ ଥିବା ଭକ୍ତମାନେ ମା'ଙ୍କୁ ଦର୍ଶନ କରିଥିଲେ। ଅପରାହ୍ନ ୪ଟା ୪୫ ମିନିଟରେ ରଥ ଯାତ୍ରାର ଆୟୋଜନ କରାଯାଇଥିଲା। ଗର୍ଭ ଗୃହରୁ ମା'ଙ୍କ ଆର୍ଶୀ ଦଣ୍ଡକୁ ଆର୍ଶୀ ପାଳିଆ ସେବାୟତ ଆଣିବା ପରେ ସିଂହଦ୍ୱାରରେ ଉପସ୍ଥିତ ରହିଥିବା ଛତ୍ର, ତରାଶ ସାମିଲ ହୋଇଥିଲେ। ଅପରାହ୍ନ ୫ଟାରେ ଆରମ୍ଭ କରାଯାଇଥିବା ରଥଯାତ୍ରା ୬ଟା ୫ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ୬ଟା ୧୫ ମିନିଟରେ ରଥ ଚାଳନା ବନ୍ଦ ପରେ ରଥରୁ ଆର୍ଶୀ,ଛତ୍ର, ତରାଶ, ମଶାଲ ଅବତରଣ କରାଯାଇ ଆର୍ଶୀ ଦଣ୍ଡକୁ ମା'ଙ୍କ ସିଂହାସନ ନିକଟକୁ ନିଆଯାଇଥିଲା। ଆଜି ରଥକୁ ଏକ ବେଢ଼ା ପରିକ୍ରମା କରାଯାଇ ପୂର୍ବ ଦକ୍ଷିଣ କୋଣରେ ରଖାଯାଇଛି। ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା ।


ମା' ବିରଜାଙ୍କ ଆର୍ଶୀ ଦଣ୍ଡକୁ ସେବକମାନେ ରଥ ଉପରକୁ ନେଉଛନ୍ତି।


ମା'ଙ୍କ ପାଦ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଅପେକ୍ଷା କରିଛନ୍ତି।

## ଟ୍ରେନ ଲାଇନରେ ପଡିଛି ଅଚିହ୍ନା ମୃତଦେହ

ଧର୍ମଶାଳା,୧୬।୧୦ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅନ୍ତର୍ଗତ ହରିଦାସପୁର-ଗଡମଧୁପୁର ରେଳଷ୍ଟେଶନ ପାଖ ଫାଟକ ନିକଟ ଟ୍ରେନ ଲାଇନ କଡରେ ଏକ ଅଚିହ୍ନା ମୃତଦେହ ପଡିଛି। କୌଣସି ଦ୍ରୁତଗାମୀ ଟ୍ରେନରୁ ଖସିପଡି ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ମୃତ ବ୍ୟକ୍ତିଙ୍କ ବୟସ ୩୦ ହେବ ବୋଲି ଅନୁମାନ କରାଯାଉଛି । ସେ କଳାପ୍ୟାଣ୍ଟ,କଳା ସାର୍ଟ, ଅଣ୍ଟାରେ ନାଲି ବେଲ୍ଟ ଓ କଳାବୁଟ୍ ପରିଧାନ କରିଥିବା ଦେଖିବାକୁ ମିଳିଛି । ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକମାନେ ଜିଆରପିକୁ ସୂଚନା ଦେଇଛନ୍ତି ।

# ହଂସୁରା ସରପଞ୍ଚ ଅସିଦ୍ଧ ଘୋଷିତ

କୁଜଙ୍ଗ,୧୬।୧୦ (ମନୋଜ ପ୍ରଧାନ)

ଗତ ତ୍ରିସ୍ତରୀୟ ନିର୍ବାଚନରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ହଂସୁରା ପଞ୍ଚାୟତର ବିଜୟୀ ସରପଞ୍ଚ ରବିନାରାୟଣ ଦାସଙ୍କୁ ସୋମବାର କୁଜଙ୍ଗ ସିଭିଲ ଜଜ ଜୁନିୟର ଡିଭିଜନ ଅଦାଲତ ଅସିଦ୍ଧ ଘୋଷଣା କରିଛନ୍ତି। ରବିନାରାୟଣ ୮୨୧ଖଣ୍ଡ ଭୋଟପାଇ ବିଜୟୀ ଘୋଷିତ ହୋଇଥିଲାବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଆଲୋକ ମଲ୍ଲିକ ୮୨୦ଖଣ୍ଡ ଭୋଟ ପାଇ ମାତ୍ର ଗୋଟିଏ ଭୋଟ୍‌ରେ ପରାଜିତ ହୋଇଥିଲେ। ବେଆଇନ ଭାବେ ରବି ନାରାୟଣ ନିର୍ବାଚନ ଜିତିଥିବା ଅଭିଯୋଗ କରି ଆଲୋକ ୨୦୨୨ ମାର୍ଚ୍ଚ ୧୧ ରେ କୁଜଙ୍ଗ ସିଭିଲ ଜଜ୍‌ଜୁନିୟର ଡିଭିଜନଙ୍କ ଅଦାଲତରେ ମକଦ୍ଦମା କରିଥିଲେ। ବିଚାରପତି ଏହି ମାମଲାର ଫଇସଲା କରିବା ପୂର୍ବରୁ ୨୦୨୩ ଫେବୃୟାରୀ ୪ରେ ଭୋଟକୁ ପୁନଃ ଗଣତି ପାଇଁ ଆଦେଶ ଦେଇଥିଲେ । ଉକ୍ତ ଆଦେଶ ବିରୋଧରେ ରବୀନ୍ଦ୍ର ନାରାୟଣ ନଂ.୩୭୩୫/୨୩ ରେ ଉଚ୍ଚନ୍ୟାୟାଳୟରେ ରିଟ ପିଟିସନ ଦାଖଲ କରିଥିଲେ । ଉକ୍ତ ପିଟିସନକୁ ଆଧାରକରି ଉଚ୍ଚ ନ୍ୟାୟାଳୟ ୨୦୨୩ ଫେବୃୟାରୀ ୧୭ରେ ବୁଥ୍ ନଂ୯ର ଭୋଟ ଓ ନାକଚ ହୋଇଥିବା ୩୧ ଖଣ୍ଡ ଭୋଟକୁ ପୁନଃଗଣତିପାଇଁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ଆଦେଶ ବିରୋଧରେ ରବି ନାରାୟଣ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ଅଦାଲତରେ ଅପିଲ କରିଥିଲେ । ମୁଖ୍ୟ ବିଚାରପତି ୨୦୨୩ ମେ ୧୧ରେ କୁଜଙ୍ଗ ବିଡିଓ ତଥା ନିର୍ବାଚନ ଅଧିକାରୀଙ୍କ ସାକ୍ଷ୍ୟ ଗ୍ରହଣ କରି ପୂର୍ବ ନିର୍ଦ୍ଦେଶକୁ ବାତିଲ କରିଥିଲେ। ସିଭିଲ ଜଜ ଜୁନିୟର ଡିଭିଜନ ଅଦାଲତକୁ ୨୦୨୩ ଅକ୍ଟୋବର ୧୫ତାରିଖ ସୁଦ୍ଧା ଫଇସଲା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କୁଜଙ୍ଗ ସିଭିଲ ଜଜ ଜୁନିୟର ଡିଭିଜନ ଅନୁରାଧା ଶର୍ମା ଏହାର ବିଚାରକରି ରବିନାରାୟଣଙ୍କ ସରପଞ୍ଚ ପଦବୀକୁ ଅସିଦ୍ଧ ଘୋଷଣା କରିଥିଲେ। ଜିଲାପାଳ ତୁରନ୍ତ ଉକ୍ତ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଲୋକ ମଲ୍ଲିକଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଧନେଶ୍ୱର ସ୍ୱାଇଁ ଓ ପ୍ରଣଜ ବେହେରା ମକଦ୍ଦମା ପରିଚାଳନା କରିଥିଲେ ।

## ଭୂମିହୀନ ପଟ୍ଟାଧାରୀଙ୍କ ଜମି ଚିହ୍ନଟ ପାଇଁ ଗଣଧାରଣା

କେନ୍ଦ୍ରାପଡ଼ା, ୧୬।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ପୌରାଞ୍ଚଳର ଭୂମିହୀନଙ୍କୁ ୨୦୧୭ରେ ବାସଗୃହ ପାଇଁ ଜମି ପଟ୍ଟା ପ୍ରଦାନ ହୋଇଥିଲା। ଏହି ପଟ୍ଟାଧାରୀମାନେ ସମ୍ପୃକ୍ତ ଜମି ଚିହ୍ନଟ ଦାବିରେ ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଗଣଧାରଣା ଦେଇଥିଲେ। ତେବେ ପୌର କର୍ମକର୍ତ୍ତାଙ୍କ ପ୍ରତିଶ୍ରୁତି ପରେ ଗଣଧାରଣା ବନ୍ଦ ହୋଇଛି। ଏ ସମ୍ପର୍କରେ ଗଣଧାରଣାରେ ସାମିଲ ଗୀତାଞ୍ଜଳି ପାତ୍ର କହିଛନ୍ତି, ଜମି ପଟ୍ଟା ପ୍ରଦାନକୁ ୬ ବର୍ଷ ବିତିଛି। ଏହି ସମୟ ଅବଧି ମଧ୍ୟରେ ଶାମଗୁଡିଆର ୧୪ ପରିବାରଙ୍କ ନିକଟରେ ପଟ୍ଟା ରହିଥିବା ସତ୍ତ୍ୱେ ଜମି ଚିହ୍ନଟ କରାଯାଉନାହିଁ। ଫଳରେ ବାସଗୃହ କରିବା ସ୍ୱପ୍ନ ମିଳେଇ ଯାଉଛି। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଥର ପ୍ରଶାସନିକ ଅଧିକାରୀ ପୌର ପରିଷଦ କର୍ମକର୍ତ୍ତା ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଏହି ସମସ୍ୟା ଜଣାଇଥିଲେ। ଏଥିରେ ସୁଫଳ ନ ମିଳିବାରୁ ଏହି ଗଣଧାରଣା ଦିଆଯାଇଥିଲା। ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କୁ ପଚାରିବାରେ ଏହି ସମସ୍ୟା ସମ୍ପର୍କରେ ଖୁବ୍‌ଶୀଘ୍ର ସମାଧାନ ହେବ। ଗଣଧାରଣାରେ ଶାନ୍ତିଲତା ବେହେରା, ଲକ୍ଷ୍ମୀ ବେହେରା, ସନ୍ଧ୍ୟାରାଣୀ ବେହେରା, ମିନତି ବେହେରା ପ୍ରମୁଖ ସାମିଲ ହୋଇଥିଲେ।


ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ମହିଳାମାନେ।

# ଘୋଷଣା ସତ୍ତ୍ୱେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ମିଳୁନି

- ୧୮ରେ କଂଗ୍ରେସର ଆନ୍ଦୋଳନ ଡାକରା
- ଇଏସ୍‌ଆଇ ମେଡିକାଲ ନାହିଁ, ଶ୍ରମିକ ଅଶାନ୍ତି ବଢୁଛି
- ଗ୍ରାମାଞ୍ଚଳରେ ବଢୁଛି କ୍ୱାକ୍‌ଙ୍କ ପ୍ରାଦୁର୍ଭାବ

କେନ୍ଦ୍ରାପଡ଼ା, ୧୬।୧୦ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ସହରସ୍ଥ ଅର୍ବାନ ପିଏସିକୁ ରାଜ୍ୟ ସରକାର ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ୨ମାସ ପୂର୍ବେ ବିଭିନ୍ନ ପଦବୀକୁ ମଞ୍ଜୁରୀ ଦେଇଛନ୍ତି। ସେହିପରି ଗ୍ରାମାଞ୍ଚଳରେ ନୂଆ ଡାକ୍ତରଙ୍କ ପୋଷ୍ଟିଂ ଘୋଷଣା ହୋଇଛି। ଏହାସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲାରେ ରାଜ୍ୟ ସରକାରଙ୍କ ଏପରି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେଉ ନ ଥିବା ଦର୍ଶାଇ ଆସନ୍ତା ୧୮ ତାରିଖରେ ଜିଲା କଂଗ୍ରେସ ପକ୍ଷରୁ ଆନ୍ଦୋଳନ ହେବ ବୋଲି ଆହ୍ୱାନ ଦିଆଯାଇଛି।

ଏ ସମ୍ପର୍କରେ ପୂର୍ବତନ ନଗର କଂଗ୍ରେସ ସଭାପତି ସୌମେନ୍ଦ୍ର ପୃଷ୍ଟି କହିଛନ୍ତି, ଜିଲାରେ ରୋଗୀସେବା ରୁଗ୍‌ଣ ଅବସ୍ଥାରେ ପହଞ୍ଚିଛି। ୨୦୧୧ ଜନଗଣନା ଅନୁଯାୟୀ, ଜିଲାର ଲୋକସଂଖ୍ୟା ସାଢ଼େ ୧୪ ଲକ୍ଷ ଥିବା ବେଳେ ଏବେ ଏହି ସଂଖ୍ୟା ୧୬ ଲକ୍ଷରୁ ଅଧିକ ହୋଇଛି। ଲକ୍ଷେ ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ଅନ୍ୟୁନ୍ୟ ୫୦ ଡାକ୍ତରଙ୍କ ଆବଶ୍ୟକତା ଥିବା ବେଳେ ମାତ୍ର ୫ରୁ ୬ ଜଣ ଅଛନ୍ତି। ସେହିପରି ଜିଲାରେ ଏମ୍ପ୍ଲୟିଜ ଷ୍ଟେଟ ଇନ୍‌ସ୍ୟୁରାନ୍ସ (ଇଏସ୍‌ଆଇ) ମେଡିକାଲ ନ ଥିବାରୁ ଉଚ୍ଚ ସ୍ୱାସ୍ଥ୍ୟସେବାରୁ ଶ୍ରମିକ ବଞ୍ଚିତ ହେଉଛନ୍ତି। ଉପାନ୍ତ ଅଞ୍ଚଳର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସ୍ଥାନୀୟ କ୍ୱାକ୍‌ଙ୍କୁ ସୁଯୋଗ ନେଇଛନ୍ତି। ସାମାଜିକ କର୍ମୀ ଦେବାଶିଷ ସାମଲ କହିଛନ୍ତି, ଗତ ୨୦ବର୍ଷ ମଧ୍ୟରେ ଗମନାଗମନ ବ୍ୟବସ୍ଥାକୁ ଉନ୍ନତ କରାଯାଇଛି। ତେବେ କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳର ୬୪୭ ଗ୍ରାମକୁ ବର୍ଷାଦିନେ ସିଧାସଳଖ ଯିବା ସମ୍ଭବ ନୁହେଁ। ଆର୍ଥିକ ଦୁର୍ବଳ ଲୋକଙ୍କ ପାଇଁ ୧୦୮, ୧୦୨, ବୋଟ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା ଥିଲେ ବି ଦୁର୍ଗମ ରାସ୍ତା ଏଥିରେ ବାଧକ ହୋଇଛି। ସେହିପରି ତୃଣମୂଳସ୍ତରର ସ୍ୱାସ୍ଥ୍ୟସେବା ପାଇଁ ଜିଲାରେ ୨୨୬ ସବ୍‌ସେଣ୍ଟର ଅଛି। ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ଅଧାରୁ ଅଧିକ ସବ୍‌ସେଣ୍ଟରରେ ଏଏନ୍‌ଏମ୍‌ମାନେ ରହୁନାହାନ୍ତି। ବିଶେଷକରି ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। କଂଗ୍ରେସ ଓବିସି ସେଲ୍‌ର କାର୍ଯ୍ୟକର୍ତ୍ତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମିରେ ଟ୍ରମାକେୟାରଠାରୁ ଆରମ୍ଭ କରି ଅକ୍ସିଜେନ ଉତ୍ପାଦନ କେନ୍ଦ୍ର ପାଇଁ ବ୍ୟବସ୍ଥା ହୋଇଛି। ଏହାସତ୍ତ୍ୱେ ଅଧିକାଂଶ ରୋଗୀଙ୍କୁ କଟକ ବଡ଼ ମେଡିକାଲକୁ ରେଫର କରାଯାଉଛି। ଆଇସିୟୁ ପରି ଜରୁରିକାଳୀନ କୋଠରିର ପରିଚାଳନା ନାହିଁ। ଜିଲାର ସରକାରୀ କର୍ମଚାରୀଙ୍କ ସହ କେତେକ ସମବାୟ ଅନୁଷ୍ଠାନ, ନର୍ସିଂହୋମ, ବେସରକାରୀ କର୍ମଚାରୀଙ୍କୁ ଇଏସ୍‌ଆଇରେ ସାମିଲ କରାଯାଇଛି। ସରକାରୀ ନିୟମ ଅନୁଯାୟୀ, କର୍ମଚାରୀଙ୍କ ଦରମାରୁ ୦.୭୫ ପ୍ରତିଶତ ଅର୍ଥ ସହ ନିଯୁକ୍ତିଦାତାଙ୍କ ପକ୍ଷରୁ ୩.୨୫ ପ୍ରତିଶତ ଅର୍ଥ ଇଏସ୍‌ଆଇ ପାଇଁ ପଇଠ ହେଉଛି। ଏହାସତ୍ତ୍ୱେ ଜିଲାରେ ଶ୍ରମିକଙ୍କ ପାଇଁ ହସ୍ପିଟାଲ ନ ଥିବାରୁ ଏହାର ଫାଇଦା ମିଳୁନାହିଁ। ସାଧାରଣ ଚିକିତ୍ସା କେନ୍ଦ୍ରରୁ ରେଫର ହେଉଥିବା ଶ୍ରମିକଙ୍କୁ ଉଚ୍ଚତର ସେବା ମିଳୁ ନ ଥିବାରୁ ଏହା ଏକ ଠକେଇ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ସୁନୀଲ କୁମାର ଗନ୍ତାୟତ କହିଛନ୍ତି, ଗର୍ଭବତୀ ଓ ଶୀଘ୍ର ଚିକିତ୍ସା ପାଇଁ ଆବଶ୍ୟକ ରୋଗୀ ଉପାନ୍ତ ଅଞ୍ଚଳରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ବହୁ ସମୟରେ ଜୀବନହାନି ହେଉଛି। ସେହିପରି ଗ୍ରାମାଞ୍ଚଳରେ ଡାକ୍ତର ଏକକାଳୀନ ୪୫ ଘଣ୍ଟା ରହି ସପ୍ତାହର ଅନ୍ୟଦିନରେ ଫାଙ୍କା ରଖୁଥିବାରୁ ରୋଗୀଙ୍କ ସ୍ୱାସ୍ଥ୍ୟସେବାରେ ବାଧା ଆସୁଛି। ଉପାନ୍ତ ଅଞ୍ଚଳରେ ଏହାର ସୁବିଧା କ୍ୱାକ୍ ନେଉଛନ୍ତି। ଜିଲାରେ ୨୦୦ରୁ ଊର୍ଦ୍ଧ୍ୱ କ୍ୱାକ୍ ଏଲୋପାଥିକ ମେଡିସିନ ଦୋକାନ ଖୋଲିଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ନିକଟରେ ଜିଲାରେ କେତେଜଣ ନୂତନ ଡାକ୍ତରଙ୍କ ପୋଷ୍ଟିଂ ହୋଇଛି। ଅର୍ବାନ ପିଏସ୍‌ସିକୁ ୨୪ ଘଣ୍ଟିଆ କରିବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଆବଶ୍ୟକ ପଦବୀ ପୂରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଓ ପ୍ରକ୍ରିୟା ଜାରି ରହିଛି। ଖୁବ୍ ଶୀଘ୍ର ଅର୍ବାନ ପିଏସ୍‌ସି ୨୪ ଘଣ୍ଟିଆ ହେବ ବୋଲି ସେ କହିଛନ୍ତି।

# ଗାଁ, ସହରରେ ମିଳୁଛି ବନ୍ୟ ପ୍ରାଣୀଙ୍କ ମାଂସ

**ନୟାଗଡ଼,୧୬।୧୦(ଲୋକନାଥ ମିଶ୍ର)**

ସଙ୍କଟରେ ବନ୍ୟପ୍ରାଣୀ। ନୟାଗଡ଼ ବନଖଣ୍ଡର ବିଭିନ୍ନ ଜଙ୍ଗଲ, ଖୋର୍ଦ୍ଧା ବନଖଣ୍ଡର ରଣପୁର ରେଞ୍ଜ ଓ ନୟାଗଡ଼ ବନଖଣ୍ଡ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଓ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଥିବା ବିଭିନ୍ନ ଜଙ୍ଗଲରେ ବନ୍ୟପ୍ରାଣୀ ସୁରକ୍ଷିତ ନୁହନ୍ତି। ଜିଲାର ବିଭିନ୍ନ ଜଙ୍ଗଲରେ ଫାଶ ପକାଇ, ବିଦ୍ୟୁତ୍ ତାର ବିଛାଇ, ଗୁଳି ଫୁଟାଇ ଓ କୁକୁର ଲଗାଇ ଶିକାର ଚାଲିଛି। ଗାଁ ଓ ସହରରେ ଜଙ୍ଗଲୀ ପ୍ରାଣୀଙ୍କ ମାଂସ ବିକ୍ରି ହେଉଛି। ନିକଟରେ ୬୯ତମ ବନ୍ୟଜନ୍ତୁ ସପ୍ତାହ ପାଳନ ଅବସରରେ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ସହଭାଗିତା ଭିତ୍ତିରେ ବନ୍ୟଜନ୍ତୁ ସଂରକ୍ଷଣ ଶୀର୍ଷକ ଆଲୋଚନାଚକ୍ରରେ ଶିକାର ରୋକିହେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା।

ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜର ମାଳ ସଂରକ୍ଷିତ ଜଙ୍ଗଲର ବନ୍ଧମୁଣ୍ଡା, ଶଙ୍ଖଯୋଡି, ନେଳିପଡ଼ା, ଭେଟବର, ବଜ୍ରକୋଟ ଅଞ୍ଚଳର ପରି ରଣପୁର ରେଞ୍ଜର ବିଭିନ୍ନ ଜଙ୍ଗଲରେ ଶମ୍ବର, କୁଟୁରା, ହରିଣ, ବାର୍‌ହା ଶିକାର ଚାଲିଛି। ପ୍ରାୟ ୬ମାସ ମଧ୍ୟରେ ମାଳ ସଂରକ୍ଷିତ ଜଙ୍ଗଲରୁ ୧୪ ସମ୍ବର, ୧୨କୁଟୁରା, ୯ ହରିଣ, ୧୧୨ ବାର୍‌ହାଙ୍କୁ ଫାଶ, ବିଦ୍ୟୁତ୍ ଓ ଗୁଳି ଯୋଗେ ଶିକାର ହୋଇଥିବା ବେସରକାରୀ ଭାବେ ଜଣାପଡିଛି। ଖୋର୍ଦ୍ଧା ଜିଲାର ବରବରା, ଧୂଆଁନଳୀ ଜଙ୍ଗଲ ସହ ରଣପୁରର ବିଭିନ୍ନ ଜଙ୍ଗଲରୁ ଜଙ୍ଗଲ ମାଂସ ଗୋଡ଼ିପଡ଼ାକୁ ଆସୁଛି। ସେହିପରି ଓଡ଼ଗାଁ ରେଞ୍ଜର ଗୋଛା, ଗୟଳସିଂହ ଜଙ୍ଗଲରେ ଅନୁରୂପ ଭାବେ ଶିକାର ହୋଇଛି। ଏଠାର ଜଙ୍ଗଲରେ ବେଶି ବାର୍‌ହା ଶିକାର ହେଉଛି। ପୁଣି ଗଜେନ୍ଦ୍ରାପଲ୍ଲୀ, ଚୋରାଖୋଲ, ହଳଙ୍ଗାପଲ୍ଲୀ, ଚେମେଡ଼ି, ବାଣପୁର, କୁରାଢ଼ିଘଷା ଅଞ୍ଚଳରେ ଅନୁରୂପ ଭାବେ ଶିକାର ଚାଲିଛି। ଓଡ଼ଗାଁ ରେଞ୍ଜର ରଙ୍ଗଣୀପାଟଣା ଛକରେ ଜଙ୍ଗଲୀ ମାଂସ ସବୁବେଳେ ମିଳୁଛି। ଏଠାରେ ଗୋଟିଏ ଶିକାରୀ ଦଳ ବହୁଦିନ ହେଲା ଅବାଧରେ ଜଙ୍ଗଲ ମାଂସ ବିକ୍ରି କରି ଆସୁଛନ୍ତି। ସେହିପରି ବାଘୁଆ ଛକରେ ଅନୁରୂପ ଭାବେ ଜଙ୍ଗଲୀ ମାଂସ ମିଳୁଛି। ଶରଣକୁଳ ଭଣ୍ଡାର ମୁଣ୍ଡିଆରୁ ବନ୍ୟପ୍ରାଣୀକୁ ଶିକାର କରାଯାଇ ମାଂସ ବିକ୍ରି ହେଉଛି। ଗଞ୍ଜାମରୁ ହରିଣ ମାଂସ ଓଡଗାଁ, ପଞ୍ଚରିଡା, ବଡପୁଟ, ଶରଣକୁଳ ଅଞ୍ଚଳରେ ବିକ୍ରି ହେଉଛି। ଗୋଡ଼ିପଡ଼ା ଅଞ୍ଚଳରେ ହରିଣ, ବାର୍‌ହା, ଶମ୍ବର ମାଂସ ବିକ୍ରି ହେଉଛି। ମହିପୁର ରେଞ୍ଜର ହାତୀମୁଣ୍ଡା, ପାଲଭାରେ ଶିକାର ବଢ଼ି ଚାଲିଛି। ପୁଣି ରଗଡିମଡା, ମିନା ଗାଡିଆ, ଗୁମି, ସିଙ୍ଗାରପୁର, କୋଶଲାଙ୍ଗ ଅଞ୍ଚଳରେ ଅନୁରୂପ ଭାବେ ଶିକାର ହେଉଛି। ଗଣିଆର ବାଇସିପଲ୍ଲୀ ଅଭୟାରଣ୍ୟ ଭିତରେ ଶିକାର ଚାଲିଛି। ପୁଣି ମଣିଭଦ୍ରା, ସାତପୁରି ଜଙ୍ଗଲରୁ ହରିଣ ଶିକାର ବଢ଼ି ଚାଲିଛି। କଟକ ଜିଲା ନରସିଂହପୁର ଅଞ୍ଚଳର କେତେଜଣ ଶିକାରୀ ହରିଣ ଶିକାର କରି ସ୍ଥାନୀୟ ଅଞ୍ଚଳରେ ବିକ୍ରିକରିବା ସହ ନରସିଂହପୁର ଅଞ୍ଚଳରେ ବିକ୍ରି କରୁଥିବା ଅଭିଯୋଗ ରହିଛି। ପୁଣି ଗଣିଆର ବିଞ୍ଜିଗିରି ଜଙ୍ଗଲରେ ଶିକାରୀଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ଛାମୁଣ୍ଡିଆ, ବଡସିଲିଙ୍ଗା, କରଡାପଡ଼ା, ବଡମୂଳରେ ଶିକାର ଚାଲିଛି। ଭାପୁର ବ୍ଲକର ବାଇଗୁଣିଆ, ବାଦେରା ଶାଳ ଜଙ୍ଗଲରେ ଚଉସିଙ୍ଗ, ବାର୍‌ହା, ହରିଣ ଶିକାର ଚାଲିଛି। ସେହିଭଳି ଖଣ୍ଡପଡ଼ା ଗୋହିରିଆପଡ଼ା, କିଆଝର ଜଙ୍ଗଲରେ ଅନୁରୂପ ଶିକାର ଚାଲିଛି। ବିଭିନ୍ନ ସମୟରେ ବନ ବିଭାଗ ପକ୍ଷରୁ ଧରପଗଡ କରାଯାଇ ଶିକାରୀଙ୍କୁ ଗିରଫ ସହ ଜଙ୍ଗଲ ମାଂସ ଜବତ କରାଯାଇଛି। ହେଲେ ବନ ବିଭାଗର କାର୍ଯ୍ୟାନୁଷ୍ଠାନ ଶିକାରୀ ଓ ଶିକାରକୁ ରୋକିପାରୁନାହିଁ ବୋଲି ଅଭିଯୋଗ ହୋଇଆସୁଛି। ଏ ନେଇ ଡିଏଫ୍‌ଓ କ୍ଷମା ଷଡଙ୍ଗୀ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଡିଏଫ୍‌ଓ ଫାଲଗୁନି ସାରଥି ମଲ୍ଲିକଙ୍କୁ ପଚାରିବାରେ ବନ ବିଭାଗ ପକ୍ଷରୁ ବିଭିନ୍ନ ଜଙ୍ଗଲରେ ଚଢ଼ାଉ କରାଯାଇ ଶିକାରୀ ଓ ବନ୍ୟ ପ୍ରାଣୀ ମାଂସ ଜବତ କରାଯାଉଛି। ପୁଣି ବନ୍ଧୁକ ବି ଜବତ ହେଉଛି। ଶିକାରୀଙ୍କୁ ଧରପଗଡ଼ ପାଇଁ ବିଭାଗ ପକ୍ଷରୁ ଚେଷ୍ଟା ଜାରି ରହିଛି। ପୁଣି ଚଢ଼ାଉକୁ ତ୍ୱରାନ୍ୱିତ କରାଯାଇଛି ବୋଲି ସେମାନେ କହିଛନ୍ତି।

**ସଙ୍କଟରେ ବନ୍ୟପ୍ରାଣୀ**

- ଫାଶ, ବିଦ୍ୟୁତ୍, ଗୁଳି ଓ କୁକୁର ଲଗାଇ ଶିକାର
- ଶିକାର ରୋକିବାକୁ ନାହିଁ ପଦକ୍ଷେପ

## ଶିକାରରେ ବନ କର୍ମଚାରୀଙ୍କ ସମ୍ପୃକ୍ତି ଅଭିଯୋଗ

ଶିକାରରେ ଅଧିକାଂଶ ବନ କର୍ମଚାରୀ ସମ୍ପୃକ୍ତ ରହୁଥିବା ଅଭିଯୋଗ ଉଠିଛି। ତେବେ ବଡମୂଳ ମଙ୍ଗାନାସୀ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ନିକଟ କଣତଇଲା ଜଙ୍ଗଲରେ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ଫାଶରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳ ବଡମୂଳ ବିଟ୍‌ର ବନ ଜଗୁଆଳି ରଞ୍ଜନ କୁମାର ସେଠୀଙ୍କ ମୃତଦେହ ଉଦ୍ଧାର ଘଟଣା ସନ୍ଦେହକୁ ଘନୀଭୂତ କରିଛି। ମୃତ୍ୟୁର ତଦନ୍ତ ଯଦିଓ ପୋଲିସ କରୁଛି ତେବେ ଫାଶରୁ ବନ ଜଗୁଆଳିଙ୍କ ମୃତଦେହ ଜବତ ଘଟଣା ସନ୍ଦେହ ଘେରକୁ ଆଣି ଅନେକ ପ୍ରଶ୍ନ ଉଠାଇଛି। ବନ ଜଗୁଆଳି ଶୁକ୍ରବାର ଛୁଟିରେ ଆସିଥିବାବେଳେ ଘରେ କାହାକୁ ନ ଜଣାଇ ଜଙ୍ଗଲକୁ ଯାଇଥିଲେ କାହିଁକି। ଅନ୍ୟପକ୍ଷେ ବନ ଜଗୁଆଳିଙ୍କର ବାଇକ୍ କନ୍ଧ ଜିଲିଣ୍ଡା ଗ୍ରାମ ପୋଖରୀ ହୁଡାରୁ ମିଳିଥିବାବେଳେ ମୃତଦେହ ନିକଟରେ ବିଦ୍ୟୁତ୍ ଫାଶ, ବାଡ଼ି, ଛୁରି, ମୋବାଇଲ, ଚପଲ ପଡିଥିଲା। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବନ ଜଗୁଆଳିଙ୍କ ଛାତି ଓ ପେଟରେ ଗଭୀର କ୍ଷତ ଚିହ୍ନ ରହିଥିଲା। ବନ ଜଗୁଆଳି ଫାଶ ପକାଇଥିବା କେତେଜଣ ଲୋକ କହୁଥିବାବେଳେ ଆଉ କେତେଜଣ ତଦନ୍ତ କରାଯାଉ ବୋଲି କହିଛନ୍ତି। ଦେଖାଯାଉ ପୋଲିସ ଓ ବିଭାଗ ପକ୍ଷରୁ ବନ ଜଗୁଆଳିଙ୍କ ମୃତ୍ୟୁର କାରଣ କେବେ ସ୍ପଷ୍ଟ ହେଉଛି।

## କାଉଁରୀଙ୍କର ତାରା ବେଶ



**ନୟାଗଡ଼,୧୬।୧୦(ଲୋକନାଥ ମିଶ୍ର)**

ପାର୍ବଣ ଅବକାଶରେ ନୟାଗଡ଼ ବ୍ଲକର ଗୋବିନ୍ଦପୁରସ୍ଥ ମା' କାଉଁରୀ ଠାକୁରାଣୀଙ୍କ ଆଶ୍ୱିନ ପର୍ବ ନବପତ୍ରିକା ପର୍ବ ଚାଲିଛି। ମା' କାଉଁରୀ ୨ୟ ଦିବସରେ ପିତଳ ଶ୍ରୀମୁଖରେ ତାରା ବେଶରେ ଦର୍ଶନ ଦେଇଛନ୍ତି। ବେଶ ଦେଖିବାକୁ ଭିଡ ଜମୁଛି। ମା'ଙ୍କ ବେଶ ଦେଖିବାକୁ ଭକ୍ତଙ୍କ ଭିଡ ଜମୁଛି। ସୋମବାର ଭୋରୁ ମାଜଣା ପରେ ସୂର୍ଯ୍ୟପୂଜା କରାଯାଇଥିଲା। ପରେ ଚଣ୍ଡୀପାଠ କରାଯାଇ ଭୋଗ ଲାଗି ହୋଇଥିଲା। ପୂର୍ବାହ୍ନ ସାଢ଼େ ୧୦ଟାରେ ଅନ୍ନଭୋଗ ହୋଇଥିଲା। ଅପରାହ୍ନ ୪ଟାରେ ଜାଲେରୀ ଭୋଗ, ସନ୍ଧ୍ୟା ୬ଟାରେ ଟେରାଭୋଗ, ୮ଟାରେ ନୀତି ଭୋଗ, ରାତିରେ ଶଙ୍ଖୁଡି ଭୋଗ ପରେ ପହଡ ପଡିଥିଲା।

## ମା' ବିମଳାଙ୍କ ବ୍ରହ୍ମଚାରିଣୀ ବେଶ

**ଖଣ୍ଡପଡ଼ା,୧୬।୧୦ (ଅଜୟ କୁମାର ମହାରଣା)**





ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ କଣ୍ଟିଲୋ ଶ୍ରୀନୀଳମାଧବ ପୀଠର ଇଷ୍ଟଦେବୀ ମା' ବିମଳାଙ୍କ ୧୬ ପୂଜା ଦ୍ୱିତୀୟା ଓଷାଠାରୁ ଆରମ୍ଭ ହୋଇଯାଇଛି। ଏହି ପାରମ୍ପରିକ ପର୍ବ ମହାନବମୀ ପର୍ଯ୍ୟନ୍ତ ଚାଲୁ ରହିବ। ମହାଳୟା ଅମାବାସ୍ୟାଠାରୁ ମା'ଙ୍କର ନବରାତ୍ରି ପୂଜା ଆରମ୍ଭ ହେବା ସହ ପ୍ରତିଦିନ ଚଣ୍ଡୀପାଠ, ହୋମଯଜ୍ଞ କରାଯାଉଛି। ଏହି ଅବସରରେ ସୋମବାର ମା' ବିମଳାଙ୍କୁ ବ୍ରହ୍ମଚାରିଣୀ ବେଶରେ ସଜ୍ଜିତ କରାଯାଇଛି। ଅପରପକ୍ଷରେ କଣ୍ଟିଲୋ ନିକଟସ୍ଥ ମା' ନାରାୟଣୀଙ୍କ ପୀଠରେ ନବରାତ୍ର ପୂଜା ପାଳନ ହେଉଛି। ଉକ୍ତ ଯଜ୍ଞରେ କର୍ତ୍ତା ଭାବେ ବ୍ରଜରାଜ ମିଶ୍ର ଓ ପୁରୋଧା ଭାବେ ଶ୍ରୀକାନ୍ତ ମିଶ୍ର କାର୍ଯ୍ୟ କରୁଛନ୍ତି। ମା'ଙ୍କ ନିକଟରେ ପ୍ରତିଦିନ ଖଇ, କୋରା, କାକରା, ଫଳମୂଳ, ବିରିକାନ୍ତି ଓ ଅନ୍ନଭୋଗ ଲାଗି କରାଯାଇଥାଏ।

## ଜାତୀୟ ସଙ୍ଗୀତ ସମୂହ ଗାନ ପ୍ରତିଯୋଗିତା



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ଅତିଥିମାନେ।

**ନୟାଗଡ଼,୧୬।୧୦(ଲୋକନାଥ ମିଶ୍ର)**

### ମହର୍ଷି ବିଦ୍ୟାମନ୍ଦିର ରାଜ୍ୟସ୍ତରକୁ ଉନ୍ନୀତ

ଭାରତ ବିକାଶ ପରିଷଦ ନୟାଗଡ଼ ଶାଖା ଆନୁକୂଲ୍ୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ସଙ୍ଗୀତ ସମୂହ ଗାନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଡିଏଭି ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୟାଗଡ଼ ଓ ଇଟାମାଟି, ମହର୍ଷି ବିଦ୍ୟା ମନ୍ଦିର, ଜବାହାର ନବୋଦୟ ବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟ, ନୟାଗଡ଼ର ୩୦ ଛାତ୍ରୀଛାତ୍ର ଯୋଗଦେଇ ଜାତୀୟ ସଙ୍ଗୀତ ସମୂହ ଗାନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଓଡ଼ିଆ, ହିନ୍ଦି ଓ ସଂସ୍କୃତରେ ପ୍ରତିଯୋଗିତା ହୋଇଛ। ରାଜ୍ୟ ପୂର୍ବ ପ୍ରାନ୍ତ ଅର୍ଥ ସଚିବ ପ୍ରମୋଦ କୁମାର ଦାଶ ପର୍ଯ୍ୟବେକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ବିଚାରପତି ପ୍ରଭାତ କୁମାର ଦାଶ, ଜୟଶ୍ରୀ ଦାଶ ଓ ଦୁର୍ଗାକାନ୍ତ ପଣ୍ଡା ପ୍ରତିଯୋଗିତା ସମ୍ପର୍ଣ୍ଣ ହୋଇଥିଲା। ପରିଷଦର ଅଧ୍ୟକ୍ଷ ହରେକୃଷ୍ଣ ସାହୁ ସ୍ୱାଗତ ଭାଷଣ ସହ, ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ହର ପ୍ରସାଦ ମହାପାତ୍ର ଓ ସମସ୍ତ ସଦସ୍ୟଙ୍କ ସହଯୋଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ହିନ୍ଦି ଓ ସଂସ୍କୃତ ଗାନର ହାରାହାରି ଫଳାଫଳ ଅନୁସାରେ ମହର୍ଷି ବିଦ୍ୟାମନ୍ଦିର- ପ୍ରଥମ, ଜବାହର ନବୋଦୟ ବିଦ୍ୟାଳୟ-ଦ୍ୱିତୀୟ ଓ ଡିଏଭି ପବ୍ଲିକ ସ୍କୁଲ, ନୟାଗଡ଼-ତୃତୀୟ ସ୍ଥାନ ଅଳଙ୍କୃତ କରିଥିଲେ। ଶେଷରେ ପ୍ରଥମ ସ୍ଥାନ ଅଳଙ୍କୃତ କରିଥିବା ବିଦ୍ୟାଳୟକୁ ରାଜ୍ୟସ୍ତର ପ୍ରତିଯୋଗିତା ପାଇଁ ମନୋନୀତ କରାଗଲା।

## ଶତାଧିକ ବ୍ୟକ୍ତି ଜ୍ୱରରେ ଆକ୍ରାନ୍ତ

**ଗ୍ରାମାଞ୍ଚଳରେ ବଢ଼ୁଛି କ୍ୱାକଙ୍କ ପ୍ରାଦୁର୍ଭାବ**

**ଖଣ୍ଡପଡା,୧୬।୧୦(ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକ ଅଞ୍ଚଳରେ ଜ୍ୱରରେ ଶତାଧିକ ବ୍ୟକ୍ତି ଆକ୍ରାନ୍ତ ହୋଇଥିବା ଜଣାପଡିଛି। ପ୍ରତ୍ୟେକ ଘରେ ୨ରୁ ୩ଜଣ ବ୍ୟକ୍ତି ଜ୍ୱରରେ ଆକ୍ରାନ୍ତ ହୋଇଥିବାରୁ ଏହାର ସୁଯୋଗ ନେଇ ଗାଁ ଗଣ୍ଡାରେ କ୍ୱାକଙ୍କ ପ୍ରାଦୁର୍ଭାବ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି। ଖଣ୍ଡପଡ଼ା ବ୍ଲକ ଅଧୀନ ଅପହଞ୍ଚ ଇଲାକା, ବଣ ପାହାଡ ଘେରା ସଂରକ୍ଷିତ ଜଙ୍ଗଲ ଜମିରେ ବସବାସ କରୁଥିବା ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଆଳରେ କ୍ୱାକମାନେ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଜଣେ ଜଣେ ବ୍ୟକ୍ତି ୩ରୁ ୪ ଦିନ ଧରି ଔଷଧ ସେବନ କରିବା ପରେ ଜ୍ୱର ରୋଗ ଭଲ ହେଉଥିବାରୁ କ୍ୱାକମାନେ ଏଥିରୁ ଫାଇଦା ଉଠାଇ ଅର୍ଥ ଆଦାୟ କରୁଥିବା ଅଭିଯୋଗ ହେଉଛି। ସବୁ ପଞ୍ଚାୟତରେ ସ୍ୱାସ୍ଥ୍ୟ ସେବାର ସେଭଳି ସୁବିଧା ନ ଥିବା ବେଳେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆୟୁର୍ବେଦିକ ଚିକିତ୍ସାଳୟଗୁଡିକରେ ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହେଉଛି। କ୍ୱାକମାନଙ୍କ କାର୍ଯ୍ୟାକଳାପ ପ୍ରତି ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## କର୍ମୀ ସମ୍ମିଳନୀରେ କଲେଜ ଅଧ୍ୟକ୍ଷ

**ନୟାଗଡ/ରଣପୁର,୧୬।୧୦ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)**

ରଣପୁର ନିର୍ବାଚନମଣ୍ଡଳୀର ବଳଭଦ୍ରପୁରରେ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ରଣପୁର ମଣିନାଗ ଯୁକ୍ତ ୩ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୂ ପ୍ରସାଦ ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କୁ ସମ୍ମିଳନୀକୁ ଆସିବାକୁ କେତେଜଣ କର୍ମୀ ବିରୋଧ କରିଥିଲେ। ଫଳରେ ସେ ଆସି ନ ଥିଲେ। ତେବେ ଜଣେ ମହାବିଦ୍ୟାଳୟ ଅଧ୍ୟକ୍ଷ ଏକ ରାଜନୈତିକ ଦଳର କର୍ମୀ ସମ୍ମିଳନୀରେ ସଭାପତିତ୍ୱ କରିବାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଏପରିକି ମହାବିଦ୍ୟାଳୟରୁ ଅଧ୍ୟକ୍ଷ ପଦବୀରୁ ହଟାଇବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ମଲ୍ଲିକଙ୍କୁ ପଚାରିବାରେ, ସେ ଦଳୀୟ ହିସାବରେ କର୍ମୀ ସମ୍ମିଳନୀକୁ ଯାଇ ନ ଥିଲେ। ଭାଷଣ ଦେବାକୁ କୁହାଯିବାରୁ ସେ ଅଧ୍ୟକ୍ଷତା କରିଥିଲେ। ଏଥିରେ କିଛି ଅସୁବିଧା ନାହିଁ ବୋଲି ସେ କହିଛନ୍ତି।




ସମ୍ମିଳନୀରେ କଲେଜ ଅଧ୍ୟକ୍ଷ ବିଭୂ ପ୍ରସାଦ ମଲ୍ଲିକ ଭାଷଣ ଦେଉଛନ୍ତି।

## ମିଳିବ ସଙ୍ଗୀତ 'କଲ୍ଲୋଳ' ଉପାଧି

**ନୟାଗଡ଼,୧୬।୧୦(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାର ପ୍ରମୁଖ ସଙ୍ଗୀତ ଅନୁଷ୍ଠାନ 'ସଙ୍ଗୀତଧାରା' ଏବଂ 'ନୟାଗଡ଼ ନାଗରିକ ମଞ୍ଚ' ମିଳିତ ଅନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ପୁରୁଣା ସହରସ୍ଥିତ ବଡ଼ମଠ ପରିସରରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଟ୍ୟଭୂଷଣ ବିଜୟ ଚୌଧୁରୀ ପୌରୋହିତ୍ୟ କରିଥିଲେ। ଜିଲାର ବିଭିନ୍ନ କୋଣ ଅନୁକୋଣରେ ଥିବା ଲୁକ୍କାୟିତ ସଙ୍ଗୀତ ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ଏକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆଧାରରେ ଜିଲାସ୍ତରୀୟ ଭକ୍ତି ସଙ୍ଗୀତ ପ୍ରତିଯୋଗିତାର ଆୟୋଜନ କରାଯିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି। ଜିଲାର ସମସ୍ତ ୮ଟି ବ୍ଲକ ଏବଂ ପୌରାଞ୍ଚଳରେ ୧୪ରୁ ୨୪ବର୍ଷ ପର୍ଯ୍ୟନ୍ତ ପ୍ରତିଯୋଗୀମାନଙ୍କ ନେଇ ଭକ୍ତି ସଙ୍ଗୀତ ପ୍ରତିଯୋଗିତା କରାଯିବ। ୨୦୨୪ ଜାନୁୟାରୀରେ ସ୍ୱତନ୍ତ୍ର ଉତ୍ସବରେ ଶ୍ରେଷ୍ଠ ବିଜେତାଙ୍କୁ ନଗଦ ୧୧ ହଜାର ଟଙ୍କା ସ୍ମାରକୀ ଏବଂ 'ନୟାଗଡ଼ ସଙ୍ଗୀତ କଲ୍ଲୋଳ-୨୦୨୪' ଉପାଧିରେ ଭୂଷିତ କରାଯିବ। ଦ୍ୱିତୀୟ ବିଜେତାଙ୍କୁ ୫ ହଜାର ଏବଂ ତୃତୀୟ ବିଜେତାଙ୍କୁ ୩ ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରାଯିବ। ଆଲୋଚନାରେ ଅଂଶଗ୍ରହଣ କରି ନୟାଗଡ଼ ନାଗରିକ ମଞ୍ଚ ସଭାପତି ତଥା ସଙ୍ଗୀତଧାରା ଉପଦେଷ୍ଟା ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ସାହୁ, ଉପସଭାପତି ନିର୍ମଳ ଶୁରଦେଓ, ସୁରଗନ୍ଧର୍ବ ନବକିଶୋର ମିଶ୍ର, ନାଟ୍ୟଗୁରୁ ପ୍ରଭାତ ଦାଶ, ଦାମୋଦର ସାହୁ, ବସନ୍ତ କୁମାର ମିଶ୍ର, ଶେଖ ଅବଦୁଲ ଖାଲିକ, ରାଜେନ୍ଦ୍ର ପାଣିଗ୍ରାହୀ, ପ୍ରଶାନ୍ତ ଦାସ, ମିଷ୍ଟର କାଳିଆ, ପ୍ରଦୀପ୍ତ ରଥ, ରଜନୀକାନ୍ତ ମହାପାତ୍ର, ବିଜୟାନନ୍ଦ ମହାପାତ୍ର, ରଞ୍ଜନ ରଶ୍ମି ଜେନା, ଅଶୋକ ମଲ୍ଲ, ଅମୀୟ କର, ପ୍ରଦ୍ୟୁମ୍ନ ନନ୍ଦ ପ୍ରମୁଖ ଆଲେଚନାରେ ଅଂଶଗ୍ରହଣ କରି ଗଠନମୂଳକ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ। ସଙ୍ଗୀତଧାରର ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସମ୍ପାଦକ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ ସମସ୍ତଙ୍କ ସହଯୋଗ କାମନା କରିବା ସହ ଧନ୍ୟବାଦ ଦେଇଥିଲେ।




ବୈଠକରେ ଯୋଗଦେଇଥିବା ସଙ୍ଗୀତଧାରା ଓ ନୟାଗଡ଼ ନାଗରିକ ମଞ୍ଚର ସଦସ୍ୟମାନେ।

**ଜିଲାସ୍ତରୀୟ ଭକ୍ତି ସଙ୍ଗୀତ ପ୍ରତିଯୋଗିତା**

**ଶ୍ରେଷ୍ଠ ବିଜେତାଙ୍କୁ ୧୧ ହଜାର ଟଙ୍କା**

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କାର୍ତ୍ତିକ



@ ମଧୁ



@ ମଧୁସ୍ମିତା



@ ରାଜୀବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯାଜପୁରରେ କଲ୍ୟାଣ ଜୁଏଲର୍ସର ନୂଆ ଶୋ'ରୁମ୍

ଯାଜପୁର ରୋଡ୍,୧୬।୧୦(ପବିତ୍ର ରଞ୍ଜନ ମହାନ୍ତି)




କଲ୍ୟାଣ ଜୁଏଲର୍ସର ନୂଆ ଶୋ'ରୁମ୍ ଯାଜପୁର ରୋଡ୍‌ର ଅର୍ଜ୍ଜୁନ କମ୍ପ୍ଲେକ୍ସ ଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲ୍ୟାଣ ଜୁଏଲର୍ସର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଯୋଗଦେଇଥିଲେ।

ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣ ରମଣ କହିଛନ୍ତି, କମ୍ପାନୀ ଭାବେ ଏକ ବଡ଼ ମାଇଲଖୁଣ୍ଟ ହାସଲ କରିଛୁ ଏବଂ ଗ୍ରାହକଙ୍କ ଶପିଂ ଅନୁଭୂତିରେ ଉନ୍ନତି ଆଣିବା ଲାଗି ଏକ ସାମଗ୍ରିକ ବ୍ୟବସ୍ଥା ସୃଷ୍ଟି କରିଛୁ। ଅଭିବୃଦ୍ଧି ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟ ଆରମ୍ଭ କରିଥିବାବେଳେ ଯାଜପୁର ରୋଡ୍‌ରେ ନୂଆ ଶୋରୁମ୍ ଖୋଲାଯାଇଥିବା ବିଷୟରେ ଘୋଷଣା କରି ବେଶ ଆନନ୍ଦିତ। ଏହି ଉନ୍ମୋଚନ ସହିତ ଓଡ଼ିଶାରେ ଆମେ ଆମର ଭୌଗୋଳିକ ଉପସ୍ଥିତି ବଢ଼ାଇଛୁ ଏବଂ ଗ୍ରାହକମାନଙ୍କୁ ଶ୍ରେଷ୍ଠ ମାନର ଶପିଂ ଅନୁଭୂତି ପ୍ରଦାନ କରିବା ସହ ବିଶ୍ୱାସ ଓ ସ୍ୱଚ୍ଛତାକୁ ନେଇ କମ୍ପାନୀର ରହିଥିବା ମୂଲ୍ୟବୋଧ ବଜାୟ ରଖିବା ପ୍ରତି ପ୍ରତିବଦ୍ଧ ରହିଛୁ। ଏହି ନୂତନ ଶୋ'ରୁମ୍‌ର ଶୁଭାରମ୍ଭ ଉତ୍ସବକୁ ପାଳନ କରିବା ଲାଗି ସର୍ବନିମ୍ନ ୧ ଲକ୍ଷ ଟଙ୍କାର ଶପିଂ ଉପରେ ଗ୍ରାହକଙ୍କୁ କିଣାମୂଲ୍ୟର ଅଧା ଦାମ୍‌ରେ ୦% ପ୍ରତିଶତ ଗଢ଼ା ମୂଲ୍ୟ ଅଫର ପ୍ରଦାନ କରାଯାଉଛି। କଲ୍ୟାଣ ଜୁଏଲର୍ସରେ ବିକ୍ରି କରାଯାଉଥିବା ଗହଣାଗୁଡ଼ିକ ବିଆଇଏସ୍ ହଲ୍‌ମାର୍କର ଏବଂ ଏକାଧିକ ଶୁଦ୍ଧତା ପରୀକ୍ଷା ଦେଇ ଗତିକରେ। ଗ୍ରାହକମାନେ କଲ୍ୟାଣ ଜୁଏଲର୍ସର ୪-ସ୍ତରୀୟ ଆସ୍ୟୁରାନ୍ସ ସାର୍ଟିଫିକେଟ୍ ପାଇବେ, ଯାହା ଶୁଦ୍ଧତା, ଗହଣାର ଜୀବନବ୍ୟାପୀ ମରାମତି, ସମ୍ପୂର୍ଣ୍ଣ ଉତ୍ପାଦ ବିବରଣୀ, ଏକ୍ସଚେଞ୍ଜ୍ ଓ ବାଏ ବ୍ୟାକ୍ ନୀତିରେ ସ୍ୱଚ୍ଛତା ଆଦିର ଗ୍ୟାରେଣ୍ଟି ପ୍ରଦାନ କରୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର, ୧୬।୧୦

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୧୬ (୧୧୫.୮୧) ପଏଣ୍ଟ ଖସି ୬୬,୧୬୭ (୬୬,୧୬୬.୯୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୯ (୧୯.୩୦) ପଏଣ୍ଟ ହ୍ରାସ ଘଟି ୧୯,୭୩୨(୧୯,୭୩୧.୭୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକରେ ମଧ୍ୟ ପରିବର୍ତ୍ତନ ହୋଇଥିଲା।

# ପିଜିଆଇର ନୂତନ କଲେକ୍ସନ

ଭୁବନେଶ୍ୱର, ୧୬।୧୦




ଅନ୍ତଃରାଷ୍ଟ୍ରୀୟ ଅଳଙ୍କାର ବ୍ରାଣ୍ଡ୍ ତଥା ପ୍ଲାଟିନମ୍ ଗିଲ୍‌ଡ ଇଣ୍ଟରନ୍ୟାଶନାଲ(ପିଜିଆଇ)ର ନୂତନ କଲେକ୍ସନ 'ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ୯୫% ଶୁଦ୍ଧ ଓ ବିରଳ ପ୍ଲାଟିନମ୍‌ରେ ଗଢ଼ା ଏହି କଲେକ୍ସନ ପ୍ରେମର ଚରମ ପ୍ରତୀକ ବୋଲି ପିଜିଆଇ ପକ୍ଷରୁ କୁହାଯାଇଛି। ଏପରିକି ଏଭଳି କିଛି ଡିଜାଇନ ଦ୍ୱାରା ଭଲ ପାଇବାକୁ ବାଛନ୍ତି, ଯାହା ଆଧୁନିକ ମୂଲ୍ୟବୋଧ ଉପରେ ନିର୍ମିତ ହୋଇଥାଏ। ଯେଉଁଥିରେ ପରସ୍ପରର ଭାବନା ପ୍ରତିଫଳିତ ହୋଇଥାଏ। ସେହିଭଳି ଏକ ବିରଳ ପ୍ରେମକୁ ପାଳନ କରିବା ପାଇଁ ପ୍ଲାଟିନମ ଏକ ନୂଆ କଲେକ୍ସନକୁ ଉପସ୍ଥାପନ କରୁଛି। ଏହି ସୂକ୍ଷ୍ମ ସଂଗ୍ରହକୁ ଯତ୍ନର ସହ ଡିଜାଇନ କରାଯାଇଛି, ଯେଉଁଥିରେ କିଛି ସ୍ୱତନ୍ତ୍ର ଶୈଳୀ, ଡିଜାଇନ ଓ ଚମତ୍କାର ମୋଟିଫ ରହିଛି। ଏହି କଲେକ୍ସନ ମଧ୍ୟରେ ଥିବା ପ୍ରତିଟି ଡିଜାଇନ ହେଉଛି ଏକ ମାଷ୍ଟର ପିସ୍, ଯାହା ସ୍ୱତନ୍ତ୍ରତାର ପରିଚୟ ଦେଇଥାଏ। ଏହା ଉଭୟ ଆନନ୍ଦଦାୟକ ଓ ଚ୍ୟାଲେଞ୍ଜିଂ ମୁହୂର୍ତ୍ତକୁ ପ୍ରଦର୍ଶିତ କରିଥାଏ। ଏହା ଦମ୍ପତିଙ୍କ ମନରେ ଏକ ସୁଖଦ ଅନୁଭୂତି ସୃଷ୍ଟି କରିଥାଏ। ଏହି ଉପାଦାନଗୁଡ଼ିକ ଗଭୀର ଓ ଅର୍ଥପୂର୍ଣ୍ଣ ସଂଯୋଗର ମୂଳଦୁଆ ସୃଷ୍ଟି କରିଥାଏ। ଅପରପକ୍ଷରେ ଚଳିତ ଉତ୍ସବ ଋତୁ ଆରମ୍ଭ ହେବା ସଙ୍ଗେ ସଙ୍ଗେ ମନରେ ଉତ୍ସବକୁ ସ୍ମରଣୀୟ କରିବା ଭାବନା ସୃଷ୍ଟି ହୋଇଥାଏ।

# ଆଜିଠୁ ୩ଦିନିଆ ସାମୁଦ୍ରିକ ସମାରୋହ

**ଜିଏମଆଇଏସ-୨୦୨୩କୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ**

ଭୁବନେଶ୍ୱର, ୧୬।୧୦

ଚଳିତ ବର୍ଷ ଅକ୍ଟୋବର ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ମୁମ୍ବାଇର ଏମଏମଆରଡିଏ ପଡ଼ିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ଗ୍ଲୋବାଲ ମେରିଟାଇମ୍ ଇଣ୍ଡିଆ ଶିଖର ସମ୍ମିଳନୀ ୨୦୨୩ (ଜିଏମଆଇଏସ-୨୦୨୩)ର ତୃତୀୟ ସଂସ୍କରଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିବେ। ବିଶେଷ କରି ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ୩ ଦିନିଆ ସର୍ବବୃହତ ସାମୁଦ୍ରିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏପରିକି ଭବିଷ୍ୟତର ବନ୍ଦର, ଅଙ୍ଗାରକାମ୍ଳ ନିଗମନ ହ୍ରାସ, ଉପକୂଳ ଜାହାଜ ଚଳାଚଳ ଏବଂ ଆଇଡବ୍ଲ୍ୟୁଟି, ଜାହାଜ ନିର୍ମାଣ, ମରାମତି ଏବଂ ରିସାଇକ୍ଲିଂ, ଅର୍ଥ, ବୀମା ଏବଂ ମଧ୍ୟସ୍ଥତା, ସାମୁଦ୍ରିକ କ୍ଲଷ୍ଟର, ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟା, ସାମୁଦ୍ରିକ ନିରାପତ୍ତା ଓ ସୁରକ୍ଷା ଏବଂ ସାମୁଦ୍ରିକ ପର୍ଯ୍ୟଟନ ଆଦି ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା ସହ ଅଧିବେଶନର ଆୟୋଜନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ଉଦଘାଟନୀ ଅଧିବେଶନରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ ସମ୍ମିଳନୀର ଅଧିବେଶନରେ ଆର୍ମେନିଆ, ବାଂଲାଦେଶ, ବେଲାରୁସ୍, କୋମୋରୋସ୍, ଇରାନ, ଇଟାଲୀ, ଶ୍ରୀଲଙ୍କା, ତାଞ୍ଜାନିଆ, ତୁର୍କମେନିସ୍ତାନ, ଉଜବେକିସ୍ତାନ, ସ୍ୱେନ୍ ଏବଂ ନେପାଳ ସମେତ ୧୨ଟି ଦେଶର ମନ୍ତ୍ରୀମାନେ ମଧ୍ୟ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଭାରତର ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୬ଜଣ ରାଜ୍ୟ ମନ୍ତ୍ରୀ ଓ ଉପରାଜ୍ୟପାଳ ଉପସ୍ଥିତ ରହିବେ। ବିଶେଷ କରି ଏହା କେବଳ ଭାରତ ପାଇଁ ନୁହେଁ, ବିଶ୍ୱ ସାମୁଦ୍ରିକ ସମୁଦାୟ ପାଇଁ ଏହା ଏକ ଐତିହାସିକ ସମାରୋହ ହେବ।

# ହୋଣ୍ଡାର ଅଲ୍ ନ୍ୟୁ ସିବି୩୦୦ଆର୍ ଉନ୍ମୋଚିତ

ଭୁବନେଶ୍ୱର, ୧୬।୧୦ (ଅଭୟ ଦାଶ)

ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ପ୍ରାଇଭେଟ ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଣ୍ଡା ଅଲ ନ୍ୟୁ ସିବି୩୦୦ଆରକୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷ କରି ଓବିଡି୨ଏ ନିୟମ ପାଳନ କରୁଥିବା ୨୦୨୩ ସିବି୨୦୦ଆର୍‌ର ବଜାର ପ୍ରବେଶ ସୋମବାର ଆନୁଷ୍ଠାନିକ ଭାବେ ହୋଇଯାଇଛି। ଏପରିକି ନିଓ ସ୍ପୋର୍ଟସ୍ କାଫେ ରୋଡ୍‌ଷ୍ଟର୍ ଭାବେ ପ୍ରସ୍ତୁତ କରାଯାଇଥିବା ଏହି ମୋଟରସାଇକେଲ୍‌ର ବୁକିଂର ଶୁଭାରମ୍ଭ ମଧ୍ୟ କରାଯାଇଛି।

ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ସୁତ୍ସୁମୁ ଓଟାନି କହିଛନ୍ତି, ଓବିଡି୨ଏ ନିୟମ ପାଳନ କରୁଥିବା ଇଞ୍ଜିନ ବ୍ୟବହାର କରାଯାଇଥିବା ୨୦୨୩ ସିବି୩୦୦ଆର୍‌କୁ ଉନ୍ମୋଚନ ସହ ବଜାର ପ୍ରବେଶ କରାଇ ଆମେ ବେଶ ଉତ୍ସାହିତ ଅଛୁ। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇ ନିର୍ଦ୍ଦେଶକ (ସେଲ୍‌ସ ଆଣ୍ଡ୍ ମାର୍କେଟିଂ) ଯୋଗେଶ ମାଥୁର



କହିଛନ୍ତି, ଭାରତୀୟ ଚାଳକମାନଙ୍କ ଲାଗି ଆଜି ସିବି୩୦୦ଆର୍‌କୁ ଉନ୍ମୋଚନ କରାଯିବା ସହ ଏଚ୍‌ଏମ୍‌ଏସ୍‌ଆଇର ମଧ୍ୟମ-ଓଜନ ଉଚ୍ଚ ପ୍ରଦର୍ଶନ ମୋଟରସାଇକେଲ୍ ଉତ୍ପାଦ ବର୍ଗମାଳା ଆହୁରି ସମୃଦ୍ଧ ହୋଇଛି। ଉଲ୍ଲେଖଯୋଗ୍ୟ, ସିବି୧୦୦୦ଆର୍ ଡିଜାଇନ୍‌ରୁ ଅନୁପ୍ରାଣିତ ହୋଇ ନୂଆ ୨୦୨୩ ସିବି୩୦୦ଆର୍‌କୁ ପ୍ରସ୍ତୁତ କରାଯାଇଛି। ଏହାର ବଡ଼ ତେଲ ଟାଙ୍କିକୁ ନିଓ ସ୍ପୋର୍ଟ କାଫେର ଡିଏନ୍‌ଏ ଅନୁସାରେ ପ୍ରସ୍ତୁତ କରାଯାଇଛି। ଏଥିରେ ସମ୍ପୂର୍ଣ୍ଣ ଏଲ୍‌ଇଡି ଲାଇଟ୍ ବ୍ୟବହାର କରାଯାଇଛି। ୧୪୬ କେଜିର ଉକ୍ତ ବାଇକ୍ ଏହି ବର୍ଗରେ ସବୁଠୁ ହାଲୁକା ହୋଇଥିବା ବେଳେ ଏଥିରେ ଆଡଜଷ୍ଟେବଲ୍ ମୋନୋସକ୍ ଅବ୍‌ଜରବର, ଡୁଆଲ ଚ୍ୟାନେଲ୍ ଏବିଏସ୍, ସମ୍ପୂର୍ଣ୍ଣ ଡିଜିଟାଲ୍ ଇନଷ୍ଟ୍ରୁମେଂଟ୍ କ୍ଲଷ୍ଟର୍, ଏମର୍ଜେନ୍ସି ଷ୍ଟପ୍ ସିଗ୍‌ନାଲ୍ ଓ ହାଜାର୍ଡ ଲାଇଟ୍, ୨୮୬.୦୧ ସିସି ୪ ଷ୍ଟ୍ରୋକ୍ ସିଙ୍ଗଲ ସିଲିଣ୍ଡର ବିଏସ୍-୬ ଓବିଡି୨ଏ ନିୟମ ପାଳନ କରୁଥିବା ପିଜିଏମ୍-ଏଫ୍‌ଆଇଇଞ୍ଜିନ୍ ରହିଛି। ଏହା ପର୍ଲ ସ୍ପାର୍ଟାନ ରେଡ୍ ଓ ମ୍ୟାଟ୍ ମାସିଭ୍ ଗ୍ରେ ମେଟାଲିକ୍ ରଙ୍ଗରେ ଉପଲବ୍ଧ। ଅପରପକ୍ଷରେ ଆଶାୟୀ ଗ୍ରାହକମାନେ ନିକଟସ୍ଥ ବିଗ୍‌ୱିଙ୍ଗ୍ ଡିଲରଶିପ୍‌ରେ ଏହାର ବୁକିଂ କରିପାରିବେ। ୨୦୨୩ ହୋଣ୍ଡା ସିବି୩୦୦ଆର୍‌ର ମୂଲ୍ୟ ୨,୪୦,୦୦୦ ଟଙ୍କା (ଏକ୍ସ ଶୋ'ରୁମ୍, ଦିଲ୍ଲୀ) ରହିଛି।

# ପିଏନ୍‌ବି ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ

ଭୁବନେଶ୍ୱର, ୧୬।୧୦

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ (ପିଏନ୍‌ବି)ର ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ରାଜଭାଷା ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ପିଏନ୍‌ବି ସମ୍ବଲପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ରାଜଭାଷା ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ହିନ୍ଦୀ ବିଚାର ସଂଗୋଷ୍ଠୀ ସହ ଚଳିତ ବର୍ଷ ସେପ୍ଟେମ୍ବରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅଜିତ ମେହେର ହିନ୍ଦୀ ଏବଂ କ୍ଷେତ୍ରୀୟ ଭାଷାରେ ଗ୍ରାହକମାନଙ୍କୁ ପ୍ରଦାନ କରାଯାଉଥିବା ବ୍ୟାଙ୍କିଙ୍ଗ୍ ସେବା ସମ୍ବନ୍ଧରେ ଆଲୋଚନା କରିଥିଲେ। ସେହିଭଳି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ମହାନଦୀ କୋଲ ଫିଲ୍ଡସ ଲିଃର ମହାପ୍ରବନ୍ଧକ ଏବଂ ନରାକାସ ସମ୍ବଲପୁରର ସଦସ୍ୟ ସଚିବ କୃଷ୍ଣ ମୁରାରୀ ପ୍ରସାଦ କ୍ଷେତ୍ରୀୟ ଏବଂ ବ୍ୟବସାୟିକ ଭାଷା ରୂପରେ ହିନ୍ଦୀ ଭାଷାର ପ୍ରାଧାନ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲାବେଳେ ମୁଖ୍ୟ ବକ୍ତା ଶିକ୍ଷାବିତ୍ ଏବଂ ଓଡିଶା ଷ୍ଟେଟ୍ ଓପନ ୟୁନିଭର୍ସିଟି ସମ୍ବଲପୁରର ଅବସରପ୍ରାପ୍ତ କୁଳପତି ଡ. ଜୟନ୍ତ କର ଶର୍ମା ହିନ୍ଦୀ ଏବଂ ଓଡିଆ ଭାଷାର ପାରସ୍ପରିକ ସମ୍ବନ୍ଧ ଉପରେ ନିଜର ମତାମତ ରଖିଥିଲେ। ହିନ୍ଦୀ ମାସ-୨୦୨୩ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଏବଂ ହିନ୍ଦୀରେ ଶ୍ରେଷ୍ଠ କାର୍ଯ୍ୟ ସମ୍ପାଦନ କରିଥିବା ବିଭାଗଗୁଡିକୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରିଶେଷରେ ରାଜଭାଷାର ମୁଖ୍ୟ ପ୍ରବନ୍ଧକ ପାର୍ଥ ସାରଥୀ ମହାପାତ୍ର ସମାରୋହରେ ଉପସ୍ଥିତ ଅତିଥି ଏବଂ କର୍ମଚାରୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଅପରପକ୍ଷରେ ରାଜଭାଷାର ବରିଷ୍ଠ ପ୍ରବନ୍ଧକ ଆନନ୍ଦ କୁମାର ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଫୁରସତ୍

# ଦାରିଦ୍ର୍ୟମୁକ୍ତ ପୃଥିବୀ ସମ୍ଭବ



**ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ**

ଦାରିଦ୍ର୍ୟ ହିଁ ସମସ୍ତ ସମସ୍ୟାର ମୁଖ୍ୟ କାରଣ। ତେବେ ଦାରିଦ୍ର୍ୟ ମୁକ୍ତ ପୃଥିବୀ ସମ୍ଭବ। ଏହାର ଦୂରୀକରଣ ପାଇଁ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅକ୍ଟୋବର ୧୭ରେ ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନ କରାଯାଇଥାଏ। ୧୯୮୭ ମସିହାରେ ଫ୍ରାନ୍ସର ପ୍ୟାରିସ୍‌ରେ ପ୍ରଥମ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନ କରାଯାଇଥିଲା।ଙ୍ ୧,୦୦,୦୦୦ଲୋକ ଟ୍ରୋକାଡେରୋରେ ମାନବ ଅଧିକାର ପାଇଁ ଲିବର୍ଟିଜ ପ୍ଲାଜାରେ ଏକତ୍ରିତ ହୋଇ ଦାରିଦ୍ର୍ୟ, କ୍ଷୁଧା, ହିଂସା ଏବଂ ଭୟର ଶିକାର ହୋଇଥିବା ଲୋକଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ। ଏହି ମର୍ମରେ ୧୯୯୨ରେ ଜୋସେଫ୍ ୱେର୍ସିନସ୍କିଙ୍କ ଦ୍ୱାରା ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଆନ୍ଦୋଳନ ଏଟିଡି ଚତୁର୍ଥ ବିଶ୍ୱର ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିଲା। ୱେର୍ସିନସ୍କିଙ୍କ ମୃତ୍ୟୁର ୪ ବର୍ଷ ପରେ ମିଳିତ ଜାତିସଂଘ ଆନୁଷ୍ଠାନିକ ଭାବରେ ଅକ୍ଟୋବର ୧୭କୁ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ଭାବରେ ପାଳନ କରିବାକୁ ସ୍ୱୀକୃତି ପ୍ରଦାନ କରିଥିଲା।

ୱେର୍ସିନସ୍କି କହିଥିଲେ, ଯେଉଁଠାରେ ପୁରୁଷ ଏବଂ ମହିଳା ଅତ୍ୟଧିକ ଦାରିଦ୍ର୍ୟରେ ଜୀବନଯାପନ କରିବାକୁ ବାଧ୍ୟ ହୁଅନ୍ତି, ସେଠାରେ ମାନବିକ ଅଧିକାରର ଉଲ୍ଲଂଘନ ହୋଇଥାଏ। ଏହି ଅଧିକାରଗୁଡ଼ିକର ସାବ୍ୟସ୍ତକୁ ନିଶ୍ଚିତ କରିବାକୁ ଏକତ୍ରିତ ହେବା ଆମର ଏକମାତ୍ର କର୍ତ୍ତବ୍ୟ। ବେଲଜିୟମ, ବୁର୍କିନା ଫାସୋ, କାନାଡା, ଜର୍ମାନୀ, ଫିଲିପାଇନ୍ସ, ପର୍ତ୍ତୁଗାଲ ରିୟୁନିୟନ ଦ୍ୱୀପ, ସୁଇଜରଲାଣ୍ଡ, ବ୍ରିଟେନ ଏବଂ ଆମେରିକା ସମେତ ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନ କରିବାର ସ୍ମରଣୀୟ ପଥରର ୫୩ଟି ପ୍ରତିକୃତି ଅଛି। ସ୍ମରଣୀୟ ପଥରର ପ୍ରତିକୃତି ଷ୍ଟ୍ରାସ୍‌ବର୍ଗର କାଉନସିଲ ଅଫ୍ ୟୁରୋପରେ ଏବଂ ନ୍ୟୁୟର୍କରେ ମିଳିତ ଜାତିସଂଘର ମୁଖ୍ୟାଳୟରେ ମଧ୍ୟ ରହିଛି।

ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନ୍ତର୍ଜାତୀୟ ଦିବସ ଦାରିଦ୍ର୍ୟରେ ବାସ କରୁଥିବା ଲୋକ ଏବଂ ସେମାନଙ୍କ ସମ୍ପ୍ରଦାୟ ଏବଂ ସମାଜ ମଧ୍ୟରେ କଥାବାର୍ତ୍ତା ଓ ବୁଝାମଣାକୁ ପ୍ରୋତ୍ସାହିତ କରେ। ଦାରିଦ୍ର୍ୟରେ ବାସ କରୁଥିବା ଲୋକଙ୍କ ଉଦ୍ୟମ ଏବଂ ସଂଘର୍ଷକୁ ସ୍ୱୀକାର କରିବା ପାଇଁ ଏହି ଦିବସ ଏକ ସୁଯୋଗ ପ୍ରତିପାଦିତ କରିଥାଏ। ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନ୍ତର୍ଜାତୀୟ ଦିବସକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ତର୍ଜାତୀୟ କମିଟି ୨୦୦୮ ଅକ୍ଟୋବର ୧୭ରେ ଆରମ୍ଭ କରାଯାଇଥିଲା। ପ୍ରତିବର୍ଷ ଏହି ଦିବସ ଏକ ବାର୍ତ୍ତା ବହନ କରିଥାଏ। ଚଳିତ ବର୍ଷ ୨୦୨୩ରେ ଏହି ଦିବସ ପାଳନର ବାର୍ତ୍ତା ହେଉଛି, ' ଅଭ୍ୟାସ ମାଧ୍ୟମରେ ସମସ୍ତଙ୍କ ପାଇଁ ସମ୍ମାନ'(ଡିଗ୍‌ନିଟିଫର୍‌ଅଲ୍‌ଇନ୍‌ପ୍ରାକ୍ଟିସ୍)।

# ଘୁଞ୍ଚିଲା କଙ୍ଗନାଙ୍କ 'ଏମର୍ଜେନ୍ସି' ରିଲିଜ୍

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଏମର୍ଜେନ୍ସି'ର ରିଲିଜ୍ ତାରିଖ ଘୁଞ୍ଚିଛି। ଏନେଇ କଙ୍ଗନା ନିଜେ ସୂଚନା ଦେଇଛନ୍ତି। ଏବେ କଙ୍ଗନା ତାଙ୍କ ଅପ୍‌କମିଂ ସିନେମା 'ତେଜସ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହା ଭିତରେ ସେ ଫିଲ୍ମ 'ଏମର୍ଜେନ୍ସି'କୁ ନେଇ ଏପରି ସୂଚନା ଦେଇଛନ୍ତି। ଆସନ୍ତା ନଭେମ୍ବର ୨୪ରେ ରିଲିଜ୍ ହେବାକୁ ଥିବା 'ଏମର୍ଜେନ୍ସି' ଆସନ୍ତା ବର୍ଷ ଶେଷ ଆଡ଼କୁ ମୁକ୍ତିଲାଭ ହେବ ବୋଲି ଜଣାପଡ଼ିଛି। ଅତ୍ୟଧିକ କାମ ବ୍ୟସ୍ତତା ଯୋଗୁ ଫିଲ୍ମ ରିଲିଜ୍ ବଦଳାଯାଇଥିବା କଙ୍ଗନା କହିଛନ୍ତି। ସେ କହିଛନ୍ତି, ''ଏହି ଫିଲ୍ମ ମୋ ପୂରା ଜୀବନର ଲର୍ନିଂ ଆଉ ଅର୍ନିଂ। ଏହା ମୋ ପାଇଁ କେବଳ ଏକ ଫିଲ୍ମ ନୁହେଁ, ଜଣେ ମଣିଷ ଭାବେ ଏଥିରେ ମୋର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମୋର ଏହି ଫିଲ୍ମ ଆଉ ଚରିତ୍ରକୁ ବେଶ୍ ଭଲପାଇବା ମିଳିଛି। ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ।'' ଉଲ୍ଲେଖଯୋଗ୍ୟ, ଏହି ସିନେମା ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଉପରେ ଆଧାରିତ। କଙ୍ଗନାଙ୍କୁ ଏହି ଫିଲ୍ମରେ ଇନ୍ଦିରା ଗାନ୍ଧୀ ଭୂମିକାରେ ଦେଖିବାକୁ ମିଳିବ। ସେ ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ମଧ୍ୟ ନେଇଛନ୍ତି।

# ପୂର୍ବତନ ମିସ୍ ୱାର୍ଲ୍ଡ ପ୍ରତିଯୋଗୀ ଶେରିକାଙ୍କ ଦେହାନ୍ତ




ମୁମ୍ବାଇ

ନିକଟରେ ପୂର୍ବତନ ମିସ୍ ୱାର୍ଲ୍ଡ ପ୍ରତିଯୋଗୀ ଶେରିକା ଡି ଆର୍ମାସଙ୍କ ୨୬ ବର୍ଷ ବୟସରେ ଦେହାନ୍ତ ହୋଇଛି। ସେ ୨୦୧୫ରେ ପ୍ରତିଯୋଗିତାରେ ଉରୁଗୁଏର ପ୍ରତିନିଧିତ୍ୱ କରିଥିଲେ। ଶେରିକା ଗର୍ଭାଶୟ କର୍କଟ ରୋଗରେ ପୀଡ଼ିତ ଥିଲେ। ଏନେଇ ତାଙ୍କ ଭାଇ ସୋସିଆଲ ମିଡିଆରେ ଏକ ପୋଷ୍ଟ ଲେଖିଛନ୍ତି, 'ତୁମେ ମୋ ଛୋଟ ଭଉଣୀ ଥିଲ ଆଉ ରହିବ। ତୁମ ସ୍ଥାନ କେହି ନେଇପାରିବେ ନାହିଁ। ଉରୁଗୁଏ ୨୦୨୨ର ମିସ୍ ୟୁନିଭର୍ସ କାର୍ଲା ରୋମେରୋ ଶେରିକାଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି, ଏ ପର୍ଯ୍ୟନ୍ତ ସେ ଯେତେ ମହିଳାଙ୍କୁ ଭେଟିଛନ୍ତି, ସେମାନଙ୍କ ମଧ୍ୟରୁ ଶେରିକା ସବୁଠୁ ସୁନ୍ଦର ଥିଲେ। ୨୦୧୫ରେ ଚାଇନାରେ ଆୟୋଜିତ ହୋଇଥିବା ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଶେରିକା ଶ୍ରେଷ୍ଠ ୩୦ରେ ମନୋନୀତ ହୋଇଥିଲେ। ତା' ପରେ ସେ ଦେଇଥିବା ଏକ ସାକ୍ଷାତ୍‌କାରରେ କହିଥିଲେ, 'ମୁଁ ସବୁବେଳେ ମଡେଲ ହେବାକୁ ଚାହୁଁଥିଲି।' ଯେକୌଣସି ମଡେଲ ହୁଅନ୍ତୁ ନା କାହିଁକି ଫ୍ୟାଶନ ସହ ଜଡ଼ିତ ସମସ୍ତ ଜିନିଷକୁ ସେ ଭଲ ପାଉଥିଲେ।

# ନବଜାତର ଓଜନ ୩୨୮ ଗ୍ରାମ୍



ଲଣ୍ଡନ

ଦୁନିଆରେ ପ୍ରତିଦିନ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ଜନ୍ମ ନେଇଥାନ୍ତି। ସେଥିମଧ୍ୟରୁ କେତେଜଣ ଛୁଆ ବହୁ ହୃଷ୍ଟପୁଷ୍ଟ ତ କେତେଜଣ କମ୍‌ଜୋର ହୋଇଥାନ୍ତି। ନିକଟରେ ବ୍ରିଟେନର ୱେଲ୍ସରେ ଏକ ପିଲା ଜନ୍ମ ହୋଇଛି, ଯାହାର ଓଜନ ମାତ୍ର ୩୨୮ ଗ୍ରାମ୍। ଏହି ପିଲା ଜନ୍ମ ସମୟର ୫ ମାସ ଆଗରୁ ଜନ୍ମ ହୋଇଛି। ଛୁଆର ମା'ଙ୍କ ଗର୍ଭାବସ୍ଥାରେ ଏତେ କଷ୍ଟ ଅନୁଭବ ହେଲା ଯେ, ସେ ହସ୍ପିଟାଲରେ ୪ ମାସରେ ହିଁ ପିଲାକୁ ଜନ୍ମ ଦେଲେ। ଏହା ୱେଲ୍ସର ସବୁଠୁ ଛୋଟ ଜନ୍ମ ହୋଇଥିବା ପିଲା। ତା'ର ନାମ ରବିନ୍ ଚାମ୍ବର୍ସ। ମା' ଚାଣ୍ଟିଲି ଚାମ୍ବର୍ସ ଏବଂ ବାପା ଡାନିଏଲ ଚାମ୍ବର୍ସଙ୍କ କହିବା କଥା, ଯେତେବେଳେ ରବିନ୍ ଜନ୍ମହେବାକୁ ଥିଲା ସେମାନଙ୍କୁ ଜଣାଥିଲା ଯେ ତାଙ୍କ ପିଲା ଛୋଟ ହେବ। ହେଲେ ଏତେ ଛୋଟ ହେବ ବୋଲି ଜଣା ନ ଥିଲା। ରବିନ୍‌ଙ୍କୁ ଏନ୍ୟୁରିନ ବେଭନ ୟୁନିଭର୍ସିଟିର ହେଲ୍‌ଥ ବୋର୍ଡ ୱେଲ୍ସର ସବୁଠୁ ଛୋଟ ଛୁଆ ଭାବେ ଆଖ୍ୟା ଦିଆଯାଇଛି। ପିଲାଟି ଏତେ ଛୋଟ ଜନ୍ମ ହୋଇଛି ଯେ, ସେ ତା' ମା'ଙ୍କ ହାତରେ ଜାଗା ହୋଇଯାଉଛି। ଡାକ୍ତରଙ୍କ କହିବା କଥା, ରବିନ୍ ମାତ୍ର ୨୩ ସପ୍ତାହରେ ହିଁ ଜନ୍ମ ହୋଇଛନ୍ତି। ରବିନ୍ ଯେତେବେଳେ ଜନ୍ମ ହେଲେ ତାଙ୍କୁ ତୁରନ୍ତ ଭେଣ୍ଟିଲେଟରରେ ଭର୍ତ୍ତି କରିବାକୁ ପଡ଼ିଥିଲା। ଏତେ ଛୋଟ ହୋଇଥିବାରୁ ଡାକ୍ତରମାନଙ୍କୁ ତା' ଶିରା ଖୋଜିବାକୁ ବହୁ ସମୟ ଲାଗିଗଲା। ଧୀରେ ଧୀରେ ରବିନ୍‌ର ଓଜନ ବଢୁଛି। ସେ ଏବେ ୩ ମାସର ହୋଇଥିବାବେଳେ ତାଙ୍କ ଓଜନ ବଢ଼ି ୧ କେଜି ହୋଇଯାଇଛି। ଗତ ଜୁଲାଇରେ ଜନ୍ମହୋଇଥିବା ରବିନ୍ ସେବେଠାରୁ ହସ୍ପିଟାଲରେ ହିଁ ଅଛନ୍ତି।

# ଭଲ କରନ୍ତୁ ଶୁଖିଲା କାଶ

**ବହୁଦିନ ଧରି ଶୁଖିଲା କାଶ ଲାଗି ରହୁଥିଲେ ଏଥିରୁ ମୁକ୍ତି ପାଇବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଉପାୟ।**

▶▶ଲଗାତର ଶୁଖିଲା କାଶ ହେଉଥିଲେ ପିଲାଙ୍କୁ ମହୁ ଖାଇବାକୁ ଦିଅନ୍ତୁ। ପ୍ରତିଦିନ ଉଷୁମ ପାଣିରେ ମହୁ ଖାଇଲେ କିଛିଦିନ ପରେ କାଶ ଭଲ ହୋଇଯିବ।



▶▶ଶୁଖିଲା କାଶ ଦୂରକରିବା ପାଇଁ ହଳଦୀ ଅତ୍ୟନ୍ତ ଉପକାରୀ। କ୍ଷୀର କିମ୍ବା ଉଷୁମ ପାଣିରେ ୧ ଚାମଚ ହଳଦୀଗୁଣ୍ଡ, ଅଳ୍ପ ଗୋଲମରିଚ ଗୁଣ୍ଡ ମିଶାଇ ପିଅନ୍ତୁ। ବୟସ୍କ ଲୋକେ ଏହି ମିଶ୍ରଣକୁ ଚା'ରେ ମିଶାଇ ପିଇପାରିବେ।

▶▶ମସଲାଭାବେ ବ୍ୟବହୃତ ହେଉଥିବା ଅଦା ମଧ୍ୟ କାଶ ଭଲ କରିବାରେ ବିଶେଷ ସହାୟକ ହୋଇଥାଏ। ଅଦା ଚା' ତିଆରି କରି ସେଥିରେ ମହୁ ମିଶାଇ ପିଇଲେ କାଶ ସମସ୍ୟା ଦୂର ହୋଇଥାଏ। ତେବେ ପିଲାମାନଙ୍କୁ ଅଦା ମିଶ୍ରି ମିଶାଇ କାଢ଼ା କରି ଦେଇପାରିବେ। ଅଦାକୁ ଲୁଣ ସହ ମିଶାଇ ଧୀରେ ଧୀରେ ଚୋବାଇ ଖାଇଲେ ମଧ୍ୟ କାଶ କମ୍ ହୋଇଥାଏ।

▶▶ପିପ୍ପଳି ଗୁଣ୍ଡକୁ ମହୁ ସହ ମିଶାଇ ପ୍ରତିଦିନ ଖାଆନ୍ତୁ। କିଛିଦିନ ପରେ ଶୁଖିଲା କାଶ ଭଲ ହୋଇଯିବ।

▶▶ଚା'ରେ କିଛି ପୁଦିନାପତ୍ର ମିଶାଇ ପିଅନ୍ତୁ। କାଶ ଦୂରକରିବା ପାଇଁ ଏହା ଏକ ଉପାୟ ଭଳି କାମ ଦେବ।

# ଗାର୍ଡେନ ଲୁକ୍

**ଘରର ବାଲ୍‌କୋନିକୁ ଗାର୍ଡେନ ଲୁକ୍ ଦେଇ ଏକ ସମୟରେ ଆପଣ ସୌନ୍ଦର୍ଯ୍ୟ ବଢ଼ାଇବା ସହ ସବୁଜିମା ସୃଷ୍ଟି କରିପାରିବେ। ଏଥିପାଇଁ ଜାଣିରଖନ୍ତୁ କିଛି ଟିପ୍ସ।**

▶▶ବାଲ୍‌କୋନିର ଚାରିକଡ଼ରେ ଫୁଲକୁଣ୍ଡ ରଖି ସେଥିରେ ଗଛ ଲଗାନ୍ତୁ। ଯଦି ରେଲିଂ ରହିଥାଏ ସେଥିରେ ମଧ୍ୟ କୁଣ୍ଡ ରଖନ୍ତୁ।

▶▶ବାଲ୍‌କୋନିରେ ସିଜନାଲ ଗଛ ଲଗାନ୍ତୁ ଓ ଫୁଲଗଛ ଥିବା କୁଣ୍ଡଗୁଡ଼ିକୁ ଏଭଳି ସ୍ଥାନରେ ରଖନ୍ତୁ ଯେପରି ଖରା ପଡୁଥିବ।

▶▶ସୁନ୍ଦର ଦେଖାଯିବ ଭାବି ଅଧିକ ଫୁଲକୁଣ୍ଡ ରଖନ୍ତୁ ନାହିଁ। ବରଂ ସୁନ୍ଦର ଆକାରର ଅଳ୍ପ କୁଣ୍ଡ ରଖି ସେଥିରେ ଫୁଲଗଛ ଲଗାନ୍ତୁ।

▶▶ବାଲ୍‌କୋନିରେ କେଉଁ ଗଛ ଲଗାଇବେ ତାହା ମଧ୍ୟ ଠିକ୍‌ଭାବେ ବିଚାର କରନ୍ତୁ। କାରଣ ସେଠାକୁ କେତେ ସମୟ ଖରା ପଡୁଛି ଏବଂ ସେହି ଅନୁସାରେ କେଉଁ ଗଛ ଭଲ ବଢ଼ିପାରିବ ଓ ସୁନ୍ଦର ଦେଖାଯିବ ସେନେଇ ନର୍ସରିରେ ପରାମର୍ଶ କରି ଗଛ ଚୟନ କରନ୍ତୁ।



▶▶ବାଲ୍‌କୋନି ଯଦି ବଡ଼ ହୋଇଥାଏ ତେବେ ଗୋଟିଏ ପଟରେ ଗଛ ଲଗାନ୍ତୁ ଅନ୍ୟପଟେ ଆପଣ ବସିପାରିବେ ଓ ସୁନ୍ଦର ସ୍ଥାନକୁ ଉପଭୋଗ କରିପାରିବେ।

▶▶ଝରକା ପାଖରେ କୌଣସି ଗଛ ରଖନ୍ତୁ ନାହିଁ। ଟିକେ ଦୂରରେ ହିଁ ରଖନ୍ତୁ।

▶▶ବାଲ୍‌କୋନିରେ ଥିବା ଗଛରେ ଠିକ୍ ସମୟରେ ପାଣି ଦିଅନ୍ତୁ ଓ ଗଛରେ କୌଣସି ପୋକ ଲାଗିବା ମାତ୍ରେ ତୁରନ୍ତ କୀଟନାଶକ ପକାନ୍ତୁ।






# ପୂଜା ପାଇଁ...

**ପାର୍ବଣରେ ଘର ଉତ୍ସବମୁଖର ହେବା ଯୋଗୁ ଗୃହିଣୀଙ୍କ ଦାୟିତ୍ୱ ବେଶ୍ ବଢ଼ିଯାଏ। ଗୋଟିଏ ପଟେ ଘରକାମ ତ ଅନ୍ୟପଟେ ବୁଲାବୁଲି ଓ ମାର୍କେଟିଂ। ତେବେ ବାହାରକୁ ବୁଲିବାକୁ ଯିବା ପୂର୍ବରୁ କେଉଁ ସବୁ ଦିଗ ପ୍ରତି ସତର୍କ ରହିବେ ସେକଥା ଜାଣିବା ନିହାତି ଦରକାର...**



ଦଶହରା ପାଇଁ ସ୍କୁଲ କଲେଜ ସବୁ ଛୁଟି ରହିଥାଏ। ତା' ସାଙ୍ଗକୁ ଘରକୁ ବନ୍ଧୁବାନ୍ଧବ ବି ଆସିଥା'ନ୍ତି। ତେଣୁ ଖିଆପିଆ ସାଙ୍ଗକୁ ବୁଲାବୁଲି ତ ନିଶ୍ଚୟ କରିବାକୁ ହେବ। ତେବେ ସେ ଶପିଂ ହେଉ କି ମେଢ଼ ଦେଖା, ଯେଉଁଠିକୁ ଗଲେ ବି ପ୍ରସ୍ତୁତ ହୋଇ ଯିବାକୁ ହେବ। ନଚେତ୍ ହସଖୁସିର ପରିବେଶ ଟେନ୍‌ସନରେ ବଦଳିଯିବାକୁ ବେଶି ସମୟ ଲାଗିବ ନାହିଁ। ତେଣୁ ବୁଲିବାକୁ ଯିବା ସମୟରେ କେଉଁ ସବୁ ଦିଗ ପ୍ରତି ନିହାତି ଦୃଷ୍ଟିଦେବାକୁ ହେବ ସେସବୁ ନେଇ ଆଗୁଆ ପ୍ରସ୍ତୁତି କରିବାକୁ ହେବ।

**ଭିଡ଼ ନ ଥିବାବେଳେ:** ଦଶହରା ପାଇଁ ଯଦି ବୁଲିବାକୁ ବାହାରିଛନ୍ତି ତେବେ ବେଶି ଗହଳି ହେଉଥିବା ସମୟରେ ଯାଆନ୍ତୁ ନାହିଁ। ପ୍ରାୟତଃ ସନ୍ଧ୍ୟା ସମୟରେ ହିଁ ଅଧିକ ଭିଡ଼ ହୋଇଥାଏ। ତେଣୁ ସନ୍ଧ୍ୟା ହେବା ପୂର୍ବରୁ କିମ୍ବା ପରେ ବୁଲିବାକୁ ଯିବା ହିଁ ବୁଦ୍ଧିମାନର ବିଷୟ ହେବ। ଅତ୍ୟଧିକ ଭିଡ଼ ଥିବା ସମୟରେ ବୁଲିବାକୁ ଗଲେ ବୁଲିବାର ମଜା ନେଇ ହେବ ନାହିଁ। ବରଂ ଭିଡ଼ ଭିତରୁ କିଭଳି ଶୀଘ୍ର ବାହାରକୁ ଯିବେ ସେଥିପାଇଁ ଉପାୟ ଚିନ୍ତା କରିବାରେ ଅଧିକ ସମୟ ଚାଲିଯିବ। ତେଣୁ ବାହାରର ସ୍ଥିତିକୁ ଲକ୍ଷ୍ୟକରି କମ୍ ଗହଳି ହେଉଥିବା ସମୟରେ ହିଁ ବୁଲିବାକୁ ଯାଆନ୍ତୁ। ଏହା ବ୍ୟତୀତ ଗହଳି ସ୍ଥାନକୁ କାର୍ ନେଇ ଯିବା ବଦଳରେ ୨ଚକିଆ ଯାନରେ ଯିବା ହିଁ ଅଧିକ ସୁବିଧା ହୋଇଥାଏ। ତେଣୁ ପରିସ୍ଥିତିକୁ ଦେଖି କେଉଁଥିରେ ଯିବେ ନିଷ୍ପତ୍ତି ନିଅନ୍ତୁ।



**ଖାଇବା ନିଷ୍ପତ୍ତି:** ବୁଲାବୁଲି କରିବାକୁ ଯିବାବେଳେ ଘରେ ଖାଇବା ପ୍ରସ୍ତୁତ କରିବେ କି ବାହାରେ ଖାଇବେ ସେନେଇ ପୂର୍ବରୁ ବିଚାର କରି ନିଅନ୍ତୁ। ସେହି ଅନୁସାରେ ବୁଲିବାକୁ ଯିବା ପୂର୍ବରୁ ଘରେ ଖାଇବା ପ୍ରସ୍ତୁତ କରି ରଖି ଦିଅନ୍ତୁ। ନଚେତ୍ ବୁଲିବା ପରେ ଘରକୁ ଫେରି ହାଲିଆ ହୋଇ ହୁଏତ ସମସ୍ତଙ୍କ ପାଇଁ ଭୋଜନ ପ୍ରସ୍ତୁତ କରିପାରିବେ ନାହିଁ। ଏହା ବ୍ୟତୀତ ଘରେ ଯଦି ଅନ୍ୟ ବୟସ୍କ ବ୍ୟକ୍ତି ଥାନ୍ତି ତେବେ ସେମାନଙ୍କ ଭୋଜନ ପାଇଁ ବି ବ୍ୟବସ୍ଥା କରିଯାଆନ୍ତୁ।

**କମ୍ ଜିନିଷ:** ପାର୍ବଣ ସମୟରେ ବୁଲିବାକୁ ଯାଉଥିଲେ ସାଙ୍ଗରେ କମ୍ ଜିନିଷ ନେଇ ଯାଆନ୍ତୁ। ନିଜର ସୁରକ୍ଷା ଦୃଷ୍ଟିରୁ ସୁନାଗହଣା ପିନ୍ଧି ବାହାରନ୍ତୁ ନାହିଁ। ଏହା ସହ ସାଙ୍ଗରେ ପିଲାମାନଙ୍କୁ ନେଇ ଯାଉଥିଲେ ସେମାନଙ୍କ ପାଇଁ ନିହାତି ଆବଶ୍ୟକ ଜିନିଷ ନିଅନ୍ତୁ। ଯଦି ଦୂର ସ୍ଥାନକୁ ବୁଲିବାକୁ ଯାଉଥାନ୍ତି ତେବେ ସବୁ ଜିନିଷ ଦାୟିତ୍ୱରେ ରଖିବାର ବ୍ୟବସ୍ଥା କରନ୍ତୁ। ଏହା ବ୍ୟତୀତ କେଉଁଠି ରହିବେ ଓ କେଉଁ ସ୍ଥାନକୁ ଯିବେ ସେନେଇ ଆଗରୁ ସବୁକିଛି ସ୍ଥିର କରନ୍ତୁ। ନଚେତ୍ ଶେଷ ମୁହୂର୍ତ୍ତରେ ହୁଏତ ଠକାମିର ଶିକାର ହୋଇପାରନ୍ତି।

## ଏମାନେ କ'ଣ କରନ୍ତି



**ବହୁ ସମୟ ବାହାରେ ବୁଲିବୁ:** ମତେ ତ ବୁଲାବୁଲି କରିବାକୁ ବହୁତ ଭଲ ଲାଗେ। ସେଥିପାଇଁ ମୁଁ ଖାଲି ସୁଯୋଗ ଖୋଜୁଥାଏ। ଆଉ ଦଶହରାରେ ଘରକୁ ନଣନ୍ଦଙ୍କ ପରିବାର ଓ ମାମୁଘର ଲୋକେ ବି ଆସନ୍ତି। ତେଣୁ ସବୁଦିନ ସନ୍ଧ୍ୟାରେ ଆମେ ବୁଲିବାକୁ ଯାଉ। ପ୍ରଥମେ ପିଲାଙ୍କୁ ସନ୍ଧ୍ୟାରେ ନେଇ ବୁଲାବୁଲି ଓ ଖିଆପିଆ କରାଇ ଆଣିବା ପରେ ଆମେ ଟିକେ ଡେରିରେ ଯାଉ। ବହୁତ ଭଲ ଲାଗେ। ବାହାରେ ବୁଲି ଖିଆପିଆ କରି ଢେର୍ ସମୟ ପରେ ଘରକୁ ଫେରୁ। ସେଥିପାଇଁ ଘରକାମ ସବୁ ଆଗୁଆ ସାରି ଦେଇଯାଏ। *– ମମତା ଜେନା, ଗୃହିଣୀ, ବରଗଡ଼ ବ୍ରିଟ୍ କଲୋନି, ଭୁବନେଶ୍ୱର*



**ପୂଜା ସାଙ୍ଗକୁ ବୁଲିବାର ମଜା ଅଲଗା:** ନବରାତ୍ରିରେ ଘରେ ପୂରା ବିଧିବିଧାନରେ ପୂଜାକରେ। ପୂଜା ଶେଷ ଦିନ ପିଲାଙ୍କୁ ଡାକି ଖାଇବାକୁ ଦିଏ ଓ ଗିଫ୍ଟ ଦିଏ। ପୂଜା ପାଇଁ ପିଠାପଣା ବି ହୁଏ। ଏସବୁ ପରେ ପାଣିପାଗ ଦେଖି କଟକ ଓ ଭୁବନେଶ୍ୱର ବୁଲି ମେଢ଼ ଦେଖିବୁ। ସ୍ୱାମୀ ଓ ନଣନ୍ଦଙ୍କ ସହ ଏଥର ବୁଲିବାକୁ ଯିବୁ। ଆମେ ବହୁତ ଜିନିଷ କିଣିବୁ ବୋଲି ପ୍ଲାନ୍ ବି କରିଛୁ। ଭୁବନେଶ୍ୱରରେ ମୋ ଭଉଣୀ ଭିଣୋଇ ଓ ଅନ୍ୟମାନେ ରହୁଛନ୍ତି। ସେଠି ସମସ୍ତେ ସାଙ୍ଗହୋଇ ବୁଲିବାକୁ ଯିବୁ ଓ ଖିଆପିଆ କରିବୁ। ବର୍ଷର ଏହି ଗୋଟିଏ ଉତ୍ସବରେ ସମସ୍ତେ ଏକାଠି ହୋଇ ବାହାରକୁ ଯାଉ ବୋଲି ଖୁବ୍ ମଜା ଲାଗେ। ମାଆଙ୍କ ପୂଜା ସାଙ୍ଗକୁ ଚାରିଆଡେ ପାର୍ବଣର ଗୋଟେ ଭିନ୍ନ ପରିବେଶରେ ବୁଲିବାର ସ୍ୱତନ୍ତ୍ର ଆକର୍ଷଣ ରହିଥାଏ। *– ସ୍ମୃତିରେଖା ପଟ୍ଟନାୟକ, ଗୃହିଣୀ, ସିଡିଏ, ସେକ୍ଟର ୬, କଟକ*



**ସମସ୍ତଙ୍କ ସହ ବୁଲିବାକୁ ଯିବୁ:** ଦଶହରା ପାଇଁ ଆମର କିଣାକିଣି ପ୍ରାୟ ସରିଗଲାଣି। ଘର ପାଇଁ ଓ ପିଲାଙ୍କ ପାଇଁ ସବୁ କିଣାକିଣି ସରି ଯାଇଛି। କାହିଁକିନା ଦଶହରା ବେଳକୁ ସବୁଆଡ଼ ଅଧିକ ଗହଳି ହେବ ବୋଲି ଆମେ ଆଗୁଆ ଶପିଂ କରିସାରିଛୁ। ବାକି ଘରକୁ ବନ୍ଧୁବାନ୍ଧବ ଆସିବେ, ସେମାନଙ୍କ ପାଇଁ କିଛି କିଣାକିଣି ସାଙ୍ଗକୁ ବୁଲାବୁଲି କରିବାର ପ୍ଲାନ୍ ରହିଛି। ସମସ୍ତେ ମିଶି ବାହାରେ ଖିଆପିଆ କରି ମଜାକରିବୁ। ବର୍ଷକୁ ଥରେ ଏହି ପୂଜାରେ ବୁଲାବୁଲି ନ କଲେ ଭଲ ଲାଗିବ ନାହିଁ। ତା' ଛଡ଼ା ମତେ ଘର ସଜାଇବାକୁ ବେଶି ଭଲ ଲାଗେ। ସେଥିପାଇଁ କୌଣସି ଉତ୍ସବରେ ଘରକୁ ବନ୍ଧୁବାନ୍ଧବ ଆସିଲେ ବହୁତ ଭଲଲାଗେ। ସେମାନଙ୍କ ସହ ଦଶହରା ଛୁଟି ବେଶ୍ ଖୁସିରେ କଟିଯାଏ। *– ବିଶ୍ୱବନ୍ଦିତା ମହାନ୍ତି, ଗୃହିଣୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର*



**ପିଲାମାନେ ଖୁସି ହୁଅନ୍ତି:** ବୁଲିବାକୁ ଯିବା ମୋ ପାଇଁ ଭାରି କଷ୍ଟ କାମ। ଗହଳି ଭିତରେ ପିଲାଙ୍କୁ ଧରି ସବୁବେଳେ ସତର୍କ ରହିବାକୁ ହୋଇଥାଏ। ସେଥିରେ ପୁଣି କିଏ କୁଆଡ଼େ ଯେମିତି ହଜି ନ ଯିବ ସେଥିପାଇଁ ବି ଜଗିବାକୁ ହୁଏ। ଖାଲି ପିଲାମାନଙ୍କ ଖୁସି ପାଇଁ ଯାହା ବାଧ୍ୟରେ ବୁଲିବାକୁ ଯାଏ। କମ୍ ଭିଡ଼ ହେବ ଭାବି ଆମେ ସମସ୍ତେ ଦୁର୍ଗାଷ୍ଟମୀ ଦିନ ହିଁ ବୁଲିବାକୁ ଯାଉ। ସେଦିନ ବାହାରେ ଖାଇପିଇ ଡେରିରେ ଘରକୁ ଫେରୁ। ଘରକୁ ଆସିବା ପରେ ସମସ୍ତେ ଫ୍ରେଶ୍ ହୋଇ ଶୋଇପଡୁ। ବାକି ଦିନ ସବୁ ଘରେ ଭଲ ଭଲ ଖାଇବା ତିଆରି କରେ ଆଉ ବାହାରୁ ବି ଖାଇବା ମଗାହୁଏ। ପିଲାମାନେ ଦଶହରାକୁ ଖୁବ୍ ଏନ୍‌ଜଏ କରନ୍ତି। ବେଳେବେଳେ ସେମାନେ ରାବଣପୋଡ଼ି ଓ ବାଣଫୁଟା ଦେଖିବା ପାଇଁ ବି ଯାଆନ୍ତି। *– ସୁଜାତା ଜେନା, ଗୃହିଣୀ, ବେଣ୍ଣୁପୁର, ବାଲିଅନ୍ତା, ଭୁବନେଶ୍ୱର*





## ସୌନ୍ଦର୍ଯ୍ୟ

# ସୁନ୍ଦର କେଶ

**ଘନ କେଶ ମହିଳାଙ୍କ ସୌନ୍ଦର୍ଯ୍ୟକୁ ଢେର୍ ଗୁଣ ବଢ଼ାଇ ଦେଇଥାଏ। ତେବେ କେଶକୁ ଗହଳିଆ କରିବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଉପାୟ।**

▶▶ଭଲ କେଶ ପାଇଁ ସର୍ବପ୍ରଥମେ ନିଜ ଖାଦ୍ୟପେୟ ଉପରେ ଧ୍ୟାନ ଦିଅନ୍ତୁ। ଆଇରନ୍, ଭିଟାମିନ୍- ଡି, ଆମିନୋ ଏସିଡ୍, ଫୋଲେଟ୍, ଭିଟାମିନ୍- ବି ୧୨ ଏବଂ ସେଲେନିୟମ୍ ଥିବା ଖାଦ୍ୟ ଖାଆନ୍ତୁ।

▶▶କେଶକୁ ଅଧିକ ଟାଇଟ୍ କରି ବାନ୍ଧନ୍ତୁ ନାହିଁ। ଏପରି କଲେ କେଶ ଅଧିକ ଉପୁଡ଼ିଯାଏ।

▶▶କେଶ ଅଧିକ ଅଏଲି ହୋଇଥିଲେ ସପ୍ତାହକୁ ଦୁଇଥର ଧୁଅନ୍ତୁ।

▶▶ଲମ୍ୱା କେଶ ହୋଇଥିଲେ ମୂଳକୁ ହିଁ ଭଲଭାବେ ଧୋଇବା ଉପରେ ଅଧିକ ଧ୍ୟାନ ଦିଅନ୍ତୁ।

▶▶ଶାମ୍ପୁ କରିବା ପରେ କଣ୍ଡିସନର ନିଶ୍ଚୟ କରନ୍ତୁ।





▶▶ପ୍ରଦୂଷଣରୁ କେଶକୁ ରକ୍ଷା କରନ୍ତୁ। ତେଣୁ ବାହାରକୁ ବାହାରିବା ସମୟରେ କେଶକୁ ଘୋଡ଼ାଇ ବାହାରନ୍ତୁ।

▶▶ନଡ଼ିଆ ତେଲ କିମ୍ବା ଅନ୍ୟ ଯେକୌଣସି ତେଲ ମାଲିସ୍ କରନ୍ତୁ ଏବଂ ପ୍ରତିଦିନ ମୁଣ୍ଡ କୁଣ୍ଡାନ୍ତୁ।

▶▶କେଶକୁ ଅଧିକ ଘନ କରିବା ପାଇଁ ଅଣ୍ଡା ଲଗାନ୍ତୁ। କେଶର ଲମ୍ୱ ଅନୁସାରେ ଗୋଟିଏ କିମ୍ବା ଦୁଇଟି ଅଣ୍ଡାକୁ ଫେଣ୍ଟି କେଶ ମୂଳରେ ଲଗାଇ ଦିଅନ୍ତୁ। ଅଧଘଣ୍ଟା ରଖିବା ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ।

▶▶ଅଲିଭ୍ ଅଏଲ୍ ଲଗାଇ ଅତିକମ୍‌ରେ ଅଧଘଣ୍ଟା ରଖିବା ପରେ ଶାମ୍ପୁ କରନ୍ତୁ।

▶▶ମେଥିକୁ ଲଗାଇଲେ ବି କେଶ ଘନ ହୋଇଥାଏ। ରାତିରୁ ମେଥି ଭିଜାଇ ସକାଳେ ତାକୁ ଗ୍ରାଇଣ୍ଡିଂ କରି କେଶ ମୂଳରେ ଲଗାନ୍ତୁ। ୧୦ ରୁ ୧୫ ମିନିଟ୍ ରଖିବା ପରେ ଶାମ୍ପୁ କରି ଦିଅନ୍ତୁ।

▶▶ଘନ କେଶ ନିମନ୍ତେ କେଶ ମୂଳରେ ଆଲୋଭେରା ଜେଲ୍ ଲଗାନ୍ତୁ।

▶▶କେଶ ଓଦା ଥିବା ସମୟରେ କୁଣ୍ଡାନ୍ତୁ ନାହିଁ। ସବୁବେଳେ ହେୟାର ଡ୍ରାୟର ବ୍ୟବହାର କରନ୍ତୁ ନାହିଁ।

## ଖାଦ୍ୟରୁଚି

# ପନିର ଭୁର୍ଜି

**ଆବଶ୍ୟକ ସାମଗ୍ରୀ–**

ପନିର– ୨୫୦ ଗ୍ରାମ୍, ଟମାଟୋ– ୪ଟି, ଅଦା– ୧ ଚାମଚ (କଟା), କଞ୍ଚାଲଙ୍କା– ୩ଟି, ହଳଦୀ– ୧ ଛୋଟ ଚାମଚ, ଧନିଆଗୁଣ୍ଡ– ୧ ଛୋଟ ଚାମଚ, ଜୀରା ଗୁଣ୍ଡ– ୧ ଛୋଟ ଚାମଚ, ଲଙ୍କାଗୁଣ୍ଡ ଅଳ୍ପ, ଗରମ ମସଲା ଗୁଣ୍ଡ– ଅଧା ଛୋଟ ଚାମଚ, କସ୍ତୁରୀ ମେଥି– ୧ ଛୋଟ ଚାମଚ, ଧନିଆପତ୍ର– ଅଳ୍ପ, ଆବଶ୍ୟକ ଅନୁସାରେ ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ–**

ପ୍ରଥମେ ପନିରକୁ ଛୋଟ ଛୋଟ ଖଣ୍ଡ କରି ରଖନ୍ତୁ। ଏହାପରେ ଟମାଟୋ, କଞ୍ଚାଲଙ୍କା ଓ ଅଦାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଗ୍ୟାସ୍‌ରେ କଡ଼େଇ ଗରମ କରି ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେବା ପରେ ସେଥିରେ ଟମାଟୋ ପେଷ୍ଟ ପକାଇ କଷନ୍ତୁ। ଅଳ୍ପ କଷି ହୋଇଯିବା ପରେ ସେଥିରେ ଲୁଣ, ହଳଦୀ ଓ ସମସ୍ତ ମସଲା ଗୁଣ୍ଡ ପକାଇ ପୁଣି କିଛି ସମୟ କଷନ୍ତୁ। ଏବେ ଏଥିରେ କିଛି ପାଣି ଦେଇ ଭଲଭାବେ କଷିବା ପରେ ପନିର ପକାନ୍ତୁ। ପନିରକୁ ଭଲଭାବେ ମିଶାଇ କିଛି ସମୟ ପରେ ଓହ୍ଲାଇ ଦିଅନ୍ତୁ। ଏବେ ସେଥିରେ ଧନିଆପତ୍ର କାଟି ପକାନ୍ତୁ। ବିନା ପିଆଜ ରସୁଣରେ ପ୍ରସ୍ତୁତ ଏହି ପନିର ଭୁର୍ଜିକୁ ଉଭୟ ଭାତ କିମ୍ବା ରୁଟି ସହ ଖାଇହେବ।




ପ୍ଲେୟର ଅଫ୍ ଦି ମ୍ୟାଚ ଆଡାମ ଜାମ୍ପା।

# ଅଷ୍ଟ୍ରେଲିଆର ପ୍ରଥମ ବିଜୟ

**ଲକ୍ଷ୍ନୌ, ୧୬।୧୦**

ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ପରେ ବ୍ୟାଟରଙ୍କ ମିଳିତ ଅବଦାନ ବଳରେ ଅଷ୍ଟ୍ରେଲିଆ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୫ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଭଲ ଆରମ୍ଭ ସତ୍ତ୍ୱେ ଶ୍ରୀଲଙ୍କା ଇନିଂସ ୪୩.୩ ଓଭରରେ ୨୦୯ ରନରେ ସୀମିତ ରହିଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲେ ମଧ୍ୟ ୩୫.୨ ଓଭରରେ ୫ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରି ନେଇଥିଲା। ନିଜର ପ୍ରଥମ ୨ଟି ମ୍ୟାଚରେ ଯଥାକ୍ରମେ ଭାରତ ଓ ଦକ୍ଷିଣ ଆଫ୍ରିକାଠାରୁ ହାରିଥିବା ଅଷ୍ଟ୍ରେଲିଆର ୩ ମ୍ୟାଚରୁ ଏହା ପ୍ରଥମ ବିଜୟ। ଅନ୍ୟପକ୍ଷରେ ଶ୍ରୀଲଙ୍କାର ଏହା କ୍ରମାଗତ ତୃତୀୟ ପରାଜୟ। ପୂର୍ବ ୨ ମ୍ୟାଚରେ ଏହି ଦଳ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନଠାରୁ ପରାସ୍ତ ହୋଇଥିଲା।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଶ୍ରୀଲଙ୍କା। ଦୁଇ ଓପନର ପଥୁମ ନିଶଙ୍କା ଓ କୁସାଲ ପେରେରା ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ୧୩୦ ବଲ୍‌ରୁ ୧୨୫ ରନ ସଂଗ୍ରହ ପରେ ୨୨ତମ ଓଭରର ୪ର୍ଥ ବଲ୍‌ରେ ନିଶଙ୍କାଙ୍କୁ ଡେଭିଡ ୱାର୍ନରଙ୍କ ହାତରେ କ୍ୟାଚ କରାଇ ଅଷ୍ଟ୍ରେଲିଆକୁ ବ୍ରେକ୍ ଥ୍ରୁ ଦେଇଥିଲେ ଅଧିନାୟକ ପ୍ୟାଟ୍ କୁମିନ୍ସ। ଏହାର ୪ ଓଭର ପରେ ପେରେରାଙ୍କୁ କୁମିନ୍ସ ଆଉଟ କରିବାପରେ ଶ୍ରୀଲଙ୍କା ଆଶ୍ଚର୍ଯ୍ୟଜନକ ଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ନିଶଙ୍କା ୬୭ ବଲ୍‌ରୁ ୬୧ (୮ ଚୌକା) ଓ ପେରେରା ୮୨ ବଲ୍‌ରୁ ୭୮ (୧୨ ଚୌକା) ରନ କରି ଆଉଟ ହେବାପରେ ଶ୍ରୀଲଙ୍କା ଇନିଂସ ଭୁଶୁଡ଼ି ପଡ଼ିଥିଲା। ଦଳର ୮ ଜଣ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଫଳରେ ଏକଦା ୧୫୭/୧ କରିଥିବା ଶ୍ରୀଲଙ୍କା ୨୦୯ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଅର୍ଥାତ୍ ୯୨ ରନରେ ଦଳର ୯ଟି ଉଇକେଟ ପଡ଼ି ଯାଇଥିଲା। ଫଳରେ ଶ୍ରୀଲଙ୍କା ପୂରା ୫୦ ଓଭର ଖେଳିବା ସମ୍ଭବ ହୋଇ ନ ଥିଲା। ୪୩.୩ ଓଭରରେ ଦଳର ଇନିଂସ ଶେଷ ହୋଇ ଯାଇଥିଲା। ମିଡିଲ ଅର୍ଡରରେ କେବଳ ଚରିଥ ଆସାଲଙ୍କା ଦୁଇଅଙ୍କ ଛୁଇଁ ୨୫ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଡାମ ଜାମ୍ପା ୮ ଓଭର ବୋଲିଂ କରି ଗୋଟିଏ ମେଡେନ ସହ ୪୭ ରନ ବିନିମୟରେ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ମିଚେଲ ଷ୍ଟାର୍କ ଓ ପ୍ୟାଟ୍ କୁମିନ୍ସ ୨ଟି ଲେଖାଏ ଏବଂ ଗ୍ଲେନ ମ୍ୟାକ୍ସୱେଲ ଗୋଟିଏ ଉଇକେଟ ନେଇଥିଲେ। ଏହାକୁ ମିଶାଇ ଜାମ୍ପା ଦିନିକିଆରେ ୧୦ ଥର ୪ ଉଇକେଟ ସଫଳତା ପାଇଥିଲେ। ଅଷ୍ଟ୍ରେଲୀୟ ବୋଲରଙ୍କ ମଧ୍ୟରେ ଶେନ ୱର୍ନ ୧୩ ଥର ୪ ଉଇକେଟ ନେଇ ଏହି ତାଲିକାର ଶୀର୍ଷରେ ଅଛନ୍ତି। ୩୨.୧ ଓଭରରେ ଶ୍ରୀଲଙ୍କା ସ୍କୋର ୧୭୮/୪ ଥିବାବେଳେ ବର୍ଷା ପବନ ଯୋଗୁ କିଛି ସମୟ ଖେଳ ବାଧାପ୍ରାପ୍ତ ହୋଇଥିଲା। ଏଥିରେ ଅନେକ ବିଜ୍ଞାପନ ହୋର୍ଡିଂ ଉଡି ଯାଇଥିଲା।

୨୧୦ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ ମାତ୍ର ୨୪ ରନରେ ଡେଭିଡ ୱାର୍ନର (୧୧) ଓ ଷ୍ଟିଭ୍ ସ୍ମିଥ୍ (୦)ଙ୍କ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ତେବେ ମିଚେଲ ମାର୍ଶ ଓ ମାର୍ନସ ଲାବୁସେନ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳି ନେଇଥିଲେ। ତୃତୀୟ ଉଇକେଟରେ ୫୬ ରନର ଭାଗୀଦାରି ପରେ ମାର୍ଶ ଅର୍ଦ୍ଧଶତକ ହାସଲ କରି ରନ୍‌ଆଉଟ ହୋଇ ଯାଇଥିଲେ। ସେ ୫୧ ବଲ୍‌ରୁ ୫୨ (୯ଚୌକା) ରନ କରିଥିଲେ। ମାର୍ନସ ଲାବୁସେନ ୪୦ ରନକରି ଆଉଟ ହୋଇଥିବାବେଳେ ଜୋଶ୍ ଇନ୍‌ଗ୍ଲିସ ଅର୍ଦ୍ଧଶତକ ପୂରଣ କରି ଦଳକୁ ବିଜୟ ଦିଗରେ ଅଗ୍ରସର କରାଇଥିଲେ। ସେ ୫୯ ବଲ୍‌ରୁ ୫୮ ରନ କରି ଆଉଟ ହେବା ବେଳକୁ ଅଷ୍ଟ୍ରେଲିଆ ସ୍କୋର ୧୯୨ରେ ପହଞ୍ଚି ସାରିଥିଲା। ଗ୍ଲେନ ମ୍ୟାକ୍ସୱେଲ ୨୧ ବଲ୍‌ରୁ ୩୧ (୪ ଚୌକା, ୨ ଛକା) ଓ ମାର୍କସ ଷ୍ଟୋଇନିସ ୧୦ ବଲ୍‌ରୁ ୨୦ (୨ ଚୌକା, ୧ ଛକା) ରନରେ ଅପରାଜିତ ରହି ୮୮ ବଲ୍ ବାକିଥାଇ ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ। ଶ୍ରୀଲଙ୍କା ବୋଲରଙ୍କ ମଧ୍ୟରେ ଦିଲସାନ ମଦୁଶଙ୍କା ୩ଟି ଓ ଦୁନିଥ ୱେଲାଲାଗେ ଗୋଟିଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଶ୍ରୀଲଙ୍କା ୪୩.୩ ଓଭରରେ ୨୦୯/ଅଲ୍‌ଆଉଟ (କୁସାଲ ପେରେରା–୭୮, ପଥୁମ ନିଶଙ୍କା–୬୧, ଆଡାମ ଜାମ୍ପା–୪/୪୭, ମିଚେଲ ଷ୍ଟାର୍କ–୨/୪୩, ପ୍ୟାଟ୍ କୁମିନ୍ସ–୨/୩୨, ଗ୍ଲେନ ମ୍ୟାକ୍ସୱେଲ–୧/୩୬)। ଅଷ୍ଟ୍ରେଲିଆ ୩୫.୨ ଓଭରରେ ୨୧୫/୫ (ଜୋଶ ଇନ୍‌ଗ୍ଲିସ–୫୮, ମିଚେଲ ମାର୍ଶ–୫୨, ମାର୍ନସ ଲାବୁସେନ–୪୦, ଦିଲସାନ ମଦୁଶଙ୍କା–୩/୩୮, ଦୁନିଥ ୱେଲାଲାଗେ–୧/୫୩)।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୩ | ୩ | ୦ | ୬ | +୧.୮୨୧ |
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୬ | +୧.୬୦୪ |
| ଦକ୍ଷିଣ ଆଫ୍ରିକା | ୨ | ୨ | ୦ | ୪ | +୨.୩୬୦ |
| ପାକିସ୍ତାନ | ୩ | ୨ | ୧ | ୪ | −୦.୧୩୭ |
| ଇଂଲଣ୍ଡ | ୩ | ୧ | ୨ | ୨ | −୦.୦୮୪ |
| ଆଫଗାନିସ୍ତାନ | ୩ | ୧ | ୨ | ୨ | −୦.୬୫୨ |
| ବାଂଲାଦେଶ | ୩ | ୧ | ୨ | ୨ | −୦.୬୯୯ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୨ | −୦.୭୩୪ |
| ଶ୍ରୀଲଙ୍କା | ୩ | ୦ | ୩ | ୦ | −୧.୫୩୨ |
| ନେଦରଲାଣ୍ଡ୍ସ | ୨ | ୦ | ୨ | ୦ | −୧.୮୦୦ |


ଡାଇଭ୍ ମାରି ଚିତ୍ତାକର୍ଷକ କ୍ୟାଚ ନେବା ଅବସରରେ ଅଷ୍ଟ୍ରେଲିଆର ଡେଭିଡ ୱାର୍ନର।

# ମ୍ୟାଚ୍ ବେଳେ ଷ୍ଟାଡିୟମରୁ ଖସିଲା ହୋର୍ଡିଂ

**ଲକ୍ଷ୍ନୌ, ୧୬।୧୦(ପି.ଟି.)**

ସୋମବାର ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା ବିଶ୍ୱକପ୍ ମ୍ୟାଚ୍ ବେଳେ ଜୋର୍‌ରେ ପବନ ବହିବାରୁ ଏକାନା ଷ୍ଟାଡିୟମର ଛାତ ଉପରୁ ବହୁ ହୋର୍ଡିଂ ତଳେ ଥିବା ଆସନଗୁଡ଼ିକ ଉପରେ ଖସିପଡ଼ିଥିଲା। ବର୍ଷାଯୋଗୁ ଖେଳକୁ କିଛି ସମୟ ସ୍ଥଗିତ ରଖାଯାଇଥିଲା। ସେତେବେଳେ ଧୂଳିଝଡ଼ ସାଙ୍ଗକୁ ଭୀଷଣ ବାୟୁପ୍ରବାହ ହୋଇଥିଲା। ଯେଉଁଠାରେ ହୋର୍ଡିଂ ଖସିପଡ଼ିଥିଲା ସେଠାରେ ଦର୍ଶକ ନ ଥିଲେ। ଆସନରେ ଲୋକେ ଥିଲେ ପରିସ୍ଥିତି ଗମ୍ଭୀର ହୋଇପଡ଼ିଥାନ୍ତା। ଦ୍ୱିତୀୟ ଇନିଂସ୍ ଆରମ୍ଭରେ ସୁରକ୍ଷା କର୍ମଚାରୀମାନେ ସମସ୍ତ ଦର୍ଶକଙ୍କୁ ସୁରକ୍ଷିତ ଉଚ୍ଚ ସ୍ଥାନକୁ ନେଇଯାଇଥିଲେ। ଏହି ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା ପ୍ରଥମ ବିଶ୍ୱକପ୍ ମ୍ୟାଚ ଗତ ସପ୍ତାହରେ ଖେଳାଯାଇଥିଲା। ଆଗକୁ ଏହି ଷ୍ଟାଡିୟମରେ ଭାରତ ବନାମ ଇଂଲଣ୍ଡ ମ୍ୟାଚ୍ ଅକ୍ଟୋବର ୨୯ରେ ଖେଳାଯିବା କାର୍ଯ୍ୟକ୍ରମ ରହିଛି।


ପବନ ଯୋଗୁ ଖସିପଡ଼ିଥିବା ହୋର୍ଡିଂ।



ବର୍ଷା ଆସିବାରୁ ଗ୍ରାଉଣ୍ଡ୍ସମ୍ୟାନମାନେ ପଡ଼ିଆକୁ କଭର କରୁଛନ୍ତି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଦକ୍ଷିଣ ଆଫ୍ରିକା ବନାମ ନେଦରଲାଣ୍ଡ୍ସ**

**ସ୍ଥାନ: ଧର୍ମଶାଳା,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ପ୍ରତିଶୋଧ ଅପେକ୍ଷାରେ ଦକ୍ଷିଣ ଆଫ୍ରିକା

**ଧର୍ମଶାଳା, ୧୬।୧୦**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ମଙ୍ଗଳବାର ଦକ୍ଷିଣ ଆଫ୍ରିକା ଓ ନେଦରଲାଣ୍ଡ୍ସ ମଧ୍ୟରେ ମୁକାବିଲା ହେବ। ଦକ୍ଷିଣ ଆଫ୍ରିକା ଏପର୍ଯ୍ୟନ୍ତ ଖେଳିଥିବା ୨ଟିଯାକ ମ୍ୟାଚ୍‌କୁ ବୃହତ୍ ବ୍ୟବଧାନରେ ଜିତିସାରିଛି। ଅନ୍ୟପକ୍ଷରେ ନେଦରଲାଣ୍ଡ୍ସ ସମାନ ସଂଖ୍ୟକ ମ୍ୟାଚ ଖେଳି ସବୁଥିରେ ପରାଜିତ ହୋଇଛି। ତେଣୁ ମଙ୍ଗଳବାର ମ୍ୟାଚ୍ ପାଇଁ ଦକ୍ଷିଣ ଆଫ୍ରିକାକୁ ଫେଭରାଇଟ ବିବେଚିତ କରାଯାଉଛି। ତେବେ ସୀମିତ ଓଭର କ୍ରିକେଟରେ ନେଦରଲାଣ୍ଡ୍ସ ବିପର୍ଯ୍ୟୟ ଘଟାଇବାର କ୍ଷମତା ରଖିଛି। ଗତବର୍ଷ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପର ସୁପର–୧୨ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକାକୁ ପରାଜୟ ସ୍ୱାଦ ଚଖାଇଥିଲା ନେଦରଲାଣ୍ଡ୍ସ । ଏହି ଫଳାଫଳ ଦକ୍ଷିଣ ଆଫ୍ରିକାକୁ ପ୍ରତିଯୋଗିତାରୁ ବିଦାୟ ପଥ ମଧ୍ୟ ଦେଖାଇଥିଲା। ତେଣୁ ଏହାର ମଧୁର ପ୍ରତିଶୋଧ ଅପେକ୍ଷାରେ ରହିଛି ଦକ୍ଷିଣ ଆଫ୍ରିକା। ବିଜୟଧାରା ବଜାୟ ରଖି ଏହି ଦଳ ଆଗକୁ ବଢ଼ିବା ଲକ୍ଷ୍ୟରେ ରହିଛି।

ଚଳିତ ଟୁର୍ନାମେଣ୍ଟରେ ଦକ୍ଷିଣ ଆଫ୍ରିକା ନିଜର ପ୍ରଥମ ମ୍ୟାଚ୍‌ରେ ୧୦୨ ରନ୍‌ରେ ଶ୍ରୀଲଙ୍କାକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଏହି ମ୍ୟାଚ୍‌ରେ ଦଳ ୪୨୮/୫ ରନ୍‌ର ବୃହତ୍ ସ୍କୋର ମଧ୍ୟ କରିଥିଲା। ଏହାପରେ ଲକ୍ଷ୍ନୌରେ ଅନୁଷ୍ଠିତ ନିଜର ଦ୍ୱିତୀୟ ମ୍ୟାଚ୍‌ରେ ୫ଥର ଚାମ୍ପିୟନ ଅଷ୍ଟ୍ରେଲିଆକୁ ୧୩୪ ରନ୍‌ରେ ପରାସ୍ତ କରିଥିଲା। ଏପର୍ଯ୍ୟନ୍ତ ଉଭୟ ବୋଲିଂ ଓ ବ୍ୟାଟିଂରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଏହି ଦଳ ସେହି ପ୍ରଦର୍ଶନ ବଜାୟ ରଖିବା ଆଶାରେ ରହିଛି। ଟପ୍ ଅର୍ଡରରେ କ୍ୱିଣ୍ଟନ ଡି'କକ୍, ରସି ଭାନ୍ ଡର ଡୁସେନ ଓ ଏଡେନ ମାରକ୍ରମ ଚମତ୍କାର ଫର୍ମରେ ଅଛନ୍ତି। ଶ୍ରୀଲଙ୍କା ବିପକ୍ଷରେ ଏହି ୩ ଖେଳାଳି ଶତକ ହାସଲ କରିଥିଲେ। ଏହା ବ୍ୟତୀତ ହେନ୍‌ରିଚ କ୍ଲାସେନ ଓ ଡେଭିଡ୍ ମିଲର ଉପଯୋଗୀ ଅବଦାନ ଦେବାରୁ ଦଳ ୪୨୮ ରନ୍ ସ୍କୋର କରିପାରିଥିଲା। ଶ୍ରୀଲଙ୍କା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ବୋଲରମାନେ ଯଦିଓ କିଛିଟା ମହଙ୍ଗା ରହିଥିଲେ ତେବେ ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ଡି'କକ୍ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଥିବାବେଳେ ଅଷ୍ଟ୍ରେଲିଆ ବିପକ୍ଷରେ ମାର୍କୋ ଜାନସେନ ଓ କାଗିସୋ ରାବାଡ଼ା ଘାତକ ବୋଲିଂ କରିଥିଲେ। ନେଦରଲାଣ୍ଡ୍ସ ଦଳରେ ବିଶେଷ ନାମୀ ବ୍ୟାଟର ନ ଥିବାରୁ ଦକ୍ଷିଣ ଆଫ୍ରିକା ବୋଲରମାନେ ଅଧିକ ପ୍ରଭାବୀ ହୋଇପାରନ୍ତି। ଆଗାମୀ ମ୍ୟାଚରେ ଟପ୍ ଅର୍ଡରର ୩ ବ୍ୟାଟର ଡି'କକ୍, ଡୁସେନ ଓ ମାରକ୍ରମ ପୁଣି କ୍ଲିକ୍ କରନ୍ତୁ ବୋଲି ଦକ୍ଷିଣ ଆଫ୍ରିକା ଚାହିଁବ ନିଶ୍ଚିତ। ବଡ଼ ସ୍କୋର ହୋଇପାରିଲେ ବୋଲରମାନଙ୍କୁ ଡିଫେଣ୍ଡ କରିବା ସହଜ ହେବ।

ଅନ୍ୟପକ୍ଷରେ ଟି୨୦ ବିଶ୍ୱକପ୍‌ରେ ନେଦରଲାଣ୍ଡ୍ସ ଯେ କେବଳ ଦକ୍ଷିଣ ଆଫ୍ରିକାକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲା ତା' ନୁହେଁ, ୨୦୦୯ରେ ଲର୍ଡ୍ସଠାରେ ଇଂଲଣ୍ଡକୁ ମଧ୍ୟ ହରାଇଥିଲା। ଟି୨୦ ଓ ୫୦ ଓଭର ଫର୍ମାଟ୍ ଯଦିଓ ସମ୍ପୂର୍ଣ୍ଣ ଭିନ୍ନ ତେବେ ପୂର୍ବ ବିଜୟଗୁଡ଼ିକରୁ ସ୍କଟ୍ ଏଡ୍‌ୱାର୍ଡ୍ସଙ୍କ ନେତୃତ୍ୱାଧୀନ ଦଳ ଅନେକ କିଛି ଶିକ୍ଷା କରିଥିବ ନିଶ୍ଚିତ। ଗତ ରବିବାର ନୂଆଦିଲ୍ଲୀରେ ଇଂଲଣ୍ଡକୁ ହରାଇ ଆଫଗାନିସ୍ତାନ ବିପର୍ଯ୍ୟୟ ସୃଷ୍ଟି କରିଛି। ଏହା ମଧ୍ୟ ନେଦରଲାଣ୍ଡ୍ସକୁ ପ୍ରେରଣା ଯୋଗାଇଥିବ। ତେଣୁ ଆଗାମୀ ମ୍ୟାଚ୍ ରୋମାଞ୍ଚକ ହେବା ଆଶା କରାଯାଉଛି।

**ଗତବର୍ଷ ଟି୨୦ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା ନେଦରଲାଣ୍ଡ୍ସ**



ଟ୍ରେନିଂ ସମୟରେ ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ଟେମ୍ବା ବଭୁମା ଓ କ୍ୱିଣ୍ଟନ ଡି'କକ୍।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୭/୨୦୨୩ Bhubaneswar, Tuesday, October 17/ 2023

# ରାଜ୍ୟ ଭାରୋତ୍ତୋଳନ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

## ହର୍ଷବର୍ଦ୍ଧନ ୬ଷ୍ଠ ଓ ମୁନା ୫ମ ଥର ପାଇଁ ନିଜ ରେକର୍ଡ ଭାଙ୍ଗିଲେ

ଭୁବନେଶ୍ୱର, ୧୬।୧୦

(ତପନ ସ୍ୱାଇଁ)

କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଭାରୋତ୍ତୋଳନ ସଙ୍ଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା ରାଜ୍ୟ ଭାରୋତ୍ତୋଳନ ଚାମ୍ପିୟନଶିପ୍ ସୋମବାର କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କେନ୍ଦ୍ର ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଭାରୋତ୍ତୋଳନ ପଦକଧାରୀ ତଥା ଜାତୀୟ ରେଫରି ଏସ୍. ଭି. ଚନ୍ଦନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ବୈଷୟିକ ନିର୍ଦ୍ଦେଶକ କଲୋନେଲ ଏ. ରାଜେଶ, ଜିଏମ୍ ଏଚ୍‌ପିସି କଲୋନେଲ ଆର. ଶର୍ମା, ଯୁଗ୍ମ ଶାସନ ସଚିବ ରଞ୍ଜିତ ପରିଡ଼ା, ଓଡ଼ିଶା ଭରୋତ୍ତୋଳନ ସଙ୍ଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ନାରାୟଣ ସାହୁ, ସମ୍ପାଦକ କେ. ରବି କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୧୧ଟି ଜିଲା ଏବଂ ୟୁନିଟ୍‌ରୁ ମୋଟ ୨୫୦ ମହିଳା ଓ ପୁରୁଷ ପ୍ରତିଯୋଗୀ ଏବଂ ୪୫ ଅଫିସିଆଲ ଭାଗ ନେଇଛନ୍ତି। ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ସର୍ବକନିଷ୍ଠ, କନିଷ୍ଠ ଏବଂ ବରିଷ୍ଠ ବର୍ଗର ମୋଟ ୬୦ଟି ଓଜନ ବର୍ଗରେ ଅଂଶଗ୍ରହଣ କରୁଛନ୍ତି।

ପ୍ରଥମ ଦିବସରେ ବିଭିନ୍ନ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ହର୍ଷବର୍ଦ୍ଧନ ସାହୁ ୬ଷ୍ଠ ଥର ଏବଂ ମୁନା ନାୟକ ୫ମ ଥର ପାଇଁ ନିଜ ରେକର୍ଡ ଭାଙ୍ଗିଛନ୍ତି। ୟୁଥ୍ ୪୯ କେଜି ବାଳକରେ ଗଞ୍ଜାମର ହର୍ଷବର୍ଦ୍ଧନ ସ୍ନାଚ୍‌ରେ ୭୫, କ୍ଲିନ୍ ଆଣ୍ଡ ଜର୍କରେ ୯୬ ଏହିପରି ମୋଟ ୧୭୧ କେଜି ଉତ୍ତୋଳନ କରି ୩ଟି ଯାକ ବିଭାଗରେ ରେକର୍ଡ ଭଙ୍ଗକରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସିନିୟର ୬୧ କେଜି ପୁରୁଷରେ ଗଞ୍ଜାମର ମୁନା ନାୟକ ସ୍ନାଚ୍‌ରେ ୧୧୨, କ୍ଲିନ୍ ଆଣ୍ଡ ଜର୍କରେ ୧୪୦ କେଜି ଏହିପରି ମୋଟ ୨୫୨ କେଜି ଉତ୍ତୋଳନ କରି ରେକର୍ଡର ଅଧିକାରୀ ହୋଇଛନ୍ତି। ୟୁଥ୍ ୬୧ କେଜି ବାଳକରେ ଖୋର୍ଦ୍ଧାର ସଦାନନ୍ଦ ବରିହା ମୋଟ ୨୨୫ (ସ୍ନାଚ୍–୧୦୦, କ୍ଲିନ ଆଣ୍ଡ ଜର୍କ–୧୨୫) କେଜି ଭାର ଉଠାଇ ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ଅବସରରେ ସେ କ୍ଲିନ୍ ଆଣ୍ଡ ଜର୍କ ଓ ମୋଟ୍ ଉତ୍ତୋଳନରେ ରେକର୍ଡ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୟୁଥ୍ ୪୦ କେଜି ବାଳିକାରେ ଢେଙ୍କାନାଳର ପ୍ରୀତିସ୍ମିତା ଭୋଇ, ୟୁଥ୍ ୪୫ କେଜି ବାଳିକାରେ ଖୋର୍ଦ୍ଧାର ଜୟନ୍ତୀ ମଲିକ, ୟୁଥ୍ ୫୫ କେଜି ବାଳକରେ ଗଞ୍ଜାମର ରଗେବା ମଲିକ, ଜୁନିୟର ୫୫ କେଜି ପୁରୁଷରେ ଗଞ୍ଜାମର ରାମଚନ୍ଦ୍ର ମାଡ଼କାମି, ସିନିୟର ୫୫ କେଜିରେ ଢେଙ୍କାନାଳର କୁମ୍ଭେଶ୍ୱର ମଲିକ ଏବଂ ଜୁନିୟର ୬୧ କେଜି ପୁରୁଷରେ ଖୋର୍ଦ୍ଧାର ସଦାନନ୍ଦ ବରିହା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ